# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୨୩/୨୦୧୮ (୧୬)   Sambalpur, Friday, November 23/ 2018   ★★

୧୪ଶ ଭାଗ ୩୩୫ ସଂଖ୍ୟା   www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada   ମୂଲ୍ୟ ₹ ୪/-




**ନନ୍ଦିତା ଦାସ ପାଇବେ 'ଆପ୍‌ସା'**

ଭାରତୀୟ ଅଭିନେତ୍ରୀ ତଥା ଫିଲ୍ମନିର୍ମାତା ନନ୍ଦିତା ଦାସ ଦ୍ୱାଦଶ ଏସିଆ ପ୍ୟାସିଫିକ୍ ସ୍କ୍ରିନ୍ ଆୱାର୍ଡସ (ଆପ୍‌ସା)ରେ ସମ୍ମାନିତ ହେବାକୁ ଯାଉଛନ୍ତି। ୦୨

୧୬ **ରାଜେଶଙ୍କ ବୋଲିଂରେ ଓଡ଼ିଶା ବିଜୟୀ**

ଗୁଆହାଟୀରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ଚମତ୍କାର ବୋଲିଂ ବଳରେ ଓଡ଼ିଶା ପ୍ରତିପକ୍ଷ ଆସାମକୁ ପରାସ୍ତ କରିଛି।



## ଆଜିଠୁ ବାଲିଯାତ୍ରା

କଟକ ଅଫିସ, ୨୨।୧୧

ଆଜିଠୁ ଆରମ୍ଭ ହେବ କଟକର ଐତିହାସିକ ବାଲିଯାତ୍ରା। ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ଓଡ଼ିଶାର ମହାନ ଗୌରବମୟ ଐତିହ୍ୟକୁ ଉଜ୍ଜୀବୀତ ରଖିବାକୁ ୭ଦିନ ଧରି ହେଉଥିବା ଏହି ବାଲିଯାତ୍ରା ଏଥର ହକି ବିଶ୍ୱକପ୍ ପାଇଁ ୧୦ଦିନ ଧରି ଚାଲିବ। ☞ପୃଷ୍ଠା-୧୧



ମନୋଜ ମହାରଣା

## ପାଟିରେ ଟୁଥ୍‌ପିକ୍ ଘୂରାଇ ବିଶ୍ୱ ରେକର୍ଡ

ବ୍ରହ୍ମପୁର ଅଫିସ,୨୨।୧୧

ଗଞ୍ଜାମ ଜିଲା ପୋଲସରା ବ୍ଲକ ଭାବରଡା ଗ୍ରାମର ମନୋଜ ମହାରଣା ପୁଣି ଏକ ବିଶ୍ୱ ରେକର୍ଡ କରିଛନ୍ତି। ପାଟିରେ ଟୁଥ୍‌ପିକ୍‌କୁ ଏକ ମିନିଟ ମଧ୍ୟରେ ୩୬୦ଡିଗ୍ରୀରେ ୩୬ ଥର ଘୂରାଇ ମନୋଜ ଗିନିଜ ବୁକ ଅଫ ରେକର୍ଡସ୍‌ରେ ଦ୍ୱିତୀୟ ଥର ପାଇଁ ନିଜ ନାମକୁ ସ୍ଥାନିତ କରିଛନ୍ତି। ପୂର୍ବରୁ ଟୁଥ୍‌ପିକ୍‌କୁ ୩୨ ଥର ପାଟିରେ ଘୂରାଇ ରେକର୍ଡ ସୃଷ୍ଟି କରିଥିବା ପୂର୍ବ ରେକର୍ଡଧାରୀ ଦୀନେଶ ଶିବନାଥ ଉପାଧ୍ୟାୟଙ୍କୁ ପଛରେ ପକାଇ ମନୋଜ ଏହି ରେକର୍ଡ ହାସଲ କରିଛନ୍ତି। ଗୁରୁବାର ଏହି ରେକର୍ଡ ଗିନିଜ୍ ବୁକ ଅଫ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନିତ ହୋଇଥିବା ମନୋଜ କହିଛନ୍ତି। ଏଥିପାଇଁ ସେ ସେପ୍ଟେମ୍ବର ୫ରେ କୌଶଳ ପ୍ରଦର୍ଶନ କରିଥିଲେ। ଅନନ୍ତନଗର ୬ଷ୍ଠ ଲାଇନରେ ମନୋଜ ଏକ ସମୟରେ ତିନୋଟି କୌଶଳ ପ୍ରଦର୍ଶନ କରିଥିଲେ। ଏକ ମିନିଟ ମଧ୍ୟରେ ଟୁଥ୍‌ପିକ୍‌କୁ ପାଟିରେ ୩୬୦ ଡ୍ରିଗୀରେ ୩୬ ଥର ଘୂରାଇବା ସହ ପାଟିରେ ୫୩୩ ଷ୍ଟ୍ରକୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ରଖି ନିଜର ପୂର୍ବ ରେକର୍ଡକୁ ଭାଙ୍ଗିଥିଲେ। ପାଟିରେ ୪୦ ଜଳନ୍ତା କ୍ୟାଣ୍ଡେଲକୁ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଧରି ରଖି ମୁମ୍ବାଇର ଦୀନେଶ ଶିବନାଥ ଉପାଧ୍ୟାୟଙ୍କ ରେକର୍ଡକୁ ଭାଙ୍ଗିଥିଲେ। ☞ପୃଷ୍ଠା-୧୧



ହକି ବିଶ୍ୱକପ ଖେଳିବା ପାଇଁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିବା ଫ୍ରାନ୍ସ ଦଳର ଖେଳାଳିମାନେ। (ରିପୋର୍ଟ ଖେଳ ପୃଷ୍ଠା)।

**ଆଜିର ସମ୍ପାଦକୀୟ**

ଏଟିଏମ୍ ବନ୍ଦକୁ ରୋକାଯାଉ

**ଆଜିର ମନ୍ତବ୍ୟ**

" ଯେକୌଣସି ନିର୍ବାଚନ ପାଖେଇ ଆସିଲେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେବ କହି ଲୋକଙ୍କୁ ଭକୁଆ ବନାଯାଉଛି ।

**- ଉଦ୍ଧବ ଠାକ୍‌ରେ, ଶିବସେନା ଅଧ୍ୟକ୍ଷ**


NECC NATIONAL EGG CO-ORDINATION COMMITTEE   22.11.2018   Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 67 | 115 | 125 |
| DKL | 68 | 116 | 126 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 69 | 118 | 128 |

*Conditions Apply

Eggs Retail Price- 51/-Dozen

Issued in the Interest of Consumers


## ବାଲଟ ପେପରକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୨।୧୧(ପି.ଟି.)

ଆଗାମୀ ଦିନରେ ବିଧାନସଭା ଏବଂ ଲୋକ ସଭା ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ନୁହେଁ, ବରଂ ବାଲଟ ପେପର ବ୍ୟବହାର ହେଉ ବୋଲି ଦାବି ଜୋର୍ ଧରୁଛି। ଏନେଇ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ି ଏକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ଦାଏର ହୋଇଥିଲା। ଗୁରୁବାର ଏହି ଆବେଦନକୁ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

୨୦୧୪ ସାଧାରଣ ନିର୍ବାଚନରେ ବାଜିମାତ୍ କରିବା ପରେ ଭାଜପା ଗୋଟିଏ ପରେ ଗୋଟିଏ ରାଜ୍ୟ ଦଖଲ କରିଚାଲିଛି। କିନ୍ତୁ ଏହି ବିଜୟକୁ ସହଜେ ଗ୍ରହଣ କରିପାରୁ ନାହାନ୍ତି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ। ଇଭିଏମ୍ ଟାମ୍ପରିଂ କରି ଭାଜପା ନିର୍ବାଚନ ଜିତୁଥିବା ସେମାନେ ଅଭିଯୋଗ ଆଣୁଛନ୍ତି।




■ 'ନ୍ୟାୟଭୂମି'ର ପିଆଇଏଲ୍ ଖାରଜ

■ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠା ନ ଯାଉ: ଖଣ୍ଡପୀଠ

ତେଣୁ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ଉଠୁଛି ପ୍ରଶ୍ନ। ଏ ପ୍ରସଙ୍ଗକୁ ନେଇ ବିଭିନ୍ନ ସମୟରେ ଜାତୀୟ ରାଜନୀତି ଜୋର୍ ଧରୁଛି। ତେଣୁ ଇଭିଏମ୍ ବ୍ୟବସ୍ଥା ହଟାଇ ପୂର୍ବଭଳି ବାଲଟ ପେପର ଜରିଆରେ ଭୋଟଗ୍ରହଣ ଲାଗି ଅନେକେ ମତବ୍ୟକ୍ତ କରୁଛନ୍ତି। ନିର୍ବାଚନ ବ୍ୟବସ୍ଥାରେ ଏତାଦୃଶ ପରିବର୍ତ୍ତନ ଲାଗି ଏନ୍‌ଜିଓ 'ନ୍ୟାୟ ଭୂମି' ପକ୍ଷରୁ ଏକ ଜନସ୍ୱାର୍ଥ ଆବେଦନ ହୋଇଥିଲା। ଇଭିଏମ୍‌କୁ ସ୍ୱାର୍ଥ ସାଧନ ଲାଗି ବ୍ୟବହାର କରିହେବ। ତେଣୁ ନିରପେକ୍ଷ ନିର୍ବାଚନ ପାଇଁ ଏହାକୁ ବ୍ୟବହାର କରାଯିବା ଅନୁଚିତ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଉକ୍ତ ଏନ୍‌ଜିଓ କଥାରେ ଅସହମତି ପ୍ରକାଶ କରିଛନ୍ତି। ସବୁ ବ୍ୟବସ୍ଥା ଏବଂ ମେଶିନ୍‌ର ବ୍ୟବହାର ଏବଂ ଅପବ୍ୟବହାର ହୋଇପାରେ। କାହିଁକିନା ସବୁଆଡ଼େ ଦ୍ୱନ୍ଦ୍ୱ ରହିଛି। ଏପରିସ୍ଥଳେ ଇଭିଏମ୍‌ର ବିଶ୍ୱସନୀୟତାକୁ ☞ପୃଷ୍ଠା-୧୧

## ବୈଷ୍ଣବ ପରିଡ଼ାଙ୍କ ପରଲୋକ



ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ପୂର୍ବତନ ରାଜ୍ୟ ସଭା ସଦସ୍ୟ, ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା, ଲେଖକ ତଥା ବିଶିଷ୍ଟ ସାମାଜିକ କର୍ମୀ ବୈଷ୍ଣବ ଚରଣ ପରିଡ଼ାଙ୍କର ଗୁରୁବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ☞ପୃଷ୍ଠା-୧୧

## ଏୟାର ଓଡ଼ିଶା ଲାଇସେନ୍ସ ବାତିଲ

ଝାରସୁଗୁଡା ଅଫିସ,୨୨।୧୧




ଉଡାନ୍ ଯୋଜନାରେ ନିୟୋଜିତ ବିମାନ କମ୍ପାନୀ ଏୟାର ଓଡ଼ିଶାର ଲାଇସେନ୍ସ ବାତିଲ କରାଯାଇଛି। ସର୍ବଭାରତୀୟସ୍ତରରେ ଏୟାର ଓଡ଼ିଶା ପାଇଥିବା ସମସ୍ତ ୫୦ଟି ଯାକ ରୁଟ୍‌ର ଲାଇସେନ୍ସ ବାତିଲ କରାଯାଇଛି ବୋଲି ଝାରସୁଗୁଡା ବିମାନବନ୍ଦର ନିର୍ଦ୍ଦେଶକ ଏସ୍.କେ. ଚୌହାନ ସୂଚନା ଦେଇଛନ୍ତି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନ ଡିଜିସିଏ ଏହି ଲାଇସେନ୍ସ ବାତିଲ କରିଥିବା ସେ କହିଛନ୍ତି। ବିମାନ ଚଳାଚଳ କ୍ଷେତ୍ରରେ ବିଫଳତା ଏବଂ ଖରାପ ପ୍ରଦର୍ଶନ ଯୋଗୁ ଏହି ଲାଇସେନ୍ସ ବାତିଲ କରାଯାଇଥିବା ସୂଚନା ମିଳିଛି। ୨୦୧୭ ଏପ୍ରିଲ ୨୭ରେ ଆରସିଏସ୍ ଅନ୍ତର୍ଗତ ଉଡାନ୍ ଯୋଜନା ଆରମ୍ଭ ହୋଇଥିଲା। ଦେଶର ୧୨୮ଟି ରୁଟ୍‌ରେ ଉଡାନ୍ ଯୋଜନାରେ ସେବା ଯୋଗାଇବା ପାଇଁ ଗତବର୍ଷ ମାର୍ଚ୍ଚ ମାସରେ ବିମାନ କମ୍ପାନୀ ଚୟନ ହୋଇଥିଲା। ଏହି ଚୟନରେ ଏୟାର ଓଡ଼ିଶାକୁ ସର୍ବାଧିକ ୫୦ଟି ରୁଟ୍‌ରେ ବିମାନ ଚଳାଚଳ ପାଇଁ ଲାଇସେନ୍ସ ମିଳିଥିଲା। ☞ପୃଷ୍ଠା-୧୧






"ଜମ୍ମୁ-କଶ୍ମୀରରେ ୩ ପ୍ରମୁଖ ଦଳ ସରକାର ଗଠନ ପାଇଁ ଏକାଠି ହୋଇଥିବାବେଳେ ବିଧାନସଭାକୁ ଭଙ୍ଗ କରିବା ଗଣତନ୍ତ୍ରର ହତ୍ୟା ସହ ସମାନ ।
- ଶରଦ ଯାଦବ, ଲୋକତାନ୍ତ୍ରିକ ଜନତା ଦଳ ଅଧ୍ୟକ୍ଷ

## ସଂକ୍ଷେପରେ

### ମନୋଜ ତିୱାରୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୨୨।୧୧(ପି.ଟି.)**-ଏକ ଅଦାଲତ ଅବମାନନା ମାମଲାରେ ସୁପ୍ରିମକୋର୍ଟ ଦିଲ୍ଲୀର ଭାଜପା ମୁଖ୍ୟ ମନୋଜ ତିୱାରୀଙ୍କୁ କୌଣସି ଦଣ୍ଡ ନଦେଇ ଛାଡିଦେଇଥିଲା ବେଳେ ଧମକ ଦେବା ଏବଂ ସିଲ୍ ହୋଇଥିବା ଏକ ଘରର ତାଲା ଭାଙ୍ଗି ବିନା କାରଣରେ ବିଦ୍ରୋହ



କରିଥିବାରୁ ତାଙ୍କୁ ଭର୍ତ୍ସନା କରିଛନ୍ତି। ତିୱାରୀଙ୍କ ଏଭଳି କାର୍ଯ୍ୟରେ ଅଦାଲତ ମର୍ମାହତ ହୋଇଛନ୍ତି। ସିଲିଂକୁ ନେଇ କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଅନୁଧ୍ୟାନକାରୀ କମିଟି ବିରୋଧରେ ଭିତ୍ତିହୀନ ଅଭିଯୋଗ କରି ଧମକ ଦେବା ଏବଂ ଛାତି ବାଡେଇବା ଘଟଣାରୁ ସେ କେତେ ତଳକୁ ଖସିଯାଇଛନ୍ତି ତାହା ସ୍ପଷ୍ଟ ହେଉଛି ବୋଲି ଅଦାଲତ କହିଛନ୍ତି। ଏଥିରୁ ଦେଶର ଆଇନ ପ୍ରତି ତାଙ୍କର ଆଦୌ ସମ୍ମାନ ନଥିବା ଜଣାପଡୁଛି ବୋଲି ଖଣ୍ଡପୀଠ କହିଥିଲେ। ପୂର୍ବଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନର ଭେଟେରିନାରି ବିଭାଗ ଦ୍ୱାରା ଏକ ବିଲ୍ଡିଂକୁ ସିଲିଂ କରାଯାଇଥିଲା। ଭାଜପା ଏମପି ତିୱାରୀ ଗତ ସେପ୍ଟେମ୍ବର ୧୬ରେ ଉକ୍ତ ସିଲିଂକୁ ଭାଙ୍ଗିଦେଇଥିଲେ।

### ଚାକିରି ନ ମିଳିବାରୁ ୩ ବନ୍ଧୁଙ୍କ ଆତ୍ମହତ୍ୟା

**ଜୟପୁର,୨୨।୧୧(ପି.ଟି.)**-ଚାକିରି ନ ପାଇବାରୁ ନିରାଶ ହୋଇ ରାଜସ୍ଥାନ ଅଲୱର ଜିଲାର ୪ ଜଣ ସାଙ୍ଗ ଚଳନ୍ତା ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ତିନିଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବେରୋଜଗାରୀ ଯୋଗୁ ସେମାନେ ମାନସିକ ଚାପରେ ଥିଲେ। ଏଭଳି ଚରମ ପଦକ୍ଷେପ ନେବାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ସେମାନଙ୍କର ବନ୍ଧୁ କହିଛନ୍ତି, ମଙ୍ଗଳବାର ସନ୍ଧ୍ୟାରେ ସେମାନେ ରେଳଲାଇନ ପାଖରେ ଛିଡା ହୋଇ ଆତ୍ମହତ୍ୟା କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ମଧ୍ୟରୁ ମନୋଜ (୨୪), ସତ୍ୟନାରାୟଣ ମୀନା (୨୨) ଏବଂ ଋତୁରାଜ ମୀନା (୧୭)ଙ୍କର ମୃତ୍ୟୁ ହୋଇଥିବା ବେଳେ ଅଭିଷେକ ମୀନା ଗୁରୁତର ହୋଇଛନ୍ତି।

■ ଭାରତ-ପାକିସ୍ତାନ ସମ୍ପର୍କ ସୁଧୁରିବା ନେଇ ଆଶା ଉଜ୍ଜ୍ୱଳ

# ଖୋଲିବ କର୍ତାରପୁର କରିଡର

**ନୂଆଦିଲ୍ଲୀ,୨୨।୧୧(ପି.ଟି.)**



**ସ୍ୱାଗତଯୋଗ୍ୟ ନିଷ୍ପତ୍ତି**
- ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ମୋହର
- ପାକିସ୍ତାନ ପଟୁ କରିଡର ନିର୍ମାଣ ପାଇଁ ଅନୁରୋଧ କଲା ଭାରତ
- କର୍ତାରପୁର ସାହିବ୍ ଗୁରୁଦ୍ୱାରା ଦରବାର ଦର୍ଶନ କରିପାରିବେ ଶିଖ୍ ଶ୍ରଦ୍ଧାଳୁ

ବହୁପ୍ରତୀକ୍ଷିତ କର୍ତାରପୁର କରିଡର ପାଇଁ ବାଟ ଫିଟିବ। ପଞ୍ଜାବ ତଥା ଭାରତର ଅନ୍ୟ ରାଜ୍ୟଗୁଡ଼ିକରେ ବସବାସ କରୁଥିବା ଶିଖ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁ ପାକିସ୍ତାନସ୍ଥିତ କର୍ତାରପୁର ସାହିବ୍ ଗୁରୁଦ୍ୱାରା ଦରବାର ପରିଦର୍ଶନ କରିପାରିବେ। କେନ୍ଦ୍ର କ୍ୟାବିନେଟ ଗୁରୁବାର କର୍ତାରପୁର କରିଡର ନିର୍ମାଣ ଯୋଜନାକୁ ମଞ୍ଜୁରୀ ଦେବା ପରେ ଏଭଳି ଆଶା ଉଜ୍ଜୀବିତ ହୋଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ପଞ୍ଜାବର ଗୁର୍ଦାସପୁର ଜିଲାସ୍ଥିତ ଡେରା ବାବା ନାନକଠାରୁ ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ କର୍ତାରପୁର ପର୍ଯ୍ୟନ୍ତ ଭାରତ ପକ୍ଷରୁ ଏକ କରିଡର ନିର୍ମାଣ ଓ ବିକଶିତ କରାଯିବ। ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା (ଆଇବି) ଦେଇ ଏହା ନିର୍ମାଣ କରାଯିବ ବୋଲି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସ୍ପଷ୍ଟ କରିଛନ୍ତି। କର୍ତାରପୁର ସାହିବ ହେଉଛି ପଞ୍ଜାବ ପ୍ରଦେଶର ନରୋୱାଲ ଜିଲାର ରାବି ନଦୀ କୂଳରେ ଅବସ୍ଥିତ ଗୁରୁ ନାନକ ଦେବଙ୍କ ସମାଧିସ୍ଥଳ ଏବଂ ଶିଖ୍‌ମାନଙ୍କ ପାଇଁ ଅନ୍ୟତମ ପବିତ୍ର ସ୍ଥାନ। ସୀମାରୁ ମାତ୍ର ୩ କି.ମି. ଦୂରରେ ଥିବା ସମାଧିସ୍ଥଳକୁ ଏହି କରିଡର ଫିଟିଲେ ସେଠାକୁ ଶିଖ୍ ଶ୍ରଦ୍ଧାଳୁ ଯାଇ ଦର୍ଶନ କରିପାରିବେ। ୨୦୧୯ରେ ଗୁରୁ ନାନକଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁସାରେ ଭାରତ ଭଳି ପାକିସ୍ତାନ ମଧ୍ୟ ଶିଖ୍ ସମ୍ପ୍ରଦାୟର ଭାବାବେଗକୁ ସମ୍ମାନ ଦେଇ ସେପଟୁ ଏକ କରିଡର ନିର୍ମାଣ କରିବାକୁ ଇସ୍‌ଲାମାବାଦକୁ ନୂଆଦିଲ୍ଲୀ ଅନୁରୋଧ କରିଛି। ଉଭୟ ପଟୁ କରିଡର ନିର୍ମାଣ କରାଗଲେ ଶିଖ୍‌ମାନେ ବର୍ଷସାରା ଗୁରୁଦ୍ୱାରା ଦରବାର ସାହିବ୍‌କୁ ଦର୍ଶନ ପାଇଁ ଯାଇପାରିବେ। ଶ୍ରଦ୍ଧାଳୁମାନେ ଯେପରି କର୍ତାରପୁର ସାହିବ୍ ଦେଖିପାରିବେ ସେଥିପାଇଁ ଭାରତ-ପାକିସ୍ତାନ ସୀମାରେ ଏକ ଉଚ୍ଚକ୍ଷମତାସମ୍ପନ୍ନ ଟେଲିସ୍କୋପ ସ୍ଥାପନ କରାଯିବ ବୋଲି ରାଜନାଥ ଟୁଇଟ୍ କରିଛନ୍ତି।

ପ୍ରକାଶ ଯେ, ଗତ ଅଗଷ୍ଟରେ ପିଟିଆଇ ଅଧ୍ୟକ୍ଷ ଇମ୍ରାନ ଖାନ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କ ଶପଥଗ୍ରହଣ ଉତ୍ସବରେ ଭାରତରୁ ଏକମାତ୍ର ଅତିଥି ଭାବେ ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ତଥା ଇମ୍ରାନଙ୍କ ବନ୍ଧୁ (ପୂର୍ବତନ କ୍ରିକେଟର) ନବଜୋତ୍ ସିଂ ସିଦ୍ଧୁ ଯୋଗଦେଇଥିଲେ। ପାକିସ୍ତାନ କର୍ତାରପୁର ସାହିବ୍‌କୁ କରିଡର ଖୋଲିପାରେ ବୋଲି ସେଠାକାର ସେନା ମୁଖ୍ୟ ଜେନେରାଲ କମର ଜାଭେଦ ବାଜ୍‌ୱା ସିଦ୍ଧୁଙ୍କୁ କହିଥିଲେ। ସିଦ୍ଧୁ ଫେରିବା ପରେ କର୍ତାରପୁର ସାହିବ୍ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

### 'ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ'

**ଚଣ୍ଡିଗଡ଼,୨୨।୧୧(ପି.ଟି.)**-କର୍ତାରପୁର କରିଡର ଖୋଲିବା ପାଇଁ ମୋଦି ସରକାରଙ୍କ ନିଷ୍ପତ୍ତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ବୋଲି ପଞ୍ଜାବ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ଖୁସିବ୍ୟକ୍ତ କରିବା ସହ ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଗୁରୁ



ନାନକଙ୍କ ୧୨ କୋଟି ଅନୁଗାମୀଙ୍କ ପାଇଁ ଖୁସି ଆଣିଦେଇଛି। କର୍ତାରପୁର କରିଡର ଦୁଇ ପଡ଼ୋଶୀ ମଧ୍ୟରେ ସମ୍ପର୍କର ନୂଆ ସେତୁବନ୍ଧ ପ୍ରତିଷ୍ଠା କରିବା ସହ ଶତ୍ରୁଭାବକୁ ଦୂର କରିବାରେ ସହାୟକ ହେବ। ଏଥିସହ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଅନୁରୂପ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କେନ୍ଦ୍ରର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

### ୨୮ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ଇମ୍ରାନ



**ଇସ୍‌ଲମାବାଦ,୨୨।୧୧(ପି.ଟି.)**-ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଆସନ୍ତା ୨୮ରେ ସେପଟୁ କର୍ତାରପୁର କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। କରିଡର ପ୍ରତିଷ୍ଠା ପାଇଁ ଭାରତ ପକ୍ଷରୁ ନିଷ୍ପତ୍ତି ନିଆଯିବା ପରେ ଗୁରୁବାର ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଏହି ସୂଚନା ଦେଇଛନ୍ତି। ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପାଳନର ପବିତ୍ର ଅବସରରେ ଶିଖ୍ ସମ୍ପ୍ରଦାୟକୁ ସେ ସ୍ୱାଗତ କରିଛନ୍ତି। ସେହିପରି ପାକିସ୍ତାନର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଫୱାଦ୍ ଚୌଧୁରୀ ମଧ୍ୟ ଭାରତର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

■ ଏମ୍‌ପିରେ ସ୍କୁଲ ଭ୍ୟାନ୍-ବସ୍ ଧକ୍କା

# ୬ ପିଲାଙ୍କ ଜୀବନ ଗଲା

**ସତ୍‌ନା,୨୨।୧୧(ପି.ଟି.)**

- ଦୁର୍ଘଟଣାରେ ଡ୍ରାଇଭର ମୃତ, ୧୧ ଆହତ
- ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ
- ଶୋକବ୍ୟକ୍ତ କଲେ ଶିବରାଜ, ରାହୁଲ

ବେପରୁଆ ଗାଡ଼ି ଚାଳନା ଯୋଗୁ ସଡ଼କ ଦୁର୍ଘଟଣାରେ ଅନେକ ଜୀବନ ଯାଉଥିବାବେଳେ ମଧ୍ୟପ୍ରଦେଶ(ଏମ୍‌ପି)ର ସତ୍‌ନା ଜିଲାରେ ଗୁରୁବାର ସମାନ ଦୃଶ୍ୟପଟ ଦେଖିବାକୁ ମିଳିଛି। ଜିଲାର ବିର୍ସିଂପୁରରେ ଯାତ୍ରୀବାହୀ ବସ୍ ସହ ଏକ ସ୍କୁଲ ଭ୍ୟାନ୍ ଧକ୍କାଦେବା ଫଳରେ ୬ ସ୍କୁଲ ପିଲା ଏବଂ ଜଣେ ଡ୍ରାଇଭର ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ଅନ୍ୟ ୧୧ ଜଣ ମଧ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

ପୂର୍ବାହ୍ନ ୮ଟା ୩୦ରେ ଏହି ଦୁର୍ଘଟଣା ଘଟିଛି। ଏକ ଘରୋଇ ସ୍କୁଲର ଛାତ୍ରୀଛାତ୍ରମାନେ ଗୋଟିଏ ଭ୍ୟାନ୍‌ରେ ଯାଉଥିଲେ। ଏତିକିବେଳେ ରେୱାରୁ ଚିତ୍ରକୂଟ ଅଭିମୁଖେ ଯାତ୍ରା କରୁଥିବା ଏକ ବସ୍‌କୁ ଭ୍ୟାନ୍‌ଟି ଧକ୍କା ଦେଇଥିଲା। ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ଏବଂ ପୋଲିସ ତୁରନ୍ତ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଘଟଣାସ୍ଥଳରେ ୪ ଛାତ୍ର ଏବଂ ୨ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ବୟସ ୧୦ରୁ ୧୫ ବର୍ଷ ହେବ। ଭ୍ୟାନ୍‌ର ଡ୍ରାଇଭରଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ହେବ ବୋଲି ଜିଲାପାଳ ରାହୁଲ ଜୈନ୍ କହିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଜୈନ୍ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ନାଇଡୁଙ୍କଠାରୁ ଧନୀ ନାତି

**ଅମରାବତୀ,୨୨।୧୧(ପି.ଟି.)**



ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ପୁଣି ଚର୍ଚ୍ଚା ପରିସରକୁ ଚାଲିଆସିଛନ୍ତି। ୨୦୧୯ ନିର୍ବାଚନ ଲାଗି ମହାମେଣ୍ଟ ଗଠନ କରିବାକୁ ଅଣ୍ଟା ଭିଡ଼ିଥିବା ଏହି ବିଚକ୍ଷଣ ରାଜନେତା ସମ୍ପତ୍ତି ମାଲିକାନାରେ ୩ ବର୍ଷର ନାତିଠାରୁ ପଛରେ ପଡ଼ିଯାଇଛନ୍ତି। ନାଇଡୁଙ୍କ ୨.୯୯ କୋଟି ଟଙ୍କାର ସମ୍ପତ୍ତି ଥିବାବେଳେ ତାଙ୍କ ନାତି ନାରା ଦେବାଂଶ ୧୮.୭୧ କୋଟି ଟଙ୍କାର ମାଲିକ।

ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ନାଇଡୁଙ୍କ ପୁଅ ତଥା ଆନ୍ଧ୍ରପ୍ରଦେଶର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ନାରା ଲୋକେଶ ବୁଧବାର ଏକ ଖବରଦାତା ସମ୍ମିଳନୀରେ ପରିବାରର ସମ୍ପତ୍ତି ତାଲିକା ପ୍ରକାଶ କରିଛନ୍ତି। ଲୋକେଶଙ୍କ ସମ୍ପତ୍ତି ବର୍ଷକ ମଧ୍ୟରେ ୧୫.୨୧ କୋଟିରୁ ୨୧.୪୦ କୋଟି ଟଙ୍କାକୁ ବୃଦ୍ଧି ହୋଇଯାଇଛି। ତେବେ ନାଇଡୁଙ୍କ ସମ୍ପତ୍ତି ଇତିମଧ୍ୟରେ ମାତ୍ର ୪୬ ଲକ୍ଷ ଟଙ୍କା ବଢ଼ିଛି। ଟିଡିପି ସୁପ୍ରିମୋ ୫.୬୪ କୋଟି ଟଙ୍କାର ଗୃହଋଣ କରିଥିଲେ। ଏଥିରୁ କିଛି ପରିଶୋଧ କରିବା ପରେ ଏବେ ଋଣ ପରିମାଣ ୫.୩୧ କୋଟି ଟଙ୍କା ରହିଛି। ନାଇଡୁଙ୍କ ସ୍ତ୍ରୀ ଭୁବନେଶ୍ୱରୀ ହେଉଛନ୍ତି ପରିବାର ସବୁଠାରୁ ଧନୀ ସଦସ୍ୟ, ଯାହାଙ୍କ ସମ୍ପତ୍ତି ମୂଲ୍ୟ ହେଉଛି ୩୧.୦୧ କୋଟି ଟଙ୍କା। ଗତବର୍ଷ ସେ ୨୫.୪୧ କୋଟିର ମାଲିକାଣୀ ଥିଲେ। ଟିଡିପି ସାଧାରଣ ସମ୍ପାଦକ ଲୋକେଶଙ୍କ ସ୍ତ୍ରୀ ବ୍ରାହ୍ମଣୀଙ୍କ ସମ୍ପତ୍ତି କମିଛି। ୨୦୧୭ରେ ସେ ୧୫.୦୧ କୋଟି ଟଙ୍କାର ମାଲିକ ଥିଲେ। ଏବେ ତାଙ୍କ ସମ୍ପତ୍ତି ମୂଲ୍ୟ ୭.୭୨ କୋଟି ଟଙ୍କା ହୋଇଛି।

## ଫୁର୍‌ସତ

### ଇତିହାସର ଆଇନାରେ
### ନଭେମ୍ବର ୨୩ର ପ୍ରମୁଖ ଘଟଣା

୧୯୪୬ ନଭେମ୍ବର ୨୩ରେ ଭିଏତ୍‌ନାମରେ ହାଇ ଫଙ୍ଗ୍ ସହରରେ ଫ୍ରାନ୍ସ ନୌସେନା ଗୁଳିକାଣ୍ଡ ଘଟାଇଥିଲା। ଏଥିରେ ପ୍ରାୟ ୬ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଫ୍ରାନ୍ସ ବିରୋଧୀ ଆନ୍ଦୋଳନକୁ ଦମନ କରିବା ଲାଗି ଦେଶର ନୌସେନା ଏଭଳି ଏକ ଭୟଙ୍କର ପଦକ୍ଷେପ ଗ୍ରହଣ କରିଥିଲା। ଭିଏତ୍‌ନାମର ଲି ଚାନ୍ ନାମକ ଜଣେ ମହିଳା ଜେନେରାଲ ହାଇ ଫଙ୍ଗ୍ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ବଂଶର ଶାସକଙ୍କ ଅଧୀନରେ ରହିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏହା ଫ୍ରାନ୍ସ ଅଧୀନକୁ ଚାଲିଯାଇଥିଲା। ଯୁଦ୍ଧ ପରେ ସ୍ୱାଧୀନତା ଦାବିରେ ଭିଏତ୍‌ନାମରେ ଆନ୍ଦୋଳନ ହୋଇଥିଲା। ଫ୍ରାନ୍ସ ଆନ୍ଦୋଳନ ଦମନ ଲାଗି ଚେଷ୍ଟା କରିଥିଲା।

୧୯୯୬ ନଭେମ୍ବର ୨୩ରେ ଇଥିଓପିଆନ୍ ଏୟାର୍‌ଲାଇନ୍ସ ବିମାନ ୯୬୧ର ଅପହରଣ କରାଯାଇଥିଲା। ପରେ ଏହା ଭାରତ ମହାସାଗରରେ ଖସି ପଡ଼ିଥିଲା। ଏହି ଘଟଣାରେ ୩ ଅପହରଣକାରୀଙ୍କ ସମେତ ୧୨୫ ଜଣ ପ୍ରାଣ ହରାଇଥିଲେ। ବିମାନଟି ଆଡିସ୍ ଆବାବାରୁ ନାଇରୋବି ଯାଉଥିବା ବେଳେ ସେଥିରେ ଯାତ୍ରା କରୁଥିବା ୩ ଜଣ ବ୍ୟକ୍ତି ଏହାକୁ ଅପହରଣ କରି ନେଇଥିଲେ। ସେମାନେ ଥିଲେ ଇଥିଓପିଆ ନାଗରିକ ଏବଂ ଅଷ୍ଟ୍ରେଲିଆରେ ଶରଣ ନେବା ଲାଗି ଦାବି କରିଥିଲେ। ତେବେ ବିମାନରେ ଇନ୍ଧନ ଶେଷ ହେବା ପରେ ଏହାକୁ ଭାରତ ମହାସାଗରରେ କୋମୋରୋସ୍ ଦ୍ୱୀପ ନିକଟରେ ପାଣିରେ ଅବତରଣ କରିବାକୁ ଚେଷ୍ଟା କରୁଥିବାବେଳେ ଏହା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ୧୭୫ ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କ ମଧ୍ୟରୁ ୧୨୫ ଜଣ ପ୍ରାଣ ହରାଇଥିବାବେଳେ ୫୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ୪ ଜଣ ଆହତ ହୋଇଥିଲେ।

### ପ୍ରଦୂଷଣରୁ ଶିଶୁଙ୍କ ବୌଦ୍ଧିକ ଦକ୍ଷତା ହ୍ରାସ

**ଲଣ୍ଡନ:** ବାୟୁ ପ୍ରଦୂଷଣ ଦ୍ୱାରା ଶିଶୁଙ୍କ ବୌଦ୍ଧିକ ଦକ୍ଷତା ହ୍ରାସ ପାଇଥାଏ। ବ୍ରିଟେନ୍‌ରେ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜାଣିବାକୁ ମିଳିଛି। ଏ ସମ୍ପର୍କିତ ଏକ ଅଧ୍ୟୟନ ଜର୍ନାଲ୍ ଅଫ୍ ଇଣ୍ଟେଲେକ୍ଚୁଆଲ୍ ଡିଜାବିଲିଟି ରିସର୍ଚ୍ଚରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ବ୍ରିଟେନ୍‌ରେ ଯେଉଁ ପିଲାମାନେ ବାହାର ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସନ୍ତି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ କମ୍ ଦକ୍ଷ। ଏ ସମ୍ପର୍କରେ ଅଷ୍ଟ୍ରେଲିଆସ୍ଥିତ ସିଡ୍‌ନୀ ୟୁନିଭର୍ସିଟିର ଏରିକ୍ ଏମର୍ସନ କହନ୍ତି, ବ୍ରିଟେନ୍‌ରେ ଯେଉଁ ପିଲାଙ୍କର ବୌଦ୍ଧିକ ଦକ୍ଷତା କମ୍ ସେମାନଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ଏବଂ ସେମାନେ ସ୍ୱାଭାବିକ ସମୟ ପୂର୍ବରୁ ମୃତ୍ୟୁବରଣ କରନ୍ତି।

ବ୍ରିଟେନ୍‌ର ମିଲେନିୟମ୍ କୋହର୍ଟ ଷ୍ଟଡିରୁ ସଂଗ୍ରହ କରାଯାଇଥିବା ତଥ୍ୟକୁ ବିଶ୍ଳେଷଣକରି ଗବେଷକମାନେ ଏହା ଜାଣିପାରିଛନ୍ତି। ଜାତୀୟ ସ୍ତରରେ ଏଥିପାଇଁ ୧୮,୦୦୦ ପିଲାଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ନମୁନା ସଂଗ୍ରହ କରାଯାଇଥିଲା।

### ବନ୍ଦ ହୋଇଯାଇଛି ୫୩୯ ଶିଶୁଯତ୍ନ ଗୃହ

**ନୂଆଦିଲ୍ଲୀ:** ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦେଶର ୫୩୯ଟି ଶିଶୁଯତ୍ନ ଗୃହକୁ ବିଭିନ୍ନ ଅନିୟମିତତା କାରଣରୁ ବନ୍ଦ କରିଦେଇଛି। ବିହାରର ଏକ ଶିଶୁଯତ୍ନ ଗୃହରେ ଯୌନ ଶୋଷଣ ଘଟଣା ପଦାକୁ ଆସିବା ପରେ ଦେଶର ବିଭିନ୍ନ କେନ୍ଦ୍ରରେ ଚଢ଼ାଉ କରାଯାଇଥିଲା। ଏଥିପାଇଁ ମହାରାଷ୍ଟ୍ରର ୩୭୭ଟି ଶିଶୁଗୃହକୁ ବନ୍ଦ କରିଦିଆଯାଇଛି। ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ତୁଳନାରେ ଏହି ସଂଖ୍ୟା ଅଧିକ ହୋଇଥିବା ବେଳେ ଏହା ପଛକୁ ରହିଛି ଆନ୍ଧ୍ରପ୍ରଦେଶ(୭୮) ଏବଂ ତେଲେଙ୍ଗାନା(୩୨)।



ବିହାରର ଏକ ଶିଶୁ ଆଶ୍ରୟ ଗୃହରେ ୩୪ଜଣ ନାବାଳିକାଙ୍କୁ ଯୌନ ଶୋଷଣ ଭଳି ଘଟଣା ଜଣାପଡିବାପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତତ୍‌ପର ହୋଇଉଠିବା ସହିତ ସବୁ ରାଜ୍ୟର ଶିଶୁଗୃହଗୁଡ଼ିକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ଜିଲାପାଳମାନଙ୍କୁ ସେମାନଙ୍କ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା। ତଦାରଖ କରାଯିବା ପରେ ଜଣାପଡିଲା ଯେ, ୫୩୯ଟି ଶିଶୁଯତ୍ନ ଗୃହ ଧାର୍ଯ୍ୟ ନୀତି ନିୟମ ଅନୁସରଣ କରୁନାହାନ୍ତି ଅଥବା ପଞ୍ଜୀକୃତ ହୋଇନାହାନ୍ତି। ତେବେ ସେହି କେନ୍ଦ୍ରଗୁଡ଼ିକରେ ଥିବା ପିଲାମାନଙ୍କୁ ଅନ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ବିହାରର ମୁଜାଫରପୁର ଏବଂ ଉତ୍ତରପ୍ରଦେଶର ଦେଓରିଆଠାରେ ଥିବା ଶିଶୁ ଆଶ୍ରୟ କେନ୍ଦ୍ରରେ ନାବାଳିକାଙ୍କୁ ଯୌନ ଶୋଷଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ୍‌ଙ୍କୁ ଦେଶର ଏଭଳି କେନ୍ଦ୍ରଗୁଡ଼ିକୁ ତଦାରଖ କରିବା ଏବଂ ଅଣପଞ୍ଜୀକୃତ କେନ୍ଦ୍ରଗୁଡ଼ିକୁ ଦୁଇମାସ ମଧ୍ୟରେ ପଞ୍ଜୀକୃତ କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ କହିଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୬ | ୧୬.୦ |
| ଚାନ୍ଦବାଲି | ୩୦.୨ | ୧୮.୨ |
| କଟକ | ୩୦.୦ | ୧୯.୪ |
| ପାରାଦ୍ୱୀପ | ୩୦.୪ | ୨୦.୭ |
| ଭୁବନେଶ୍ୱର | ୩୧.୪ | ୨୦.୪ |
| ଗୋପାଳପୁର | ୩୨.୦ | ୧୯.୩ |
| ପୁରୀ | ୩୦.୬ | ୨୧.୮ |
| ଅନୁଗୋଳ | ୩୦.୧ | ୧୫.୨ |
| ବାରିପଦା | --- | --- |
| ଝାରସୁଗୁଡ଼ା | ୩୧.୫ | ୧୫.୦ |
| କେନ୍ଦୁଝର | ୨୭.୮ | ୧୪.୨ |
| ସମ୍ବଲପୁର | ୩୨.୪ | ୧୬.୯ |
| ସୁନ୍ଦରଗଡ଼ | ୩୨.୦ | ୧୭.୦ |
| ହୀରାକୁଦ | ୩୨.୧ | ୧୬.୭ |
| ତାଳଚେର | ୩୩.୬ | ୧୫.୩ |
| ଭବାନୀପାଟଣା | ୩୦.୬ | ୧୫.୦ |
| ବଲାଙ୍ଗୀର | ୩୧.୨ | ୧୬.୬ |
| କୋରାପୁଟ | ୩୦.୦ | ୧୨.୬ |
| ଫୁଲବାଣୀ | ୨୭.୮ | ୧୦.୪ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୩.୫ | --- |
| ସୋନପୁର | ୩୦.୬ | ୧୪.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ନନ୍ଦିତା ଦାସ ପାଇବେ 'ଆପ୍‌ସା'



**ବ୍ରିସ୍‌ବେନ୍:** ଭାରତୀୟ ଅଭିନେତ୍ରୀ ତଥା ଫିଲ୍ମନିର୍ମାତା ନନ୍ଦିତା ଦାସ ଦ୍ୱାଦଶ ଏସିଆ ପ୍ୟାସିଫିକ୍ ସ୍କ୍ରିନ୍ ଆୱାର୍ଡସ (ଆପ୍‌ସା)ରେ ସମ୍ମାନିତ ହେବାକୁ ଯାଉଛନ୍ତି। ନଭେମ୍ବର ୨୯ରେ ଆୟୋଜିତ ହେଉଥିବା ଏକ ଉତ୍ସବରେ ତାଙ୍କୁ ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଫିଲ୍ମ କ୍ଷେତ୍ରରେ ସଫଳତା ପାଇଁ ଏଫ୍‌ଆଇଏପିଏଫ୍ ପୁରସ୍କାର ପ୍ରଦାନ କରାଯିବ। ସେ ବିତର୍କିତ ଫିଲ୍ମ 'ଫାୟାର' (୧୯୯୬), 'ଆର୍ଥ' (୧୯୯୮) ରେ ଅଭିନୟକରି ବେଶ୍ ଚର୍ଚ୍ଚିତ। ଏହାପରେ ସେ 'ବିଟୁଇନ୍ ଦି ଲାଇନ୍ସ'ରେ ଅଭିନୟ କରିଥିଲେ। ଏହା ଭାରତରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ମଧ୍ୟରେ ଲିଙ୍ଗଗତ ଅସମାନତାକୁ ଆଧାର କରି ନିର୍ମାଣ ହୋଇଥିଲା। ପ୍ରଥମକରି 'ଫିରାକ୍' ଫିଲ୍ମରେ ସେ ନିର୍ଦ୍ଦେଶନା ଦେଇଥିଲେ। ଏହା ୨୦୦୮ରେ ମୁକ୍ତିଲାଭ କରିଥିଲା। ତାଙ୍କର ଦ୍ୱିତୀୟ ଫିଲ୍ମ 'ମଣ୍ଟୋ' ଚଳିତ ବର୍ଷ କେନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହୋଇଥିଲା। ଏହାପରେ ସିଡ୍‌ନୀ, ଟରଣ୍ଟୋ ଏବଂ ବୁସାନ୍‌ରେ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଫିଲ୍ମର ପ୍ରମୁଖ ଅଭିନେତା ନୱାଜୁଦ୍ଦିନ୍ ସିଦ୍ଦିକ୍ ମଧ୍ୟ ଉତ୍ତମ ପ୍ରଦର୍ଶନ ପାଇଁ ଆପ୍‌ସାରେ ସମ୍ମାନିତ ହେବେ।

ଏ ସମ୍ପର୍କରେ ଏଫ୍‌ଆଇଏପିଏଫ୍‌ର ପ୍ରେସିଡେଣ୍ଟ ଲୁଇସ୍ ଆଲବର୍ଟୋ ସ୍କାଲେଲା କହନ୍ତି, ଏସିଆ ପ୍ୟାସିଫିକ୍ ଅଞ୍ଚଳରେ ସିନେମାର ପ୍ରଗତିରେ ନନ୍ଦିତା ଦାସଙ୍କ ଅବଦାନ ଅତୁଳନୀୟ। ନିର୍ଦ୍ଦେଶିକା ଓ ଅଭିନେତ୍ରୀ ଭାବରେ ତାଙ୍କର କାର୍ଯ୍ୟ ତାଙ୍କୁ ଅନ୍ତର୍ଜାତୀୟ ସ୍ୱୀକୃତି ଦେଇପାରିଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ମାଓବାଦୀ ନିହତ

#### ଇନାମୀ ମାଓବାଦୀ ଗିରଫ

ମାଲକାନଗିରି, ୨୨।୧୧ (ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୁଣି ପୋଲିସ-ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଘଟିଛି। ବିଜାପୁର ଜିଲା ବଞ୍ଜାସାଗୁଡା ଥାନା ଟିମାପୁର ଜଙ୍ଗଲରେ ପୋଲିସର କୋମ୍ବିଂ ଅପରେଶନ ବେଳେ ଗୁଳି ବିନିମୟ ଘଟି ଜଣେ ମାଓବାଦୀ ପ୍ରାଣ ହରାଇଛନ୍ତି। ମୃତ ମାଓବାଦୀଙ୍କ ପରିଚୟ ମିଳି ପାରିନାହିଁ। ଘଟଣା ସ୍ଥଳରୁ ପୋଲିସ ବହୁ ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରିଥିବା ଏସ୍.ପି. ମୋହିତ ଗର୍ଗ ସୂଚନା ଦେଇଛନ୍ତି। ସେହିପରି ସୁକ୍‌ମା ଜିଲା କ୍ରିଷ୍ଟାରାମ ଜଙ୍ଗଲ ରାସ୍ତାରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଗୋଟିଏ ବାଇକ୍ ନଷ୍ଟ ହୋଇଥିବା ବେଳେ ଚାଳକ ଆହତ ହୋଇଛନ୍ତି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଚାଲିଛି। ମାଡକାମୀ ରାସ ଅଞ୍ଚଳରୁ ଡି.ଆର୍.ଜି. ପକ୍ଷରୁ କୋମ୍ବିଂ ଚାଲିଥିବା ବେଳେ ଲଚ୍ଛୁ ନାମକ ଜଣେ ଇନାମୀ ମାଓବାଦୀଙ୍କୁ ଗିରଫ କରାଯାଇଛି। ଓଡିଶା-ଛତିଶଗଡ ସୀମାନ୍ତରେ ସଂଘଟିତ ବହୁ ମାଓବାଦୀ ହିଂସାରେ ସେ ଜଡିତ ଥିବାବେଳେ ତାଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା।




■ଖବରଦାତାଙ୍କୁ କ୍ରୀଡ଼ା ସଚିବଙ୍କ ଦୁର୍ବ୍ୟବହାର ଘଟଣା

## ଛାତ୍ର, ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ହକି ବିଶ୍ୱକପ୍‌ର ଟିକେଟ ବିକ୍ରିରେ ଅବ୍ୟବସ୍ଥା ଏବଂ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ପ୍ରତିନିଧିଙ୍କୁ କ୍ରୀଡା ସଚିବ ବିଶାଲ ଦେବଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ତାଙ୍କ ବାସଭବନ ଘେରାଉ ଉଦ୍ୟମ କରାଯାଇଛି। ଛାତ୍ର ଓ ଯୁବକ କଂଗ୍ରେସ ପକ୍ଷରୁ ରୁପାଲି ଛକରୁ ଏକ ଶୋଭାଯାତ୍ରା ବାହାରି ସଚିବଙ୍କ ବାସଭବନ ଅଭିମୁଖେ ଯାଇଥିଲା। ସଚିବଙ୍କ କୁଶପୁତ୍ତଳିକା ଦାହ କରି କର୍ମୀମାନେ ବାସଭବନ ଘେରାଉ ପାଇଁ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେଠାରେ କିଛି ସମୟ ପୋଲିସ ସହ ବିକ୍ଷୋଭକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ କଂଗ୍ରେସ କର୍ମୀମାନଙ୍କୁ ଅଟକାଇବା ସହ ସେଠାରୁ ଉଠାଇ ନେଇଥିଲା। ସୂଚନାଯୋଗ୍ୟ, ଗତ ବୁଧବାର କ୍ରୀଡା ସଚିବଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ସମସ୍ତ ଗଣମାଧ୍ୟମର ପ୍ରତିନିଧି ଯାଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରାଯିବା ସହ ବୁମ୍ ଠେଲି ଦେଇଥିବା ନେଇ ଅଭିଯୋଗ ହୋଇଥିଲା।

■ଝାରସୁଗଡ଼ା ବିମାନବନ୍ଦର ନାମକରଣ

## ବୀର ସୁରେନ୍ଦ୍ର ସାଏଙ୍କ ନାମରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ

ଝାରସୁଗୁଡା ଅଫିସ,୨୨।୧୧


ଝାରସୁଗୁଡ଼ା ବିମାନବନ୍ଦର ।

ଝାରସୁଗୁଡା ବିମାନବନ୍ଦରକୁ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍)ଙ୍କ ନାମରେ ନାମିତ କରାଯିବାକୁ ନଭେମ୍ବର ୧ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ମିଳିଥିବା ବେଳେ ଏବେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଗେଜେଟ୍ ବିଜ୍ଞପ୍ତୀ ପ୍ରକାଶ କରିଛି। ନଭେମ୍ବର ୧୪ରେ ଏହି ବିଜ୍ଞପ୍ତି ପ୍ରକାଶିତ ହୋଇଛି। ୭ ଦିନ ହେବ ଏହି ଅଧିସୂଚନା ପ୍ରକାଶ ପାଇଥିଲେ ମଧ୍ୟ ବିମାନବନ୍ଦରର ନାମ ପରିବର୍ତ୍ତନ କରାଯାଇନାହିଁ। ଏବେ ବି ‘ଝାରସୁଗୁଡା ବିମାନ ବନ୍ଦର’ ବୋଲି ଲେଖା ରହିଛି। ସବୁଠାରୁ ଦୁଃଖର ବିଷୟ, ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନ ପରେ ଏଠାରୁ ଉଡାନ୍ ସେବା ଉଭାନ୍ ହୋଇଯାଇଛି। ଉଦ୍‌ଘାଟନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ବୋଲି ସମ୍ବୋଧିତ କରିଥିଲେ। ଏବେ ଏହି ବିମାନ ବନ୍ଦରର ନାମ ପରିବର୍ତ୍ତନ ପାଇଁ ବିଭାଗ ତରଫରୁ ବିଧିବଦ୍ଧ ମଞ୍ଜୁରୀ ପାଇଛି।

ସେପ୍ଟେମ୍ବର ୨୨ ତାରିଖରେ ବିମାନବନ୍ଦରର ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡା ବିମାନବନ୍ଦରର ନାମ ପରିବର୍ତ୍ତନ କରି ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବାକୁ ଦାବି ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦାବି ଉପସ୍ଥାପନ ପରେ ତତକ୍ଷଣାତ୍ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ବିମାନବନ୍ଦର ନାମକୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ବୋଲି ସମ୍ବୋଧିତ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଫଳରେ ନାମକରଣକୁ ନେଇ ଦୀର୍ଘଦିନ ହେବ ଲାଗି ରହିଥିବା ଟଣାଓଟରାର ଅବସାନ ଘଟିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ଏକ ମାସ ବିତିଯାଇଥିଲେ ମଧ୍ୟ ନାମକରଣ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। ଫଳରେ ସ୍ଥାନୀୟ ନେତା ନବ କିଶୋର ଦାସ, କିଶୋର ମହାନ୍ତିଙ୍କ ସମେତ ଅନ୍ୟ ସାମାଜିକ ସଙ୍ଗଠନଗୁଡିକ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ନାମକରଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପୁଣିଥରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ନଭେମ୍ବର ୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶାର ଦାବିକୁ ଅନୁମୋଦନ ଦେଇଥିଲା। ଏହାର ୧୪ ଦିନ ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଗେଜେଟ୍ ନୋଟିଫିକେସନ୍ ପ୍ରକାଶ କରିଛି। କିନ୍ତୁ ବିମାନ ଶୂନ୍ୟ ହୋଇପଡିଛି ଏହି ବିମାନବନ୍ଦର। ଲୋକଙ୍କ ଉତ୍ସାହ ଏବଂ ବହୁଦିନର ଆଶାକୁ ଏୟାର ଓଡ଼ିଶା ମଉଳାଇ ଦେଇଛି।








ସମସ୍ତ ଧର୍ମ ଛାଡ଼ି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
- ବ୍ୟାସଦେବ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ପୁନମ୍
ପରିବାରବର୍ଗ



ବଦ୍ରିନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified

### real estate

**SALE**

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Booking simplex 2BHK 1200 sqft. land 19,50,000/- near Tankapani road Sai Temple (Bankuala) installment and outright available. 7735738102. D-9555

ପଟିଆ KIIT ପାଖରେ 40/30" road boundary, electric ସହିତ ଗୃହୋପଯୋଗୀ plot sqft. 1050/- କିଣନ୍ତୁ। 8018611122. D-64642

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

Book your dream house (duplex) at good location in Bhubaneswar. 200' roadside with affordable price. (special Diwali offer). Contact: 8338866678, 9337138784. D-65190

Land required in Bhubaneswar for real estate firm. Joint venture & sharing basis. Land should be come under BDA, BMC/CDA. Contact: 9348243488, 9439776090. D-64917

### to-let

Centrally located for office at Unit-9, 450 sqft., 700 sqft., 650 sqft., 850 sqft. 7789837712, 9861256148. D-9558

10500 sqft. building (G+2) for rent at near Alishan City, Kalinga vihar, Patrapada, Bhubaneswar. Preferable- school/ guest house/ godown/ ware house. Price Rs. 65,000/-. 7381087906. D-65189

800 sqft., 3rd floor. For commercial, Kharvel Nagar. Contact: 9437033691. D-63873

Now Matrimonial ads. only on Wednesday & Sunday
Book 1 Get 1 FREE

### packers & movers

Samal packers movers provide household shifting in reasonable rates. 9437035016. D-63872

### 8th Birthday Wish



**Omm Sai**
Class-3, KV, Angul
Have a wonderful birthday. I wish your every day to be filled with lots of love, laughter, happiness and the warmth of sunshine. Best wishes from: Dad, Mom & Bismaya. D-9610

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ପୁନମ୍)
**ବିଦ୍ୟାଶ୍ରୀ**
ବଇଁଚୁଆ, ବାଲିଅନ୍ତା
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେ- ବିରଞ୍ଚି, ସଞ୍ଜୁ, ପପୁ, ପିନ୍ଟୁ, ରୁବି, ଲୀନା, ପୂଜା, ଆଦ୍ୟା, ବନ୍ଧୁ ଓ ପରିବାରବର୍ଗ। ଧ-୪୬୨୫୮

### ଜନ୍ମଦିନ ଶୁଭେଚ୍ଛା



(ବାବୁନ୍)
**ପଦ୍ମିନୀ ଘଡେଇ**
ବାପା- ସୁବ୍ରତ ଘଡେଇ,
ମା- ବନ୍ଦନା ଘଡେଇ
ଦ୍ୱିତୀୟ ବାର୍ଷିକ ଜନ୍ମଦିବସରେ ତୋର ଉଜ୍ଜ୍ୱଳମୟ ଭବିଷ୍ୟତ ଓ ଚଲାପଥ କୁସୁମିତ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ସମସ୍ତଙ୍କର ଏତିକି ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଦାଦା, ଅଜା, ଆଈ, ମାମୁ, ମଉସା, ମାଉସୀ, ବନ୍ଧୁ ଓ ପରିବାର। ଧ-୬୩୨୦୭

### Birthday Wish



**Tanaya Priyadarshi Behera**
Wishing you a day filled with happiness and a year filled with joy. Sending you smiles for every moment of your special day. Have a wonderful time and a very Happy Birthday hope your special day brings you all that your heart dezires. From: Jeje & Bou, Bada Baba & Maa, Nani and Pisa, Papa & Mama, Baba & Maa, Dada & aunty, Kunia Dada, Bhai, Kitu Bhai, Didi, Partha Bhai & Didi. D-9593

### ଦ୍ୱିତୀୟ ବିବାହ ବାର୍ଷିକୀ ଶୁଭେଚ୍ଛା



**ଲିମା ଓ ଲୁଲୁ**
ଗୁହାଳପଡା, ନିମାପଡ଼ା
ଆଜିର ଏହି ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ, ଯଶସ୍ୱୀ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଆଈ, ପାପା, ମମି, ମାମୁ, ମାଇଁ, ଦଦେଇ, ଦେଠେଇ, ଦାଦା, ଖୁଡୀ ଓ ଗୁଡୁ। ଧ-୬୪୬୪୩

### ୧୨ତମ ଜନ୍ମଦିନ ଶୁଭେଚ୍ଛା



**ଜସ୍ମିତା ବାର୍ଲା**
ସର୍ଲାକାନୀ, ଧନକଉଡା, ସମ୍ବଲପୁର
ଆଜି ତୋର ଜନ୍ମଦିନ ଅବସରରେ ମା' ସମଲେଇଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ କାମନା। ଶୁଭେଚ୍ଛା ସହ: ମାଆ, ଭାଇ, ଭଉଣୀ ଏବଂ ବାର୍ଲା ପରିବାରବର୍ଗ। ଧ-୬୨୪୫୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ନେଇ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ଓଡ଼ିଶା ବିଧାନସଭାରେ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବକୁ ମଧ୍ୟ ସର୍ବସମ୍ମତକ୍ରମେ ଗୃହୀତ କରାଇଛନ୍ତି। ମହିଳାଙ୍କ ପାଇଁ ଏପରି ପଦକ୍ଷେପ ନେଇଥିବାରୁ ବିଜୁ ମହିଳା ଜନତା ଦଳ ପକ୍ଷରୁ ଗୁରୁବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି ବିଜୁ ମହିଳା ଜନତା ଦଳ ସଭ୍ୟାମାନେ।

ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ମିନତି ବେହେରାଙ୍କ ଅଧ୍ୟକ୍ଷତାରେ ଶତାଧିକ ମହିଳା କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଛନ୍ତି। ଏ ନେଇ ମିନତି କହିଛନ୍ତି ଯେ, ମହିଳାଙ୍କ ସ୍ୱରକୁ ଉଭୟ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ଶାଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ନାରୀ ସଶକ୍ତୀକରଣ ଦିଗରେ ନବୀନ ବାବୁଙ୍କ ଭୂମିକା ଅନ୍ୟ ନେତୃବୃନ୍ଦଙ୍କ ପାଇଁ ଉଦାହରଣ। ଆଗାମୀ ନିର୍ବାଚନରେ ଯୋଗ୍ୟ ମହିଳାଙ୍କୁ ବିଜେଡି ନିଶ୍ଚୟ ପ୍ରାର୍ଥୀ ହେବାର ସୁଯୋଗ ଦେବ ବୋଲି ମିନତି କହିଛନ୍ତି।


## ମନେ ପଡ଼ନ୍ତି

### 1st Death Anniversary



**Late Sudhamayee Dash**
We are praying together for peace of your soul & condolences to surviving family members.
Husband- Rabin Kumar Dash,
Son- Subrat Kumar Dash,
Daughter- Subhashree Mishra,
Son-in-law- Sanjay Mishra,
Grand Daughter- Aaryahi (Riba),
Friends & Relatives.
D-64750

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତୃତୀୟବାର୍ଷିକ ଶ୍ରାଦ୍ଧୋତ୍ସବ



**ସ୍ୱର୍ଗତା ପ୍ରମୋଦିନୀ ପ୍ରଧାନ**
ଗଣେଶପୁର, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୫।୦୮।୧୯୬୫
ତିରୋଧାନ: ୨୬।୧୧।୨୦୧୫
ଶ୍ରାଦ୍ଧଦିବସ: ୨୩।୧୧।୨୦୧୮
ତମେ ପରିବାରକୁ ହସଖୁସିରେ ରଖିବା ପାଇଁ ଏତେ କଷ୍ଟ କରିଥିଲ। ଏବେ ପରିବାର ଖୁବ ଖୁସିରେ ଥିଲାବେଳେ ତୁମର ଅନୁପସ୍ଥିତି ଖୁବ୍ ଦୁଃଖ ଦେଇଛି। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ- ବିଜୟ କୁମାର ପ୍ରଧାନ, ପୁଅ- ବିକି, ଝିଅ- ପିଙ୍କି, ଲକି, ଜ୍ୱାଇଁ- ପିଣ୍ଟୁ, ଦିଅର, ଯାଆ, ପୁତୁରା, ଝିଆରୀ ଓ ବନ୍ଧୁପରିବାରବର୍ଗ। ଧ-୪୯୨୮୨

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗୀୟା ଶ୍ରୀମତୀ ସରସ୍ୱତୀ ସ୍ୱାଇଁ**
ସ୍ୱାମୀ: ଭରତ ଚନ୍ଦ୍ର ସ୍ୱାଇଁ
ଆବିର୍ଭାବ: ୧୩।୦୯।୧୯୫୦
ତିରୋଧାନ: ୦୪।୧୧।୨୦୧୭
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଆପଣଙ୍କର ଅମର ଆତ୍ମାର ପରମତୃପ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଅଶ୍ରୁଳ ପ୍ରାର୍ଥନା। ଆପଣଙ୍କର ସ୍ୱାମୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ ଓ ଜ୍ଞାତିକୁଟୁମ୍ବ। ଧ-୬୩୭୪୨

### SAD DEMISE



**√SUBHRANSU NAYAK (Kunu)**
At/Po - Nikirai (East), Via/Dist- Kendrapara
DOB : 04.06.2013
DOD : 14.11.2016
I will Love you with every beat of my Heart, I will miss you until I hold you in Heaven
FROM :
FELU & FAMILY
D-9609

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଅବସରରେ



**ସ୍ୱର୍ଗତ ଦେବପ୍ରସାଦ କରଣ (ଦେବୁ)**
ଆବିର୍ଭାବ: ୨୮।୦୪।୧୯୯୮
ତିରୋଧାନ: ୧୪।୧୧।୨୦୧୬
କାର୍ତ୍ତିକ ପୂର୍ଣ୍ଣିମା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ କେବଳ ଏତିକି ପ୍ରାର୍ଥନା। ଶୋକସନ୍ତପ୍ତ: ଦାଦୁ, ବାପା, ମା, ବଡକାକା, କାକୀ, ସାନକାକା, କାକୀ, ଦିଦିଆ, ବିଭୁ ଭାଇ, ମାମୁନ୍ ଏବଂ ରିଶି। ଧ-୯୬୦୧

### 7th Death Anniversary



**Shri Jagat Ballav Dash**
(27.08.1943 - 11.11. 2011)
**Ghatikia**
Goodbyes Hurt when the story is not finished and the book has been closed forever
Miss you Bapa
From Family, Friends & Relatives. D-64912

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ**
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ-୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା-୨୦୧୬
ଏହି ଶ୍ରେଷ୍ଠ ପୁଣ୍ୟ ଦିବସରେ ଆମ୍ଭ ସମସ୍ତଙ୍କୁ ଛାଡି ପରମେଶ୍ୱରଙ୍କ ପାଖକୁ ଚାଲିଗଲୁ। ଏହି ସ୍ୱଳ୍ପ ସମୟ ମଧ୍ୟରେ ତୋର କାର୍ଯ୍ୟକଳାପ, ଅଧ୍ୟବସାୟ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ। ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଆଦର୍ଶ, ପ୍ରେରଣା ଆମ୍ଭସମସ୍ତଙ୍କୁ ଶକ୍ତି ଓ ସାହସ ପ୍ରଦାନ କରୁ ଏବଂ ସୁପଥ ପ୍ରଦର୍ଶନ କରୁ। ଶୋକସନ୍ତପ୍ତ: ପରିବାର, ବନ୍ଧୁ ଏବଂ ଆତ୍ମୀୟସ୍ୱଜନବୃନ୍ଦ। ଧ-୯୫୨୩

### ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ମୋହନ ସାହୁ**
ଆବିର୍ଭାବ: ୧୭।୦୫।୧୯୫୮
ତିରୋଧାନ: ୧୩।୧୧।୨୦୧୮
M-75, Bhimatangi, H.B. Colony, Phase- 2
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୯୬୦୭


## କିଛି ତଥ୍ୟ

ନଭେମ୍ବର ୯ ତାରିଖ ସୁଦ୍ଧା ବ୍ୟାଙ୍କଗୁଡିକର ଋଣ ପ୍ରଦାନରେ ୧୪.୮୮% ବୃଦ୍ଧି ଘଟି ୯୧.୧୧ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ଜମା ଅଭିବୃଦ୍ଧି ୯.୧୩% ସ୍ତରରେ ରହି ୧୧୮.୨୫ ଲକ୍ଷ କୋଟି ରହିଛି।
– ଆର୍‌ବିଆଇ

# ପିଏମ୍‌ଜିଏସ୍‌ୱାଇ-୨: ଏବର୍ଷ ନିର୍ମାଣ ହେବ ୧୦ ହଜାର କି.ମି. ରାସ୍ତା

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)-୨ରେ ମାସକୁ ୪୪୦୦କି.ମି. ପୁରୁଣା ରାସ୍ତାର ଉନ୍ନତୀକରଣ କରାଯିବ । ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉକ୍ତ ରାସ୍ତା ପାଇଁ ପ୍ରସ୍ତୁତ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର)କୁ ଅନୁମୋଦନ କରାଯାଇଛି। ଏହାଛଡା ମାସକୁ ୨ ହଜାର କିଲୋମିଟର ନୂଆ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ରାଜ୍ୟରେ ୧୦ ହଜାର କିଲୋମିଟର ରାସ୍ତା ନିର୍ମାଣ ହେବ । ନୂତନ ରାସ୍ତା ନିର୍ମାଣ ସହିତ ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ କାର୍ଯ୍ୟ ତଦାରଖ କରିବାକୁ ମୁଖ୍ୟ ଶାସନ ସଚିବ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଏମ୍‌ଜିଏସ୍‌ୱାଇ-୨ରେ କେବଳ ରାସ୍ତାଗୁଡିକର ଉନ୍ନତୀକରଣ କରାଯାଇପାରିବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ପାଣ୍ଠି ଯୋଗାଇ ଦେବେ। ରାଜ୍ୟର ସମସ୍ତ ଜିଲାର ପଞ୍ଚାୟତ ସମିତି ଏବଂ ଜିଲା ପରିଷଦରୁ ମିଳିଥିବା ପ୍ରସ୍ତାବଗୁଡିକୁ ବିଚାରକୁ ନେଇ ୪୪୦୦ କିଲୋମିଟର ରାସ୍ତାକୁ ଅଗ୍ରାଧିକାର ଭିତ୍ତିରେ ଉନ୍ନତୀକରଣ କରାଯିବ। ୨୦୨୦ ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟ ପର୍ଯ୍ୟାୟକ୍ରମେ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ଆଜି ରତ୍ନବେଦିରେ ସୁନାବେଶ

ପୁରୀ ଅଫିସ, ୨୨।୧୧

ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା, ଧର୍ମ ହବିଷର ମାସ କାର୍ତ୍ତିକର ଶେଷ ଦିବସ। ରତ୍ନସିଂହାସନରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ଏହି ବେଶକୁ ସୁନାବେଶ ମଧ କୁହାଯାଇଥାଏ। ବିଭିନ୍ନ ପାଟବସ୍ତ୍ର ଏବଂ ରତ୍ନ ଅଳଙ୍କାରରେ ମହାପ୍ରଭୁ ଭୂଷିତ ହେବେ। ଭକ୍ତଙ୍କ ସୁନାବେଶ ଦର୍ଶନ ଏବଂ ନୀତି ସୁରୁଖୁରୁରେ ସମ୍ପନ୍ନ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ବ୍ୟବସ୍ଥା ଲାଗି ପ୍ରଶାସନ ପକ୍ଷରୁ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ମହୋଦଧିରେ ସ୍ନାନ, ଡଙ୍ଗା ଭସା ସାଙ୍ଗକୁ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଲାଣି। କାର୍ତ୍ତିକ ପୂର୍ଣ୍ଣିମାରେ ଭିଡକୁ ଦୃଷ୍ଟିରେ ରଖି ୩ ଥାକିଆ ବ୍ୟାରିକେଡ ହୋଇଛି। ଦଫା ଦଫାରେ ଭକ୍ତଙ୍କୁ ଛଡାଯିବ। ଶ୍ରଦ୍ଧାଳୁ ସିଂହଦ୍ୱାରରେ ପ୍ରବେଶକରି କୀର୍ତ୍ତନ ଚକଡା ବ୍ୟାରିକେଡ-ସାତପାହାଚ ଦେଇ ବାହାର କାଠ ନିକଟରେ ଦର୍ଶନ କରି ଗାରଦ ଦ୍ୱାର ଦେଇ ବାହାରିବେ। ଭିତରକାଠ ଦର୍ଶନ ସମୟରେ ଜୟବିଜୟ ଦ୍ୱାର ଦେଇ ଜଗମୋହନକୁ ଯାଇ ଭିତର କାଠରେ ଦର୍ଶନ କରି ବେହେରଣ ଦ୍ୱାର ଦେଇ ବାହାରିବେ। ଶ୍ରଦ୍ଧାଳୁମାନେ ସିଂହଦ୍ୱାରରେ ପ୍ରବେଶ କରି ଅନ୍ୟ ୩ ଦ୍ୱାର ଦେଇ ବାହାରିବେ। ଅନ୍ୟପକ୍ଷରେ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତଥା ବୈକୁଣ୍ଠ ଚତୁର୍ଦ୍ଦଶୀ ତିଥିରେ ଗୁରୁବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ଲକ୍ଷ୍ମୀ ନୃସିଂହ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଠାକୁରଙ୍କ ଅବକାଶ ନୀତି ସମାପନ ହେବା ପରେ ଏହି ବେଶ ହୋଇଥିଲା। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଲକ୍ଷ୍ମୀନୃସିଂହ ବେଶରେ ଭୂଷିତ କରାଇଥିଲେ। ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କିରୀଟ, କୁଣ୍ଡଳ, ଚନ୍ଦ୍ରିକା ଆଦି ଧାରଣ କରିଥିଲେ। ବଡ଼ଠାକୁର ସୁବର୍ଣ୍ଣର ହଳ ମୂଷଳ ଏବଂ ଜଗନ୍ନାଥ ମହାପ୍ରଭୁ ରୁପାର ଶଙ୍ଖ ଏବଂ ସୁବର୍ଣ୍ଣ ଚକ୍ର ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଚୂଳରେ ସୁବର୍ଣ୍ଣ କିଆ ଖଞ୍ଜାଯାଇଥିଲା। ଏହାସହିତ ସୋଲ ଓ ଜରିରେ ନିର୍ମିତ ବିଭିନ୍ନ ଫୁଲ ଧାରଣ କରିଥିଲେ। ଏହି ବେଶରେ ଠାକୁରମାନେ ପାଟବସ୍ତ୍ରରେ ବିଭୂଷିତ ହେବା ସହିତ ବିଭିନ୍ନ ସୁବାସିତ ପୁଷ୍ପରେ ମଣ୍ଡିତ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚ ରାଶିରେ ଚନ୍ଦ୍ର ରହିଥିବାରୁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ । ରାଜନୀତି, ସଭାସମିତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ କାମ କ୍ଷେତ୍ରରେ ପୂର୍ବରୁ ଥିବା ସମସ୍ୟାଗୁଡିକ ସମାଧାନ ପାଇଁ ଆଲୋଚନା ଅବ୍ୟାହତ ରହିପାରେ।

**ବୃଷ** ଆପଣଙ୍କ କାମ ହାସଲ ସକାଶେ ଯାହାର ସାହାଯ୍ୟ ସହଯୋଗ ଆବଶ୍ୟକ କରୁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ଚନ୍ଦ୍ରଙ୍କ ସହ ଶୁକ୍ର ଓ ଶନି ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ସାଧାରଣ କଥାକୁ କେନ୍ଦ୍ର କରି ତର୍କ ବିତର୍କର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ।

**ମିଥୁନ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ କଳହର ପରିସମାପ୍ତି ଘଟିବାର ଆଶା ରହିଛି। ବୁଧ ଷଷ୍ଠଭାବସ୍ଥ ହେତୁ ପରିବାରର ସଦସ୍ୟଙ୍କ ସହ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଭୁଲ ବୁଝାମଣା ସୃଷ୍ଟିହେବାର ଆଶଙ୍କା ରହିଛ। ରାଜନୀତି, କଳା ସାହିତ୍ୟ, ସଙ୍ଗୀତ, ଆନୁଷ୍ଠାନିକ କାମ ତଥା ସାଂଗଠନିକ କ୍ଷେତ୍ରରେ ପୃଷ୍ଠପୋଷକତା ଲାଭକରିପାରନ୍ତି।

**କର୍କଟ** ଆପଣଙ୍କ କୌଣସି କାମରେ ପାରିବାରିକ ସହମତିର ଅଭାବ ସମସ୍ୟା ସୃଷ୍ଟି କରିବ । ଶୁକ୍ରଙ୍କ ପ୍ରଭାବରେ ଭୋଗ ବିଳାସ, କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ। ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ବିଭିନ୍ନ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** ବ୍ୟୟାଧିପ ଚନ୍ଦ୍ର କର୍ମଭାବସ୍ଥ ହେତୁ ବିନା ଖର୍ଚ୍ଚରେ ଆଜିର କାମ ପୂର୍ଣ୍ଣାଙ୍ଗ ହେବା କଷ୍ଟକର ହେବ। ସ୍ୱାସ୍ଥ୍ୟହାନି ସାଙ୍ଗକୁ ସନ୍ତାନଙ୍କ ସହ ମତଭେଦ ମାନସିକ ଅଶାନ୍ତି ବୃଦ୍ଧି କରିବାର ଆଶଙ୍କାକୁ ଏଡି ହେବନାହିଁ। କୌଣସି ନୂତନ କାର୍ଯ୍ୟାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଫିସରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** ନବମରେ ଚନ୍ଦ୍ର ଏବଂ ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନିଶ୍ଚିତ। ଶୁଭଖବର, ବନ୍ଧୁମିଳନ ସାଙ୍ଗକୁ ନୂଆ କାମଟିଏ ପାଇଁ ମନସ୍ଥ କରିପାରନ୍ତି। କିନ୍ତୁ ଚତୁର୍ଥସ୍ଥ ଶନି ହେତୁ ଶିକ୍ଷା, ସନ୍ତାନ ଓ ପ୍ରଣୟ କ୍ଷେତ୍ରରେ ସମସ୍ୟା ଦେଖାଦେବା ମଧ୍ୟ ଅବଶ୍ୟମ୍ଭାବୀ

**ତୁଳା** ଆପଣଙ୍କ କହିବା କଥା ଅନୁଯାୟୀ କାମ ମଧ୍ୟ ତଦନୁରୂପ ହେବା ଯୋଗୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧିଜନିତ ସନ୍ଦେହ ବଳୟ ଭିତରକୁ ଆସିପାରନ୍ତି। ଅଫିସରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ ଅଥବା ସରକାରୀ କାମ ଓ ସହଯୋଗରୁ ଉପକୃତ ହେବେ।

**ବିଛା** କେତେକ କଥା ମନ ଚାହୁଁଥିଲେ ମଧ୍ୟ ପରିବେଶ ଓ ପରିସ୍ଥିତି ତାହା କରାଇଦେବ ନାହିଁ। ଈର୍ଷାପରାୟଣ ହୋଇ ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପଛରୁ ଗୋଡ ଟାଣି ପାରନ୍ତି। ତଥାପି ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି ଓ ବ୍ୟବସାୟିକ କାମରେ ଆଶା ପୂରଣ ହୋଇପାରିବ। ଦିନଟିରେ ଅଧିକାଂଶ ସମୟ ବନ୍ଧୁଙ୍କ ସହ କଟାଇବେ ।

**ଧନୁ** ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ଆଜିର ବିପରୀତ ରାଜଯୋଗ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସାହାଯ୍ୟ କରିବ। ସମସ୍ୟା ଓ ପ୍ରତିବନ୍ଧକ ହଟିଯିବା ସାଙ୍ଗକୁ ପକେଟ ମଧ୍ୟ ଖାଲି ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ର, ପରିବାର, ଯାତ୍ରା ତଥା ପ୍ରତିଦ୍ୱନ୍ଦ୍ୱିତାରେ ମନର ବଳ ଖୁବ୍ ଟାଣ ରହିବ ମାତ୍ର ଜିଦ୍‌ଖୋର ହେତୁ କିଛିଟା ବିଘ୍ନ ମଧ୍ୟ ଘଟିପାରେ।

**ମକର** ରାଶିରେ କେତୁ ଓ ଚନ୍ଦ୍ରଙ୍କ ଅବସ୍ଥିତି ଆପଣଙ୍କୁ ବୃଥା ସମୟ ଅପଚୟ ଦିଗରେ ଲଗାଇପାରେ। ଫଳତଃ ଲକ୍ଷ୍ୟଭ୍ରଷ୍ଟ ହେବା ସାଙ୍ଗକୁ ପାଇବାକୁ ଥିବା ସୁଯୋଗ ମଧ୍ୟ ହରାଇପାରନ୍ତି। ବନ୍ଧୁ, ପରିବାର ଓ ନିକଟ ସମ୍ପର୍କୀୟ କିଛି ନ କହିଲେ ମଧ୍ୟ ଭୁଲ୍ ବୁଝିପାରନ୍ତି। ଆଗାମୀ ଆନୁଷ୍ଠାନିକ କାମ ସକାଶେ ପ୍ରସ୍ତୁତିରୁ ଖୁସି ରହିବେ କିନ୍ତୁ ପୂର୍ଣ୍ଣତଃ ଉପଭୋଗ୍ୟ ନ ହୋଇପାରେ ।

**କୁମ୍ଭ** ଆଜି ଦିନଟିରେ ପ୍ରତ୍ୟେକ କାମ ସକାଶେ ଅନୁକୂଳ ଗ୍ରହସ୍ଥିତି ରହିଛି। ପୂର୍ବ ସମସ୍ୟା ଦୂରେଇ ଯିବା ସାଙ୍ଗକୁ ବିଶିଷ୍ଟବ୍ୟକ୍ତିଙ୍କ ସହ ଆଲୋଚନାରେ ଭାଗ ନେଇପାରନ୍ତି। କର୍ମ କ୍ଷେତ୍ର, ପରିବାର, ଯାନବାହନ, ବ୍ୟବସାୟରେ ସୁବିଧା ସୁଯୋଗ ଲାଭକରି ଖୁସି ରହିପାରନ୍ତି। ଅବଶ୍ୟ ସାମୟିକ ଭାବରେ ବୃଥା ଚିନ୍ତା କରି ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ।

**ମୀନ** କୌଣସି ନୂତନ କର୍ମାରମ୍ଭ କ୍ଷେତ୍ରରେ ଆଶାନୁଯାୟୀ ସୁବିଧା, ସୁଯୋଗ ଓ ସହଯୋଗର ଅଭାବ ରହିବ ନାହିଁ। ଧାର୍ମିକ, ଆନୁଷ୍ଠାନିକ କାର୍ଯ୍ୟ ସାଙ୍ଗକୁ ବନ୍ଧୁମିଳନ, ଯାତ୍ରା, ବାଣିଜ୍ୟ ଦିଗରୁ ମଧ୍ୟ ଶୁଭଫଳ ଆଶା କରାଯାଇପାରେ। ତଥାପି କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଭ୍ରମଣ ହେତୁକ ମାନସିକ ଅସ୍ଥିରତା ଦେଖାଦେଇପାରେ।

ଆଜି କାର୍ତ୍ତିକ ପୂର୍ଣ୍ଣିମା ଦିବା ଘ୧୧।୩୨ମି. ପର୍ଯ୍ୟନ୍ତ/ ରାସ ପୂର୍ଣ୍ଣିମା ଶୁକ୍ରବାର, ମହତୀ ସ୍ନାନଯୋଗ, ବୋଇତ ବନ୍ଦାଣ, ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜାଧିରାଜ ବେଶ, ନଭେମ୍ବର ୨୩ ତାରିଖ, ବାଲିଯାତ୍ରା, କାର୍ତ୍ତିକେଶ୍ୱର ପୂଜା ଓ କାର୍ତ୍ତିକବ୍ରତ ସମାପନ, ଜଳେ ରାକାଦାନ କରଣୀୟ, ରାଶି ନକ୍ଷତ୍ର-କୃତ୍ତିକା /ବୃଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ବିଛା ରାଶିର ଘାତଚନ୍ଦ୍ର, ସକାଳ ଘ୬।୩୦ମି. ମଧ୍ୟେ ଅମୃତବେଳା। ଘ୭।୩୦ମି. ଗତେ ଘ୮।୫୫ମି. ମଧ୍ୟେ ମାହେନ୍ଦ୍ରବେଳା।



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନରହିପାରେ।

- ଜର୍ଜ ବର୍ଣ୍ଣାଡ ଶ






**ସଂକ୍ଷେପରେ**

## ଖସୁନି ପାରଦ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ନଭେମ୍ବର ଶେଷ ହେବାକୁ ବସିଲାଣି। ରାଜ୍ୟରେ ଦେହଥରା ଶୀତ ନାହିଁ। ପାରଦ ତଳକୁ ଖସୁନାହିଁ। କେବଳ କୋରାପୁଟ, ଫୁଲବାଣୀ ଭଳି ବଣପାହାଡ଼ ଘେରା ଜିଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଯାଏ ଖସୁଥିବା ବେଳେ ରାଜ୍ୟର ଅନ୍ୟ ଭାଗରେ ୧୫ ଡିଗ୍ରୀ ଉପରେ ରହୁଛି। ଆସନ୍ତା ୨୭ ତାରିଖ ବେଳକୁ ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗୁରୁବାର ଫୁଲବାଣୀର ସର୍ବନିମ୍ନ ତାପମାତ୍ରା ୧୦.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡି ୧୩, ଟିଟିଲାଗଡ ୧୫, କୋରାପୁଟ ୧୨.୬, ତାଳଚେର ୧୫.୩, ଝାରସୁଗୁଡା ୧୫, କେନ୍ଦୁଝର ୧୪.୨, ବଲାଙ୍ଗୀର ୧୬.୬, ବାଲେଶ୍ୱର ୧୬ ଏବଂ ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୧୫.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ କେତେକ ସ୍ଥାନରେ କୁହୁଡିଆ ପାଗ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ବସୁଧା ପ୍ରକଳ୍ପର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କୃଷ୍ଣପ୍ରସାଦ,୨୨।୧୧(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ନିକଟ ଚାରଛକଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ 'ବସୁଧା'ର ଉଦ୍‌ଘାଟନ କରିଛନ୍ତି। ୧୮୬କୋଟି ଟଙ୍କା ବ୍ୟୟ ଅଟକଳରେ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ୨ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କୃଷ୍ଣପ୍ରସାଦ ଓ ଗଞ୍ଜାମ ବ୍ଲକର ୧୪୭ ଗ୍ରାମବାସୀ ଦୈନିକ ମୁଣ୍ଡ ପିଛା ୭୦ ଲିଟର ପାନୀୟ ଜଳ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲା ହୁମ୍ମାଠାରେ ହୋଇଥିବା ବୃହତ ଜଳଯୋଗାଣ ପ୍ରକଳ୍ପକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଥିଲେ ଯେ, ରାସ୍ତାଘାଟ, ବିଦ୍ୟୁତ୍, ଗମନାଗମନ, ବାତ୍ୟା ଆଶ୍ରୟସ୍ଥଳୀ ଆଦି ବିଭିନ୍ନ ଉନ୍ନୟନମୂଳକ ଯୋଜନା ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷ୍ଣପ୍ରସାଦ ବ୍ଲକର ଭିତ୍ତିଭୂମିକୁ ସୁଦୃଢ କରିଛନ୍ତି। ତେଣୁ ଆସନ୍ତା ନିର୍ବାଚନରେ ପଞ୍ଚମ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରାଇବାକୁ ଦାସବର୍ମା ଆହ୍ୱାନ କରିଥିଲେ। ସାଂସଦ ପିନାକୀ ମିଶ୍ର ଯୋଗଦେଇ ଖୋର୍ଦ୍ଧା ବକ୍ସୀ ଜଗବନ୍ଧୁଙ୍କ ନାମରେ ପ୍ରକଳ୍ପଟିକୁ ନାମିତ କରାଯାଇଥିବା ପ୍ରକାଶ କରିଥିଲେ। ଅଞ୍ଚଳବାସୀଙ୍କ ଭାତହାଣ୍ଡି ଭାବେ ପରିଚିତ ଚିଲିକାର ଉନ୍ନତି କରାଯିବା ସହ ଖୁବ୍ ଶୀଘ୍ର ଏହାର ଏକ ସ୍ଥାୟୀ ସମାଧାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ଏବଂ ଜଳଯୋଗାଣ ବିଭାଗୀୟ ସଚିବ ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ୨ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୧୨ ଇନିସ୍‌ପେକ୍ଟର ନିୟୋଜିତ ହୋଇଥିବାବେଳେ କୃଷ୍ଣପ୍ରସାଦ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୧୬ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲାପରିଷଦ ସଦସ୍ୟ କୈଳାଶ ଚନ୍ଦ୍ର ପରିଡ଼ା, ପ୍ରଭାତୀ ପ୍ରଧାନ, ବନ୍ଦନା ପ୍ରଧାନ, ବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ୍ ବିଜେଡି ସଭାପତି କୈଳାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ 'ବସୁଧା'ର ଉଦ୍‌ଘାଟନ କରୁଛନ୍ତି।

- କୃଷ୍ଣପ୍ରସାଦଠାରେ ହେଲା ଭିତ୍ତିପ୍ରସ୍ତର ସ୍ଥାପନ
- ୧୮୬ କୋଟି ଟଙ୍କା ବ୍ୟୟ ଅଟକଳ
- ୨ ଜିଲାର ୧୪୭ ଗ୍ରାମବାସୀଙ୍କୁ ମିଳିବ ମୁଣ୍ଡପିଛା ୭୦ଲିଟର ପାନୀୟ ଜଳ

# ତିତ୍‌ଲି ହିରୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମୁଦ୍ରିକ ଝଡ଼ ତିତ୍‌ଲି ଏବଂ ପରବର୍ତ୍ତୀ ବନ୍ୟାରେ ଲୋକଙ୍କୁ ଉଦ୍ଧାର, ରିଲିଫ୍ ବଣ୍ଟନ କରିଥିବା ସମାଜସେବୀ ଓ କର୍ମଚାରୀମାନଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ସଚିବାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗଜପତି ଜିଲାର ୧୯ ଓ ଗଞ୍ଜାମର ୬ଜଣଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତିତ୍‌ଲି ବିପର୍ଯ୍ୟୟ ସମୟରେ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷମାନେ ହିଁ ସମାଜର ପ୍ରକୃତ ହିରୋ। ସେମାନଙ୍କର ଏହି ସେବା ମନୋବୃତ୍ତି ଓ ସାହାଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ। ସେମାନେ ହିଁ ସମାଜର ପ୍ରକୃତ ଆଦର୍ଶ।

କାର୍ଯ୍ୟକ୍ରମରେ ତିତ୍‌ଲି ଉଦ୍ଧାର କାର୍ଯ୍ୟରେ ନିୟୋଜିତ କାର୍ଯ୍ୟକର୍ତ୍ତାଙ୍କ ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଜପତିରୁ ଜଗନ୍ନାଥ ରାଜୁ, ଭାଗବତ ପାଢ଼ୀ, ଲଳିତା ପାତ୍ର ଓ ଗଞ୍ଜାମ ଜିଲାରୁ ଏଲ୍. ସରୋଜ କୁମାର ପାତ୍ର, ସତ୍ୟ ନାରାୟଣ ସ୍ୱାଇଁ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଛନ୍ତି।

# ଆଜିଠୁ ଦାମଙ୍କ ଅଭିଯାନ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ବରିଷ୍ଠ ନେତା ଦାମୋଦର ରାଉତ ଶୁକ୍ରବାର ନିଜର ପରବର୍ତ୍ତୀ ରଣନୀତି ନେଇ ଘୋଷଣା କରିବେ। ଏଥିପାଇଁ ଅପରାହ୍ନରେ ରାଜଧାନୀରେ ଏକ ଘରୋଇ ହୋଟେଲରେ ଖବରଦାତା ସମ୍ମିଳନୀ ଡାକିଛନ୍ତି। ଅଲଗା ଦଳ ନ କରି ପୂର୍ବରୁ ଥିବା ସମତାକ୍ରାନ୍ତି ଦଳରେ ଦାମ ନିଜକୁ ସାମିଲ କରିବେ। ଦାମଙ୍କ ପ୍ରସ୍ତାବକ୍ରମେ ସମତାକ୍ରାନ୍ତି ଦଳ ପୂର୍ବରୁ 'ବିଜୁ' ଶବ୍ଦ ଯୋଡ଼ାଯିବ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏବଂ ଦାମୋଦର ରାଉତ ମିଳିତ ଭାବେ ଏହି ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବେ ବୋଲି ଖବର ମିଳିଛି।

**■ମହାନଦୀ ବସ୍ ଦୁର୍ଘଟଣା**

# ତଦନ୍ତ ରିପୋର୍ଟ ଦାଖଲ କଲା ଯୁଗ୍ମ କମିଟି

କଟକ ଅଫିସ, ୨୨।୧୧

- ଦୁଇବର୍ଷ ତଳେ କିଣାଯାଇଥିଲା ବସ୍
- ମଇଁଷିଠାରୁ ୩୦ ମିଟର ଦୂରରେ ନଦୀକୁ ଖସିଥିଲା
- ଦୁଇଚକ ଫାଟିଯାଇଥିଲା, ପୋଲ ବାଡ଼ା ବି ଦୁର୍ବଳ ଥିଲା

କଟକ ମହାନଦୀ ପୋଲ ଉପରେ ମଙ୍ଗଳବାର ସନ୍ଧ୍ୟାରେ ଘଟିଥିବା ବସ୍ ଦୁର୍ଘଟଣାର ତଦନ୍ତ କରିଛି ଯୁଗ୍ମ କମିଟି। ୧୦ ଜଣିଆ ତଦନ୍ତକାରୀ ଦଳ ଗୁରୁବାର କାଳିଆବୁଦା ମଶାଣି ପଟ ଦେଇ ମହାନଦୀରେ ବୋଟ୍ ଯୋଗେ ବସ୍ ଖସିପଡ଼ିଥିବା ସ୍ଥାନକୁ ଯାଇଥିଲେ। ତଦନ୍ତରେ କଟକ ମୋଟରଯାନ ନିରୀକ୍ଷକ (ଏମ୍‌ଭିଆଇ) ରଶ୍ମିରଞ୍ଜିତ ଦଳବେହେରା, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସର୍ଭେ ଇଞ୍ଜିନିୟର ଅରୂପ ମିଶ୍ର, ମ୍ୟାଟେରିଆଲ ଇଞ୍ଜିନିୟର ହିମାଂଶୁ ଶେଖର ରାଉତ, ବୈଷୟିକ ପରିଚାଳକ ଦେବପ୍ରସାଦ ସାହୁ, ଜଗତପୁର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି, ମାମଲାର ତଦନ୍ତକାରୀ ଅଧିକାରୀ ପି.କେ. ଦାସଙ୍କ ସମେତ କଟକ ଅତିରିକ୍ତ ଆର୍‌ଟିଓ ରାଜେଶ ମାରାଣ୍ଡି, ସଡ଼କ ନିରାପତ୍ତା ଅଧିକାରୀ ପି.କେ. ରାଉତ ଓ କନିଷ୍ଠ ମୋଟରଯାନ ନିରୀକ୍ଷକ ଆର୍.ଏନ୍. ଜେନା ପ୍ରମୁଖ ସାମିଲ ଥିଲେ। ସେହିପରି ଦୁର୍ଘଟଣାଗ୍ରସ୍ତ ବସ୍ ନିର୍ମାଣକାରୀ ଟାଟା କମ୍ପାନୀ ପକ୍ଷରୁ ୨ ଜଣ ଯନ୍ତ୍ରୀ ମଧ୍ୟ ତଦନ୍ତ ସମୟରେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମୋଟରଯାନ ନିରୀକ୍ଷକ ଦଳବେହେରାଙ୍କ ତଦନ୍ତ ରିପୋର୍ଟକୁ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ରଙ୍କ ନିକଟରେ ଦାଖଲ କରିଛନ୍ତି। ଏହି ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଆର୍‌ଟିଓ ପାତ୍ର ସୂଚନା ଦେଇଛନ୍ତି।

ତଦନ୍ତ ଅନୁଯାୟୀ, ବସ୍‌ଟି ଦୁଇ ବର୍ଷ ତଳେ କିଣାଯାଇଥିଲା। ବସ୍‌ରେ ସ୍ପିଡ୍ ଗଭର୍ନର ଲାଗିଛି। ମଇଁଷିକୁ ଧକ୍କା ଦେବା ପରେ ବସ୍‌ର ଆଗ ଦୁଇ ଚକ ଫାଟିଯାଇଥିଲା। ଫଳରେ ଉକ୍ତ ସ୍ଥାନରୁ ପାଖାପାଖି ୩୦ ମିଟର ପରେ ବସ୍ ଫୁଟ୍‌ପାଥ ଉପରକୁ ଚଢି ପୋଲର ବାଡାକୁ ଭାଙ୍ଗି ନଦୀ ଭିତରକୁ ଖସି ପଡ଼ିଥିଲା। ଉକ୍ତ ପୋଲଟି ବହୁ ପୁରୁଣା ଓ ଏହାର ବାଡ଼ା ଦୁର୍ବଳ ଥିବାରୁ ସହଜରେ ଭାଙ୍ଗିଯାଇଥିଲା। ତେବେ ସ୍ପିଡ୍ ଗଭର୍ନର ଲାଗିଥିବାରୁ ବସ୍‌ର ବେଗ ୬୦ କିମିରୁ ଅଧିକ ହୋଇ ନ ଥିବ ବୋଲି ଏମ୍‌ଭିଆଇ ଦଳବେହେରା କହିଛନ୍ତି। ଅନ୍ୟପକ୍ଷରେ ମଇଁଷିକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ଉପୁଜିଛି। ଡ୍ରାଇଭର କିଭଳି ଦୂରରୁ ମଇଁଷିକୁ ଦେଖିପାରି ନ ଥିଲେ ତାହା ବଡ଼ ପ୍ରଶ୍ନ ହୋଇଛି। ପରିବହନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁସାରେ, ହୁଏତ ମଇଁଷିଟି ପୋଲ ଉପରେ ଆଗରୁ ମରିପଡ଼ିଥିଲା। ଗୋରୁଗାଡ଼ି ନେଇ ଯାଉଥିବା ବ୍ୟବସାୟୀମାନେ ମଇଁଷିଟିକୁ ପୋଲ ଉପରେ ଫିଙ୍ଗି ଦେଇ ଯାଇଥିବା ଅନୁମାନ କରାଯାଉଥିବା ସେ କହିଛନ୍ତି। ତେବେ ଉକ୍ତ ଦୁର୍ଘଟଣାର ଆଉ କେତେକ ଦିଗ ଯଥା ଡ୍ରାଇଭର ମଦ ପିଇଥିଲେ କି ନାହିଁ, ଗାଡ଼ିର ସ୍ପିଡ୍ ଗଭର୍ନର କାମ କରୁଥିଲା କି ନାହିଁ ଆଦି ଉପରେ ତଦନ୍ତ କରାଯିବ ବୋଲି ଆର୍‌ଟିଓ ପାତ୍ର ସୂଚନା ଦେଇଛନ୍ତି।

# ୩ ମୃତକଙ୍କ ଠିକଣା ମିଳୁନି: ତଥ୍ୟ ମାଗିଲା ପିଏମ୍‌ଓ

କଟକ ଅଫିସ, ୨୨।୧୧

ମହାନଦୀ ବସ୍ ଦୁର୍ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଛି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)। ମୃତାହତ ଓ ଘଟଣାକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ଜିଲା ପ୍ରଶାସନକୁ ମଗାଯାଇଛି। ଦୁର୍ଘଟଣାକୁ ଇତିମଧ୍ୟରେ ୩ ଦିନ ବିତିଥିଲେ ମଧ୍ୟ ପ୍ରଶାସନ କିମ୍ବା ଏସ୍‌ସିବି ମେଡିକାଲ ପକ୍ଷରୁ ମୃତାହତଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ସଂଗ୍ରହ କରାଯାଇପାରିନାହିଁ। ଏପରି କି ଉକ୍ତ ଦୁର୍ଘଟଣାରେ ଯେଉଁ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୩ ଜଣଙ୍କ ଘର ଠିକଣା ମେଡିକାଲ କିମ୍ବା ଜିଲା ପ୍ରଶାସନ ପାଖରେ ନ ଥିବା ଜଣାପଡ଼ିଛି। ତେବେ ସବିଶେଷ ତଥ୍ୟ ସଂଗ୍ରହ କରାଯାଉଥିବା ଜିଲା ଜରୁରିକାଳୀନ ଅଧିକାରୀ ପ୍ରବୋଧ କୁମାର ରାଉତ ସୂଚନା ଦେଇଛନ୍ତି। ଏସ୍‌ସିବି ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ସୁଦ୍ଧା ଆହତଙ୍କ ମଧ୍ୟରୁ ମୋଟ ୩୮ଜଣ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩୨ଜଣ ୱାର୍ଡରେ ଚିକିତ୍ସିତ ଥିବାବେଳେ ଆଇସିୟୁରେ ଥିବା ୬ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଡାକ୍ତର ମହାରଣା କହିଛନ୍ତି।










CLASSIFIED DISPLAY













MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



ଜଗତର କୁଟୀଳତା ଦେଖି ମୁଖ ଫେରାଇ ଚାଲିଯାଅନା। ଏ ଜଗତ ହେଲା ଯେପରି ଏକ ବିଷଧର ଆହତ ସର୍ପ। ତା'ର କୁଟୀଳଗତିରେ ସେ ଚାଲିଛି ଆପଣାର ନିୟତି ଅଭିମୁଖରେ। ତା'ହେଲା ତା'ର ବାହ୍ୟଖୋଳର (ସାପକାତି ପରି) ପରିବର୍ତ୍ତନ ଓ ଆଧାତ୍ମିକ ସିଦ୍ଧି। ଅପେକ୍ଷା କରି ଦେଖ –ଏହା ହେଲା ଏକ ବାଜିଖେଳ। ଏହି ହେୟତା ଭିତରୁ କିନ୍ତୁ ଭଗବାନ ଉଜ୍ଜ୍ୱଳ ହୋଇ ବିଜୟୀ ହୋଇ ଉଠି ଆସିବେ। –ଶ୍ରୀଅରବିନ୍ଦ



# ଏଟିଏମ୍ ବନ୍ଦକୁ ରୋକାଯାଉ

ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ହାତପାହାନ୍ତାରେ ପହଞ୍ଚାଇବାକୁ ଯାଇ ୧୯୯୦ରେ ଦେଶରେ ଅଟୋମେଟେଡ ଟେଲର ମେଶିନ(ଏଟିଏମ୍) ପ୍ରଚଳନ କରାଯାଇଥିଲା। ଏହା ବ୍ୟାଙ୍କିଙ୍ଗ ସେବାରେ ଏକ ନୂଆ କ୍ରାନ୍ତି ଆଣିବା ଭଳି ଅନୁଭୂତ ହେଲା। ଆରମ୍ଭରେ ଏଟିଏମ୍ କିଓସ୍କଗୁଡିକ କେବଳ ସହର ମଧ୍ୟରେ ସୀମାବଦ୍ଧ ରହିଥିଲେ ହେଁ ଧୀରେ ଧୀରେ ଏହା ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ କାୟାବିସ୍ତାର କଲା। ଗ୍ରାହକଙ୍କୁ ବ୍ୟାଙ୍କର ସୀମିତ ବିକଳ୍ପ ଭାବେ ଏହି ମେଶିନକୁ ସ୍ୱୀକାର କରିବା ଲାଗି କିଛି ସମୟ ଲାଗିଥିଲା। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏଟିଏମ୍‌ରେ ଅଧିକରୁ ଅଧିକ ସୁବିଧା ଯୋଡାଯିବା ଯୋଗୁ ଏଥିପ୍ରତି ସେମାନଙ୍କ ଆଗ୍ରହ ବଢ଼ିଲା। ବ୍ୟାଙ୍କମାନେ ମଧ୍ୟ ନିଜ ଆଡୁ ଗ୍ରାହକଙ୍କୁ ଏଟିଏମ୍ ମାଧ୍ୟମରେ ନିଜର ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ ଆବଶ୍ୟକତା ପୂରଣ ଲାଗି ପ୍ରୋତ୍ସାହିତ କଲେ। ସମୟ ଏମିତି ଆସିଲା ଯେ, ଏଟିଏମ୍ ବିନା ବଞ୍ଚିବା ଲୋକଙ୍କ ଚିନ୍ତା ବାହାରେ ଥିଲା। ବିମୁଦ୍ରୀକରଣ ବେଳେ ଖାଲି ପଡିଥିବା ଅଥବା ନିଜ ଅକ୍ତିଆର ବାହାରେ ଥିବା ଏଟିଏମ୍‌କୁ ଦେଖି କଷ୍ଟ ଭୋଗିଥିବା ଲୋକେ ଏହାର ଆବଶ୍ୟକତାକୁ ଅନୁଭବ କରିଥିଲେ। କିନ୍ତୁ ସମୟ ବଦଳିଛି। ଏବେ ସ୍ମାର୍ଟଫୋନର ବହୁଳ ବ୍ୟବହାର ଏବଂ ଶସ୍ତା ଦରରେ ଡାଟା ଉପଲବ୍ଧତା ଯୋଗୁ ଡିଜିଟାଲ ବ୍ୟାଙ୍କିଙ୍ଗକୁ ପ୍ରୋତ୍ସାହନ ମିଳୁଥିବାରୁ ଏଟିଏମ୍ ଏବେ ଅଲୋଡା ହେଲାଣି। ଏପରିକି ଆର୍ଥିକ ଦୃଷ୍ଟିରୁ ଅଯୌକ୍ତିକ ଦର୍ଶାଇ ବ୍ୟାଙ୍କଗୁଡିକ ଏଟିଏମ୍ ନେଟୱର୍କକୁ ହ୍ରାସ କରିବାରେ ଲାଗିଛନ୍ତି।

ପ୍ରତି ୧ ଲକ୍ଷ ଲୋକରେ ହାରାହାରି ୮.୯ ପ୍ରତିଶତ ସହ ବିଶ୍ୱ ସ୍ତରରେ ସବୁଠାରୁ କମ୍ ଏଟିଏମ୍ ପ୍ରବେଶ ଭାରତରେ ଦେଖିବାକୁ ମିଳେ। ଅକ୍ଟୋବର ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ତଥ୍ୟ ଅନୁଯାୟୀ ଦେଶରେ ପ୍ରାୟ ୨,୩୮,୦୦୦ ଏଟିଏମ୍ କାର୍ଯ୍ୟ କରୁଛି। ଦେଶରେ ଏଟିଏମ୍ ସେବା ଯୋଗାଣକାରୀଙ୍କ ସଂଗଠନ କନଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି(ସିଏଟିଏମ୍‌ଆଇ)ର ତଥ୍ୟ ଅନୁଯାୟୀ ୨୦୧୯ ମାର୍ଚ୍ଚ ସୁଦ୍ଧା ଦେଶରେ ଅର୍ଦ୍ଧାଧିକ ଏଟିଏମ୍ ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ଏହାର କହିବାନୁଯାୟୀ, ୧ ଲକ୍ଷ ଅଫ୍‌ସାଇଟ୍ ଏବଂ ୧୫ ହଜାରରୁ ଊର୍ଦ୍ଧ୍ୱ ହ୍ୱାଇଟ୍ ଲେଭେଲ(ସେବାପ୍ରଦାନକାରୀଙ୍କ ଦ୍ୱାରା ସ୍ଥାପିତ ଓ ପରିଚାଳିତ ନିଜସ୍ୱ ମେଶିନ)କୁ ମିଶାଇ ପ୍ରାୟ ୧,୧୩,୦୦୦ ଏଟିଏମ୍ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ବନ୍ଦ ହୋଇଯିବ ବୋଲି ଆଶା କରାଯାଉଛି। ବନ୍ଦ ହେବାକୁ ଥିବା ଅଧିକାଂଶ ଏଟିଏମ୍ ଅଣ ସହରାଞ୍ଚଳରେ ରହିଛି। ଅନ୍ୟପକ୍ଷରେ ବ୍ୟବସାୟ ଚଳାଇ ରଖିବାକୁ ଚାହୁଁଥିବା ଏଟିଏମ୍ ସେବା ଯୋଗାଣକାରୀଙ୍କ ପାଇଁ ଆର୍‌ବିଆଇ ପକ୍ଷରୁ ଚଳିତ ବର୍ଷ ଏପ୍ରିଲରୁ କଡ଼ା ନିୟମ ଲାଗୁ କରାଯାଇଛି। ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ ଏଟିଏମ୍ ସେବା ଯୋଗାଣକାରୀଙ୍କ ନିକଟରେ ସର୍ବନିମ୍ନ ୧୦୦ କୋଟି ଟଙ୍କାର ପାଣ୍ଠି ରହିବା ସହ ସମ୍ପୂର୍ଣ୍ଣ ସୁସଜ୍ଜିତ ୩୦୦ ନଗଦ ଭ୍ୟାନ, ଦୁଇ ଜଣ ଟଙ୍କା ସଂରକ୍ଷକ, ଦୁଇ ଜଣ ସଶସ୍ତ୍ର ଗାର୍ଡ ଏବଂ ଜଣେ ଡ୍ରାଇଭର ରହିବା ଆବଶ୍ୟକ। ଏହାଛଡା ଜିପିଏସ୍-ସିସିଟିଭି ଦ୍ୱାରା ଏହା ଉପରେ ନଜର ରଖାଯିବାର ବ୍ୟବସ୍ଥା ରହିବ। ଏହାପରେ ଜୁନ୍‌ରେ ଏଟିଏମ୍ ସଫ୍ଟୱେରର ଉନ୍ନତୀକରଣ କରିବାକୁ ଆଉ ଏକ ନିର୍ଦ୍ଦେଶାବଳୀ ଜାରି କରାଗଲା। ଭାରତରେ ଏଟିଏମ୍‌ଗୁଡିକ ଓ୍ୱିଣ୍ଡୋ ଏକ୍ସପି ସଫ୍ଟୱେର ଦ୍ୱାରା ପରିଚାଳିତ। କିନ୍ତୁ ଏହାକୁ ଓ୍ୱିଣ୍ଡୋ୧୦ ସଫ୍ଟୱେରରେ ପରିବର୍ତ୍ତନ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ଏଟିଏମ୍ ସେବା ଯୋଗାଣକାରୀଙ୍କୁ ନିର୍ଦ୍ଦେଶ ଦେଲେ। ହାର୍ଡୱେର ଓ ସଫ୍ଟୱେରରେ ବ୍ୟାପକ ପରିବର୍ତ୍ତନ ଲାଗି ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ, ନଗଦ ପରିଚାଳନା ମାନକକୁ ନେଇ ନିକଟରେ ଦିଆଯାଇଥିବା ନିର୍ଦ୍ଦେଶ ଏବଂ ଟଙ୍କା ଲୋଡ କରିବା ଲାଗି କ୍ୟାସେଟ୍ ସ୍ୱାପ୍ ଯୋଗୁ ଏ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ଦେଖାଦେଇଛି। ଫଳରେ ଏହି ବ୍ୟବସାୟ ଏଟିଏମ୍ ସେବା ଯୋଗାଣକାରୀଙ୍କ ପାଇଁ ଆଉ ତର୍କସଙ୍ଗତ ହେଉ ନାହିଁ। ଆସନ୍ତାବର୍ଷ ମାର୍ଚ୍ଚରୁ ସମ୍ଭାବ୍ୟ ଅର୍ଦ୍ଧେକ ଏଟିଏମ୍ ବନ୍ଦ ହୋଇଗଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳବାସୀଙ୍କ ପାଇଁ ଘୋର ଅସୁବିଧା ସୃଷ୍ଟି କରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହାଦ୍ୱାରା ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଆର୍ଥିକ ସମାବେଶ କାର୍ଯ୍ୟକ୍ରମକୁ ଜୋର୍ ଝଟ୍‌କା ଲାଗିବ ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିୱାଇ) ଅନ୍ତର୍ଗତରେ ଲକ୍ଷ ଲକ୍ଷ ହିତାଧିକାରୀଙ୍କୁ ସିଧାସଳଖ ଏହା ପ୍ରଭାବିତ କରିବ। କାରଣ ସେମାନେ ଏଟିଏମ୍ ମାଧ୍ୟମରେ ନଗଦ ରୂପରେ ନିଜର ସବ୍‌ସିଡି ଫେରି ପାଉଛନ୍ତି। ଏହାଛଡା ଦୀର୍ଘମିଆଦୀ ପ୍ରଭାବ ଦେଖିଲେ ମନେ ହେଉଛି ଯେ, ଏଟିଏମ୍ ସଂଖ୍ୟା ହ୍ରାସ ହେବା ଦ୍ୱାରା ଦେଶରେ ନଗଦ ଅର୍ଥର ପ୍ରଚଳନ ଯଥେଷ୍ଟ ହ୍ରାସ ପାଇବ। ଫଳରେ ଟଙ୍କା ପାଇବା ଲାଗି ବ୍ୟାଙ୍କଗୁଡିକରେ ଲମ୍ବା ଲାଇନ ଲାଗିବ, ଯାହା ବିମୁଦ୍ରୀକରଣ ବେଳେ ଦେଖିବାକୁ ମିଳିଥିଲା। ଅଧିକ ଦିନ ପର୍ଯ୍ୟନ୍ତ ଅର୍ଥର ପ୍ରୟୋଜନକୁ ମେଣ୍ଟାଇବାକୁ ଯାଇ ଲୋକେ ବ୍ୟାଙ୍କରୁ ମୋଟା ଅଙ୍କରେ ଟଙ୍କା କାଢ଼ିବାକୁ ବାଧ୍ୟ ହେବେ। ଏହାଦ୍ୱାରା ବ୍ୟାଙ୍କର ଆର୍ଥିକ ସନ୍ତୁଳନ ବିଗିଡିଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାବାଦ୍ ଏଟିଏମ୍ ପରିଚାଳନା ଉପରେ ନିର୍ଭର କରୁଥିବା ହଜାର ହଜାର କର୍ମଚାରୀ ନିଯୁକ୍ତି ହରାଇବେ। ଏହି ସମ୍ଭାବ୍ୟ ବିପଦକୁ ସରକାର ଅଣଦେଖା କରିପାରିବେ ନାହିଁ। ଏଟିଏମ୍ ବନ୍ଦ ହେବା ପୂର୍ବରୁ କିଛି ଉପାୟ ବାହାର କରିବାର ଆବଶ୍ୟକତା ଦେଖାଦେଇଛି। ଆଉ କିଛି ମାସ ପରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଆମେ ଆଶାକରୁଛୁ ଯେ, ଆଉ ଏକ ମନୁଷ୍ୟକୃତ ସଙ୍କଟ ପ୍ରତି ସରକାର ସଜାଗ ରହିଛନ୍ତି ଏବଂ ଆଶୁ ବିପଦର ମୁକାବିଲା ଲାଗି ଲୋକଙ୍କୁ ସଚେତନ କରିବେ।

## ଆଜିର ଅର୍ଥନୀତି

# ଦେଶ ସ୍ୱାର୍ଥର ଊର୍ଦ୍ଧ୍ୱରେ କେହି ନୁହନ୍ତି



ଡ. ସନ୍ତୋଷ କୁମାର ମହାପାତ୍ର

ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ କେନ୍ଦ୍ର ସରକାର ମଧ୍ୟରେ ଯେଉଁ ବାଦବିବାଦ ଦେଖାଦେଇଛି, ତାହା ଆମ ଦେଶର ମର୍ଯ୍ୟାଦା ଅନ୍ତର୍ଜାତୀୟ ସ୍ତରରେ କ୍ଷୁଣ୍ଣ କରୁଛି। ଉଭୟଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ବେଶି ଲୋକଲୋଚନକୁ ଆସିଲା, ଯେତେବେଳେ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ଏକ ସ୍ମାରକୀ ବକ୍ତୃତାମାଳାରେ ରିଜର୍ଭ ବ୍ୟାଙ୍କର ସ୍ୱାଧୀନତା ସରକାର କ୍ଷୁଣ୍ଣ କରୁଛନ୍ତି ବୋଲି କହିଲେ। ରିଜର୍ଭ ବ୍ୟାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିୟାମକ ସଂସ୍ଥା, ଯାହା ଅର୍ଥନୀତିରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା, ମୂଲ୍ୟ ସ୍ଥିରତା ବଜାୟ ରଖିବା, ମାନ୍ଦାବସ୍ଥା, ଅବସ୍ଫୀତିକୁ ପ୍ରତିହତ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଋଣ କାରବାରକୁ ପରିଚାଳନା କରିବା, ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାକୁ ନିୟନ୍ତ୍ରଣ କରିବା, ସୁଧହାର ନିୟନ୍ତ୍ରଣ, ଅର୍ଥନୀତିରେ ଋଣ କାରବାର, ଜମା ସଂଗ୍ରହ, ମୁଦ୍ରାର ବିନିମୟ ମୂଲ୍ୟ ପରିଚାଳନା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ସେପରି ସଂସ୍ଥାକୁ ନିଜ ଅକ୍ତିଆରରେ ରଖିବା ଉଚିତ ନୁହେଁ। କିନ୍ତୁ ଏହାର ଅର୍ଥ ନୁହେଁ ଏହି ସଂସ୍ଥା ଭୁଲ କଲେ ସରକାର କିଛି କହିବେ ନାହିଁ। କିନ୍ତୁ ସରକାର ଦେଶ ଓ ଜନସାଧାରଣଙ୍କ ସ୍ୱାର୍ଥ ଅପେକ୍ଷା ପୁଞ୍ଜିପତି ଏବଂ ଶିଳ୍ପପତିଙ୍କ ସ୍ୱାର୍ଥ ତଥା ନିଜ ଦଳର ସ୍ୱାର୍ଥକୁ ଦେଶର ସ୍ୱାର୍ଥ ଭାବେ କହିବା ଉଚିତ ନୁହେଁ। ଦେଶର ସ୍ୱାର୍ଥ ଊର୍ଦ୍ଧ୍ୱରେ କେହି ନୁହନ୍ତି। ସେହିପରି ରିଜର୍ଭ ବ୍ୟାଙ୍କ ବଜାର ଦ୍ୱାରା ନିୟନ୍ତ୍ରିତ ହେବା ଅନୁଚିତ। ଯାହା ଦେଶର ହିତ ତାହା କରିବା ଉଚିତ। ବର୍ତ୍ତମାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ସେମାନେ ଏହି ସଂସ୍ଥାରେ ତାଙ୍କ ସଂସ୍ଥା ସହିତ ସଂଶ୍ଳିଷ୍ଟ ବା ବଜାର ଅର୍ଥନୀତିର ସମର୍ଥକ ଅର୍ଥନୀତିଜ୍ଞମାନଙ୍କୁ ସେହି ସଂସ୍ଥାରେ ଉପବିଷ୍ଟ କରିବାକୁ ଚାହିଁଥାନ୍ତି। ଏହା ମଧ୍ୟ ଭୁଲ।

ରିଜର୍ଭ ବ୍ୟାଙ୍କ ଓ ସରକାର ମଧ୍ୟରେ ମତପାର୍ଥକ୍ୟର ଏକ କାରଣ ହେଲା ସୁଧହାର। ସରକାର ଚାହାନ୍ତି ଋଣ ସୁଧହାର କମ୍ ରହୁ, ଯାହାଦ୍ୱାରା ଲୋକଙ୍କ ଋଣ ପରିବ୍ୟୟ କମ୍ ହେବ ଏବଂ ସେମାନ ଋଣ ନେଇ ଅଧିକ ଦ୍ରବ୍ୟ କିଣିବେ। ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହିତ ଆର୍ଥିକ ଅଭିବୃଦ୍ଧି ଘଟିବ। ବାସ୍ତବରେ ସୁଧହାର ହ୍ରାସର ଲକ୍ଷ୍ୟ ହେଉଛି କମ୍ପାନୀମାନଙ୍କ ଋଣ ପରିବ୍ୟୟ ହ୍ରାସ କରିବା। ସାଧାରଣ ଜନତାଙ୍କର ନୁହେଁ। ପୁନଶ୍ଚ କେବଳ ସୁଧହାର ହ୍ରାସ କଲେ ଅଭିବୃଦ୍ଧି ଆପେଆପେ ହୋଇଯିବନି। ଏଥିପାଇଁ ଅନେକ କାରଣ ରହିଛି। ପୁନଶ୍ଚ ସୁଧହାର ବୃଦ୍ଧି ଓ ହ୍ରାସ ମୁଦ୍ରାସ୍ଫୀତିକୁ ଆଖି ଆଗରେ ରଖି ରିଜର୍ଭ ବ୍ୟାଙ୍କ ସ୍ଥିର କରିଥାଏ। ଏଥିରେ ସରକାର ହସ୍ତକ୍ଷେପ କରିବା ଆଦୌ ସମୀଚୀନ ନୁହେଁ। ଆମେରିକା ପରି କିଛି ଉନ୍ନତ ରାଷ୍ଟ୍ରରେ ସୁଧହାର ଅତ୍ୟନ୍ତ କମ୍ ଥିବାରୁ ଅନେକ ସମସ୍ୟା ଦେଖାଦେଇଛି। ବିଶ୍ୱ ଆର୍ଥିକ ସଙ୍କଟ ଏକ ଉଦାହରଣ। ପୂର୍ବରୁ ରିଜର୍ଭ ବ୍ୟାଙ୍କର ଗଭର୍ନର ସୁଧହାର ସ୍ଥିର କରୁଥିଲେ। ବର୍ତ୍ତମାନ ୬ ଜଣିଆ ମନିଟାରି ପଲିସି କମିଟି ସ୍ଥିର କରୁଛି, ଯେଉଁଥିରେ ସରକାରଙ୍କ ୩ ଜଣ ପ୍ରତିନିଧି ରହିଛନ୍ତି। ଯଦି ସିଦ୍ଧାନ୍ତ ସପକ୍ଷରେ ବା ବିପକ୍ଷରେ ଟାଇ ହୁଏ ଗଭର୍ନର କାଷ୍ଟିଂ ଭୋଟ ଦେଇପାରିବେ। ବିବାଦର ଦ୍ୱିତୀୟ କାରଣ ହେଲା ତ୍ୱରିତ ସୁଧାର ପଦକ୍ଷେପ। ୨୦୧୭ରେ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ଏହି ପଦକ୍ଷେପ ଲାଗୁ କରାଯାଇଥିଲା, ଯେଉଁ ବ୍ୟାଙ୍କଗୁଡ଼ିକର ବିପଦପୂର୍ଣ୍ଣ ଆସେଟ୍ ଅନୁସାରେ ଆବଶ୍ୟକ ପୁଞ୍ଜି ନାହିଁ, ନିଟ୍ ଅଚଳ ସମ୍ପତ୍ତି ବା ଖରାପ ଋଣ ଅତ୍ୟଧିକ ଏବଂ ଆସେଟ୍‌ର ରିଟର୍ନ ହାର କମ୍ ସେହି ବ୍ୟାଙ୍କମାନେ ଏହିସବୁ କ୍ଷେତ୍ରରେ ସୁଧାର ଆଣିବା ପର୍ଯ୍ୟନ୍ତ ତାଙ୍କ ଉପରେ ୨ ପ୍ରକାର କଟକଣା ଲାଗୁ କରାଯାଇଛି। ଲାଭାଂଶ ପ୍ରଦାନ, ଶାଖା ପ୍ରସାରଣ, ନିର୍ଦ୍ଦେଶକଙ୍କ କମ୍ପେନସେସନ ଉପରେ ବାଧ୍ୟତାମୂଳକ କଟକଣା ଲାଗୁ କରାଯାଇଥିଲା ବେଳେ ଋଣ ପ୍ରଦାନ ଓ ଜମା ସଂଗ୍ରହ ଉପରେ ଇଚ୍ଛାଧୀନ କଟକଣା ଲାଗୁ କରାଯାଇଛି। ଏଠାରେ ଜମା ସଂଗ୍ରହ କହିଲେ ଅଧିକ ମୂଲ୍ୟର ଜମାକୁ ବୁଝାଏ। ବ୍ୟାଙ୍କମାନେ ସ୍ୱତନ୍ତ୍ର ପଦକ୍ଷେପ ନେଇ ଅଚଳ ସମ୍ପତ୍ତି (ଏନ୍‌ପିଏ) ହ୍ରାସ କରିବା ସହିତ କିପରି ନୂତନ ଅଚଳ ସମ୍ପତ୍ତି ସୃଷ୍ଟି ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି। ଏହି ନିୟମ କୋହଳ କରିବାକୁ ସରକାର ଚାହୁଁଥିଲା ବେଳେ ରିଜର୍ଭ ବ୍ୟାଙ୍କ ରାଜି ହେଉନାହିଁ। ଏହି ବିବାଦ ଏକ ଭୟଙ୍କର ରୂପ ନେଇଥିଲା, ଯେତେବେଳେ ଫେବୃୟାରୀ ୨୦୧୮ରେ ବ୍ୟାଙ୍କର ଅଚଳ ସମ୍ପତ୍ତି ବା ଏନ୍‌ପିଏ ସଂକ୍ରାନ୍ତ ଏକ ନୂଆ କଡ଼ା ନିୟମ ପ୍ରଚଳନ କଲେ ଏବଂ ଅନେକ ଋଣ ବିନ୍ୟାସ ଯୋଜନା (ରିଷ୍ଟ୍ରକ୍ଚରିଙ୍ଗ୍) ଯଥା କର୍ପୋରେଟ ଡେବ୍ଟ ରିଷ୍ଟ୍ରକ୍ଚରିଙ୍ଗ୍ ଓ ଷ୍ଟ୍ରାଟେଜିକ ଡେବ୍ଟ ରିଷ୍ଟ୍ରକ୍ଚରିଙ୍ଗକୁ ବାତିଲ କରାଗଲା। ଯଦି କୌଣସି ଋଣକର୍ତ୍ତା ୧୮୦ ଦିନ ମଧ୍ୟରେ ଋଣ ବା ସୁଧ କିଛି ଫେରାଇଲେ ନାହିଁ, ତେବେ ଦେବାଳିଆ କାର୍ଯ୍ୟାନୁଷ୍ଠାନ ପାଇଁ ଇନ୍‌ସଲ୍‌ଭେନ୍‌ସି ବ୍ୟାଙ୍କରପ୍‌ସି କୋଡ୍ ଅନୁସାରେ ଦେବାଳିଆ କୋର୍ଟକୁ ପଠାଗଲା। ଏପରି କି ଗୋଟିଏ ଦିନ ମଧ୍ୟ ରିହାତି ଦିଆଗଲା ନାହିଁ। ଉଲ୍ଲେଖଯୋଗ୍ୟ ଯେ, ୯୦ ଦିନ ମଧ୍ୟରେ ଋଣକର୍ତ୍ତା ମୂଳଧନ ବା ସୁଧ କିଛି ନ ଦେଲେ, ସେହି ଋଣକୁ ଅଚଳ ସମ୍ପତ୍ତି ବା ଖରାପ ଋଣ ବିଚାର କରାଯାଇଥାଏ। ରିଜର୍ଭ ବ୍ୟାଙ୍କର ଫେବୃୟାରୀ ୧୨, ୨୦୧୮ ସର୍କୁଲାର ଯୋଗୁ ଅନେକ ଶକ୍ତିକ୍ଷେତ୍ରର କମ୍ପାନୀ ଏହି ଆଇନର ପରିସରଭୁକ୍ତ ହୋଇ ଅସୁବିଧାରେ ପଡିଲେ। ଏମାନେ ସରକାରଙ୍କ ଜରିଆରେ ରିଜର୍ଭ ବ୍ୟାଙ୍କ ଉପରେ ନିୟମ କୋହଳ ପାଇଁ ଚାପ ପକାଇଲେ। କିନ୍ତୁ ରିଜର୍ଭ ବ୍ୟାଙ୍କ ନିଜ ନିଷ୍ପତ୍ତିରେ ଅଟଳ ରହିବାରୁ ଏହି ଆଇନର ପରିସରଭୁକ୍ତ ହୋଇଥିବା ଅନେକ କମ୍ପାନୀ ଆଲ୍ଲାହାବାଦ ହାଇକୋର୍ଟଙ୍କ ଆଶ୍ରୟ ନେଲେ। କିନ୍ତୁ କୋର୍ଟ କୌଣସି ରିହାତି ନ ଦେଇ ଏକ ଉଚ୍ଚସ୍ତରୀୟ କମିଟି ମାଧ୍ୟମରେ ୨ ମାସ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ବର୍ତ୍ତମାନ ଚର୍ଚ୍ଚିତ ହୋଇଥିବା ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ର ଧାରା ୭ କଥା ସରକାରଙ୍କୁ ସୂଚାଇ ଦେଇଥିଲା, ଯେଉଁ ନିୟମ ଅନୁସାରେ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ରିଜର୍ଭ ବ୍ୟାଙ୍କକୁ ବିଭିନ୍ନ ସମୟରେ ନିର୍ଦ୍ଦେଶ ଦେଇପାରିବେ। ଅବଶ୍ୟ ଏଥିରେ ଜନସାଧାରଣ ନୁହେଁ, କମ୍ପାନୀଙ୍କ ସ୍ୱାର୍ଥ ନିହିତ ରହିଛି। ବର୍ତ୍ତମାନ ସରକାର ରିଜର୍ଭ ବ୍ୟାଙ୍କକୁ ଏହି ଧାରା କଥା ମନେ ପକାଇ ପରୋକ୍ଷରେ ଧମକ ଦେଇଛନ୍ତି।

ବିବାଦର ଆଉ ଏକ କାରଣ ହେଉଛି ସରକାର ରିଜର୍ଭ ବ୍ୟାଙ୍କର କ୍ଷମତା ହ୍ରାସ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରଦାନ ନିୟାମକ ବୋର୍ଡ ଗଠନ କରିବା ପାଇଁ ଚେଷ୍ଟା କରିବା। ଏଥିପାଇଁ ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ (ପିଏସ୍‌ଏସ୍) ଆଇନ ୨୦୦୭କୁ ସରକାର ଫାଇନାନ୍‌ସ ଆକ୍ଟ ୨୦୧୭ରେ ସଂଶୋଧନ କରିଛନ୍ତି। କ୍ୟାବିନେଟ୍‌ର ବିଚାର ପାଇଁ ପେମେଣ୍ଟ ଆଣ୍ଡ୍ ସେଟଲମେଣ୍ଟ ସିଷ୍ଟମ ବିଲ୍ ୨୦୧୮ ପ୍ରସ୍ତୁତ ହୋଇଛି। ଯଦିଓ ସଂଶୋଧିତ ଆଇନରେ ରିଜର୍ଭ ବ୍ୟାଙ୍କର ଗଭର୍ନର ଏହି ବୋର୍ଡର ମୁଖ୍ୟ ରହିବା କଥା, ଅର୍ଥନୈତିକ ବ୍ୟାପାର ସଚିବ ଏସ୍.ସି. ଗର୍ଗଙ୍କ ନେତୃତ୍ୱରେ ଗଠିତ କମିଟି ଭିନ୍ନ ମତ ଦେଇଛି। ପେମେଣ୍ଟ ବୋର୍ଡର ଅଧ୍ୟକ୍ଷ ସରକାର ନିଯୁକ୍ତି ଦେବା ପାଇଁ ଏହା ସୁପାରିସ କରିଛି।

ବିବାଦର ଏକ ପ୍ରମୁଖ କାରଣ ହେଉଛି କେନ୍ଦ୍ର ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ପ୍ରତିବର୍ଷ (ଜୁଲାଇରୁ ଜୁନ୍) ଯେଉଁ ଲାଭାଂଶ ଦିଏ, ତା'ର ବୃଦ୍ଧି ଏବଂ ରିଜର୍ଭ ବ୍ୟାଙ୍କ ନିକଟରେ ଥିବା ରିଜର୍ଭର କିଛି ଅଂଶ କେନ୍ଦ୍ରକୁ ହସ୍ତାନ୍ତର କରିବା ପାଇଁ କେନ୍ଦ୍ର ଦାବି କରିବା, ଲାଭାଂଶ ବୃଦ୍ଧିକୁ ବ୍ୟାଙ୍କର ଅନ୍ୟତମ ନିର୍ଦ୍ଦେଶକ ନଚିକେତ ମୋର ବିରୋଧ କରିବାରୁ କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ୨୦୧୫-୧୬ରେ ରିଜର୍ଭ ବ୍ୟାଙ୍କ ଲାଭାଂଶ ବାବଦରେ କେନ୍ଦ୍ର ସରକାରଙ୍କୁ ୬୫୮୮୦ କୋଟି ଟଙ୍କା ଦେଇଥିଲା ବେଳେ ୨୦୧୬-୧୭ରେ ବିମୁଦ୍ରୀକରଣ ଯୋଗୁ ରିଜର୍ଭ ବ୍ୟାଙ୍କର ବ୍ୟୟବୃଦ୍ଧି ହେତୁ ଏହି ଲାଭାଂଶ ପରିମାଣ ୩୦୬୫୯ କୋଟିକୁ ହ୍ରାସ ପାଇଥିଲା। ୨୦୧୭-୧୮ରେ ରିଜର୍ଭ ବ୍ୟାଙ୍କ ୫୦,୦୦୦ କୋଟି ଟଙ୍କା ପ୍ରଦାନ କରିବା ସତ୍ତ୍ୱେ ସରକାର ଏହାକୁ ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଁ ଦାବି କରିଛନ୍ତି। ପୁନଶ୍ଚ ରିଜର୍ଭ ବ୍ୟାଙ୍କର ରିଜର୍ଭ ପରିମାଣ ୯.୫୯ ଲକ୍ଷ କୋଟି ଟଙ୍କା। ବାସ୍ତବରେ ସରକାର ସମ୍ବଳ ସଂଗ୍ରହ କରିବାରେ ବିଫଳ ହେବା ଏବଂ ନିର୍ବାଚନ ବର୍ଷରେ ଅଧିକ ବ୍ୟୟ ପାଇଁ ଏହି ସବୁ ପ୍ରସ୍ତାବ ଦେଇଛନ୍ତି। ଯଦି ସରକାର ରିଜର୍ଭରୁ କିଛି ନିଅନ୍ତି, ତେବେ ବିଭିନ୍ନ ସଙ୍କଟ ସମ୍ମୁଖୀନ ହେବାର ଯେଉଁ କ୍ଷମତା ରିଜର୍ଭ ବ୍ୟାଙ୍କର ରହିଛି, ତାହା କ୍ଷୁଣ୍ଣ ହେବ।

ଡିଭାଇନ ନଗର, ଚାଉଳିଆଗଞ୍ଜ,
କଟକ, ମୋ-୯୪୩୭୨୦୮୭୬୨

# ନୈମିଷାରଣ୍ୟର କାହାଣୀ



ଦେବଦତ୍ତ ପଟ୍ଟନାୟକ

ଲକ୍ଷ୍ନୌ ନିକଟରେ ଏକ ଜଙ୍ଗଲ ଅଛି, ଯାହା ପୌରାଣିକ ନୈମିଷାରଣ୍ୟ ଭାବେ ଜଣାଶୁଣା। କୁହାଯାଏ, ଏଠାରେ ସୌତି ନାମକ ଜଣେ ଋଷି ଶୌନକ ପ୍ରଭୃତି ମୁନିମାନଙ୍କୁ ଯେଉଁସବୁ କାହାଣୀ ଶୁଣାଇଥିଲେ ତାହା ପରବର୍ତ୍ତୀ କାଳରେ ପୁରାଣ ଭାବରେ ବିଦିତ ହୋଇଛି। ଏହି ଜଙ୍ଗଲ ଆହୁରି ଅନେକ କାହାଣୀର ବକ୍ତା ଓ ଶ୍ରୋତାଙ୍କୁ ଦେଖିଛି। ଏଠାରେ ନାରଦ ଭକ୍ତିବାଦର ପ୍ରଚାର କରିଥିଲେ। ଲବ ଓ କୁଶ ଏଠାରେ ସ୍ୱୟଂ ରାମଙ୍କୁ ରାମାୟଣ ଶୁଣାଇଥିଲେ। ଲୋମହର୍ଷଣ ଋଷି ଏଠାରେ ପ୍ରସିଦ୍ଧ ମହାଭାରତର କାହାଣୀ ଶୁଣାଇଥିଲେ। ତାଙ୍କ ନାମର ଅର୍ଥ ହେଉଛି, ଯାହାଙ୍କଠାରୁ କାହାଣୀ ଶୁଣିଲେ ଲୋମ ଟାଙ୍କୁରିଉଠେ। ତାଙ୍କ ପୁଅଙ୍କ ନାମ ଉଗ୍ରଶ୍ରବା, ଅର୍ଥାତ୍ ଯାହାଙ୍କ ସ୍ୱର ଖୁବ୍ ଉଚ୍ଚା।

ପୁରାଣ ମାନେ ହେଉଛି ପୁରୁଣା କାହାଣୀ, ଯେଉଁଥିରେ ଦେବତା, ରାଜା ଓ ଋଷିମାନଙ୍କ ବିଷୟରେ ବର୍ଣ୍ଣନା ଥାଏ। ତେବେ ଏଗୁଡ଼ିକୁ ପୁରାଣ କୁହାଗଲେ ମଧ୍ୟ ହିନ୍ଦୁ ପରମ୍ପରାରେ ବହୁ ପରେ ଏଗୁଡ଼ିକର ଆବିର୍ଭାବ ଘଟିଥିଲା। ସର୍ବପୁରାତନ ହିନ୍ଦୁ ପରମ୍ପରାରେ ପ୍ରାୟ ୩୦୦୦ ବର୍ଷ ତଳେ କାହାଣୀ ଅପେକ୍ଷା ବୈଦିକ ଅନୁଷ୍ଠାନକୁ ପ୍ରାଧାନ୍ୟ ଦିଆଯାଉଥିଲା। ଅଥର୍ବ ବେଦ ଓ ବ୍ରାହ୍ମଣ ସାହିତ୍ୟ ପ୍ରାୟ ୨୮୦୦ ବର୍ଷର ପୁରୁଣା। ସେଥିରେ ପୁରାଣର ଉଲ୍ଲେଖ ଅଛି। କିନ୍ତୁ ଯେଉଁ ପୁରାଣଗୁଡ଼ିକ ସର୍ବଶେଷରେ ଆମ ପାଖରେ ପହଞ୍ଚିଛି, ସେଗୁଡ଼ିକ ୧୬୦୦ ବର୍ଷରୁ କମ୍ ପୁରୁଣା।

ସମ୍ପୂର୍ଣ୍ଣ ବିକଶିତ ସର୍ବପୁରାତନ ହିନ୍ଦୁ ପୁରାଣ ହେଉଛି ରାମାୟଣ ଓ ମହାଭାରତ। ତେବେ ଇତିହାସ ଭାବେ ବର୍ଗୀକୃତ ହୋଇଥିବାରୁ ଏଗୁଡ଼ିକ ଅନ୍ୟ ପୁରାଣଠାରୁ ଅଲଗା। ଏଠାରେ ଇତିହାସ କହିଲେ ପୂରାପୂରି ଆଧୁନିକ ହିଷ୍ଟ୍ରିକୁ ବୁଝାଏ ନାହିଁ। ଏହାର ଅର୍ଥ କାହାଣୀର ବକ୍ତା ବା ଲେଖକ ନିଜେ ଘଟଣା ସମୟରେ ଉପସ୍ଥିତ ଥିବେ ଓ ଘଟଣାର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଦେଉଥିବେ। ବାଲ୍ମୀକି ହେଉଛନ୍ତି ରାମାୟଣରେ ବର୍ଣ୍ଣିତ ଘଟଣାଗୁଡ଼ିକର ପ୍ରତ୍ୟକ୍ଷଦର୍ଶୀ। ସେହିପରି ବ୍ୟାସଦେବ ହେଉଛନ୍ତି ମହାଭାରତର ସାକ୍ଷୀ। ତେଣୁ ଏ ଦୁଇଟି ପୁରାଣ ଇତିହାସ ଭାବେ ସ୍ୱୀକୃତ। ତେବେ ପ୍ରକୃତରେ କେହି ପୁରାଣ କାହାଣୀଗୁଡ଼ିକର ସାକ୍ଷୀ ନୁହନ୍ତି। ସେଗୁଡ଼ିକ କେବଳ ଅନ୍ୟଠାରୁ ପ୍ରାପ୍ତ ହୋଇଛି।

ଅଧିକାଂଶ ପଣ୍ଡିତ ସ୍ୱୀକାର କରନ୍ତି ଯେ, ବିଷ୍ଣୁପୁରାଣ ହେଉଛି ସବୁଠୁ ପୁରୁଣା, ଯାହା ଗୁପ୍ତ ରାଜାମାନଙ୍କ ସମୟରେ ଲେଖାଯାଇଥିଲା। ସବୁଠାରୁ ସୁସଂସ୍କୃତ ଶୁଦ୍ଧ ପୁରାଣ ହେଉଛି ଭାଗବତ ପୁରାଣ, ଯାହା ପ୍ରାୟ ୧୦୦୦ ବର୍ଷ ତଳେ ତା'ର ସର୍ବଶେଷ ରୂପରେ ପହଞ୍ଚିଥିଲା। ସବୁଠାରୁ ଅର୍ବାଚୀନ ପୁରାଣ ହେଉଛି ବ୍ରହ୍ମବୈବର୍ତ୍ତ ପୁରାଣ ଓ ଭବିଷ୍ୟ ପୁରାଣ, ଯାହା ୫୦୦ ବର୍ଷ ତଳେ ଲେଖାଯାଇଥିଲା। ଭବିଷ୍ୟ ପୁରାଣରେ ରସୁଲ ମହମ୍ମଦ ଓ ରାଣୀ ଭିକ୍ଟୋରିଆଙ୍କ ସମ୍ବନ୍ଧରେ ସୂଚନା ଅଛି।

ପୁରାଣଗୁଡ଼ିକରେ ଉଲ୍ଲେଖ ଅଛି ଯେ ବ୍ରହ୍ମା ବ୍ରହ୍ମାଣ୍ଡ ସୃଷ୍ଟି କଲାବେଳେ ତାଙ୍କ ଚାରିମୁଖରୁ ବେଦ ଓ ପୁରାଣ ଉଚ୍ଚାରଣ କରିଥିଲେ। ଏହା ମାଧ୍ୟମରେ ପୁରାଣଗୁଡ଼ିକୁ ବେଦ ଭଳି ସମାନ ମର୍ଯ୍ୟାଦା ଦିଆଯାଇଛି। ପ୍ରାୟ ୧୦୦୦ ବର୍ଷ ତଳେ ମାମଟଙ୍କ ପରି କବି ମତ ଦେଇଥିଲେ ଯେ, ବେଦଗୁଡ଼ିକ ଧ୍ୱନି ପାଇଁ ଓ ପୁରାଣଗୁଡ଼ିକ ଅର୍ଥ ପାଇଁ ମୂଲ୍ୟବାନ୍। ସେହିପରି କାବ୍ୟଗୁଡ଼ିକ ଉଭୟ ଭାଷା ଓ ଅର୍ଥ ପାଇଁ ମୂଲ୍ୟବାନ୍। ପୁଣି ସେମାନଙ୍କ ଭାଷାରେ ବେଦଗୁଡ଼ିକରେ ଯାହା କୁହାଯାଇଛି, ତାହା ସ୍ୱୟଂ ଈଶ୍ୱର କହିଛନ୍ତି, ପୁରାଣରେ ଯାହା କୁହାଯାଇଛି ସେଥିରେ ଅଛି ଜଣେ ବନ୍ଧୁର ସ୍ୱର ଏବଂ କାବ୍ୟରେ ଯାହା କୁହାଯାଇଛି, ସେଥିରେ ଅଛି ଜଣେ ପ୍ରେମିକା ବା ପ୍ରେମିକର ସ୍ୱର।

କଥିତ ଅଛି ଯେ, ଏକ କୋଟି ଶ୍ଳୋକବିଶିଷ୍ଟ ପୁରାଣ ପ୍ରଥମେ ସ୍ୱର୍ଗରେ ଥିଲା। ତାକୁ ବ୍ୟାସ ପୃଥିବୀକୁ ଆଣି ଅଠରଟି ମହାପୁରାଣରେ ବିଭକ୍ତ କଲେ। ୧୮ ଏକ ପବିତ୍ର ସଂଖ୍ୟା ଭାବେ ଜଣା (୧୮ଟି ପୁରାଣ, ମହାଭାରତର ୧୮ଟି ପର୍ବ ଏବଂ ଗୀତାର ୧୮ଟି ଅଧ୍ୟାୟ ଅଛି)। ମହାପୁରାଣଗୁଡ଼ିକରେ କୌଣସି ସମ୍ପ୍ରଦାୟିକ ଭେଦ ନାହିଁ, ଯାହା ଉପପୁରାଣଗୁଡ଼ିକରେ ଅଛି। ଉପପୁରାଣଗୁଡ଼ିକରେ ବୈଷ୍ଣବ, ଶୈବ, ଶାକ୍ତ ପ୍ରଭୃତି ସମ୍ପ୍ରଦାୟ ବା ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତି ବର୍ଣ୍ଣ ବା ପ୍ରଭାସ, ଶ୍ରୀକ୍ଷେତ୍ର ପ୍ରଭୃତି ତୀର୍ଥସ୍ଥାନ ଉପରେ ଗୁରୁତ୍ୱ ଦିଆଯାଇଥାଏ।

ପୁରାଣଗୁଡ଼ିକର କେତେକ ଲକ୍ଷଣ ବା ବୈଶିଷ୍ଟ୍ୟ ଅଛି। ସେଥିରେ ସୃଷ୍ଟିତତ୍ତ୍ୱ, ସର୍ଗ, ପ୍ରତିସର୍ଗ, କଳ୍ପ, ମନ୍ୱନ୍ତର, ଯୁଗ, ରାଜାମାନଙ୍କର ବଂଶାବଳି ପ୍ରଭୃତିର ବର୍ଣ୍ଣନା ଥାଏ। ସୂର୍ଯ୍ୟବଂଶ ଓ ଚନ୍ଦ୍ରବଂଶର ଧାରଣା ଆମେ ପୁରାଣରୁ ପାଇଥାଉ। ଭାରତର ଅନେକ ରାଜା ନିଜକୁ ଏହି ଦୁଇ ବଂଶର ଦାୟାଦ ବୋଲି ଦାବି କରିଥାନ୍ତି। ସେଥିପାଇଁ ପୁରାଣ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଦଲିଲରେ ପରିଣତ ହୋଇଯାଇଛି।

ପୁରାଣଗୁଡ଼ିକରେ ହିନ୍ଦୁ ତ୍ରୟୀ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏବଂ ସେମାନଙ୍କ ପତ୍ନୀମାନଙ୍କ ବିଷୟରେ ଉଲ୍ଲେଖ ଥାଏ। ବେଦରେ ଏ ଅବଧାରଣା ନାହିଁ। ଏଥିରେ ବୈଦିକ ଦର୍ଶନ ଏବଂ ବ୍ରାହ୍ମଣବାଦକୁ ଗ୍ରହଣ କରିନେଇଥିବା ଅଣବୈଦିକ ଜାତିର ପରମ୍ପରା ଓ ବିଶ୍ୱାସର ସମାହାର ଦେଖିବାକୁ ମିଳେ। ଉକ୍ତ ତିନି ଦେବଦମ୍ପତିଙ୍କୁ ନେଇ ପୁରାଣଗୁଡ଼ିକ ବିବାହ, ସନ୍ତାନ, ଗୃହ, ସୁଖ ଓ ଦାୟିତ୍ୱ ଆଦି ଉପରେ ଗୁରୁତ୍ୱ ଦେଇଥାନ୍ତି। ଏଗୁଡ଼ିକ ବୌଦ୍ଧ ଓ ଜୈନଧର୍ମର ମଠ ସଂସ୍କୃତିର ବିରୋଧୀ। ସେଥିପାଇଁ ପୁରାଣଗୁଡ଼ିକ ପଞ୍ଚମ ବେଦ ଭାବରେ ପରିଗଣିତ ହେବା ସହିତ ମୂଳ ବେଦଗୁଡ଼ିକରୁ ଲୋକଙ୍କ ଦୃଷ୍ଟି ଫେରାଇ ଆଣି କାହାଣୀ-ଭିତ୍ତିକ ହିନ୍ଦୁଧର୍ମର ପ୍ରତିଷ୍ଠା କରିଛି।

(ଲେଖକ ଜଣେ ବିଶିଷ୍ଟ ପୁରାଣବିତ୍ ଏବଂ ପୁରାଣଶାସ୍ତ୍ର ଉପରେ ସେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପୁସ୍ତକଗୁଡ଼ିକ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଥିବା ମଡର୍ନ ବୁକ୍ ଡିପୋ, ଫୋନ୍-୦୬୭୪-୨୫୩୪୩୭୩, modbooks.bbsr@gmail.comରେ ଉପଲବ୍ଧ।)

ଲେଖକଙ୍କ ଇମେଲ୍ ଠିକଣା: devdutt@devdutt.com

## ଏଇ ଭାରତରେ

ଭାଗ୍ୟ ଓ ଭଗବାନ ସହାୟ ହେଲେ କୌଣସି ବ୍ୟକ୍ତି ନିଜ ଦୟନୀୟ ସ୍ଥିତିରୁ ଉନ୍ନତିର ଶିଖର ଦେଶକୁ ଉଠିପାରନ୍ତି। ଏକ ଦରିଦ୍ର ପରିବାରରେ ଜନ୍ମିତ ବ୍ୟକ୍ତି ବିଭିନ୍ନ କଠିନ ପରିସ୍ଥିତି ଦେଇ ଅତିକ୍ରମ କରିଥାଆନ୍ତି। ପରିଶେଷରେ ସେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରି ପରିଶ୍ରମର ଫଳ ପାଇଥାଆନ୍ତି ; ଯଦ୍ୱାରା ଉନ୍ନତିର ପଥ ଉନ୍ମୁକ୍ତ ହୋଇଯାଏ। ଭାଗ୍ୟ ସାଥ୍ ଦେଲେ ରାସ୍ତାକଡର ଚାଓମିନ୍ ବିକ୍ରେତା ବି ଏକ ବୃହତ୍ ନଗରୀର ମେୟର ହୋଇପାରନ୍ତି। ଏ କଥା ପ୍ରମାଣ କରିଛନ୍ତି ଡେରାଡୁନ୍‌ର ବାସିନ୍ଦା ସୁନୀଲ ଉନିୟାଲ୍ ଗାମା। ପ୍ରଥମେ ବିଭିନ୍ନ ଛୋଟ ଛୋଟ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଡେରାଡୁନ୍‌ର ନାଟରାଜ ସିନେମା ହଲ୍ ନିକଟରେ ସେ ପ୍ରଥମେ ପାନଦୋକାନ କରିଥିଲେ। ଏହାପରେ ଚାଓମିନ୍ ଷ୍ଟଲ୍ ପକାଇ ବ୍ୟବସାୟ ଆରମ୍ଭ କଲେ। ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ ସେ ବୁଧବାର ଡେରାଡୁନ୍‌ର ମେୟର ହୋଇପାରିଛନ୍ତି। ୫୬ବର୍ଷ ବୟସ୍କ ଗାମା କଂଗ୍ରେସର ପ୍ରାର୍ଥୀ ଦୀନେଶ ଅଗ୍ରୱାଲ୍‌ଙ୍କୁ ୩୫,୬୩୨ ଭୋଟରେ ହରାଇ ଦେଇଛନ୍ତି। ୧୯୯୧ରେ ସେ ଭାଜପା ଯୁବ ମୋର୍ଚ୍ଚାର ସଦସ୍ୟ ହେବାପରେ ରାଜନୈତିକ ସଫଳତା ପାଇଁ ତାଙ୍କର ମାର୍ଗ ଉନ୍ମୋଚିତ ହୋଇଥିଲା।

## ଚିରନ୍ତନୀ

ଯୁଗ ଯୁଗ ଧରି କବି ଗଦା ଗଦା
ଲେଖିଲେ କବିତା ପୀରତି ଘେନି
କାବ୍ୟର ରୂପ ବିଷୟ ବିଚାର
କେବଳ ରମଣୀ ପୁରୁଷ ବେନି।
(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୩ ନଭେମ୍ବର ୧୯୯୩

- ଦୀର୍ଘ ପାଞ୍ଚ ଦଶନ୍ଧିର ବ୍ୟବଧାନ ପରେ ପୂର୍ଣ୍ଣ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ସ୍ଥାପନ ପାଇଁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଐତିହାସିକ ରାଜିନାମା ସ୍ୱାକ୍ଷରିତ।
- ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତାଙ୍କ ପୁତ୍ରଙ୍କ ସପକ୍ଷରେ ପ୍ରଚାର କରି ନିଜ ପଦବୀର ଅପବ୍ୟବହାର କରିଥିବା ଅଭିଯୋଗ ହେବା ପରେ ହିମାଚଳ ପ୍ରଦେଶର ରାଜ୍ୟପାଳ ଗୁଲ୍‌ସର ଅହମ୍ମଦଙ୍କ ଇସ୍ତଫା।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | | | | | | 8 | 6 | 5 | | | | | |
| 2 | | | | | | | | | | | | | 4 | |
| | 3 | 1 | | 0 | | D | | | C | | | | | 6 |
| | | | | B | 2 | | | 9 | | | A | | 3 | |
| | A | | | | | | 1 | 5 | D | | | | | |
| C | 5 | | | | B | 8 | 2 | | 6 | E | | | | 7 |
| | | E | 7 | | | B | 6 | | 9 | | | | | |
| 9 | 2 | | | A | | | D | 4 | | C | | | | |
| 1 | | | 6 | | C | | E | | 4 | | | D | | B |
| 8 | | | | | 1 | | | | | | 3 | | | |
| | | | C | 9 | | 4 | 0 | | | 8 | | 5 | | D |
| | | | | | 3 | 6 | | | | | | | | E |
| E | 8 | | D | | | | | | | 4 | | | | |
| | | 6 | 5 | | | C | | | | 7 | | 4 | 1 | 8 |
| | | | A | | 6 | 3 | B | E | | D | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | B | 9 | 2 | 8 | 4 | A | 0 | 7 | 1 | 3 | 5 | 6 | E | C |
| A | 5 | 3 | E | 1 | C | 9 | 6 | 4 | 8 | 0 | B | D | 2 | 7 |
| 2 | C | E | D | 3 | 6 | 5 | B | 1 | 4 | A | 7 | 0 | 9 | 8 |
| 6 | 8 | 0 | A | B | 7 | 3 | D | E | C | 2 | 9 | 1 | 4 | 5 |
| 4 | 7 | 1 | 0 | 9 | 5 | C | 8 | 2 | D | E | 6 | 3 | B | A |
| 5 | 1 | 2 | 3 | E | B | D | 4 | A | 7 | 8 | 0 | 9 | C | 6 |
| C | E | B | 7 | 0 | D | 8 | 9 | 5 | 6 | 1 | 4 | A | 3 | 2 |
| 3 | 9 | 6 | 4 | C | 1 | 7 | 2 | 0 | 5 | B | A | E | 8 | D |
| 7 | 0 | D | 8 | A | 9 | 6 | 1 | 3 | E | C | 2 | 4 | 5 | B |
| 8 | A | 4 | 5 | 6 | 2 | E | C | B | 3 | 9 | D | 7 | 1 | 0 |
| 9 | 2 | C | 6 | 7 | 3 | 4 | A | 8 | 0 | 5 | E | B | D | 1 |
| B | 4 | A | 9 | D | 8 | 1 | E | 6 | 2 | 7 | C | 5 | 0 | 3 |
| 1 | 3 | 5 | B | 4 | 0 | 2 | 7 | D | 9 | 6 | 8 | C | A | E |
| E | D | 7 | 1 | 2 | A | 0 | 5 | C | B | 4 | 3 | 8 | 6 | 9 |
| 0 | 6 | 8 | C | 5 | E | B | 3 | 9 | A | D | 1 | 2 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୈଷ୍ଣବ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

ମହାଶୟ,

ସତ୍ୟବାଦୀ ଗୋଷ୍ଠୀର ସାଧକମାନଙ୍କ ପରି ଉତ୍କଳୀୟ ବୈଷ୍ଣବ ପଞ୍ଚସଖା ଅଚ୍ୟୁତାନନ୍ଦ ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଶିଶୁଅନନ୍ତ ଦାସ ଓ ଯଶୋବନ୍ତ ଦାସଙ୍କର ଏକତ୍ର ପାଞ୍ଚ ମୂର୍ତ୍ତି ଓଡ଼ିଶାର କେଉଁଠାରେ ଦେଖିବାକୁ ମିଳୁନାହିଁ। ଏମାନେ ଓଡ଼ିଆ ଜାତି ପାଇଁ କମ୍ କାମ କରି ନ ଥିଲେ ! ଏମାନଙ୍କର ଭାଷାପ୍ରୀତି ସମସ୍ତଙ୍କୁ ଚକିତ କରି ରଖିଛି। ତେଣୁ ସରକାରଙ୍କୁ ବିନମ୍ର ନିବେଦନ, ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଏହି ପଞ୍ଚସଖାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ଏବଂ ତାଙ୍କ କୃତି ବିଷୟରେ ଗବେଷଣା ହେଉ।

ବିଜୟ କୁମାର ଛାଟୋଇ, ମହୁରା, ସତ୍ୟବାଦୀ, ପୁରୀ

### ହଜିଗଲା ସିନ୍ଦୂର

ଆଗରୁ ହିନ୍ଦୁ ଓଡ଼ିଆ ଘରର ବୋହୂମାନେ ମୁଣ୍ଡରେ ସିନ୍ଦୂର ଲଗାଉଥିଲେ। କପାଳରେ ଉଦୟଭାନୁ ଭଳି ଗୋଲ୍ ଟିପା ଓ ସିନ୍ଥିରେ ଗାର ଟାଣୁଥିଲେ। ବର୍ତ୍ତମାନ ଆଧୁନିକତା ପ୍ରଭାବରେ ସିନ୍ଦୂର ବଦଳରେ କୁଙ୍କୁମ ଓ ଟିକିଲି ଲଗାଉଛନ୍ତି। ତାଙ୍କ ମତରେ ସିନ୍ଦୂର ଲଗାଇଲେ କୁଆଡ଼େ ବୟସ୍କା ଭଳି ଜଣାପଡ଼ିବେ। ଏମାନେ ଭୁଲିଯାଉଛନ୍ତି ଯେ, ଆମ ମା', ବୁଢ଼ୀ ମା' ଓ ଆଈମାନେ କାହିଁକି ମୁଣ୍ଡରେ ସିନ୍ଦୂର ଲଗାଉଥିଲେ। ବିବାହ ପରେ ମହିଳାମାନେ ପାରିବାରିକ ବୋଝ, ଅନିଦ୍ରା ଓ ଅବସାଦର ଶିକାର ହୋଇଥାନ୍ତି। କପାଳ ଓ ସିନ୍ଥିରେ ସମ୍ବେଦନଶୀଳ ଗ୍ରନ୍ଥି ରହିଛି। ସିନ୍ଦୂରରେ ପାରଦ ଧାତୁ ଥାଏ। ଫଳରେ ସେହି ସ୍ଥାନରେ ସିନ୍ଦୂର ଲାଗିବା ଯୋଗୁ ମସ୍ତିଷ୍କକୁ ଶାନ୍ତି ମିଳେ। ତା'ଛଡ଼ା ଏହା ବନ୍ଧ୍ୟା ଦୋଷ ଦୂର କରେ ଓ ସୌନ୍ଦର୍ଯ୍ୟ ବୃଦ୍ଧି କରେ। ମଥାରେ ସିନ୍ଦୂର ଲାଗିଥିଲେ ପରପୁରୁଷ ଦୃଷ୍ଟି ପକାନ୍ତି ନାହିଁ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ

# ଏମ୍‌ସିଏଲରେ ନୂଆଁଖାଇ ଭେଟଘାଟ

## ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ

**ସମ୍ବଲପୁର,୨୨।୧୧(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟରେ ନୂଆଁଖାଇ ଭେଟଘାଟ- ୨୦୧୮ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆରଆର ମିଶ୍ର ମୁଖ୍ୟ ଅତିଥି ଓ ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡା. ଗୌରମୋହନ ବିଶ୍ୱାଳ, ସମ୍ବଲର ରାମଦାସ ପଣ୍ଡା, ଝାରସୁଗୁଡ଼ାର ପାୟଲ ପଟେଲ, ମଞ୍ଚ କଳାକାର ଭୁବନେଶ୍ୱର ପ୍ରଧାନ ଓ ଅର୍ପିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। କଲ୍ୟାଣ ବିଭାଗ ମହାପ୍ରବନ୍ଧକ ଦିଲୀପ କୁମାର ପାଣିଗ୍ରାହୀ ସ୍ୱାଗତ ଓ ବିବରଣୀ ପାଠ କରିଥିଲେ। ଜାଗୃତୀ ମହିଳା ମଣ୍ଡଳ ଅଧ୍ୟକ୍ଷା ଅନିତା ମିଶ୍ର ସମ୍ମାନିତ ଅତିଥି ଥିଲେ। କାର୍ମୀକ ନିର୍ଦ୍ଦେଶକ ଲିଲାନନ୍ଦ ମିଶ୍ର ନୂଆଁଖାଇର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଷୟିକ ନିର୍ଦ୍ଦେଶକ ଜେପି ସିଂ, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଓପି ସିଂ, ବିତ୍ତ ନିର୍ଦ୍ଦେଶକ କେଆର ବାସୁଦେବନ୍, ଜାଗୃତୀ ମହିଳା ମଣ୍ଡଳ ଉପାଧ୍ୟକ୍ଷା ପରମଜିତ କୌର, ମଧୁ ମିଶ୍ର, ନୌସିନା ଆଫ୍ରିନ୍ ଅଲ୍ଲି, ପଦ୍ମଜା ସିଂ ଓ ପଦ୍ମିନୀ ବାସୁଦେବନ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଭା ଶେଷରେ ଓଡ଼ିଶା, ସମ୍ବଲପୁରୀ, ଡାଲଖାଇ ନୃତ୍ୟ ପରିବେଷିତ ହୋଇଥିଲା।




ଏମସିଏଲରେ ଆୟୋଜିତ ନୂଆଁଖାଇ ଭେଟଘାଟ ଉତ୍ସବରେ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ନଗର ପରିକ୍ରମା କଲା ସଦ୍‌ଭାବନା ଜୁଲୁସ୍ ଯାତ୍ରା

**ଦେବଗଡ,୨୨।୧୧ (ସ୍ୱ.ପ୍ର)-** ମହାପୁରୁଷ ମହମ୍ମଦ୍‌ଙ୍କ ପବିତ୍ର ଜୟନ୍ତୀ ଉତ୍ସବ ଧୁମଧାମରେ ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ମୁସଲିମ୍ ସମ୍ପ୍ରଦାୟର ଏହି ମହାନ୍ ପ୍ରତିଷ୍ଠାତାଙ୍କ ପବିତ୍ର ଜୟନ୍ତୀ ଉପଲକ୍ଷେ ସକାଳୁ ପରିବାରର ସମସ୍ତ ସଦସ୍ୟ ନୂଆଁବସ୍ତ୍ର ପରିଧାନ ସହ ନମାଜ ପାଠ କରି ସମସ୍ତଙ୍କୁ ମିଲାଦ୍ ସରିଫ୍ ବା ଶୁଭେଚ୍ଛା ଜଣାଇ ସୁସଜ୍ଜିତ ମେଢ ସହିତ ହାତରେ ଛୋଟ ଶିଶୁଠୁ ଆରମ୍ଭ କରି ସମସ୍ତେ ତ୍ରିରଙ୍ଗା ପତାକା ଧରି ଏକ ବିରାଟ ଶୋଭାଯାତ୍ରା (ଜୁଲୁସ୍)ରେ ନଗର ପରିକ୍ରମା କରି ଦେବଗଡବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ମହାନ୍ ପର୍ବ ପାଳନ କାର୍ଯ୍ୟକ୍ରମ ଅବସରରେ ସଭାପତି ମହମ୍ମଦ୍ ନାସୀର ଖାନ୍ ଏବଂ ଉପସଭାପତି ଏସ.କେ. ଶୈଫୁଦ୍ଦିନ, କୋଷାଧ୍ୟକ୍ଷ ମୀର୍ଜା ଏଜାଜ ବେଗ, ମୀର୍ଜା ଜମୀର୍ ବେଗ, ମୋଇନ ଖାଁ, ସଞ୍ଜୟ ଖାନଙ୍କ ସମେତ ଅନ୍ୟ ମୁସଲିମ ଭାଇ ତଥା ଛୋଟଛୋଟ ଶିଶୁଙ୍କ ସମେତ ମହିଳାମାନେ ଏହି ପର୍ବ ପାଳନ କରିଥିଲେ। ଏହି ମହାନ୍ ଜୟନ୍ତୀ ଉତ୍ସବ ଅବସରରେ ଆୟୋଜକଙ୍କ ତରଫରୁ ମଧ୍ୟାହ୍ନରେ ସମସ୍ତ ଅତିଥି ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥିଲା।

# ଚିପିଲିମା ସିଏଚଇପି ଡିଭିଜନ କାର୍ଯ୍ୟାଳୟରେ ଓକିଲଙ୍କ ଭଙ୍ଗାରୁଜା

**ଚିପିଲିମା,୨୨।୧୧ (ଡି.ଏନ.ଏ.)**

ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ସ୍ଥାପନ ଦାବିରେ ସମ୍ବଲପୁର କେନ୍ଦ୍ରୀୟ ଓକିଲ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଜିଲାର ସମସ୍ତ ରାଜ୍ୟ ତଥା କେନ୍ଦ୍ରୀୟ କାର୍ଯ୍ୟାଳୟ ବନ୍ଦ କରାଯିବାକୁ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଓକିଲମାନେ ଆସି ପିକେଟିଂ ମାଧ୍ୟମରେ ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ (ସିଏଚଇପି) ଡିଭିଜନ କାର୍ଯ୍ୟାଳୟକୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ କରିବାକୁ ତାଗିଦ୍ କରିଥିଲେ। ତଦନୁଯାୟୀ, କାର୍ଯ୍ୟାଳୟ ବନ୍ଦ ଥିଲା। ହେଲେ ଗୁରୁବାର କୌଣସି ଏକ ଜରୁରୀ କାମରେ ସିଏଚଇପି ୟୁନିଟ ମୁଖ୍ୟ ଇଂ. ଦେବାଶୀଷ ମିଶ୍ର ଅଫିସରେ କାର୍ଯ୍ୟରତ ଥିଲେ। ଆନ୍ଦୋଳନରତ ଓକିଲମାନେ ଖବର ପାଇ ସେଠାରେ ପହଞ୍ଚିଥିଲେ। କାର୍ଯ୍ୟାଳୟ ମଧ୍ୟକୁ ପଶି ଯାଇ ୟୁନିଟ ମୁଖ୍ୟଙ୍କୁ ଘେରିଥିଲେ। ଯୁକ୍ତିତର୍କ ହେବାରୁ ଓକିଲମାନେ କମ୍ପ୍ୟୁଟର, ଟେବୁଲ କାଚ, ଫୁଲ ଗମଲା ଆଦି ଭଙ୍ଗାରୁଜା କରିଥିଲେ।

# ଚାରମାଳ ପୋଲିସର ଜନସମ୍ପର୍କ ଶିବିର

**ରେଢ଼ାଖୋଲ,୨୨।୧୧(ଡି.ଏନ.ଏ.)**

ସମ୍ବଲପୁରଜିଲାପୋଲିସଆନୁକୁଲ୍ୟରେ ଚାରମାଳ ପୋଲିସ ପକ୍ଷରୁ ରେଢ଼ାଖୋଲ ବ୍ଲକ ଗରଗଡ଼ବାହାଳ ପଞ୍ଚାୟତର ଗୋହିରାଦାଦର ଗ୍ରାମରେ ଗୁରୁବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଏସଡିପିଓ ହାଡ଼ିବନ୍ଧୁ ସ୍ୱାଇଁଙ୍କ ସଭାପତିତ୍ୱରେ ଶିବିରରେ ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରା ମୁଖ୍ୟ ଅତିଥି, ସମ୍ବଲପୁର ବନ ବିଭାଗ ଡିଏଫଓ ସଞ୍ଜିତ୍ କୁମାର, ରେଢ଼ାଖୋଲ ଡିଏଫ୍ଓ ସଂଗ୍ରାମ କେଶରୀ ବେହେରା, ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ଗରଗଡ଼ବାହାଳ ସରପଞ୍ଚ ଦିପ୍ତିବାଳା ଗଡ଼ନାୟକ, ସମିତି ସଭ୍ୟା ଚିନ୍ମୟୀ ତ୍ରିପାଠି, ବଂଶାଜାଲ ସରପଞ୍ଚ କସ୍ତୁରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳର ବୃଦ୍ଧାବୃଦ୍ଧମାନଙ୍କୁ ଧୋତି ଶାଢ଼ୀ, କମ୍ବଳ ଓ ଛାତ୍ରୀଛାତ୍ରମାନଙ୍କୁ ଖାତା, ପେନସିଲ ବଣ୍ଟନ କରାଯାଇଥିଲା। ଆଦିବାସୀ ନୃତ୍ୟ ଓ ସଙ୍କୀର୍ତ୍ତନ ପରିବେଷଣ ହୋଇଥିଲା। ଗୁହିରା ଦାଦର ଓ ରେଙ୍ଗାଲି ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଙ୍ଗାଲି ଦଳ ବିଜୟୀ ହୋଇଥିଲେ। ଖେଳାଳିମାନଙ୍କୁ ଭଲିବଲ, ନେଟ, ଜର୍ସି, ଜୋତା ପ୍ରଦାନ କରାଯାଇଥିଲା ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଳାଇ ଧନ୍ୟବାଦ ଦେଇଥିଲେ।

### ୨୫ରେ ରନ୍ ଫର୍ ହକି ମିନି ମାରାଥନ୍

# ସାମିଲ ହେବେ ୫ହଜାର ପ୍ରତିଯୋଗୀ

**ସମ୍ବଲପୁର,୨୨।୧୧(ବ୍ୟୁରୋ)**

କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ କପ୍ ପୁରୁଷ ହକି ଟୁର୍ନାମେଣ୍ଟ ହେବ। ଏହାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଚଳିତ ମାସ ୨୫ ତାରିଖ ସମ୍ବଲପୁରରେ ମଧ୍ୟ ରନ୍ ଫର୍ ହକି ମିନି ମାରାଥନ ଆୟୋଜନ କରାଯିବ। ଏଥିରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇପାରିବେ। ଏଥିପାଇଁ ସେମାନେ ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ । ପ୍ରଥମେ ଆବେଦନ କରିଥିବା ୨ହଜାର ପ୍ରତିଯୋଗୀଙ୍କୁ ଟି-ସାର୍ଟ ବଣ୍ଟନ କରାଯିବ। ସେହିପରି ସମଲେଇ ମନ୍ଦିର ନିକଟରୁ ମାରଥନ ଦିନ ସକାଳ ସାଢ଼େ ୫ଟାରେ ମଧ୍ୟ ପ୍ରତିଯୋଗୀମାନେ ପଞ୍ଜୀକରଣ କରିପାରିବେ। ଏଥିରେ ପ୍ରଥମ ୧୦ହଜାର, ଦ୍ୱିତୀୟ ୭ହଜାର, ତୃତୀୟ ୫ହଜାର ଆର୍ଥିକ ରାଶି ପୁରସ୍କାର ରହିଛି। ଜିଲାପ୍ରଶାସନ ପକ୍ଷରୁ ୫ହଜାର ପ୍ରତିଯୋଗୀ ଭାଗ ନେବେ ବୋଲି ଆଶା କରାଯାଉଛି ବୋଲି ଜିଲାପାଳ ସମର୍ଥ ବର୍ମା ସାର୍କିଟ ହାଉସରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ବିଶ୍ୱ କପ୍ ଆୟୋଜିତ ହେବା ରାଜ୍ୟ ପାଇଁ ଗୌରବ ଅଟେ। ଏଣୁ ଏହାର ପ୍ରଚାରପ୍ରସାରରେ ସମସ୍ତେ ସାମିଲ ହେବାକୁ ନିବେଦନ କରିଛନ୍ତି।




ସମ୍ବଲପୁର ସାର୍କିଟ ହାଉସରେ ଖବରଦାତା ସମ୍ମିଳନୀରେ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଉଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ବିକୃତ ମସିଷ୍କ ବୃଦ୍ଧାଙ୍କ ମୃତ୍ୟୁ

**ଜୁନାଗଡ,୨୨।୧୧(ଡି.ଏନ.ଏ.):** କଳାହାଣ୍ଡିଜିଲା ଜୁନାଗଡ ବ୍ଲକ ବନମାଳୀପୁର ଛକ ନିକଟ ୨୬ ନଂ. ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ବାଇକ ଧକ୍କାରେ ଜଣେ ବିକୃତ ମସିଷ୍କ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ କ୍ଷିତିସୁଧା ପ୍ରଧାନୀ (୫୮) ଓ ସେ ବ୍ଲକର ନିକଟିଗୁଡା ଗ୍ରାମର । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ କ୍ଷିତିସୁଧା ବନମାଳୀପୁର ଛକକୁ ଯାଉଥିବାବେଳେ ଏକ ଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜୁନାଗଡ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ଜୁନାଗଡ ପୋଲିସର ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

# ହୀରାକୁଦ ଲାୟନ୍ସ କ୍ଲବ ରୟାଲ ପକ୍ଷରୁ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧନା

**ହୀରାକୁଦ,୨୨।୧୧(ଡି.ଏନ.ଏ.)**

ସ୍ଥାନୀୟ ଜିକଜାକ୍ କ୍ଲବର କାର୍ତ୍ତିକେଶ୍ୱର ପୂଜା ମଣ୍ଡପରେ ହୀରାକୁଦ ଲାୟନ୍ସ କ୍ଲବ ରୟାଲ ତରଫରୁ ଆନ୍ତର୍ଜାତୀୟ କ୍ରୀଡ଼ାରେ ସଫଳ ଅର୍ଜନ କରିଥିବା ୩ କ୍ରୀଡ଼ାବିତ ଅଙ୍କିତା ଦାସ, କରାଟେ ଚାମ୍ପିୟନ ରେଖା ଦେ ଏବଂ ନମିତା ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଲାୟନ୍ସ କ୍ଲବ ହୀରାକୁଦ ରୟାଲର ସଭାପତି ଏମଏସଏଚ ବେଗ, କାର୍ତ୍ତିକ କୁନାଲ, ପ୍ରୋଜେକ୍ଟ କୋଡିନେଟର ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସମ୍ବଲପୁରର ରେଖା ଦେ ମାଲସିଆ ପ୍ୟାସିଫିକ୍ ମାଙ୍ଗର ଗେମ୍ସର ୨୦୦ ମିଟର ଦୌଡରେ ରୌପ୍ୟ ପଦକ ପାଇ ଭାରତକୁ ଗୌରବାନିତ୍ୱ କରିଥିଲେ । ସେହିପରି ନମିତା ପଟେଲ ଜାଭଲିନ୍ ଏବଂ ଡିସକସ୍‌ଥ୍ରୋରେ ସିଲଭର୍ ମେଡାଲ ବିଜେତା ହୋଇଥିଲେ।




ଜିକଜାକ୍ କ୍ଲବର କାର୍ତ୍ତିକେଶ୍ୱର ପୂଜା ମଣ୍ଡପରେ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା।

# ମଡ୍ୟୁଲାର ଗୋଷ୍ଠୀ ପାଇଖାନା ଉଦ୍‌ଘାଟିତ

**ଝାରସୁଗୁଡା ଅଫିସ,୨୨।୧୧**

ଝାରସୁଗୁଡା ଜିଲାକୁ ଖୋଲା ଶୌଚମୁକ୍ତ ଜିଲା ଘୋଷଣା କରିବାକୁ ପ୍ରଶାସନ ଲାଗି ପଡିଛି। ସେଥିପାଇଁ ଝାରସୁଗୁଡା ପୌର ପରିଷଦ ତରଫରୁ ପାଇଖାନା ନିର୍ମାଣ କାମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସ୍ଥାନେ ସ୍ଥାନେ ମଡ୍ୟୁଲାର ଗୋଷ୍ଠୀ ପାଇଖାନା ନିର୍ମାଣ କରାଯାଉଛି। ପୌରାଞ୍ଚଳ ୱାର୍ଡ ନଂ ୫ ତଲିଭଟାଠାରେ ୧୦ଟି ଏବଂ ବମ୍ବେଛକ ଠାରେ ୫ଟି ଗୋଷ୍ଠୀ ପାଇଖାନା ଗୁରୁବାର ଉଦ୍‌ଘାଟନ କରାଯାଇଛି। ସେହିପରି ୧୧ନଂ.ୱାର୍ଡରେ ୩ ଲକ୍ଷ ଟଙ୍କା ବ୍ୟୟରେ ଗଭୀର ନଳକୂପ ଉଦ୍‌ଘାଟନ କରାଯାଇଛି। ପୌରାଧ୍ୟକ୍ଷ ହରିଶ ଗଣତ୍ରା ଏହିସବୁ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

# ଭେଲା, ପେଣ୍ଡ୍ରାବନ୍ଧରେ ପୋଲିସର ଚଢାଉ: କଫ ସିରପ ଜବତ, ୩ଗିରଫ

**ନୂଆପଡା ଅଫିସ/ ଖଡିଆଳ,୨୨।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ଥାନା ପୋଲିସ ବୁଧବାର ଭେଲା ଏବଂ ପେଣ୍ଡ୍ରାବନ୍ଧ ଗାଁର ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ବିପୁଳ ପରିମାଣର କଫ ସିରଫ ଜବତ କରିଛି । ଏହି ମାମଲାରେ ସେମାନଙ୍କ ବିରୁଦ୍ଧରେ ଭିନ୍ନ ଭିନ୍ନ ମାମଲା ରୁଜୁ କରି ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, କୌଣସି ସୂତ୍ରରୁ ଖବରପାଇ ବୁଧବାର ସନ୍ଧ୍ୟାରେ ପୋଲିସର ଏକ ଟିମ ଭେଲା ରାବଣପୋଡି ପଡିଆରେ ଚଢାଉ କରି ତିନି ଜଣ ଯୁବକଙ୍କୁ କାବୁ କରିଥିଲା। ପ୍ରଥମେ ଭେଲା ଗାଁର ଉଗ୍ରସେନ ସାହୁ(୩୨) ଏବଂ ଇନ୍ଦୁରାମ ଶବର(୩୫) ନାମକ ଦୁଇ ଜଣ ଯୁବକଙ୍କୁ ପୋଲିସ କାବୁ କରିଥିଲା । ସେମାନେ ବ୍ୟବହାର କରୁଥିବା ବାଇକର ଡିକି ଭିତରୁ ୧୩ଟି କଫ ସିରଫ ଜବତ କରାଯାଇଥିବାବେଳେ ଏନଡିପିଏସ ଆକ୍ଟ ୨୧(କ)ଏବଂ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଧାରା୧୮(ଗ)ରେ ଏକ ମାମଲା(୨୭୭/୧୮)ରୁଜୁ କରାଯାଇଛି । ସେହିଭଳି ପଣ୍ଡ୍ରାବନ୍ଦ ଗାଁର କାହ୍ନୁ ଚରଣ ତ୍ରିପାଠୀଙ୍କ ଘର ଉପରେ ଚଢାଉ କରି ପୋଲିସ ୫୧ଟି କଫ ସିରଫ ଜବତ କରିଥିଲା । ତାଙ୍କ ବିରୁଦ୍ଧରେ ଏଡିପିଏସ ଆକ୍ଟ୨୧(ଖ)ଏବଂ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟ୧୮(ଗ)(୨୭୮/୧୮)ରେ ମାମଲା ରୁଜୁ କରାଯାଇଛି।

### ମୌଳିକ ଆବଶ୍ୟକତାର ପୂରଣ ପାଇଁ ଦାବି

# ନିଯୁକ୍ତି, ଭତ୍ତା ନାହିଁ ତ ଭୋଟ ନାହିଁ

**ଦେବଗଡ, ୨୨।୧୧(ସ୍ୱ.ପ୍ର.)**

ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ ଶାଖା ତରଫରୁ ସାମାଜିକ ସୁରକ୍ଷା ସହ ଭତ୍ତା ବୃଦ୍ଧି ଦାବିରେ ତିଲେଇବଣି ବ୍ଲକର ସୁଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ପଞ୍ଚାୟତର ୨୫୦ ଶହରୁ ଉର୍ଦ୍ଧ୍ୱ ଭତ୍ତା ହିତାଧିକାରୀଙ୍କୁ ୧୫୦୦ ଟଙ୍କା ଭତ୍ତା ବୃଦ୍ଧି ଓ ୩୦ରୁ ଉର୍ଦ୍ଧ୍ୱ ବେକାରୀ ଯୁବତୀଯୁବକଙ୍କୁ ସମ୍ବିଧାନର ଅନୁଚ୍ଛେଦ-୩୯ ଅନୁଯାୟୀ କର୍ମ ନିଯୁକ୍ତି ତଥା ଭତ୍ତା ୫ ହଜାର ଟଙ୍କା ପ୍ରଦାନ କରିବା ଦାବିରେ ସୁଗୁଡା ଗାଁ ମୁଣ୍ଡରୁ ଏକ ଶୋଭାଯାତ୍ରା ବାହାରି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଯୁକ୍ତି, ଭତ୍ତା ନାହିଁ ତ ଭୋଟ ନାହିଁ ବୋଲି ନାରାବାଜୀ ଦେଇଥିଲେ। ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସଙ୍ଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପ ସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନ, ରାମ ସିଂ ମୁଣ୍ଡା, ଅବନୀ ଦେହୁରୀଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ପିବିଆଇ ତରଫରୁ ସୁଗୁଡା ପଞ୍ଚାୟତ କାର୍ଯ୍ୟାଳୟକୁ ଶୋଭାଯାତ୍ରା ଯାଉଛି।

### ଟି-୨୦ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଆର୍‌ବିଡି ହାଇସ୍କୁଲ ଚାମ୍ପିୟନ

**ଦେବଗଡ଼,୨୨।୧୧(ସ୍ୱ.ପ୍ର.)**

ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଜିଲା କ୍ରିକେଟ ସଂଘ ପକ୍ଷରୁ ଚାଲିଥିବା ଟି-୨୦ ଆନ୍ତଃ ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଜିଲାର ୧୦ଟି ହାଇସ୍କୁଲର ବଛାବଛା କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଦେବଗଡ଼ ଆର୍‌ବିଡି ହାଇସ୍କୁଲ ଏବଂ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ହୋଇଥିଲା। ୨୦ ଓଭର ମ୍ୟାଚରେ ଆର୍‌ବିଡି ହାଇସ୍କୁଲ ଟସ୍ ଜିତି ବ୍ୟାଟିଂ କରି ୯ ଉଇକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରତିଶ ସାହୁ ୩୮ ରନ୍ କରିଥିଲେ। ଜବାବରେ କେନ୍ଦ୍ରୀୟ ବିଦ୍ୟାଳୟ ୨୦ ଓଭରରେ ୯ ଉଇକେଟ ହରାଇ ୧୩୨ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ପ୍ରିତମ ପାତ୍ର ସର୍ବାଧିକ ୨୭ ରନ୍ କରିଥିଲେ। ଫାଇନାଲ ମ୍ୟାଚରେ ଜୟ ନାରାୟଣ ସାହୁ ଏବଂ ସୁବ୍ରତ ସାହୁ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ମନୋଜ ତିୱାରି ସ୍କୋରର ଏବଂ ବେଣୁଧର ଗଡନାୟକ ଧାରା ବିବରଣୀ ଦାୟିତ୍ୱ ତୁଲାଇଥିଲେ। ଦେବଗଡ଼ କ୍ରିକେଟ ଆସୋସିଏଶନ ସମ୍ପାଦକ ଇଂ ସୁଜିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଅନିତା ପାତ୍ର, ସମ୍ମାନୀୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କେନ୍ଦ୍ରୀୟ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ମନିଷ ତିୱାର, କ୍ରୀଡ଼ା ସମ୍ପାଦକ ଧିରେନ ନାଏକ, ପିଇଟି ବାତ୍ସଲ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଆର୍‌ବିଡି ହାଇସ୍କୁଲ ଏବଂ ରନର୍ସ ଅପ କେନ୍ଦ୍ରୀୟ ବିଦ୍ୟାଳୟକୁ ପୁରସ୍କାର ପ୍ରଦାନ କରିଥିଲେ। ଏପରି କି ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ସରୋଜ ସାହୁ, ଶ୍ରେଷ୍ଠ ବୋଲର ଦିଶାନ୍ତ ସୋନକାର, ଶ୍ରେଷ୍ଠ ଫିଲ୍ଡର ସିତିକଣ୍ଠ ନନ୍ଦ, ମ୍ୟାନ ଅଫ ମ୍ୟାଚ ସବିତ ଦେବତା, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ରାହୁଲ ମୁଖିଙ୍କୁ ଅତିଥିମାନେ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।




ଅତିଥିଙ୍କ ଗହଣରେ ଖେଳାଳିମାନେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/MECHANISED CLEANING/BRGA/18, ତା.16.11.2018ରିଖ

**କାର୍ଯ୍ୟର ନାମ:** 03 (ତିନି) ବର୍ଷ ଅବଧି ନିମନ୍ତେ ବରଗଡ଼ ରୋଡ଼ ଷ୍ଟେସନର ସଫେଇ ଏବଂ ସ୍ୱଚ୍ଛତାର ରକ୍ଷଣାବେକ୍ଷଣ ତଥା ଯନ୍ତ୍ରୀକୃତ (Mechanized) ସଫେଇ ମାଧ୍ୟମରେ ଆବର୍ଜନାଗୁଡ଼ିକର ନିକାଶ ।

**ଆକଳିତ ଟେଣ୍ଡର ମୂଲ୍ୟ(ଟଙ୍କାରେ):** 33,36,511/-, EMD(ଟଙ୍କାରେ): 67,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ):3,540/-(18% GST ସହିତ) ।

ଟେଣ୍ଡର ଫର୍ମ ଜାରି ହେବା ଅବଧି: ସମ୍ବାଦପତ୍ରରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶିତ ହେବା ତାରିଖ ଠାରୁ ତା.24.12.2018 ରିଖ 1200 ଘଣ୍ଟିକା ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଓ ସମୟ: ତା.24.12.2018 ରିଖ 1530 ଘଣ୍ଟିକାରେ, **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ତା.24.12.2018 ରିଖ 1600 ଘଣ୍ଟିକାରେ ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ । ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର

PR-391/J/18-19

## ପୂର୍ବ ତଟ ରେଳପଥ

### ଟିଟିଲାଗଡ଼, ବଲାଙ୍ଗୀର ଏବଂ ବରଗଡ଼ ରୋଡ଼ ଷ୍ଟେସନ ଠାରେ ଖାଦ୍ୟ ସରବରାହ ସେବା ବ୍ୟବସ୍ଥା

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/Catg./NIT/AB-4/SMU/18, ତା.19.11.2018ରିଖ,

**କ୍ରମ ସଂ.: 01,** ଷ୍ଟେସନର ନାମ: ଟିଟିଲାଗଡ଼, ସ୍ଥାନ: ପ୍ଲାଟଫର୍ମ ନଂ. 2/3, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 84,000/-, EMD ଜମା (ଟଙ୍କାରେ): 8,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/- (18% GST ସହିତ) ।

**କ୍ରମ ସଂ.: 02,** ଷ୍ଟେସନର ନାମ: ବଲାଙ୍ଗୀର, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 76,000/-, EMD ଜମା (ଟଙ୍କାରେ): 7,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/- (18% GST ସହିତ) ।

**କ୍ରମ ସଂ.: 03,** ଷ୍ଟେସନର ନାମ: ବରଗଡ଼ ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 76,000/-, EMD ଜମା (ଟଙ୍କାରେ): 7,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/- (18% GST ସହିତ) ।

**କ୍ରମ ସଂ.: 04,** ଷ୍ଟେସନର ନାମ: ବରଗଡ଼ ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 1,00,000/-, EMD ଜମା (ଟଙ୍କାରେ): 10,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/- (18% GST ସହିତ) ।

ଷ୍ଟେସନ ବର୍ଗ : "B" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), ଖାଦ୍ୟ ସରବରାହ ୟୁନିଟ୍‌ର ନାମ: ଫଳ ଏବଂ ତାଜା ଜୁସ୍ ଷ୍ଟଲ (କ୍ରମ ସଂ.1, 2 ଏବଂ 3 ନିମନ୍ତେ), ଚା' ଦୋକାନ (କ୍ରମ ସଂ.4 ନିମନ୍ତେ), ଚିହ୍ନିତ ବର୍ଗ: ଗରୀବ ସୀମାରେଖା ତଳେ ରହୁଥିବା ବ୍ୟକ୍ତି (କ୍ରମ ସଂ.1 ନିମନ୍ତେ), ଅନୁସୂଚିତ ଜନଜାତି (କ୍ରମ ସଂ.2 ନିମନ୍ତେ), ଅନୁସୂଚିତ ଜାତି(କ୍ରମ ସଂ.3 ନିମନ୍ତେ) ଏବଂ ସ୍ୱାଧୀନତା ସଂଗ୍ରାମୀ/ଯୁଦ୍ଧରେ ମୃତ୍ୟୁବରଣ କରିଥିବା ସୈନିକଙ୍କ ସ୍ତ୍ରୀ ସହିତ ମୃତ ରେଳ କର୍ମଚାରୀଙ୍କ ବିଧବା ସ୍ତ୍ରୀ, ରେଳବାଇ ଦ୍ୱାରା ନିଜର ବ୍ୟବହାର କାରଣରୁ ସ୍ଥାନାନ୍ତରିତ/ ବିସ୍ଥାପିତ ହୋଇଥିବା ବ୍ୟକ୍ତିବିଶେଷ(କ୍ରମ ସଂ.4 ନିମନ୍ତେ) ।

ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ: ତା.27.12.2018 ରିଖ 1000 ଘଣ୍ଟିକା ଠାରୁ ତା.27.12.2018 ରିଖ 1530 ଘଣ୍ଟିକା ପର୍ଯ୍ୟନ୍ତ, ବିଡ୍ ବାକ୍ସ ବନ୍ଦ ହେବା ତାରିଖ ଓ ସମୟ: ତା.27.12.2018 ରିଖ 1530 ଘଣ୍ଟିକା, **ବିଡ୍ ବାକ୍ସ ଖୋଲାଯିବା ତାରିଖ ଓ ସମୟ:** ତା.27.12.2018 ରିଖ 1600 ଘଣ୍ଟିକାରେ ।

ବିଡ୍ ନଥିପତ୍ର ଉପଲବ୍ଧ ହେବା ସ୍ଥାନ: ଯେକୌଣସି କାର୍ଯ୍ୟ ଦିବସରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁର, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସା/ପୋଷ୍ଟ: ମୋଦିପଡ଼ା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-768002, ଫୋନ୍ ନଂ.-0663-2533195ଙ୍କ କାର୍ଯ୍ୟାଳୟରେ । ବିଡ୍ ନଥିପତ୍ରଗୁଡ଼ିକ ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର

PR-392/J/18-19

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୩ ନଭେମ୍ବର, ୨୦୧୮



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର
ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସାଲେପାଲିରେ ତୁଳସୀ ବିବାହ

**ଭେଡ଼େନ, ୨୨।୧୧(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅରେଇଗୁଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଲେପାଲିରେ କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ ଅବସରରେ ତୁଳସୀ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମର ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ପାତ୍ର, ସୁରଥ ପଧାନ, ଥବିର ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଦୀପ ପ୍ରଜ୍ୱଳନ କରି ମାନସିକ କାମନା କରିଥିଲେ । ମୁଖ୍ୟ ପୂଜକ କପିଳେଶ୍ୱର ପଣ୍ଡା ଏବଂ ସହଯୋଗୀ ଆକାଶ ପଣ୍ଡା ପୂଜାର୍ଚ୍ଚନା କରିବା ସହ ତୁଳସୀ ବନ୍ଦନା କରି ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ଉପସ୍ଥିତ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।



### ଜିଲାପାଳଙ୍କୁ ଫେରାଦ ହେଲେ ସାମାଜିକ କର୍ମୀ

**ବରଗଡ଼ ଅଫିସ୍,୨୨।୧୧:** ବରଗଡ଼ ଜିଲାରେ ଚାଷୀ ପରିଚୟ ପତ୍ର ଜାଲିଆତିର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ବୁଧବାର ସ୍ଥାନୀୟ ଫର୍ ସଂସ୍ଥା ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଫର୍ର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚାଷୀମାନେ ପରିଚୟ ପତ୍ର ପାଇ ପାରୁ ନ ଥିବା ଯୋଗୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବାବେଳେ ଜାଲ୍ ପରିଚୟପତ୍ରରେ ଧାନ କିଣାବିକା ଚାଲିଛି। ଏପରିକି ନିଜ ସମ୍ପତ୍ତି ହୋଇ ନ ଥିଲେ ମଧ୍ୟ ଜଣେ ପ୍ୟାକ୍ସ ସଭାପତି ଚକ୍ରାନ୍ତ କରି ତାଙ୍କ ନାମରେ ଚାଷୀ ପରିଚୟ ପତ୍ର ପ୍ରସ୍ତୁତ କରି ଧାନ ବିକିଥିବା ଅଭିଯୋଗ ହୋଇଛି। ସେହିପରି ଗୋବିନ୍ଦପୁର, ସରସରା ପ୍ୟାକ୍ସରେ ସରକାରୀ ଜମି ଦର୍ଶାଇ ପ୍ରସ୍ତୁତ ଜାଲ୍ ପରିଚୟପତ୍ର ପ୍ରସ୍ତୁତ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ଜିଲାପାଳ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଫର୍ର ସଭାପତି ଇଂ ଦେବବ୍ରତ ମିଶ୍ରଙ୍କ ନେତୃତ୍ୱରେ କେଦାର ମିଶ୍ର, ସତ୍ୟକେତନ ମହାନ୍ତି, ଏମଡ଼ି ଇଦ୍ରିଶ, ଶ୍ରୀମୁଖ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଶିକ୍ଷକ ଭବନ ଦାବିରେ ସ୍ମାରକପତ୍ର

**ବରଗଡ଼ ଜିଲା ସଦର ମହକୁମା**

**ବରଗଡ଼ ଅଫିସ୍,୨୨।୧୧**

ନୂତନ ପେନସନ ଯୋଜନା ଅନ୍ତର୍ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଜିଲା ସଦର ମହକୁମାରେ ଶିକ୍ଷକ ଭବନ ତଥା ସଂଘ କାର୍ଯ୍ୟାଳୟ ପାଇଁ ଗୁରୁବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହାସହିତ ମୁଖ୍ୟମନ୍ତ୍ରୀ ଏବଂ ବରଗଡ଼ ଜିଲାପାଳଙ୍କ ପାଖକୁ ଅନୁରୂପ ସ୍ମାରକପତ୍ର ପଠାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ଶିକ୍ଷକମାନେ ବ୍ୟକ୍ତିଗତ, ସାମୂହିକ କାମ ତଥା ଅଭିଯୋଗ ପାଇଁ ଜିଲାସ୍ତରୀୟ ଅଧିକାରୀଙ୍କ ପାଖକୁ ଆସିଥାନ୍ତି । ମାତ୍ର ଖରା,ବର୍ଷା ଓ ଶୀତରେ ମୁଣ୍ଡ ଗୁଞ୍ଜିବା ପାଇଁ ଶିକ୍ଷକମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି । ଫଳରେ ଶିକ୍ଷକ ଭବନ ନିର୍ମାଣ ନେଇ ଗତ ୧୮ତାରିଖରେ ସଂଘ ସଭାପତି ବିରେନ୍ଦ୍ର ନାଥ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶିକ୍ଷକଙ୍କ ଆଶ୍ରୟ ପାଇଁ ସଦର ମହକୁମାରେ ଶିକ୍ଷକ ଭବନ ନ ଥିବା ଯୋଗୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା ଏବଂ ଶିକ୍ଷକଭବନ ନିର୍ମାଣ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବିଧାୟକ, ପୌରାଧ୍ୟକ୍ଷ, ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି କ୍ରମରେ ସଂଘ ସମ୍ପାଦକ ସାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଧାୟକ ଏବଂ ପୌରାଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ର ପ୍ରଦାନ ସମୟରେ ଉପସଭାପତି ସୀତାରାମ ମହାପାତ୍ର, ସହ ସମ୍ପାଦକ ରମାକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ସତ୍ୟଶଙ୍କର ବିଶି, କାର୍ଯ୍ୟକାରୀ ସଭ୍ୟ ବାବଲୁ ଶତପଥୀ, ପୃଥ୍ୱୀରାଜ ପ୍ରଧାନ, ଗୋପାଳକୃଷ୍ଣ ଦାଶ, ମୁକୁନ୍ଦ ମହାନନ୍ଦ, ଶଶାଙ୍କ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ପୌରାଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

(ତା୨୩।୧୧।୧୮ରିଖ ଶୁକ୍ରବାର)

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଛଣ ଗିରି ଗିରି**
**ସୀତାଙ୍କୁ ରାବଣ ନଉଛି ହରି**
**ବିଭୂତି ଭୂଷଣ କରି ।**

ଜନକ ନନ୍ଦିନୀ ଦେବୀ ସୀତାଙ୍କୁ ଲଙ୍କପତି ରାବଣ ଛଦ୍ମବେଶ ଧାରଣ କରି ହରଣ କରିନେଇଥିବା କଥା ରାମାୟଣରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ ମିଛସତ କହି ବା ପ୍ରଲୋଭିତ କରି ପରନାରୀକୁ ଅକ୍ତିଆର କରିବା ନେଇ ଚେଷ୍ଟା ଚଳାଉଥିବା କାମୁକ ଶ୍ରେଣୀର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ପୂରୁବ ସଦେଇ କି;**
**ସଦେଇ ହାତରେ ଯାଉଁଳି ମୁଦି**
**ତାକୁ ମଣିଷ ଦିଶଇ କି ?**

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଂକାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଅଛାଣ୍ଡପାଲିରେ ରାମାୟଣ ପାରାୟଣ



ଅଛାଣ୍ଡପାଲିରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।

**ଭେଡ଼େନ, ୨୨।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଲୁହାଖଣ୍ଡୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଛାଣ୍ଡପାଲିରେ କାର୍ତ୍ତିକ ତ୍ରୟୋଦଶୀ ଅବସରରେ ବୁଧବାର ରାତିରେ ପ୍ରବଚନ ତଥା ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ପ୍ରବଚିକା ଅଳକା ଦାଶ ଅତିଥି ଭାବେ ଯୋଗଦେଇ ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ ପାଠ କରିବା ସହ ଜଳନ୍ଧର ବଧ ଉପାଖ୍ୟାନ ପରିବେଷଣ କରିଥିଲେ । ଏହି ଅବସରରେ କଳସ ଯାତ୍ରା, ବ୍ୟାସ ପୂଜନ, ବୋରମ୍ଭ ଆଦି କାର୍ଯ୍ୟକ୍ରମ ହୋଇଥିଲା । ଅଶୋକ ପଣ୍ଡା ବୋରମ୍ଭ କରିଥିବା ବେଳେ ଉତ୍ସବ ପରିଚାଳନାରେ ମୃତ୍ୟୁଞ୍ଜୟ ପଣ୍ଡା, ମୁନିରାମ ରଥ, ଶାନ୍ତନୁ ରଥ, ଚନ୍ଦ୍ରଚୂଡ଼ ରଥ ସଚିଦା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

■ ପୁସ୍ତକମେଳା ଆଲୋଚନାଚକ୍ରରେ ମତ

# କର୍ମମୟ ମାର୍ଗ ସୁଧୁରିଲେ ସମାଜ ସମୃଦ୍ଧ ହେବ

**ବରଗଡ଼ ଅଫିସ୍,୨୨।୧୧**

ନିଜର ଭୁଲ୍ ଠିକ୍କୁ ଆତ୍ମ ବିଶ୍ଳେଷଣ କରିବାର ପ୍ରକୃତ ମାନସିକତା ରଖିଲେ ଯାଇ ଆମର କର୍ମମୟ ମାର୍ଗ ସୁଧୁରିବା ସହିତ ସମାଜ ଓ ଜାତି ସମୃଦ୍ଧ ହୋଇ ପାରିବ। ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପୁସ୍ତକମେଳାର ଆଲୋଚନାଚକ୍ରରେ ଶିକ୍ଷାବିତ୍ ଡଃ ଗୌରାଙ୍ଗ ଚରଣ ଦାସ କହିଛନ୍ତି । ଇମ୍ପେରିୟଲ କଲେଜର ଚେୟାରମ୍ୟାନ ଦୀପକ କୁମାର ଗୋଏଲଙ୍କ ସଭାପତିତ୍ୱରେ ଗାନ୍ଧୀଦର୍ଶନ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅନ୍ୟତମ ବକ୍ତା ଭାବେ ଡଃ ପ୍ରଦୀପ କୁମାର ହୋତା ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ । ରୋଟାରୀ ସ୍କୁଲର ଚେୟାରମ୍ୟାନ ପ୍ରକାଶ କର, ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ଅରୁଣ ମହାନ୍ତି, ସମ୍ପାଦକ ମନୋରଞ୍ଜନ ସାହୁ, ଅଧ୍ୟାପକ ପତିତପାବନ ସାହୁ, ଜୟପ୍ରକାଶ ଶତପଥୀ, ଉମେଶ ବିଶ୍ୱାଳ, ବିକ୍ରମାଦିତ୍ୟ ପଣ୍ଡା, ଗୌରୀଶଙ୍କର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଜଣେ ବକ୍ତା ଆଲୋଚନା କରୁଛନ୍ତି ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

**ଗାଇସିଲେଟ୍,୨୨।୧୧(ଡ଼ି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଟୁର୍ଙ୍ଗା ଗ୍ରାମରେ ଜଣେ ବିବାହିତା ମହିଳା ସସ୍ମିତା ସାହୁ(୨୫)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ତାଙ୍କୁ ହତ୍ୟା କରାଯାଇଛି ବୋଲି ମୃତା ମହିଳାଙ୍କ ବାପଘର ଲୋକେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୬୫/୧୮) ରୁଜୁ କରି ତଦନ୍ତ କରୁଛି । ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ ଯାମପୁରୀ ଗ୍ରାମର ରାମଚନ୍ଦ୍ର ସାହୁଙ୍କ ଝିଅ ସସ୍ମିତା(୨୫) ଟୁର୍ଙ୍ଗା ଗ୍ରାମର ନରେନ୍ଦ୍ର ସାହୁଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ । ଗୁରୁବାର ସସ୍ମିତାଙ୍କ ମୃତ୍ୟୁ ହୋଇଥିଲା । ସସ୍ମିତାଙ୍କ ବାପଘର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ ଶବ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି ।

# ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ମାତୃ ସମ୍ମିଳନୀ

**ପଦ୍ମପୁର, ୨୨।୧୧ (ଡି.ଏନ.ଏ)**

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀ ସ୍ୱାମୀ ଜୀବନ ମୁକ୍ତାନନ୍ଦଜୀ ମହାରାଜ (କୁନ୍ତରା ଆଶ୍ରମର ଅଧକ୍ଷ)ଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ସ୍ୱାମିଜୀ ଉପସ୍ଥିତ ମାତୃ ମଣ୍ଡଳୀଙ୍କୁ ହିନ୍ଦୁ ରାଷ୍ଟ୍ରରେ ଆଜିକାର ଶିଶୁ ଶିକ୍ଷା ଓ ଲାଳନ ପାଳନ ଉପରେ ମାର୍ଗଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାପତି ଦ୍ୱାଦଶ କୁମାର ପଧାନ ମଞ୍ଚାସୀନ ଥିଲେ । କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ଆଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସମ୍ମିଳନୀରେ ୩୦୦ରୁ ଅଧିକ ମା' ଯୋଗଦାନ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡ଼ି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers: 7409203163

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now: 8295564405, 7496890187

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡ଼ି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡ଼ି।
Helpline Numbers: 9996568749, 7497026992
Kutasingha, Tentuligaon, Bolangir, Orissa 767068

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9897499698
Goudunipokhari, Pharsibandha, Bhadrak, Odisha - 756132

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜକମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787, 7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469, 8395030162

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261, 9718741868
Block Chack, Balasore-756027

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now 8859690149, 7830746256
T-51, Gali No.-8, Gautampuri, Delhi-110053

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8697980580

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234, 08750097511
Plot No.3, Sector-II, CBD Belapur, Navi Mumbai-400614

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370, 7840058835
H.No.-258, VPO Duhai, Ghaziabad, (U.P.) 201203

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡ଼ି।
Helpline 18002126755, 08802683947
Dist: Khargaon, Madhyapradesh

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ



## ସଂକ୍ଷେପରେ

### ସତୀଭଟାରେ ପଦଯାତ୍ରା

**ପଦ୍ମପୁର, ୨୨।୧୧ (ଡି.ଏନ.ଏ):** ସ୍ୱାମୀ ଜୀବନ ମୁକ୍ତାନନ୍ଦଜୀଙ୍କ ପଦଯାତ୍ରା ଓ ଧର୍ମପ୍ରଚାର ରଥ ଜୁନ ପହିଲାରୁ କନ୍ଧମାଳ ଜଳେଶପଟା ଆଶ୍ରମରୁ ବାହାରି ଗୁରୁବାର ସତୀଭଟା ଗ୍ରାମରେ ପହଞ୍ଚିଲା। ସେଠାରେ ପଦଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅପରାହ୍ନରେ ସ୍ୱାମିଜୀ ତାଙ୍କର ସହଗାମୀଙ୍କ ପରିବାରରେ ଜଳପାନ ଗ୍ରହଣ କରିଥିଲେ । ସନ୍ଧ୍ୟା କାଳୀନ ପ୍ରବଚନ ସଭାରେ ସ୍ୱାମିଜୀ ଉପସ୍ଥିତ ଆବାଳ ବୃଦ୍ଧବନିତାଙ୍କୁ ଧର୍ମାନ୍ତରୀକରଣ ବିରୁଦ୍ଧରେ ସଙ୍ଗଠିତ ହୋଇ ଶହୀଦ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅଧୁରାକାମକୁ ପୂର୍ଣ୍ଣ କରିବାକୁ ଆହ୍ୱାନ ଦେଇଥିଲେ। ଗୁରୁବାର ସକାଳେ ସ୍ୱାମିଜୀଙ୍କ ପଦଯାତ୍ରାକୁ ଦେଉଳି ଓ ପଦ୍ମପୁରରେ ଭବ୍ୟ ସ୍ୱାଗତ କରାଯାଇଥିଲା ।

### କାର୍ତ୍ତିକ ଚତୁର୍ଦ୍ଦଶୀ ପାଳିତ

ଅତାବିରା/ଭେଡେନ, ୨୨।୧୧ (ଡି.ଏନ.ଏ): ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା, ଗୋଡଭଗା କ୍ୟାମ୍ପ, ବୁଗବୁଗା, ଦେଶପର୍ଥଲା, ଉଦେପୁର, ଦେଶଭଟିଲି, ସାଲନା ଆଦି ସ୍ଥାନରେ କାର୍ତ୍ତିକ ଚତୁର୍ଦ୍ଦଶୀ ବ୍ରତ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ଓ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଦେଶପର୍ଥଲା ଗ୍ରାମରେ ସାନନ୍ଦ ଦାଶ ଓ ତାଙ୍କ ସ୍ତ୍ରୀ ଶୈଳଭାମା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସନ୍ତୋଷିନୀ ଦନ୍ତା, ଅଯୋଧ୍ୟା ଦାଶ, ପଦ୍ମିନୀ ଦାଶ, କାହ୍ନୁଚରଣ ଦାଶ, କାହ୍ନୁଚରଣ ସେଠ ପ୍ରମୁଖ ସହଯୋଗ କରିଥିଲେ । ଭେଡ଼େନ,(ଡ଼ି.ଏନ.ଏ): ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଅବସରରେ ଗୁରୁବାର ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି । ଅରେଇଗୁଡ଼ି ନୃସିଂହ ମନ୍ଦିର ସମ୍ମୁଖ, ସାଲେପାଲି, ଅଏଁଲାକଟା, ଭେଡ଼େନ ଗ୍ରାମପଞ୍ଚାୟତର ଥାନା ସମ୍ମୁଖ ପଡ଼ିଆରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ସେହିପରି ଲୁହାଖଣ୍ଡି ପଞ୍ଚାୟତର ଜାମପାଲିରେ ନାମଯଜ୍ଞ ହେବା ସହ ବରପଦର ଶିବ ମନ୍ଦିରରେ ଜଳଶାୟୀ ହୋଇଛି ।

### ବିଦ୍ୟୁତ୍ ନ ଥିଲେ ଏଟିଏମ ବନ୍ଦ

**ଅତାବିରା, ୨୨।୧୧ (ଡି.ଏନ.ଏ);** ଗୋଡଭଗା- ତୁରୁମ ୫୪ନମ୍ବର ରାଜ୍ୟ ରାଜପଥ ଲରମ୍ବା ବଜାର ପ୍ରାଙ୍ଗଣରେ ଥିବା ଏସବିଆଇ ଏଟିଏମ ବିଦ୍ୟୁତ ନ ଥିଲେ ବନ୍ଦ ହୋଇଯାଉଛି । ଫଳରେ ଲୋକେ ଦୂର ଦୂରାନ୍ତରୁ ଏଟିଏମକୁ ଟଙ୍କା ଉଠାଣ କରିବାକୁ ଆସି ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଛି ।

### ଘୁମୁନିପାଲିରେ ଭାଗବତ ପାରାୟଣ

**ଘେଁସ,୨୨।୧୧(ଡି.ଏନ.ଏ):** ସୋହେଲା ବ୍ଲକ ଅନ୍ତର୍ଗତ ଘୁମୁନିପାଲି ଗ୍ରାମରେ କାର୍ତ୍ତିକ ତ୍ରୟୋଦଶୀ ଅବସରରେ ଏକ ଦିବସୀୟ ଭାଗବତ ପାରାୟଣ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ସତ୍‌ସଙ୍ଗ ଭାଗବତ ଗୋଷ୍ଠୀ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିରୋଚନ ନାଏକ, ବଳରାମ ମେହେର, ଲକ୍ଷ୍ମଣ ମିଶ୍ର ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ । ବକ୍ତାମାନେ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତଙ୍କୁ ଭାଗବତ ଉପରେ ଦିଗ୍‌ଦର୍ଶନ ଦେବା ସହ ଉତ୍ତମ ଚରିତ୍ର ଗଠନରେ ସତସଙ୍ଗ ହିଁ ଏକମାତ୍ର ପଥପ୍ରଦର୍ଶକ ବୋଲି ମତ ଦେଇଥିଲେ । ଏହି ଅବସରରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେମସାଗର ସାହୁ, ସୌକି ସାହୁ, ଫକୀର ବାଗ, କୃଷ୍ଣଚନ୍ଦ୍ର ସାହୁ, ନେହେରୁ ମେହେର, ଗୌର ବାଙ୍କ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

### ନୃସିଂହନାଥରେ ଅଁଳାତଳ ପାଳିତ

**ପାଇକମାଳ,୨୨।୧୧(ଡି.ଏନ.ଏ):** ନୃସିଂହନାଥରେ ଗୁରୁବାର ଅଁଳାତଳ ପାଳିତ ହୋଇଯାଇଛି। ଗୁରୁବାର ଅଁଳାତଳ ଚର୍ତୁଦଶୀ ଅବସରରେ ହଜାର ହଜାର ଭକ୍ତ ଅନ୍ନ ପ୍ରସାଦ ସେବନ କରିଥିଲେ। ଭକ୍ତମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ମାସ ଯାକ ବ୍ରତ ରଖିଥିବା ଭକ୍ତମାନେ ଶୁକ୍ରବାର ପୂର୍ଣ୍ଣିମା ବୁଡ ପକାଇ ବୋଇତ ବନ୍ଦାଣ କରିଥିବା ମନ୍ଦିର କାର୍ଯ୍ୟ ନିବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ କହିଛନ୍ତି ।

## ■ ଚୂଡ଼ାନ୍ତ ହୋଇନି ଚାଷୀ ପରିଚୟ ପତ୍ର
# ବିକ୍ରି ହୋଇପାରୁନି ଅମଳ ଧାନ



ପରିଚୟପତ୍ର ପାଇବାରୁ ବଞ୍ଚିତ ଚାଷୀଙ୍କ ଧାନ କଳାପାଣି ମଣ୍ଡିରେ ବିକ୍ରି ନ ହୋଇ ପଡ଼ି ରହିଛି ।

**ବରାହଗୋଡା ପାଇନାହାନ୍ତି ଚାଷୀ ପରିଚୟପତ୍ର**



ମୋର ୮ଏକର ଜମି ଅଛି । ଧାନ ଅମଳ ମଧ୍ୟ ସରିଛି । ବିକ୍ରିପାଇଁ ଅମଳ ଧାନ କଳାପାଣି ମଣ୍ଡିକୁ ଆଣିଛି। ଜଳକର, ମାଲଗୁଜାରୀ ସବୁ ପଇଠ କରି ସାରିଛି । କିନ୍ତୁ ଏପର୍ଯ୍ୟନ୍ତ ମୋତେ ପରିଚୟ ପତ୍ର ମିଳିପାରିନାହିଁ। ପରିଚୟ ପତ୍ର ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ନିରାଶରେ ଫେରିବାକୁ ପଡୁଛି ଏବଂ ମଣ୍ଡିକୁ ଧାନ ଆଣିଥିଲେ ମଧ୍ୟ ତାହା ବିକ୍ରି ହୋଇ ପାରୁନାହିଁ ।

**-ସୁଶୀଲ କୁମାର ସାହୁ, ଚାଷୀ**



ମୋର ୩ଏକର ଜମି ରହିଛି । ଗତ ମଙ୍ଗଳବାର ପ୍ରାୟ ଦେଢ଼ଶହ ପ୍ୟାକେଟ୍ ଧାନ କଳାପାଣି ମଣ୍ଡିକୁ ଆଣିଛି । କିନ୍ତୁ ଏପର୍ଯ୍ୟନ୍ତ ଯୋଗୁ ଗୋଟିଏ ପ୍ୟାକେଟ୍ ମଧ୍ୟ ଧାନ ବିକ୍ରି କରି ପାରି ନାହିଁ । ମେଜର ବନ୍ଦୋବସ୍ତ ଅନୁସାରେ ଜଳକର, ମାଲଗୁଜାରୀ ପଇଠ କରି ସାରିଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଚାଷୀ ପରିଚୟ ପତ୍ର ମିଳି ନ ଥିବା ଯୋଗୁ ଏଭଳି ସମସ୍ୟା ଉପୁଜିଛି ।

**-ତରଣୀ ସାହୁ, ଚାଷୀ**



ବରାହଗୋଡ଼ା ଗ୍ରାମର ଚାଷୀଙ୍କ ଜମି ରେକର୍ଡ଼ ଚକବନ୍ଦୀ ବନ୍ଦୋବସ୍ତ (ଚକ)ରେ ହୋଇଛି । କିନ୍ତୁ ଚାଷୀମାନେ ମେଜର ବନ୍ଦୋବସ୍ତ ହିସାବରେ ଜଳକର, ମାଲଗୁଜାରୀ ପଇଠ କରୁଛନ୍ତି। ଭୂଲେଖରେ ମେଜର ବନ୍ଦୋବସ୍ତ ଆଟେଚଡ୍ ନାହିଁ । ଫଳରେ ସେଭଳି ସମସ୍ୟା ଦେଖାଯାଇଛି ଏବଂ ଚାଷୀମାନେ ଯେଭଳି ସୁରୁଖୁରୁରେ ଧାନ ବିକି ପାରିବେ, ସେ ଦିଗରେ ପଦକ୍ଷେପ ନିଆଯାଉଛି ।

**-ଦିବାକର ଭୋଇ, ଏଆରସିଏସ୍**

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୨।୧୧**

ଧାନ ବିକ୍ରି ପାଇଁ ବରଗଡ଼ ଜିଲାରେ ଚାଷୀ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ଚାଷଜମି ବାବଦକୁ ଜଳକର, ମାଲଗୁଜାରୀ ଦେଲେ ଯାଇ ପରିଚୟପତ୍ର ନବୀକରଣ ହେଉଛି । ଧାନ ବିକ୍ରିରେ ଚାଷୀ ପରିଚୟ ପତ୍ରକୁ କଡ଼ାକଡ଼ି କରାଯାଇଛି । କିନ୍ତୁ ଏଥିରେ ଜାଲିଆତି ମଧ୍ୟ ବାଦ୍ ପଡ଼ିନାହିଁ । ଖୋଦ୍ କେତେକ ବିଭାଗୀୟ ଅଧିକାରୀ, କର୍ମଚାରୀ ଚଞ୍ଚକତା କରି ଗ୍ରାମ୍ୟ ଜଙ୍ଗଲ, କେନାଲ ଭଳି ସରକାରୀ ଜମି ଦର୍ଶାଇ ଚାଷୀ ପରିଚୟ ପତ୍ର ପ୍ରସ୍ତୁତ କରିବା ଘଟଣା ପଦାକୁ ଆସିଛି । ଅନ୍ୟପଟେ ପ୍ରକୃତ ଜମି ମାଲିକଙ୍କୁ ଚାଷୀ ପରିଚୟ ପତ୍ର ମିଳୁନି । ଆଉ ଏଥିପାଇଁ ଅମଳ ଧାନ ବିକି ନ ପାରି ଚାଷୀଙ୍କୁ ନିରାଶ ହେବାକୁ ପଡୁଛି । ବରଗଡ଼ ଜିଲା ସଦର ମହକୁମାଠାରୁ ମାତ୍ର ୫କି.ମି ଦୂରରେ ରହିଥିବା ବରାହଗୋଡ଼ା ଗ୍ରାମର ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜିଛି ।

ଧାନ ସଂଗ୍ରହ ପ୍ରକ୍ରିୟାର ୨ସପ୍ତାହ ବିତିଯାଇଛି । କିନ୍ତୁ କଳାପାଣି ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନ ଏହି ଗ୍ରାମର ଜଣେ ହେଲେ ଚାଷୀଙ୍କୁ ପରିଚୟ ପତ୍ର ମିଳି ନାହିଁ । ଅପରପକ୍ଷେ ଗ୍ରାମର ଚାଷୀମାନେ ବିକ୍ରି ଆଶା ନେଇ ଅମଳ ଧାନକୁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପାଣି ମାର୍କେଟ ୟାର୍ଡ଼କୁ ଆଣି ଗଦା କରିଛନ୍ତି। ଏହି ଧାନକୁ ତୋରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଜରିଆରେ ଯୋଗାଣ ନିଗମ କିଣିବା କଥା । ହେଲେ ଚାଷୀ ପରିଚୟପତ୍ର ଏବଂ ପି-ପାସ୍ ଚୂଡ଼ାନ୍ତ ହୋଇ ନ ଥିବା ଦର୍ଶାଇ ସମ୍ପୃକ୍ତ ପ୍ୟାକ୍ସ ଉକ୍ତ ଗ୍ରାମର ଜଣେ ହେଲେ ଚାଷୀଙ୍କ ବସ୍ତାଟିଏ ମଧ୍ୟ ଧାନ କିଣିନାହିଁ । ଗୋଟିଏ ପଟେ ଚଞ୍ଚକତା କରି ସରକାରୀ ଜମି ଦର୍ଶାଇ ଜାଲ୍ ପରିଚୟ ପତ୍ର ହୋଇପାରୁଛି । ଅନ୍ୟପଟେ ମେଜର, ଚକବନ୍ଦୀ ବନ୍ଦୋବସ୍ତ ତାରତମ୍ୟ ଆଳରେ ପ୍ରକୃତ ଚାଷୀଙ୍କୁ ଏପର୍ଯ୍ୟନ୍ତ ପରିଚୟ ପତ୍ର ପ୍ରଦାନ କରା ନ ଯାଇ ମଣ୍ଡିରେ ସରକାରୀ ସହାୟକ ମୂଲ୍ୟରେ ଧାନବିକ୍ରିରୁ ବଞ୍ଚିତ କରାଯାଉଛି । ଏହା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

## ମଧୁବାବୁ ଭତ୍ତା ବଣ୍ଟନ ସମାରୋହ

**ବିଜେପୁର, ୨୨।୧୧ (ଡି.ଏନ.ଏ)**

ବିଜେପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଏବଂ ଅବିବାହିତା କୁମାରୀ କନ୍ୟାମାନଙ୍କୁ ଦୁଇ ମାସର ୬ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୩ ପଞ୍ଚାୟତ ଓ ବିଜେପୁର ଏନଏସିର ୯ଶହ ଜଣ ହିତାଧିକାରୀ ନୂତନ ଭତ୍ତା ପାଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ୫ଶହ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯିବାକୁ ଯୋଜନା ରହିଥିବା ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି । ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବିଧାୟିକା ରୀତା ସାହୁ, ଏମ୍‌ପି ପ୍ରଭାସ କୁମାର ସିଂ, ବ୍ଲକ ଅଧକ୍ଷା ମାନିନୀ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ । ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ଅଧକ୍ଷତାରେ ଏସ୍‌ଇଓ ପାଣ୍ଡବ ନନ୍ଦ ସମାରୋହକୁ ସଂଯୋଜନା କରିଥିଲେ । ପିଇଓ, ଜିଆରଏସ, ସରପଞ୍ଚ ଭତ୍ତା ବଣ୍ଟନରେ ସହଯୋଗ କରିଥିଲେ ।

## ୧୯୩ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ମନ୍ତ୍ରୀ ସୁଶାନ୍ତ ସିଂ ଜଣେ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟୁଛନ୍ତି ।

**ସୋହେଲା,୨୨।୧୧(ଡି.ଏନ.ଏ.)**

ସୋହେଲା ବ୍ଲକ ଅଫିସ୍‌ରେ ଗୁରୁବାର ୧୯ଟି ପଞ୍ଚାୟତର ୧୯୩ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା । ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୯ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୨୩ଜଣଙ୍କୁ ଅବିବାହିତା ଭତ୍ତା, ୧୯ଜଣଙ୍କୁ ବିଧବା ଭତ୍ତା ଓ ୧୪୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ । ବିଡିଓ ଅଶୋକ କୁମାର ଗଡତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା ଓ ଦୟାନିଧି ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପ୍ରଧାନ, ମାର୍କଣ୍ଡ ସା, ଚୌବର୍ଗ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରସାଗର ସାହୁ, ଅନିଲ କୁମାର ପାଢ଼ି ତଥା ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଲିଦନା ଦେଉଛେ ପେଟ୍‌କେ ଦାନା

**ଅତାବିରା, ୨୨।୧୧ (ଡି.ଏନ.ଏ)**

ନିଜର କୁଟୁମ୍‌ର ପେଟ୍‌କେ ଦାନା ଯୁଗାବାର ସଂଗେ ପିଲାଛୁଆକୁ ଦୁଇଅଖର ପାଠ୍ ପଢ଼େଇ ଭଲ୍ ମୁନୁଷ୍ କରବାର ସମ୍‌କିରି ଇଚ୍ଛା। ସେନ୍‌ତା ଗୋଡ଼ଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥ ତରେ ଥିବାର ଗାଁମାନ୍‌କେ ଯାଇ ଖଲିଦନା ବିକୁଥିଲା ବେଲ ବରଗଡ ଜିଲା ଭେଡ଼େନ ବ୍ଲକ୍ ମାନପୁର ପଁଚେତ୍‌ର ମାନପୁର ଗାଁର ଦୁଃଖିଶ୍ୟାମ ମହାନନ୍ଦକୁ ଭେଟିଥିଲେ ଆମର ଅତାବିରା ଧରିତ୍ରୀ ପର୍‌ତିନିଧି। ସେ ୧୯ ବଛର ହେଲା ଖଲିଦନା ବିକି ନିଜର ପରିବାର ଚଲଉଛନ୍। ସେ ପହେଲା ସାଇକେଲରେ ଗାଁ ଗାଁ ବୁଲି ଖଲିଦନା ବିକୁଥିଲେ। ସେଥିରେ ତାକର ପରିବାରର ଚଲବାର ସଂଗେ ପିଲାଛୁଆକର ପାଠ୍‌ପଢ଼ା ବି ହେଉଥିଲା। ହେଲେ ବେପାର ବଢ଼ାବାର ଲାହାଁସେ ସେ ଦିନୁଦିନ୍‌କେ ପେଟ୍‌କାଟି ଦୁଇପଏସା ସଁଚି ଗୁଟେ ଲୁନା ଘିନ୍‌ଲେ। ତାକର ଜମିବାଡ଼ି ବଲି କଛି ନାଇଁ, ମୂଲ୍‌ଦିନୁ ସୁଖ୍‌ବାସୀ ଆନ୍। ପରିବାର କହେଲେ ଘରେ ମାଏକିନା କେତକୀ, ଦୁଇ ପୁଓ ରୋହିତ ଆର୍ ରାଜୀବକୁଁ ନେଇ ତାକର ସୁଖର ସଁସାର। ଇ ଖଲିଦନା ବେପାର କରି ଦୁଇ ପୁଓକୁ ସେ ଯୁକ୍ତ ଦୁଇ ତକ୍ ପଢ଼େଇ ଥିବାର କହିଥିଲେ। ତା'ପରେ ଟଁକା ପଏସା ଅଭାବୁ ପୁଓମାନକର ପାଠ୍‌ପଢ଼ାରେ ଗଏଁଠ୍ ପଡ଼ିଥିଲା। ହେଲେ ସେ ହାର ନାଇଁମାନି। ଏହେଦେ ବି ଫିଦିନ ସଖାଲୁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା, ମେଟାକାନି ଅଂଚଲକେ ଯାଇ ପାଖାପାଖି ୧୫ଶହ ଟଁକାର ଖଲିଦନା ଆନୁଛନ୍। ସେଟାକେ ବରଗଡ, ଭେଡ଼େନ, ଅତାବିରା ବ୍ଲକ୍‌ର ଭିନେ ଭିନେ ଗାଁକେ ଯାଇ ବିକୁଛନ୍। ସେ ଦନାମାଲ୍‌କ ୮ରୁ ୧୦ ଟଁକା, ଖଲି ପେଁଡ଼ା ୧୦ ଟଁକାରେ ଆନୁଛନ୍ ଆର୍ ସିଜିନ୍ ଅନ୍‌ସାରେ ଦନା ମାଲ୍‌କ ୧୫ ଟଁକା, ଖଲି ପେଁଡ଼ାକ ୨୦ରୁ ୨୫ଟଁକାରେ ବିକୁଛନ୍। ଲୁନାରେ ପେଟ୍ରୋଲ ଭରି ଗାଁ ଗାଁ ବୁଲି ଖଲିଦନା ବିକ୍‌ଲେ ବି ଦିନ୍‌କ ୫ଶହରୁ ୬ଶହ ଟଁକା କାହିଁ ନାଇଁଯାଏ ବଲି ସେ କହିଥିଲେ। ସେଥିରେ ପରିବାରର ଖାଏବାର ପିଇବାରନୁ ମୂଲ୍‌କରି ପିଁଧିନାପଟା, ଛୁଆକର ପାଠ୍‌ପଢ଼ା ଖରଚ୍ ତୁଲେଇ ଆସୁଛନ୍। କରମ୍‌କୁଢ଼ିଆ ହେଇ ଘରେ ନାଇଁବସିକରି ନିଜର ବାହା ଜାଂଗଲ ମାଜ୍‌ଲେ ସବୁ ସମ୍‌ଭବ୍ ବଲି ବି ସେ କହିଥିଲେ।



ଦୁଃଖୀଶ୍ୟାମ ଲୁନାରେ ଖଲିଦନା ବିକିଯାଉଛନ୍ ।

## ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉତ୍ସବ

**ବରପାଲି, ୨୨।୧୧ (ଡି.ଏନ.ଏ)**

ବରପାଲି ବ୍ଲକ ଅନ୍ତର୍ଗତ ବାରଙ୍ଗପାଲିରେ ଅଲେଖ ମହିଳାଙ୍କ ୧୨୪ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଅବଧୂତ ଉଦ୍ଧବ ଚରଣ ବାବାଙ୍କ କରକମଳରେ ଶୁଭାରମ୍ଭ ହୋଇଛି । ଏହି ଅବସରରେ ଗୁରୁବାର ୧୦୮ ଦୀପ ପ୍ରଜ୍ୱଳନ ସହ ପ୍ରବଚନ ହୋଇଥିଲା । ଏହାସହିତ ବିଶ୍ୱର ମଙ୍ଗଳ ପାଇଁ ଅଖଣ୍ଡ ବ୍ରହ୍ମଧୂନି, ବତୀ, ଘୃତାହୃତି ଓ ମହିଳା ବାଲ୍ୟଲୀଳା ଆଦି ହୋଇଥିଲା । ଏହି ଯଜ୍ଞରେ ଯୋରନ୍ଦା ଆଶ୍ରମର ବିରେନ୍ଦ୍ର ବାବା, ଚିତ୍ତରଞ୍ଜନ, ଅମୃତ ଉଦ୍ଧବ ଚରଣ, କୁଳଧର, ବରୁଣ ଓ ସାଧୁ ଶ୍ୟାମ ଦାସ ପ୍ରମୁଖ ଯଜ୍ଞକର୍ତ୍ତା ଭାବେ ଯୋଗ ଦେଇଥିଲେ । କାହ୍ନୁ ତ୍ୟାଗୀ, କୈଳାଶ ବ୍ରହ୍ମଚାରୀ, ବିନୋଦ ବ୍ରହ୍ମଚାରୀ ଓ ମାତା ପୁଷ୍ପା ସାହୁ ପ୍ରମୁଖ ପ୍ରବଚକ ଭାବେ ଯୋଗ ଦେଇଥିବା ବେଳେ ସାଧୁ ଶ୍ୟାମ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା

**ବରପାଲି, ୨୨।୧୧ (ଡି.ଏନ.ଏ)**

ବରପାଲି ସହରର ବହଲମୁଣ୍ଡା ସ୍ଥିତ ଗଣପତି କ୍ଲବ ପାଠଗାର ଆନୁକୂଲ୍ୟରେ ଗୁରୁବାର ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ବୁଧବାର ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିରେ ବନ୍ତରାମ ସେଠ ଓ ତାଙ୍କ ସ୍ତ୍ରୀ ଶିବରାତ୍ରି ସେଠ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି ଉତ୍ସବରେ ବିଧାୟିକା ରୀତା ସାହୁ ଓ ଏନଏସସି ଅଧକ୍ଷା ମୀନା ସେଠ ନୂତନ ଗଣପତି କ୍ଲବର ଶୁଭ ଉଦଘାଟନ କରିଥିଲେ ।

## ସାମ୍ପ୍ରଦାୟିକ ସଦ୍‌ଭାବନା ସପ୍ତାହରେ ଶୋଭାଯାତ୍ରା

**ପାଇକମାଳ,୨୨।୧୧(ଡି.ଏନ.ଏ)**

ପାଇକମାଳସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟଠାରେ ସାମ୍ପ୍ରଦାୟିକ ସଦ୍‌ଭାବନା ସପ୍ତାହ ପାଳିତ ହୋଇଛି । ଏହିଅବସରରେ ଗୁରୁବାର ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ମୋହନ ସୁନ୍ଦର ବେହେରା, ଶିକ୍ଷକ ମଳୟ କୁମାର ବିଶ୍ୱାଳ, ରଶ୍ମିରନ ପଟ୍ଟନାୟକ, ରାଜେନ୍ଦ୍ର ଠାକୁର, ଇଶ୍ୱର ଚନ୍ଦ୍ର ଲେଙ୍କା, ଗୀତାଞ୍ଜଳି ପଟେଲ, ବିଭୂତି ପୃଷ୍ଟି, ଝରଣା ସାହୁ, ସୁଷମା ଲେକ୍ରାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନେ ୪୧୪୦ ଟଙ୍କା ସଂଗ୍ରହ କରି ଭାରତ ସରକାରଙ୍କ ପାଣ୍ଠିକୁ ଦେଇଥିଲେ । ଏହି କାର୍ଯ୍ୟକ୍ରମ ସାତଦିନ ଧରି ଚାଲିବ ବୋଲ ଭାରପ୍ରାପ୍ତ ଅଧକ୍ଷ ବେହେରା କହିଛନ୍ତି ।



ନବୋଦୟ ଛାତ୍ରୀଛାତ୍ରମାନେ ସାମ୍ପ୍ରଦାୟିକ ସଦ୍‌ଭାବନା ଶୋଭାଯାତ୍ରାରେ ବାହାରିଛନ୍ତି ।

## କର୍ମଚାରୀଙ୍କ ଦରମା ବନ୍ଦ କରି ଅଡୁଆରେ ବିଇଓ

**ବରଗଡ଼ ଅଫିସ୍,୨୨।୧୧**

ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ୍‌ରେ କାର୍ଯ୍ୟରତ ୪ଜଣ କର୍ମଚାରୀ କନିଷ୍ଠ କିରାଣୀ ଦେବାର୍ଚ୍ଚନ ମଲ୍ଲିକ, ନିରାକାର ସାହୁ, ଫାଲଗୁନୀ ପଣ୍ଡା, ପିଅନ ଉପେନ୍ଦ୍ର ତାଣ୍ଡିଙ୍କ ଦରମାକୁ ବିଇଓ ସୁଧାଂଶୁ ଶେଖର ମିଶ୍ର ବନ୍ଦ କରିଛନ୍ତି। ଅନ୍ୟପଟେ ସେ ନେଇ ରିପୋର୍ଟ ଦେବା ପାଇଁ ବିଇଓ ମିଶ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଆସିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି ।

ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ୍‌ରେ କାର୍ଯ୍ୟରତ ଏହି କର୍ମଚାରୀଙ୍କ ଗତ ଅକ୍ଟୋବର ମାସର ଦରମାକୁ ବନ୍ଦ କରି ଦିଆଯାଇଛି । ଅପରପଟେ ଗତ ଦିପାବଳୀ ପୂର୍ବରୁ ଅଫିସ୍‌ର ଅନ୍ୟ କର୍ମଚାରୀଙ୍କ ଦରମା ରିଲିଜ ପାଇଁ ବିଇଓ ଦସ୍ତଖତ କରି ଟ୍ରେଜେରୀକୁ ପଠାଇଥିଲେ । ତେବେ ଅଫିସ ଅର୍ଡ଼ର କିମ୍ବା କାରଣ ଦର୍ଶାଅ ନୋଟିସ ଜାରି ନ କରି ବିଇଓ ଦରମା ବନ୍ଦ କରିବା ଆଦୌ ସମୀଚୀନ ନୁହେଁ ବୋଲି ଉପରୋକ୍ତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ଦରମା ବନ୍ଦ ହୋଇଥିବାରୁ ସେମାନଙ୍କ ପିଲାଛୁଆଙ୍କ ପାଠପଢ଼ାଠାରୁ ଆରମ୍ଭ କରି ପରିବାର ଭରଣପୋଷଣ କଷ୍ଟସାଧ୍ୟ ହୋଇ ପଡ଼ିଛି । ଏ ନେଇ ବୁଧବାର ଉକ୍ତ କର୍ମଚାରୀମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଫେରାଦ ହୋଇଥିଲେ। ଏହାପରେ ଜିଲାପାଳ ତ୍ରିପାଠୀ ସେ ନେଇ ବିହିତ ପଦକ୍ଷେପ ନେବା ପାଇଁ ଡିଇଓ ଯୋଶୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପାଇ ଡିଇଓ ଯୋଶୀ ତାଙ୍କ ଅଫିସ୍‌ର ପତ୍ରସଂଖ୍ୟା-୧୨୬୯୧ ତା-୨୨।୧୧।୨୦୧୮ କ୍ରମେ ଗୁରୁବାର ବିଇଓଙ୍କୁ ରିପୋର୍ଟ ମାଗିଛନ୍ତି ।

# କ୍ରିକେଟ: ବରତୁଣ୍ଡା ଏ ଚାମ୍ପିୟନ

**ପାଇକମାଳ,୨୨।୧୧(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ବିଜୁ ବାହିନୀ ଆନୁକୂଲ୍ୟରେ ବରତୁଣ୍ଡା ଗ୍ରାମପଞ୍ଚାୟତ ସ୍ତରୀୟ ଏକ କ୍ରିକେଟ ଟୁର୍ନାମେଣ୍ଟ ହାଇସ୍କୁଲ ଖେଳ ପଡିଆରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପଞ୍ଚାୟତର ୪ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳ ବରତୁଣ୍ଡା ଏ ଓ ବରତୁଣ୍ଡା ବି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରତୁଣ୍ଡା ଏ ଦଳ ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ ମୁଖ୍ୟଅତିଥି, ରକ୍ମଣ ଧରୁଆ, ଗୁରୁବାରୁ ପଟ୍ଟନାୟକ, ବିଭୀଷଣ ଦିୱାନ, ଗୋଲାପ ବିନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ପ୍ରମୁଖ ଯୋଗ ଦେଇଥିଲେ। ସହଦେବ ଦାଉ, ଅଜୟ ବେରୁଆ ଖେଳ ପରିଚାଳନା କରିଥିବା ବେଳେ ଉମାକାନ୍ତ ବାଗ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ବଳଦେବ ଦାଉ, ଦୀପକ ଆଚାର୍ଯ୍ୟ, ବେଣୁଧର ସାହୁ, ପ୍ରଶାନ୍ତ ବାଗ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସତ୍ୟ ହେର୍ଣ୍ଣା ଧନ୍ୟବାଦ ଅର୍ପଣ କରିଥିଲେ ।



ବରତୁଣ୍ଡା ଗ୍ରାମପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ମଞ୍ଚାସୀନ ଅତିଥିବୃନ୍ଦ ।



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ଜମନକିରା/ପଡ଼ିଆବାହାଲ,୨୨।୧୧ (ଡି.ଏନ.ଏ) : ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ମୁଣ୍ଡେନପାଲି ପଞ୍ଚାୟତ ଭେଜିକୁଦ ଗାଁର ଏକ ପରିତ୍ୟକ୍ତ ବନ୍ଧରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ବୟସ ୫୦ରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହଟି ପଚିସଢ଼ି ଯାଇଥିବାରୁ ୪ ଦିନରୁ ଅଧିକ ହେବ ପାଣିରେ ପଡ଼ିରହିଥିବା ଜଣାଯାଇଛି। ଗ୍ରାମର କେତେକ ପିଲା ପିଜୁଳି ଓ କଣ୍ଟେଇକୋଳି ଖାଇବାକୁ ଉକ୍ତ ବନ୍ଧ ନିକଟକୁ ଯାଇଥିବାବେଳେ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ପାଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ବନ୍ଧ ପାଣିରୁ ମୃତଦେହକୁ ବାହାରକୁ ଆଣିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରଜୁ ହୋଇଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିବା ପୋଲିସ କହିଛି।

### ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଶୋକସଭା

ସମ୍ବଲପୁର,୨୨।୧୧(ବ୍ୟୁରୋ)- ପୂର୍ବତନ ସାଂସଦ ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଗୁରୁବାର ସମ୍ବଲପୁର ସାଂସ୍କୃତିକ ସମାଜ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ନରେନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ସଭା ହୋଇଥିଲା। ବଳରାମ ଦାସ, ପ୍ରଫୁଲ୍ଲ ହୋତା, ସରୋଜ ଦାସ, କମଳଲୋଚନ ପଣ୍ଡା, ଦେର୍ବାଚନ ଠାକୁର, ପ୍ରଶାନ୍ତ ପାଟ୍ଟଯୋଶୀ, ଭବନାଶଙ୍କର ଭୋଇ, ସଞ୍ଜିବ କୁମାର ନାଥ, ମାନସ ବକ୍ସି ପ୍ରମୁଖ ବୈଷ୍ଣବଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ।

### ଖଲିଆପାଲିରୁ ଉଠିଲା ୪୬୩୧ ବସ୍ତା ଧାନ

ପଡ଼ିଆବାହାଲ,୨୨।୧୧(ଡି.ଏନ.ଏ.) ଧାନକିଣା ସମସ୍ୟାରେ ସୁଧାର ଆସିଥିବାବେଳେ ଗୁରୁବାର ଖଲିଆପାଲି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରୁ ପ୍ରଥମ ଦିବସରେ ୪୬୩୧ ବସ୍ତା ଧାନ କିଣାବିକା ହୋଇଛି। ତେବେ ବଜାର ପ୍ରାଙ୍ଗଣରେ ଓଜନ ସୁବିଧା ଉପଲବ୍ଧ ରହିଥିଲେ ମଧ୍ୟ ବିନା ଓଜନରେ ଧାନ ଉଠାଣ ହୋଇଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ସହରୀ ଗ୍ୟାସ ବିତରଣ ପ୍ରକଳ୍ପର ଶିଳାନ୍ୟାସ

ସମ୍ବଲପୁର,୨୨।୧୧(ବ୍ୟୁରୋ)



ଗୁରୁବାର ସମ୍ବଲପୁର ମନ୍ଦଲିଆ ପଡିଆଠାରେ ସହରି ଗ୍ୟାସ ବିତରଣ ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

- ୫ ବର୍ଷରେ କାର୍ଯ୍ୟ ସମ୍ପୂର୍ଣ୍ଣ ଲକ୍ଷ୍ୟଧାର୍ଯ୍ୟ
- ପାଇପ ଯୋଗେ ଯୋଗାଣ ହେବ ଗ୍ୟାସ୍
- ଶସ୍ତା ଇନ୍ଧନ ଓ ସୁସ୍ଥ ପରିବେଶ ସମ୍ଭବ ହେବ

ସାମାଜିକ, ଆର୍ଥିକ ଓ ପର୍ଯ୍ୟାବରଣ ଅନୁକୂଳ ପ୍ରାକୃତିକ ଗ୍ୟାସ ପାଇପ ଯୋଗେ ଯୋଗାଣ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହରୀ ଗ୍ୟାସ ବିତରଣ ପ୍ରକଳ୍ପ ଯୋଜନା କରାଯାଇଛି। ରାଜ୍ୟର ସମ୍ବଲପୁର ସମେତ ୧୭ ଜିଲାରେ ୩ କମ୍ପାନୀ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବାକୁ ଥିବାବେଳେ ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ନୂଆଦିଲ୍ଲୀ ବିଜ୍ଞାନ ଭବନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଡ.ହର୍ଷବର୍ଦ୍ଧନ ଓ ବିଭାଗୀୟ ସଚିବ ଉପସ୍ଥିତ ରହିଥିଲେ। ପ୍ରଥମ ପର୍ଯ୍ୟାୟରେ ବରଗଡ, ଦେବଗଡ, ସମ୍ବଲପୁରରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ୫ ବର୍ଷରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ପେଟ୍ରୋଲିୟମ ମନ୍ତ୍ରୀ ପ୍ରଧାନ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ର ମଧ୍ୟରେ ଗୃହ, ଉଦ୍ୟୋଗ, ବାଣିଜ୍ୟ ପରିସର ଓ ସିଏନଜି ଷ୍ଟେଶନଗୁଡ଼ିକୁ ପ୍ରାକୃତିକ ଗ୍ୟାସ ଯୋଗାଣ ସମ୍ଭବ ହେବ। ପର୍ଯ୍ୟାୟକ୍ରମେ ସମଗ୍ର ଦେଶରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ବରଗଡ଼, ସମ୍ବଲପୁର ଓ ଦେବଗଡ ଜିଲାରେ ୮ ବର୍ଷରେ ୨୪୮ କୋଟି ଟଙ୍କା ନିବେଶ କରାଯିବ। ପ୍ରକଳ୍ପ କାର୍ଯ୍ୟରେ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ ରୋଜଗାର ପାଇବେ ବୋଲି କହିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭାରତଗ୍ୟାସ ସିଇଓ ଦୀପକ ପରମାର, କୁଚିଣ୍ଡା ବିଧାୟକ ରବି ନାଏକ, ଦେବଗଡ଼ ବିଧାୟକ ନୀତିଶ ଗଙ୍ଗଦେବ, ସମ୍ବଲପୁର ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଦେବଗଡ଼ ଜିଲାପରିଷଦ ଅଧକ୍ଷ ସୁଧାମୟୀ ପଟେଲ, ବରଗଡ଼ ଜିଲାପରିଷଦ ଅଧକ୍ଷା ମୁକ୍ତା ସାହୁ ଉପସ୍ଥିତ ରହିଥିଲେ। ଭାରତ ଗ୍ୟାସ ରାଜ୍ୟ ମୁଖ୍ୟ ଦେବାଶୀଷ ପଟେଲ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ସର୍ବଭାରତୀୟ କ୍ରିକେଟ ମ୍ୟାଚ

# ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ପ୍ରସ୍ତୁତ



ଗୁରୁବାର ଭିଏସଏସ ଷ୍ଟାଡିୟମରେ କ୍ରିକେଟ ମ୍ୟାଚ ବିଷୟରେ ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ସୂଚନା ଦେଉଛନ୍ତି ।

ସମ୍ବଲପୁର,୨୨।୧୧(ବ୍ୟୁରୋ)

- ୨୬ରେ କୁଚବିହାର ଟ୍ରଫି
- ଡିସେମ୍ବର ୮ରେ କର୍ନେଲ ସିକେ ନାଇଡୁ ଟ୍ରଫି

ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ୧୯ ବର୍ଷରୁ କମ୍ କୁଚ ବିହାର ଟ୍ରଫି ଚଳିତ ମାସ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ। ୨୪ ତାରିଖ ରାତିରେ ଓଡ଼ିଶା ଓ କେରଳ ଦଳ ସମ୍ବଲପୁରରେ ପହଞ୍ଚିବ। ୨୫ ତାରିଖ ସନ୍ଧ୍ୟାରେ ଦୁଇ ଦଳର ଖେଳାଳିମାନେ ନେଟ୍‌ରେ ଅଭ୍ୟାସ କରିବେ। ଏ ନେଇ ଭିଏସଏସ ଷ୍ଟାଡିୟମରେ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ସମ୍ବଲପୁର ଭିଏସଏସ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ୧୯ ବର୍ଷରୁ କମ୍ ଓଡ଼ିଶା ଦଳରେ ସମ୍ବଲପୁରର ଆୟୁଶ ନାଏକ ସାମିଲ ହୋଇଛନ୍ତି। ମିନାକ୍ଷୀ ବଂଶଲ ମଙ୍ଗଳାଙ୍କୁ ମ୍ୟାଚ କମିଶନ ଭାବେ ମନୋନୀତ କରାଯାଇଛି। ଏହି ଜାତୀୟସ୍ତରୀୟ ଟୁର୍ନାମେଣ୍ଟ ପରେ ଆସନ୍ତା ଡିସେମ୍ବର ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ହେବ। ଓଡ଼ିଶା, ରେଲୱେ ଦଳକୁ ଭେଟିବ। କର୍ଣ୍ଣେଲ ସୀତାଂଶୁ ଷଡ଼ଙ୍ଗୀଙ୍କୁ ମ୍ୟାନ କମିଶନର ନିଯୁକ୍ତି ଦିଆଯାଇଛି। ଖେଳାଳିମାନେ ହୋଟେଲ ନିକି ଓ ହରଜିତ ରେସିଣ୍ଡାନ୍ସିରେ ରହିବେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଜିଲା କ୍ରୀଡ଼ା ସଂଘ ଉପସଭାପତି ରାଜୀବ ବିଶ୍ୱାସ, ଗେମ୍ସ ସମ୍ପାଦକ ପ୍ରଶାନ୍ତ କୁମାର ସେଠ, କାଉନସିଲ ସଭ୍ୟ ବିକାଶ ମିଶ୍ର, ସୟଦ ଜିନ୍ଦା, ଡା. ଦିଲୀପ କୁମାର ନନ୍ଦ, ଡା. ବିଜୟ କୁମାର ପ୍ରଧାନ ମ୍ୟାଚ ବିଷୟରେ ସୂଚନା ଦେଇଥିଲେ ।

# ଟାଟା ଏସି ସହ ୫୦ରୁ ଉର୍ଦ୍ଧ୍ୱ ଶାଳ ଚୌକାଠ ଜବତ



ଭ୍ୟାନ ସହ ଜବତ ଶାଳ ଚୌକାଠ।

ରେଢ଼ାଖୋଲ,୨୨।୧୧(ଡି.ଏନ.ଏ.) ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡ ଅଞ୍ଚଳରେ ମଙ୍ଗଳବାର ରାତିରେ ଅଭିନବ ଉପାୟରେ ଚୋରାରେ କାଠ ଚାଲାଣ ଘଟଣାରେ ଏକ ପିକ୍‌ଭ୍ୟାନ ସହ ୫୦ରୁ ଉର୍ଦ୍ଧ୍ୱ ଶାଳ ଚୌକାଠ ଜବତ ହୋଇଥିଲା। ଏଥିରେ ୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ବୁଧବାର ବିଳମ୍ବିତ ରାତିରେ ରେଢ଼ାଖୋଲ ରେଞ୍ଜ୍ ଅଧିକାରୀ ପ୍ରଦୀପ ସେଠି, ଫରେଷ୍ଟର ନାରାୟଣ ନାଏକ, ଗାର୍ଡ ତୁଳାଧର ମେହେର, ରାମନାରାୟଣ ମେଣ୍ଡୁଲି ପ୍ରମୁଖ ଚଢଉ କରି ଓଡି୧୫ ଏ ୪୪୮୭ ନମ୍ବର ଟାଟା ଏସି ଭ୍ୟାନ ସହ ସେଥିରେ ଚାଲାଣ ହେଉଥିବା ସମାନ ପରିମାଣର ଶାଳ ଚୌକାଠ ଜବତ କରିଛନ୍ତି। ତେବେ ବନ ବିଭାଗ ଅଧିକାରୀଙ୍କୁ ଚକ୍‌ମା ଦେଖାଇ ଘଟଣାସ୍ଥଳରୁ ଚୋରାଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ରେଢ଼ାଖୋଲ ବନ ବିଭାଗ ଡିଭିଜନ ଅଧୀନନ ତନଖି ଫାଟକଗୁଡ଼ିକ ଉଚ୍ଛେଦ କରାଯାଇଥିବା ଯୋଗୁ କାଠ ଚୋରାଚାଲାଣରେ ବୃଦ୍ଧି ଘଟିଥିବା ସାଧାରଣରେ କୁହାଯାଉଛି।

# ମାରପିଟ ଅଭିଯୋଗ, ଉଭୟ ପକ୍ଷରୁ ମାମଲା ରୁଜୁ

ଜମନକିରା,୨୨।୧୧(ଡି.ଏନ.ଏ.) ସମ୍ବଲପୁର ଜିଲା ଜମନକିରା ଥାନା କଟଙ୍ଗପାଣି ପଞ୍ଚାୟତ ଜାମଖୁଲିଆ ଗାଁର ୨ ପରିବାରଙ୍କ ମଧ୍ୟରେ ମାର୍‌ପିଟ ଘଟଣାକୁ ନେଇ ଥାନାରେ ୨ଟି ପୃଥକ ମାମଲା (ନଂ.୧୬୪,୧୬୫/୧୮) ରୁଜୁ ହୋଇଛି। ପୋଲିସ ସୂଚନାନୁଯାୟୀ, ଜାମଖୁଲିଆ ଗାଁର ଶ୍ରୀମଙ୍ଗଳ ପଧାନ(୫୫) ଧାନ କାଟିବା ପାଇଁ ଗୁରୁବାର ବିଲକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରି ସ୍ତ୍ରୀଙ୍କୁ ଖାଇବାକୁ ମାଗିବାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ପଡ଼ିଶା ଘରର ପ୍ରଫୁଲ୍ଲ ପଟେଲ(୫୩) ସେଠାକୁ ଦୌଡ଼ି ଆସି ସେମାନଙ୍କୁ ପାଟି ଚୁପ୍ କରିବାକୁ କହିଥିଲେ। ଏହାସତ୍ତ୍ୱେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି, ଉଚ୍ଚବାଚ ଲାଗି ରହିଥିଲା। ପ୍ରଫୁଲ୍ଲ ରାଗିଯାଇ ପାଖରେ ଥିବା ଏକ ଠେଙ୍ଗାରେ ଶ୍ରୀମଙ୍ଗଳଙ୍କ ମୁଣ୍ଡକୁ ଆଘାତ କରିଥିଲେ। ମୁଣ୍ଡ ଫାଟି ରକ୍ତସ୍ରାବ ହେବାରୁ ଶ୍ରୀମଙ୍ଗଳଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇଥିଲା। ଶ୍ରୀମଙ୍ଗଳ ଥାନାରେ ଏହି ଅଭିଯୋଗ କରିଥିବାବେଳେ ପ୍ରଫୁଲ୍ଲ ତାଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେ ଥାନାକୁ ଜଣାଇଛନ୍ତି ଯେ, ତାଙ୍କ ସ୍ତ୍ରୀ ଘରେ ଏକାକୀ ଥିବାବେଳେ ଶ୍ରୀମଙ୍ଗଳ ଘରକୁ ଆସି ତାଙ୍କୁ ଟଣାଓଟରା କରିବା ସହ ଦୁର୍ବ୍ୟବହାର କରିଥିଲେ। ଏହା ଜାଣିବା ପରେ ସେ ଶ୍ରୀମଙ୍ଗଳଙ୍କୁ ବାଡ଼େଇଥିଲେ। ଏ ସଂକ୍ରାନ୍ତରେ ପ୍ରଫୁଲ୍ଲଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି।

# ଗଣେଶ ନଗରରେ କାର୍ତ୍ତିକେଶ୍ୱର ପୂଜା

ରେଙ୍ଗାଲି,୨୨।୧୧(ଡି.ଏନ.ଏ.)

ରେଙ୍ଗାଲି ବ୍ଲକ୍ ଗଣେଶ ନଗରଠାରେ ମହାପୁଣ୍ୟ କାର୍ତ୍ତିକ ମାସରେ କାର୍ତ୍ତିକେଶ୍ୱର ପୂଜାର ଆୟୋଜନ କରାଯାଇଛି। ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ମଙ୍ଗଳବାର କଳସ ଯାତ୍ରା କରାଯାଇ ବୈଦିକ ରୀତିରେ ପୂଜା ଆରମ୍ଭ ହୋଇଥିଲା। ବୁଧବାର ପୂଜା ସହ କୀର୍ତ୍ତନ ହୋଇଛି। ଗୁରୁବାର ରାତିରେ ମହାଜାଗରଣ କରାଯିବ। ଶୁକ୍ରବାର ପୂର୍ଣ୍ଣମୀରେ କାର୍ତ୍ତିକଙ୍କ ବେଶରେ ସଜ୍ଜିତ ଏକ ଶୋଭଯାତ୍ରାରେ ତାରକାଶୁର ବଦ୍ଧ (ପୋଡି) ହେବ। ରାତିରେ ନାଚଗୀତ ସହ କମେଡି ଦରବାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ପ୍ରତିଦିନ ପୂଜା କମିଟି ଏବଂ ଗ୍ରାମବାସୀଙ୍କ ଦ୍ୱାରା ବାଡି ଖେଳ ପ୍ରଦର୍ଶନ କରାଯାଉଛି।

# ୨୦ଫୁଟ ତଳକୁ ଖସିଲା କାର: ଜଣେ ମୃତ, ୭ ଆହତ



ପୋଲ ତଳକୁ ଖସି ପଡ଼ିଥିବା କାର୍

ରେଢ଼ାଖୋଲ, ୨୨।୧୧(ଡି.ଏନ.ଏ.) ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା କଦଳିଗଡ଼ ବୀରମହାରାଜପୁର ରାସ୍ତା ବିଶିପାଲି ଛକରୁ ୧ କି.ମି. ଦୂର ଶଗଡିଆ ପୋଲ ଉପରେ ଗୁରୁବାର ଭୋର ସମୟରେ ଦୁର୍ଘଟଣା ଘଟିଛି। ଓଆର ୧୩ଇ ୫୫୫୬ ନମ୍ବର ବିଶିଷ୍ଟ ଏକ ଟ୍ରାଭେରା କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ୨୦ ଫୁଟ ତଳକୁ ଖସି ପଡ଼ିଛି। ଏଥିରେ କାର୍‌ରେ ଥିବା ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ପେଟୁପାଲି ଗ୍ରାମର ଶୋଭାବତୀ ସାହୁ(୬୦)ଙ୍କ ମୃତ୍ୟୁ ଘଟିଛି। କଳ୍ପନା ସାହୁ, କାଳିଆ ସାହୁ, ବିଜୟ ସାହୁ, ବିଷ୍ଣୁଚରଣ ସାହୁ, ହରିବନ୍ଧୁ ନାଏକ, ସଞ୍ଜୀବ ସାହୁ ଓ ସୁନିତା ଭୋଇ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଳ୍ପନା, କାଳିଆ, ବିଜୟ ଓ ବିଷ୍ଣୁଚରଣଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ପୋଲିସ ସୂଚନାନୁଯାୟୀ, କାର୍‌ଟି କଟକ ବଡ଼ମେଡିକାଲ ଅଭିମୁଖେ ଯାତ୍ରା କରୁଥିଲା। ଶଗଡିଆପୋଲ ଉପରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଥିଲା। ନିକଟସ୍ଥ ଧଉରାଖମଣ ଗ୍ରାମର ଲୋକେ ଆହତମାନଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ଶୋଭାବତୀଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ଦୁର୍ଘଟଣା ମାମଲା (ନଂ. ୨୦୫/୧୮) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଶିର୍କିଡିରେ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ: ବରମପୁରା ଚାମ୍ପିୟନ

ସମ୍ବଲପୁର,୨୨।୧୧(ବ୍ୟୁରୋ) ଜିଲା ଆଦିବାସୀ କଲ୍ୟାଣ ସଂଘ ଆୟୋଜିତ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ.୧ ଅନ୍ତର୍ଗତ ଶିର୍କିଡି ଟାଙ୍ଗରପଡ଼ାଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ ଦଳ ଅଂଶଗ୍ରହଣ କରିଥିଲେ। ବରମପୁରା ଚାମ୍ପିୟନ ଓ ଡୁମେରପଡ଼ା ରନର୍ସଅପ୍ ଟ୍ରଫି ହାସଲ କରିଛି। ଏହି ଦୁଇ ଦଳଙ୍କ ମଧ୍ୟରେ ଫାଇନାଲ୍ ମୁକାବିଲା ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଗୋଲଶୂନ୍ୟ ରହିଥିଲା। ରେଫରି ଟ୍ରାଇବ୍ରେକର ଘୋଷଣା କରିଥିଲେ। ବରମପୁର ୨-୧ ଗୋଲରେ ବିଜୟୀ ହୋଇଥିଲା। ଆଦିବାସୀ କଲ୍ୟାଣ ସଂଘ ସଭାପତି ରାଜକୁମାର ଆଇନ ମୁଖ୍ୟ ଅତିଥି, ଉପସଭାପତି ଉସମନ୍ ମୁଣ୍ଡା ଓ ରାଜୁ ଖଡ଼ିଆ, ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ୧୧ହଜାର ଓ ଉପବିଜେତା ଦଳକୁ ୮ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ଡୁମେରପଡ଼ାର ଦିନେଶଙ୍କୁ ଶ୍ରେଷ୍ଠ ଗୋଲ ରକ୍ଷକ, ବରମପୁରାର ସୁକାନ୍ତ ଓରାମଙ୍କୁ ମ୍ୟାନ ଅଫ୍ ଦ' ଟୁର୍ନାମେଣ୍ଟ ପୁରସ୍କାର ଦିଆଯାଇଛି। କାର୍ତ୍ତିକ ଓରାମ, ରାଜାରାମ ଓରାମ, ଲୋଲୋ ଓରାମ, ବରୁଣ ନାୟକ ଖେଳ ପରିଚାଳନା କରିଥିଲେ। ଜଗନ୍ନାଥ ଓରାମ, ଡମ୍ବରୁ ଖଡ଼ିଆ, ନିମାଇଁ ବାର୍ଲା, ଆଦିବାସୀ କ୍ଲବ ସଭାପତି ରଣଜିତ ମୁଣ୍ଡା, ଉପସଭାପତି କିଶୋର ରଣା, ଭରତ ପ୍ରଧାନ, ବୀର ବିର୍ସା ମୁଣ୍ଡା ଆଦିବାସୀ କ୍ଲବ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ

# ବାଲେଶ୍ୱର ଦଳ ବିଜୟୀ

ସମ୍ବଲପୁର,୨୨।୧୧(ବ୍ୟୁରୋ) ୫୯ତମ ସିନିୟର ଆନ୍ତଃଜିଲା ଗୌରୀଶଙ୍କର ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ବାଲେଶ୍ୱର ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ରେଲୱେ ଷ୍ଟାଡ଼ିୟମରେ ବାଲେଶ୍ୱର ବନାମ ଅନୁଗୋଳ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳ ଗୋଲଶୂନ୍ୟ ହୋଇ ଶେଷ ହୋଇଥିଲା। ଏଣୁ ରେଫରି ଟ୍ରାଇବ୍ରେକର ଘୋଷଣା କରିଥିଲେ। ଏଥିରେ ବାଲେଶ୍ୱର ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲା। ଆସିଷ୍ଟାଣ୍ଟ ଡିଭିଜିନାଲ ଇଂ. ବିଏନ ପ୍ରଧାନ ମୁଖ୍ୟ ଅତିଥି, ସୁରଞ୍ଜନ ମହାପାତ୍ର, ପ୍ରେମରାଜ ପ୍ରଧାନ, ଅରୁଣ ମହାପାତ୍ର, ବିରଜା ହୋତା, ବଳରାମ ମଟାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବଦୁଲ ଗଫାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଜଳ, ବିଦ୍ୟୁତ୍ ବ୍ୟବହାର ସଚେତନତା ରାଲି

ସମ୍ବଲପୁର,୨୨।୧୧(ବ୍ୟୁରୋ) ଏନସିସି ଦିବସ ଉପଲକ୍ଷେ ଜଳ, ବିଦ୍ୟୁତର ଉପଯୁକ୍ତ ବ୍ୟବହାର ସଚେତନତା ରାଲି ଗୁରୁବାର ସମ୍ବଲପୁରରେ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟଜୋନ୍ ସ୍କୁଲ ସମର ଶିକ୍ଷାର୍ଥୀ ବାହିନୀର ସମସ୍ତ କ୍ୟାଡେଟ୍ ରାଲିରେ ସାମିଲ ହୋଇଥିଲେ। ସଚେତନଧର୍ମୀ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ଜଳ ଓ ବିଦ୍ୟୁତ୍‌ର ସଦ୍‌ବ୍ୟବହାର କରିବା ପାଇଁ ପଥଚାରୀଙ୍କୁ ସଚେତନ କରାଇଥିଲେ। ସ୍କୁଲ ଅଧ୍ୟକ୍ଷ ଫାଦର୍ ଅନିଲ କୁଜୁର ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସସ୍ମିତା ପଟ୍ଟନାୟକ, ମାନସି ପଣ୍ଡା, ସୋନାଲି ବାନାର୍ଜି, ଖେଳ ଶିକ୍ଷକ ଗୌତମ ପଟେଲ, କ୍ଷୀରୋଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିଧାୟିକାଙ୍କ ଆଲୋଚନା ବିଫଳ, ଜିଦ୍‌ରେ ଅଟଳ ଡାକ୍ତର ସଂଘ

ସମ୍ବଲପୁର,୨୨।୧୧(ବ୍ୟୁରୋ)



ସମ୍ବଲପୁର ବୁର୍ଲା ଭୀମସାର ଜୁନିୟର ଡାକ୍ତର ଆନ୍ଦୋଳନରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଆଲୋଚନା କରୁଛନ୍ତି ।

**ଭିମ୍‌ସାର ନିର୍ଦ୍ଦେଶକ, ଡାକ୍ତର ବିବାଦ ଘଟଣା**

- ବହିଷ୍କାର ହେଲ ୩୦୦ ଅସ୍ଥାୟୀ କର୍ମଚାରୀ

ସମ୍ବଲପୁର ବୁର୍ଲା ଭିମ୍‌ସାରରେ ନିର୍ଦ୍ଦେଶକ ଓ ଜୁନିୟର ଡାକ୍ତରଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ହୋଇପାରିନାହିଁ। ପରିସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ଜୁନିୟର ଡାକ୍ତର ସଂଘ ୧୦ ଦଫା ଦାବି ସହ ନିର୍ଦ୍ଦେଶକଙ୍କ ବଦଳି ଦାବିରେ ଆନ୍ଦୋଳନ ଜାରି ରଖିଥିବା ବେଳେ ରୋଗୀସେବା ବ୍ୟାହତ ହୋଇଛି। ମେଡ଼ିକାଲ ପରିସରରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଆନ୍ଦୋଳନ ୬ ଦିନରେ ପହଞ୍ଚିଥିବା ବେଳେ ଗୁରୁବାର ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଜୁନିୟର ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ବିଧାୟିକା କହିଥିଲେ ଯେ ଅଭିଯୋଗ ଉପରେ ସରକାର ୨ ଜଣିଆ ତଦନ୍ତ ଟିମ ଗଠନ କରିଛନ୍ତି। ୧୦ ଦିନ ମଧ୍ୟରେ ସେମାନେ ରିପୋର୍ଟ ପ୍ରଦାନ କରିବାପରେ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏଣୁ ଆନ୍ଦୋଳନରୁ ଓହରି ଯିବାକୁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଜୁନିୟର ଡାକ୍ତରମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଆଗକୁ ଆନ୍ଦୋଳନ ଜାରି ରଖିବେ ବୋଲି କହିଥିଲେ। ଅନ୍ୟପଟେ, ଜୁନିୟର ଡାକ୍ତରଙ୍କୁ ସମର୍ଥନ କରି ଆନ୍ଦୋଳନ କରିଆସୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା ଯୋଗୁ ପ୍ରାୟ ୩ ଶହ ଅସ୍ଥାୟୀ କର୍ମଚାରୀଙ୍କୁ ବହିସ୍କାର କରାଯାଇଛି। ନୂତନ କର୍ମଚାରୀ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



**ପ୍ରଥମ ପୃଷ୍ଠାରୁ...**

## ବୈଷ୍ଣବ ପରିଡ଼ାଙ୍କ ...

ପୀଡ଼ିତ ଥିଲେ। ୧୫ଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବୈଷ୍ଣବ ଯାଜପୁର ଜିଲାର ଶ୍ରୀରାମପୁର ଗ୍ରାମରେ ୧୯୪୧ ଫେବୃୟାରୀ ୧୫ରେ ଜନ୍ମଗ୍ରହଣ କରିଥିଲେ। ୨୦୧୦ ଜୁଲାଇରେ ସେ ବିଜେଡିରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୫ରେ ମାଟ୍ରିକ ପାସ୍ କରିବା ପରେ ସେ କଲିକତାରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ମସ୍କୋ ୟୁନିଭରସିଟିରୁ ଏମ୍‌ଫିଲ୍ ଡିଗ୍ରୀ ହାସଲ କରିଥିଲେ। ସେ କାର୍ଲମାର୍କ୍ସଙ୍କର ଅନୁଗତ ଥିଲେ। ୧୯୬୦ରୁ ୧୯୯୨ ଯାଏ ସେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ(ସିପିଆଇ)ର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ୧୯୭୪ରୁ ୧୯୮୯ ଯାଏ ସପରିବାର ମସ୍କୋରେ ରହିଥିଲେ। ୧୯୯୩ରେ ସିପିଆଇରୁ ଇସ୍ତଫା ଦେଇ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୯୭ରେ କଂଗ୍ରେସରୁ ଇସ୍ତଫା ଦେଇ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୮ରେ ସେ ବିଜେଡିରେ ଯୋଗଦେଇ ସାଧାରଣ ସମ୍ପାଦକ ଓ ମୁଖପାତ୍ର ଦାୟିତ୍ୱ ତୁଲାଇଥିଲେ। ୨୦୧୬ରେ ରାଜ୍ୟ ସଭା ସଦସ୍ୟ କାର୍ଯ୍ୟକାଳ ଶେଷ ହେବା ପରେ ସେ ଓଡ଼ିଆ ଭାଷା ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଭାଷା ସୁରକ୍ଷା ସମ୍ମିଳନୀର ପ୍ରତିଷ୍ଠାତା ସଭାପତି ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଭା ସମିତି କରି ଭାଷାକୁ ସବୁସ୍ତରରେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିଥିଲେ। ଜୀବନ କାଳରେ ସେ ୮୦ରୁ ଉର୍ଦ୍ଧ୍ୱ ପୁସ୍ତକ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି। ଓଡ଼ିଆ ସାହିତ୍ୟର ୨୮ଜଣ ଲେଖକଙ୍କର ଗଳ୍ପମାଳା ସମେତ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଉପନ୍ୟାସ 'ମାଟିର ମଣିଷ'କୁ ସେ ରୁଷୀୟ ଭାଷାରେ ଅନୁବାଦ କରିଥିଲେ। ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ପରିଡ଼ାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା। ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ବରେଣ୍ୟ ସୃଜନ ସ୍ରଷ୍ଟା ଭାବେ ସମ୍ମାନିତ କରିଛନ୍ତି।

ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବାସଭବନକୁ ରାଜନେତା, ଲେଖକ, ସମାଜସେବୀ, ସାଧାରଣ ଲୋକଙ୍କର ସୁଅ ଛୁଟିଥିଲା। ପରିଡ଼ାଙ୍କ ବିୟୋଗରେ ରାଜ୍ୟପାଳ ଗଣେଶୀ ଲାଲ୍ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ପରିଡ଼ାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ନୟାପଲ୍ଲୀସ୍ଥିତ ବାସଭବନକୁ ଯାଇ ମୁଖ୍ୟମନ୍ତ୍ରୀ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଷ୍ଣବଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଟୁଇଟ ଜରିଆରେ ସେ କହିଛନ୍ତି ଯେ, ପୂର୍ବତନ ସାଂସଦଙ୍କ ବିୟୋଗରେ ସେ ମର୍ମାହତ। ଜଣେ ରାଜନେତା, ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ଓଡ଼ିଆ ଭାଷା ସୁରକ୍ଷା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଛନ୍ତି। ବୈଷ୍ଣବଙ୍କ ବିୟୋଗରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ, ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଉତ୍କଳ ଭାରତ ସଭାପତି ଐର ଖାରବେଳ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ପ୍ରମୁଖ ଶୋକ ପ୍ରକାଶ କରିବା ସହ ପରିଡ଼ାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ସିପିଆଇ ଓ ସିପିଆଇ(ଏମ୍) ପକ୍ଷରୁ ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି। ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ରାଜ୍ୟ କମିଟି ସଭ୍ୟ ଅଭିରାମ ବେହେରା, ସିଟିଜେନ୍ ଫୋରମ ଆବାହକ ପ୍ରଦୀପ୍ତ ନାୟକ, ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବାଲଟ ପେପରକୁ ...

ଅଙ୍ଗୁଳି ନିର୍ଦ୍ଦେଶ କରିବା ଅନୁଚିତ ବୋଲି ଅଦାଲତ କହିଛନ୍ତି। ପ୍ରକାଶ ଯେ, ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଇଭିଏମ୍ ବିବାଦ ଅଧିକ ତେଜିଥିଲା। ଭାଜପା ଇଭିଏମ୍ ଟାମ୍ପରିଂ କରି ଜିତିଥିବା ବିଏସ୍‌ପି ସୁପ୍ରିମୋ ମାୟାବତୀ ଅଭିଯୋଗ କରିବା ପରେ ସମାଜବାଦୀ ପାର୍ଟି, କଂଗ୍ରେସ ଓ ଅନ୍ୟ ଦଳ ସମାନ ସ୍ୱର ଉଠାଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ୍ କେଜ୍‌ରିୱାଲ ମଧ ଇଭିଏମ୍‌କୁ ହ୍ୟାକ୍ କରାଯାଇପାରିବ ବୋଲି ବିଧାନସଭାରେ କହିଥିଲେ।

## ପାଟିରେ ଟୁଥ୍‌ପିକ୍ ...

ତହସିଲଦାର ଦୟାମୟ ପାଢ଼ୀ, ବିଡିଏ ସଚିବ ସମ୍ବିତ କୁମାର ରାଉତ, ବାଣିଜ୍ୟକର ବିଭାଗ ସହକାରୀ କମିଶନର ବିଭୁଦତ୍ତ ଆଚାରୀ, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ସହକାରୀ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ପ୍ରମୁଖଙ୍କ ଉପସ୍ଥିତିରେ ସେ ଏହି କୌଶଳ ପ୍ରଦର୍ଶନ କରିଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମନୋଜ ୨୦୧୭ ଅଗଷ୍ଟ ୨୮ରେ ପ୍ରଥମ ଥର ପାଇଁ ଗିନିଜ ବୁକ ଅଫ ରେକର୍ଡସ୍‌ରେ ନିଜ ନାମ ସ୍ଥାନିତ କରିଥିଲେ। ପାଟିରେ ୪୫୯ ଷ୍ଟ୍ରକୁ ୩୦ ସେକେଣ୍ଡ ପୂରାଇ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। ଏହାପୂର୍ବରୁ ୨୦୧୭ ମେରେ ୨୧ ଜଳନ୍ତା କ୍ୟାଣ୍ଡେଲକୁ ୩୦ ସେକେଣ୍ଡ ପାଟିରେ ପୂରାଇ ରଖି ଇଣ୍ଡିଆ ବୁକ ଅଫ ରେକର୍ଡସ୍‌ରେ ନିଜ ନାମ ସ୍ଥାନିତ କରିଥିଲେ। ଏଥିସହ ରେକର୍ଡସ୍ ସେକ୍ଟର ଅଫ ୱାଲ୍ଡ ରେକର୍ଡସ୍‌ରେ ୧୧ଟି ଛୋଟ ଛୋଟ କଳା ପ୍ରଦର୍ଶନ କରି ନାମ ସ୍ଥାନିତ କରିଥିଲେ। ସେପ୍ଟେମ୍ବର ୮ରେ ୨୬୫ ତାସକୁ ଏକ ମିନିଟ ପର୍ଯ୍ୟନ୍ତ ପାଟିରେ ପୂରାଇ ରଖି ପୁଣି ରେକର୍ଡସ୍ ସେକ୍ଟର ବୁକ ଅଫ ୱାଲ୍ଡ ରେକର୍ଡସ୍‌ରେ ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ।

## ଆଜିଠୁ ବାଲିଯାତ୍ରା

ଏଥିପାଇଁ କଟକ ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଓ ସିଏମ୍‌ସି ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଅପରାହ୍ନ ୫ଟାରେ ବାଲିଯାତ୍ରା ପଡ଼ିଆରେ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ଏଥିରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା, ଗାନ୍ଧି ଶିଳ୍ପ ବଜାର, ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ, ଭିନ୍ନକ୍ଷମ ଓ କିନ୍ନରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡିକର ସ୍ୱତନ୍ତ୍ର ପ୍ରଦର୍ଶନୀ ସହ ବଜାରର ଆୟୋଜନ କରାଯାଇଥିବା ଜିଲା ସଂସ୍କୃତି ପରିଷଦ ଅଧକ୍ଷ ତଥା ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସୂଚନା ଦେଇଛନ୍ତି।
ମିଳିଥିବା ସୂଚନାନୁସାରେ, ୧୦୮୨ଟି ପ୍ଲଟ୍‌ରେ ବିଭିନ୍ନ ଷ୍ଟଲ୍‌ଗୁଡିକ ରହିଛି। ଏଥିରେ ବିଭିନ୍ନ ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ଘରକରଣା, ହାତ ତିଆରି, ଇଲେକ୍ଟ୍ରୋନିକ୍ ସାମଗ୍ରୀ ସହ ବଜାରକୁ ଆସୁଥିବା ନୂଆ ଉତ୍ପାଦ ଉପଲବ୍ଧ ହେବ। ବିଭିନ୍ନ କମ୍ପାନୀ, ବ୍ୟାଙ୍କ୍, ସରକାରଙ୍କ ପକ୍ଷରୁ କେତେକ ଷ୍ଟଲ୍ ମଧ ଖୋଲାଯାଇଛି। ଆଉ କେତେକ ଷ୍ଟଲ୍ ଓ ନିର୍ଦ୍ଧାରିତ ମଞ୍ଚରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ତେବେ ବାଲିଯାତ୍ରାର ପ୍ରମୁଖ ଆକର୍ଷଣ ସାଜିବ ଗଣକବି ବୈଷ୍ଣବ ପାଣି ମଞ୍ଚ। ଦେଶ ବିଦେଶର କଳାକାରମାନେ ଏହି ମଞ୍ଚରେ ଲୋକଙ୍କୁ ମନୋରଞ୍ଜନ ଯୋଗାଇବେ। ଓଡ଼ିଶାର ସମ୍ପର୍କ ଓ ଉତ୍କଳର ସାଧବପୁଅଙ୍କ ବେପାର ବଣିଜକୁ ନୃତ୍ୟରେ ସଜାଇବେ ଇଣ୍ଡୋନେସିଆର କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ୍ ଫାଉଣ୍ଡେଶନର କଳାକାର। ଚଳିତ ବର୍ଷ ବାଲିଯାତ୍ରା ବୁଲାକୁ ଅଧିକ ସଫଳ ତଥା ସୁରକ୍ଷିତ କରିବା ପାଇଁ ପ୍ରଶାସନ ଓ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଏୟାର ଓଡ଼ିଶା...

ଏୟାର ଓଡ଼ିଶା ମାତ୍ରାଧିକ ରୁଟ୍ ପାଇଥିଲେ ମଧ ବିମାନ ଚଳାଚଳ କରିବାରେ ବିଫଳ ହୋଇଥିଲା। ସେହିପରି ଗତ ସେପ୍ଟେମ୍ବର ୨୨ରୁ ଝାରସୁଗୁଡା ବିମାନବନ୍ଦରରୁ ଉଡାନ୍ ଯୋଜନାରେ ବିମାନ ଚଳାଚଳ ପାଇଁ ମଧ ଏୟାର ଓଡ଼ିଶା ଚୟନ ହୋଇଥିଲା। ମାତ୍ର ୫ ଦିନ ବିମାନ ଚଳାଚଳ ପରେ ବୈଷୟିକ ତ୍ରୁଟି ଦର୍ଶାଇ ବିମାନ ସେବା ଏବେ ବନ୍ଦ ରଖିଛି। ସେଥିପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଓଡ଼ିଶାକୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲା। ବର୍ତ୍ତମାନ ଏହି କମ୍ପାନୀର ସମସ୍ତ ଲାଇସେନ୍ସ ବାତିଲ କରାଯାଇଛି।

**ବଳରାମପୁର ଗଛକଟା ବନ୍ଦ ପ୍ରସଙ୍ଗ**

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ସ୍ଥାନୀୟ ବାସିନ୍ଦା



ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଢେଙ୍କାନାଳ ଜିଲା ବଳରାମପୁରରେ ପ୍ରସ୍ତାବିତ ବଟ୍‌ଲିଂ ପ୍ଲାଣ୍ଟକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେବା ସହ ଗଛକଟା ବନ୍ଦ କରିଛନ୍ତି। ଏଥିପାଇଁ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ନବୀନ ନିବାସରେ ଭେଟି ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବଳରାମପୁର ବ୍ୟତୀତ କାଶିଆଡିହି, ଗୁଣ୍ଡିଚାପଡା,ଇନ୍ଦିପୁର ପ୍ରମୁଖ ପଞ୍ଚାୟତବାସୀ ରହିଥିଲେ।
ପୂର୍ବତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଢେଙ୍କାନାଳ ବିଜେଡି ସହପର୍ଯ୍ୟବେକ୍ଷକ ବିଜୟ ନାୟକ, ବିଜେଡି ନେତା ସୁଧୀର ସାମଲ, ସ୍ଥାନୀୟ ସରପଞ୍ଚ ମମିତା ମଞ୍ଜରୀ ନାୟକ, ନାଏବ ସରପଞ୍ଚ ସଫଳା ମାଝି, ୱାର୍ଡ ମେମ୍ବର ସୁଷମା ନାଏକ, ରେଣୁବାଳା ନାଏକ, ମମତା ବେହେରା, ଚପଳା ସେଠୀ ଉକ୍ତ ପ୍ରତିନିଧିମଣ୍ଡଳୀରେ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶିଆଡିହି ସରପଞ୍ଚ ଝୁନାରାଣୀ ପ୍ରଧାନ, ଗୁଣ୍ଡିଚାପଡା ସରପଞ୍ଚ କାର୍ତ୍ତିକ ସାହୁ, ଇନ୍ଦିପୁର ସରପଞ୍ଚ ରାଜକିଶୋର ରାଉତ ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ବିଶ୍ୱଜିତ ପାତ୍ର, ମୀନକେତନ ସାହୁ, ମାୟାଧର ପୃଷ୍ଟି, ଭଗବାନ ସାହୁ, ଭାସ୍କର ଦଳେଇ , ନୃସିଂହ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତିବିଶେଷ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଦେଇଛନ୍ତି।

## ଆଞ୍ଚଳିକ ସୁରକ୍ଷା ମଞ୍ଚର କେହି ଯାଇନାହାନ୍ତି

ଓଡାପଡା,୨୨।୧୧(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଆମେ କେହି ଯାଇନାହୁଁ ବୋଲି ଆଞ୍ଚଳିକ ସୁରକ୍ଷା ମଞ୍ଚ ସଭାପତି ଅମ୍ବିକା ପ୍ରସାଦ ଜେନା କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମଦ କାରଖାନାକୁ ମୁଖ୍ୟମନ୍ତ୍ରୀ ବାତିଲ ଘୋଷଣା କରିବା ପରେ ଆମେ ତାଙ୍କୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ଧନ୍ୟବାଦ ଦେଇସାରିଛୁ । ଆମେ ତାଙ୍କ ନିକଟରେ କୃତଜ୍ଞ। ତେବେ ୧୨ଖଣ୍ଡ ଗ୍ରାମକୁ ନେଇ ଯେଉଁ ଆଞ୍ଚଳିକ ସୁରକ୍ଷା ମଞ୍ଚ ଗଠନ କରିଛୁ ସେମାନଙ୍କ ମଧ୍ୟରୁ କେହି ଗୁରୁବାର ଭୁବନେଶ୍ୱର ଯାଇନାହାନ୍ତି, ଯାହାଙ୍କୁ ନେଇ ଏହି ନାଟ ଲାଗିଛି ଓ ଯେଉଁମାନେ ଚଞ୍ଚକତା କରି ମଦ କମ୍ପାନୀ ପାଇଁ ଏନ୍‌ଓସି ଦେଇଥିଲେ, ସେହିମାନେ କିଛି ବାହାର ଲୋକଙ୍କୁ ନେଇ ଯାଇଥିବେ। ଏହାଦ୍ୱାରା ସେମାନେ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କୁ ଠକିବାକୁ ଚେଷ୍ଟା କରିଛନ୍ତି। ଏଥିନେଇ ଆମେ ଲିଖିତ ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବୁ। ମଞ୍ଚ ସମ୍ପାଦକ ସୁଶାନ୍ତ କୁମାର ଧଳ କହିଛନ୍ତି, ସୁରକ୍ଷା ସମିତିର କୌଣସି ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଭୁବନେଶ୍ୱର ଯାଇନାହାନ୍ତି। ଯେଉଁଦିନ ମୁଖ୍ୟମନ୍ତ୍ରୀ ମଦ କାରଖାନା ବାତିଲ ଘୋଷଣା କଲେ ସେହିଦିନ ଆମେ ଗଣମାଧ୍ୟମ ଜରିଆରେ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିସାରିଛୁ। ଯେଉଁମାନେ ବିୟର ଫ୍ୟାକ୍ଟ୍ରି ବସାଇବା ପାଇଁ ଚକ୍ରାନ୍ତ କରିଥିଲେ ସେହିମାନେ ଯଥା ସରପଞ୍ଚ ଓ ନାଏବ ସରପଞ୍ଚ କେତେକ ଲୋକଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଭୁବନେଶ୍ୱର ଯାଇଥିବା ଆଜି ଆମେ ଶୁଣିବାକୁ ପାଇଛୁ। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଧଳ କହିଛନ୍ତି।

# କେନ୍ଦ୍ରୀୟ ଯୋଜନା ଲାଗୁ କରିବାରେ ଶେଷଆଡୁ ପଛୁଆ: ରାମକ୍ରିପାଲ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ସିଟି ଗ୍ୟାସ ବିତରଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡିଶା ଆସିଥିବା ଅବସରରେ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ରାମ କ୍ରିପାଲ ଯାଦବ ଗୁରୁବାର ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ପଛଆଡୁ ପ୍ରଥମ ବୋଲି ସେ ସମାଲୋଚନା କରିଛନ୍ତି। ରାମ କ୍ରିପାଲ କହିଛନ୍ତି ଯେ, ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ ଅବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଥବା ପ୍ରଧାନମନ୍ତ୍ରୀ ପେନସନ ଯୋଜନା ସବୁଥିରେ ଓଡିଶାରେ ଭ୍ରଷ୍ଟାଚାର ଚାଲିଛି। ଏଠାରେ ଖୋଲାଖୋଲି ଭାବେ ପିସି କାରବାର ଚାଲିଛି। ସରକାର ଜନତା ଓ ଗରିବମାନଙ୍କ ଟଙ୍କା ଲୁଟି ଭ୍ରଷ୍ଟାଚାରର ଏକ ପିଢି ତିଆରି କରିଛନ୍ତି। ଗତଥର ଓଡିଶା ଗସ୍ତରେ ଆସିଥିବା ବେଳେ ଭାରତ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏଠାରେ କିପରି ଚାଲିଛି ତା'ର ସମୀକ୍ଷା କରିଥିଲି। ଗ୍ରାମୀଣ ଶୌଚାଳୟ ଯୋଜନା ଛଡା ଭାରତ ସରକାରଙ୍କ ଅନ୍ୟ କୌଣସି ଯୋଜନା ରାଜ୍ୟରେ ଠିକ୍ ଭାବେ ଲାଗୁ ହେଉନାହିଁ। ଏଠିକା ସରକାର କେବଳ ଜନତାଙ୍କ ଟଙ୍କା ଲୁଟିବାର ରାସ୍ତା ତିଆରି କରୁଛନ୍ତି। ଲୋକମାନଙ୍କର ଏ ସରକାର ଉପରେ ଯେଉଁ ରାଗ ଅଛି ତାହା ଆସନ୍ତା ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ରାମ କ୍ରିପାଲ କହିଛନ୍ତି। ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଯଦି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ଓଡିଶା ପଛୁଆ ତେବେ କେନ୍ଦ୍ର ସରକାର କିପରି ପୁରସ୍କୃତ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ତା'ର ଉତ୍ତର ରଖନ୍ତୁ।

**ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ଘଟଣା**

# ଚାଳକଙ୍କ ବିରୋଧରେ ମାମଲା

କେନ୍ଦୁଝର, ୨୨।୧୧(ସ୍ୱ.ପ୍ର.)

କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ନରଣପୁର ସେକ୍‌ସନ ଅଧୀନ ରାମଚନ୍ଦ୍ରପୁର ନିକଟରେ ବୁଧବାର ମାଲବାହୀ ଟ୍ରେନ୍ ଧକ୍କାରେ ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ରେଳ ଚାଳକଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ଏ ନେଇ ବନ ବିଭାଗ ସହକାରୀ ରେଳ ଚାଳକଙ୍କୁ ଅଟକ ରଖିଥିଲା। ବୟାନ ରେକର୍ଡ ପରେ ରେଳ ଚାଳକଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କୁ ଜାମିନ ମିଳିଥିବା ଜଣାଯାଇଛି। ସହକାରୀ ରେଳ ଚାଳକ ଜଣଙ୍କ ହେଲେ ରୋହିତ କୁମାର ମାରାଣ୍ଡି। ଉକ୍ତ ଘଟଣାର ମୁଖ୍ୟ ରେଳ ଚାଳକ ଫେରାର ଥିବା ଜଣାପଡ଼ିଛି। ପୂର୍ବରୁ ହାତୀଙ୍କ ଗତିପଥକୁ ନିରୀକ୍ଷଣ କରି ଦୁର୍ଘଟଣା ସ୍ଥାନ ଚିହ୍ନଟ କରାଯାଇଛି। ସେହି ସ୍ଥାନରେ ସନ୍ଧ୍ୟା ୭ଟାରୁ ସକାଳ ପର୍ଯ୍ୟନ୍ତ ହାତୀ ବାଂଶପାଣି-ଜଖପୁରା ରେଳଲାଇନ ପାରହେବା ନେଇ ରେଳପଥକୁ ସତର୍କତା ସୂଚନା ଦିଆଯାଇଛି। ଘଟଣା ଦିନ ରେଳପଥ ପକ୍ଷରୁ ଏ ନେଇ ସତର୍କ ସୂଚନା ରେଳ ଚାଳକଙ୍କୁ ଦିଆଯାଇଥିଲା। ରେଳ ଚାଳକ ଉକ୍ତ ସତର୍କତା ଆଦେଶ ପାଳନ କରିଛନ୍ତି କି ନାହିଁ ତାହାର ତଦନ୍ତ ବିଭାଗ କରୁଛି ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ସନ୍ତୋଷ ଜୋଷୀ ଧରିତ୍ରୀକୁ ସୂଚନା ଦେଇଛନ୍ତି। ହାତୀ ଚଳପ୍ରଚଳ ଅଞ୍ଚଳରେ ରେଳ ଚଳାଚଳ ନେଇ ସରକାର କେତେକ ନୀତିନିୟମ ଲାଗୁ କରିଛନ୍ତି। ରେଳଗାଡିର ବେଗ କମାଇବା, କ୍ରମାଗତ ହର୍ନ ବଜାଇ ହାତୀଙ୍କ ଗତିବିଧି ଉପରେ ତୀକ୍ଷଣ ଦୃଷ୍ଟି ରଖିବା ଭଳି କେତେକ ସୂଚନା ଟ୍ରେନ ଚାଳକଙ୍କୁ ପାଳନ କରିବାକୁ କୁହାଯାଇଛି। ସେସବୁ ନିୟମ ପାଳନ ହୋଇଛି କି ନାହିଁ ତାହାର ବିଭାଗୀୟ ଯାଞ୍ଚ ଚାଲିଛି ବୋଲି ଜୋଷୀ କହିଛନ୍ତି।

# ସୌଭାଗ୍ୟ ମିଶ୍ରଙ୍କୁ ସାରଳା ସମ୍ମାନ

କଟକ ଅଫିସ, ୨୨।୧୧

ପ୍ରଖ୍ୟାତ କବି ଡ. ସୌଭାଗ୍ୟ କୁମାର ମିଶ୍ରଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ସାରଳା ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୫ଲକ୍ଷ ଟଙ୍କା, ତାମ୍ର ଫଳକ ଓ ଉପଢୌକନ ପ୍ରଦାନ କରାଯାଇଛି। ସେହିପରି ଖ୍ୟାତନାମା ପଦାର୍ଥ ବିଜ୍ଞାନୀ ପ୍ରଫେସର ଡ. ତ୍ରିଲୋଚନ ପ୍ରଧାନଙ୍କୁ କଳିଙ୍ଗରତ୍ନ ଓ ପ୍ରଥିତଯଶା କବି ଡ. ଜଗନ୍ନାଥ ପ୍ରସାଦ ଦାସଙ୍କୁ ସାହିତ୍ୟ ରତ୍ନ ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବକୁ ଉଦ୍‌ଘାଟନ କରିବା ସହ ୩ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିଥିଲେ। ସଂସଦର ପ୍ରତିଷ୍ଠାତା ତଥା ସଭାପତି ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରସ୍ୱତୀ ସମ୍ମାନପ୍ରାପ୍ତ କବି ରମାକାନ୍ତ ରଥ ସମ୍ମାନିତ ଅତିଥି, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ କଥାଶିଳ୍ପୀ ପଦ୍ମଶ୍ରୀ ଡ. ପ୍ରତିଭା ରାୟ ବିଶିଷ୍ଟ ଅତିଥି ଓ ପୂର୍ବତନ ଶାସନ ସଚିବ ସହଦେବ ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଂସଦର ସାରଳା ସାହିତ୍ୟ ସମୀକ୍ଷା ଓ ଇଂ. ପ୍ରଭାକର ସ୍ୱାଇଁଙ୍କ ଅନୁବାଦିତ ଗ୍ରନ୍ଥ ମନୁଭଣ୍ଡାରୀଙ୍କ ଶ୍ରେଷ୍ଠ କାହାଣୀ ଗ୍ରନ୍ଥକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ, ସାରଳା ଦାସ ବିଶ୍ୱ ସାହିତ୍ୟରେ ବିସ୍ମୟ। ତାଙ୍କ ମହାଭାରତ ଓଡ଼ିଆ ଜାତିର ଜୀବନ ବେଦ ଏବଂ ଏକ ଅନୁପମ ସୃଷ୍ଟି। ସାରଳା ତାଙ୍କ କୃତୀ ମଧ୍ୟରେ ନାରୀ ଶକ୍ତିର ଆରାଧନା ସହିତ ନାରୀ ସଶକ୍ତୀକରଣ ଉପରେ ପ୍ରାଧାନ୍ୟ ଦେଇଛନ୍ତି ବୋଲି ସେ କହିଥିଲେ।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
Lifeline of Odisha
Regd. Office : Janpath, Bhubaneswar - 751 022, Odisha
Tel : 0674-2540051(EPABX), Website : www.optcl.co.in, **CIN : U40102OR2004SGC007553**

**e-Tender Notice No. : CPC-44/2018-19** **Date : 23.11.2018**

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

ODISHA POWER TRANSMISSION CORPORATION LIMITED, Bhubaneswar invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning of 9 (Nine) Nos. of river crossing locations by putting 18 nos. of OC+15/UR+6 towers for different existing 33 kV and 11 kV line crossings to get adequate Navigational clearance over various rivers for National Water Ways-5 under KED-I, Kendrapara and KED-II, Marshaghai at an Estimated Cost of the Package for ₹14.29 Crore on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from **Dt. 26.11.2018 / 11:00 AM** up to **Dt. 19.12.2018 / 12:45 PM**. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note :** Bidders are requested to regularly visit official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

**Chief General Manager (C.P.C.)**
email id : sgm.cpc@optcl.co.in
*CR. Advt. No.61/18-19*
**Please connect us :** optcl.odisha optcl_odisha energyodisha

**GOVT. OF ODISHA, OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
Tel. 06766-258301(O), E-Mail: se_nerwkjr@rediffmail.com
1015-O

**"e" Procurement Notice for PMGSY Works (Batch-I)**
**Identification No. PMGSY Online NCB No. 241**
Letter No. 3009 / Date:13-11-2018

1. Name of the Work :- Project proposals under PMGSY (2018-19) Batch-I as per Annexure.
2. Total No. of Works :- 03 (Three) Nos.
3. Estimated Cost :- As per annexure in NIT.
4. Class of Contractor :- As per annexure in NIT.
5. Period of Completion :- As per annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of tender in O/O S.E., N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | PMGSY Online NCB No. 241 | Dt.26.11.18 at 11.00AM | Dt.11.12.18 upto 3.00PM | Dt.10.12.18 upto 3.00 PM | Dt.14.12.18 at 11.00 AM | Dt.19.12.18 at 11.00 AM |

• Further details can be seen from the website: www.pmgsytenders.gov.in
25048/11/0030/1819 *Sd./- Superintending Engineer, N.E.R.W. Circle, Keonjhar*

**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲିଃ. କେନ୍ଦୁଝର**
**୬୫ ତମ ବାର୍ଷିକ ସାଧାରଣ ସଭା ନୋଟିସ୍**

ନୋଟିସ ନଂ-୨୯୩୫ ତା. ୨୨.୧୧.୨୦୧୮

ଏତଦ୍ୱାରା କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆମ୍ଭେ ଦୈନିକ ଖବରକାଗଜ ଧରିତ୍ରୀ ତା ୧୭.୧୧.୨୦୧୮ରିଖ ଏବଂ ଅନୁପମ ଭାରତ ତା. ୧୮.୧୧.୨୦୧୮ରିଖ ପ୍ରକାଶନରେ, ଅନୁଷ୍ଠିତ ହେବାକୁ ଥିବା ବ୍ୟାଙ୍କର ୬୫ତମ ବାର୍ଷିକ ସାଧାରଣ ସଭାରେ ନିର୍ଦ୍ଧାରିତ ମୂଳ କାର୍ଯ୍ୟସୂଚୀ ବ୍ୟତୀତ ନିମ୍ନ ଲିଖିତ ବିଷୟରେ ଆଲୋଚନା କରିବାକୁ ଅନୁରୋଧ କରୁଅଛୁ।
'ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ନୂତନ ଗୃହ ନିର୍ମାଣ ସହ, ଘଟଗାଁ ଶାଖା ଗୃହ ନିର୍ମାଣ, ତେଲକୋଇ ଓ ହାଟଡିହି ଶାଖାରେ ପ୍ରଥମ ମହଲା ଏବଂ ହାଟଡିହି ଶାଖାର ପାଚେରୀ ନିର୍ମାଣ ସମ୍ବନ୍ଧେ'।

ସଭାପତିଙ୍କ ଅନୁମୋଦନ କ୍ରମେ
ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ**
**କୋଣାର୍କ, ପୁରୀ**

ପତ୍ରାଙ୍କ ନଂ- ତା. .............

**ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରିଷଦ ତରଫରୁ ଚଳିତ କୋଣାର୍କ ନାଟ୍ୟ ମହୋତ୍ସବ -୨୦୧୮ ଅବସରରେ ତା. ୦୧.୧୨.୨୦୧୮ରିଖ ଠାରୁ ତା ୦୫.୧୨.୨୦୧୮ରିଖ ପର୍ଯ୍ୟନ୍ତ ପରିଷଦ ନିକଟସ୍ଥ ହେଲିପ୍ୟାଡ୍ ମେଳା ପଡିଆ ନିଟକରେ ୩ ଗୋଟି ସ୍ଥାନରେ ବିଭିନ୍ନ ନାଟ୍ୟସଂସ୍ଥା ଯଥା କଳିଙ୍ଗ ଗଣନାଟ୍ୟ, ଇନ୍ଦ୍ରମହଲ ଗଣନାଟ୍ୟ ଓ ରଙ୍ଗମହଲ ଗଣନାଟ୍ୟ ଦ୍ୱାରା ଯାତ୍ରା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଅଛି। ଏଣୁ ଉକ୍ତ ମେଳା ପଡ଼ିଆରେ ସାଇକେଲ ଷ୍ଟାଣ୍ଡ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଓ ଅନୁଷ୍ଠାନ ନିମ୍ନସ୍ୱାକ୍ଷରକାରୀଙ୍କ ଇଜଲାସ୍‌ରେ ତା. ୧୯.୧୧.୨୦୧୮ରିଖ ପୂର୍ବାହ୍ନ ୧୦ ଘଟିକାରୁ ତା. ୨୬.୧୧.୨୦୧୮ରିଖ ମଧ୍ୟାହ୍ନ ୧ ଘଟିକା ମଧ୍ୟରେ ପରିଷଦ କାର୍ଯ୍ୟାଳୟରୁ ଟ ୫୮୦୦.୦୦ଙ୍କା ଦାଖଲ ଦେଇ ନିର୍ଦ୍ଧାରିତ ଫର୍ମ ନେଇ ଆବେଦନ କରିପାରିବେ। ତା. ୨୬.୧୧.୨୦୧୮ରିଖ ମଧ୍ୟାହ୍ନ ଘ. ୧.୩୦ମି. ମଧ୍ୟରେ ଆବେଦନ ଫର୍ମ ପୂରଣ କରାଯାଇ ଟେଣ୍ଡର ବାକ୍ସରେ ପକାଯିବ ଏବଂ ୩ ଘଟିକା ସମୟରେ ସର୍ବସାଧାରଣଙ୍କ ସମ୍ମୁଖରେ ନିଲାମ ବାକ୍ସ ଖୋଲାଯିବ। ନିଲାମ ଇସ୍ତାହାରର ସବିଶେଷ ବିବରଣୀ, ନିଲାମ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚୀତ କରାଯାଇଛି। ଏହା କାର୍ଯ୍ୟାଳୟରେ ବିନା ଫେରସ୍ତ ଦେୟଯୁକ୍ତ ଉପଲବ୍ଧ ଅଟେ।

ସ୍ୱା./- ନିର୍ବାହୀ ଅଧିକାରୀ
କୋଣାର୍କ ଅଧିସୂଚୀତ କ୍ଷେତ୍ର ପରିଷଦ

**ZILLA SWASTHYA SAMITI, ANGUL**
**CORRIGENDUM**
**No. 2933** **Date : 22/11/2018**
With reference to the advertisement No : 2873/Dtd. 15.11.2018 published in the daily odiya news papers i.e. in "The Samaj" & in "The Dharitri" on Dtd. 16.11.2018 & with reference to the Corrigendum published in the District Website i.e. in www.angul.nic.in vide No. : 2903 Dtd. 16.11.2018. The Revised advertisement matter for all category of posts to be filled up through open advertisement, walk-in-interview has been published in the District website for the information of candidates.
**Sd./- CDM&PHO-Cum-District Mission Director, NHM, Angul**

**GOVT. OF ODISHA**
**OFFICE OF THE EXECUTIVE ENGINEER**
**JAJPUR IRRIGATION DIVISION, JAJPUR**
**Office phone No. 06728-222022, Email : jpt.irrigation@gmail.com**
No. 833-A
**'e'-Procurement Notice No. 06/2018-19**

| | | | |
|---|---|---|---|
| 1. | Name of Work | : | Restoration, Protection & Improvement works. |
| 2. | Total No. of Packages | : | 04 (Seven) Nos. of packages only. |
| 3. | Estimated Cost | : | Varies from Rs. 60.52 Lakhs to Rs. 88.38 Lakhs |
| 4. | Mode of Payment of EMD (Bid Security) & Bid Cost. | : | The bidder shall transfer the required amount of EMD ( Bid Security) and cost of Bid by Online though electronic Payment as per Govt. of Odisha WDOM No. 17254/W Dtd. 05.12.2017 as Mentioned in DTCN. |
| 5. | Period of completion | : | 6 (Six) Calendar Months. |
| 6. | Other details as follows: | : | |
| I | Procurement Officer | : | Executive Engineer, Jajpur Irrigation Division, Jajpur |
| II | Period of Online Bidding | : | Dt. 24.11.2018 from 10.00 Hrs. to Dt.04.12.2018 up to 17.00 Hrs. |
| III | Date & time of opening of Technical Bid through Online | : | Dt. 05.12.2018 at 10.00 Hrs. in the office of the Executive Engineer, Jajpur Irrigation Division, Jajpur. |
| IV | Date & time of opening of Financial Bid through Online | : | Dt. 11.12.2018 at 10.00 Hrs. in the office of the Executive Engineer, Jajpur Irrigation Division, Jajpur |
| V | Date of Transparent : Lottery to be Conducted (if required) | : | Dt. 14.12.2018 at 10.00 Hrs. in the office of the Executive Engineer, Jajpur Irrigation Division, Jajpur. |

Further details can be seen from the Govt. web site www.tendersorissa.gov.in.
**Sd/- Executive Engineer**
**Jajpur Irrigation Division**
32130/11/0011/1819

**GOVT. OF ODISHA, DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. SECIC - 12 / 2018-19**
828-A

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) EMD | Cost of Bid documents (Rs.) | Class of Contractors | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SECIC, Bhubaneswar | SECIC/ NGR-12 of 2018-19 | Improvement to Road on Dahuka Right Embankment from Mahipur to Durudura (Working RD. from 00 mtr to 360 mtr & 850 mtr. to 4345 mtr. | 126.48 | 126500/- (On-line) | 10000/- (On-line) | "B" Class & "A" Class | 26.11.2018 at 11.00 AM | 10.12.2018 upto 5.00 PM | 11.12.2018 at 11.00 AM | 06 (Six) Calendar Months |
| | SECIC/ NGR-13 of 2018-19 | Improvement to Road on Mahanadi Right Embankment from Patharachakada to Madhapur. | 189.78 | 189800/- (On-line) | 10000/- (On-line) | "B" Class & "A" Class | 26.11.2018 at 11.00 AM | 10.12.2018 upto 5.00 PM | 11.12.2018 at 11.00 AM | 06 (Six) Calendar Months |

e-mail ID:- secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
32160/11/0023/1819 *Sd./- Superintending Engineer, Central Irrigation Circle*



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ଗଣିତଜ୍ଞ ଡ. ପିଆରୀ ଚରଣ ମହାନ୍ତିଙ୍କ ପରଲୋକ

କଟକ ଅଫିସ, ୨୨।୧୧:ସ୍ୱନାମଧନ୍ୟ ଗଣିତଜ୍ଞ ତଥା ପ୍ରଫେସର ଡ. ପିଆରୀ ଚରଣ ମହାନ୍ତିଙ୍କର ଗୁରୁବାର ପୂର୍ବାହ୍ନରେ କଟକ ସାମନ୍ତସାହିସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ବାରିପଦାର ଏମ୍‌ପିସି କଲେଜରୁ ଅଧାପନା ଆରମ୍ଭ କରି ଗଙ୍ଗାଧର ମେହେର କଲେଜ ଗଣିତ ବିଭାଗର ମୁଖ୍ୟ ଭାବେ ଦୀର୍ଘବର୍ଷ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସମ୍ବଲପୁରସ୍ଥ ଦୁଇଟି ମହାବିଦ୍ୟାଳୟର ଅଧକ୍ଷ ଭାବେ କର୍ତ୍ତବ୍ୟ ନିର୍ବାହ କରିଥିଲେ। ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରଥମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ସମ୍ପାଦନ କରି ବୃତ୍ତିଗତ ଜୀବନରୁ ଅବସର ନେଇଥିଲେ। ଅନେକ ଅମୂଲ୍ୟ ଗଣିତ ସମ୍ବନ୍ଧୀୟ ପାଠ୍ୟପୁସ୍ତକ ରଚନା କରି ପ୍ରଫେସର ମହାନ୍ତି ଗଣିତ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନବଦ୍ୟ କୃତି ଛାଡ଼ି ଯାଇଛନ୍ତି। ପିଲାଦିନେ ପୋଲିଓ ଦ୍ୱାରା ଆକ୍ରାନ୍ତ ହୋଇ ଶାରୀରିକ ଅକ୍ଷମତା ତାଙ୍କୁ ଜଣେ ମେଧାବୀ ଛାତ୍ର ତଥା ପ୍ରତିଭାସମ୍ପନ୍ନ ଗଣିତ ପ୍ରଫେସର ହେବାରୁ ରୋକିପାରି ନ ଥିଲା। ମୃତ୍ୟୁଶଯ୍ୟା ନିକଟରେ ପ୍ରଫେସର ମହାନ୍ତିଙ୍କର ପରିବାର ଲୋକ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଅନେକ ବରିଷ୍ଠ ଶିକ୍ଷାବିତ୍ ତାଙ୍କର ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ସମାଜ ବିକାଶ ପାଇଁ ଦକ୍ଷ ମାନବ ସମ୍ବଳ ଜରୁରୀ

- ‘ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ’ର ସମୀକ୍ଷା
- ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଓଡ଼ିଶାର ସରକାରୀ ଶିଳ୍ପ ଓ ବୈଷୟିକ ତାଲିମ ସଂସ୍ଥା(ଆଇଟିଆଇ)ଗୁଡ଼ିକର ରୂପରେଖ ପରିବର୍ତ୍ତନ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଗୁରୁବାର ସଚିବାଳୟରେ ଅନୁଷ୍ଠିତ ହୋଇଛି। ସରକାରୀ ଆଇଟିଆଇ ପ୍ରଶିକ୍ଷକମାନଙ୍କର ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଏବଂ ପ୍ରଶିକ୍ଷଣ(ଟିଭିଇଟି) କ୍ଷେତ୍ରରେ ଉତ୍ତମ ପ୍ରଶାସନିକ ଜ୍ଞାନ, ଦକ୍ଷତା ଏବଂ ପ୍ରଶିକ୍ଷଣକୁ ପ୍ରୋତ୍ସାହନ ସହ ପ୍ରଚଳିତ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଏଥିରେ ପ୍ରାଥମିକତା ଦିଆଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ)ର ଏହି କାର୍ଯ୍ୟକ୍ରମକୁ ସାମାଜିକ ସଙ୍ଗଠନ ଟେମାସେକ୍ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲ୍ ଆର୍ଥିକ ସହାୟତା ଓ ସହଯୋଗ କରିଥିବା ଜଣାପଡିଛି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷା ଦେବୀ ଏହି ‘ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ’ର ମୂଲ୍ୟାୟନ ଏବଂ ସମୀକ୍ଷାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଓଏସ୍‌ଡିଏ, ଟିଏଫ୍‌ଆଇ ଏବଂ ଆଇଟିଇଏସ୍ ପୂର୍ବ ପ୍ରସ୍ତାବିତ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିଛି। ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ସୁଦୂରପ୍ରସାରୀ ଲକ୍ଷ୍ୟ ହାସଲ ଏବଂ କୁଶଳୀ ମାନବ ସମ୍ବଳ ସୃଷ୍ଟିରେ ଏହା ସହାୟକ ହେବ। ସେହିପରି କମିଶନର ତଥା ଦକ୍ଷତା ବିକାଶ ସଚିବ ସଞ୍ଜୟ ସିଂ କହିଛନ୍ତି ଯେ, ସମାଜକୁ ଦକ୍ଷ ପେସାଗତ ମାନବ ସମ୍ବଳ ଦ୍ୱାରା ପରିବର୍ତ୍ତନ କରିବା ଏବଂ ଧାର୍ଯ୍ୟଲକ୍ଷ୍ୟ ହାସଲ କରିବା ଦିଗରେ ଏହା ସହାୟକ ହେବ। ପ୍ରଶିକ୍ଷଣ ନେଇଥିବା ପ୍ରତିନିଧିମାନେ ୨ ସପ୍ତାହରେ ଯେଉଁ ଜ୍ଞାନ ଆହରଣ କଲେ, ତାହା ଟିଭିଇଟି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ। ‘ଇଣ୍ଡିଆ ସ୍କିଲ୍ସ’ କାର୍ଯ୍ୟକ୍ରମରେ ଭାଗନେଇଥିବା ୧୦୦ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଓଡ଼ିଶାର ୨୨ ଜଣ ବିଭିନ୍ନ କ୍ଷେତ୍ରରେ ପୁରସ୍କାର ଜିତିଛନ୍ତି। ଆଗାମୀ ଦିନରେ ରାଜ୍ୟରେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ସମ୍ପର୍କରେ ବିଦ୍ୟାଳୟସ୍ତରରେ ସଚେତନତା ସୃଷ୍ଟି କରାଯିବ ବୋଲି ସଚିବ ସିଂ କହିଛନ୍ତି।

ଆଇଟିଆଇ ଏଜୁକେଶନସର୍ଭିସ,ଏସିଆ ନିର୍ଦ୍ଦେଶକ ଲିମ୍ ବୁନ୍ ଟିଅଙ୍ଗ କହିଛନ୍ତି ଯେ, ରାଜ୍ୟ ସରକାର ‘ସ୍କିଲ୍ସ ଇକୋ ସିଷ୍ଟମ’କୁ ପୁନରୁଜ୍ଜୀବିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଇଟିଆଇ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ମାନ ସହ ଭିତ୍ତିଭୂମି ବିକାଶ, ଉଚ୍ଚକୋଟୀର ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ।

ସେହିପରି ଟେମାସେକ୍ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲ(ଟିଏଫ୍‌ଆଇ)ର ଜିରାଲ୍ଡ ୟୋ କହିଛନ୍ତି ଯେ, ଟିଏଫ୍‌ଆଇ ଆଗାମୀ ଦିନରେ ଓଡ଼ିଶା ସହଯୋଗରେ ଏହିପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବ। ଏହା ଦ୍ୱାରା ଓଡ଼ିଶା-ସିଙ୍ଗାପୁର ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ।

କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ କରି ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କର ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ଗସ୍ତରେ ଥିବା ପ୍ରତିନିଧି ଦଳ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ମୂଲ୍ୟାୟନ ଏବଂ ସମୀକ୍ଷା କରିବା ନିମନ୍ତେ ଜଟଣୀସ୍ଥିତ ଭିନ୍ନକ୍ଷମମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ଆଇଟିଆଇ, ବ୍ରହ୍ମପୁର, କଟକ ଓ ଭୁବନେଶ୍ୱରସ୍ଥିତ ସରକାରୀ ଆଇଟିଆଇ, କଟକର ସ୍କିଲ୍ ମ୍ୟୁଜିୟମ ଏବଂ ୱାର୍ଲଡ ସ୍କିଲ୍ ସେଣ୍ଟର ପରିଦର୍ଶନ କରିଛନ୍ତି।



ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ମନ୍ତ୍ରୀ ଉଷା ଦେବୀ ଓ ସଚିବ ସଞ୍ଜୟ ସିଂ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।









@ ଦୁଷ୍ମନ୍ତ



@ ନରେନ୍

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ସିଟି ଗ୍ୟାସ୍ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀର ବିଜ୍ଞାନଭବନରୁ ସିଟି ଗ୍ୟାସ୍ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

## ୧୨୯ ଜିଲାକୁ ପାଇପ ଯୋଗେ ଗ୍ୟାସ୍ ମିଳିବ

ନୂଆଦିଲ୍ଲୀ,୨୨।୧୧(ପି.ଟି.)

୧୮ଟି ରାଜ୍ୟର ୧୨୯ଟି ଜିଲାକୁ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ ସହ ଯାନବାହନ ଲାଗି ସିଏନଜି ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନୂଆଦିଲ୍ଲୀର ବିଜ୍ଞାନ ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ ଏହି ସିଟି ଗ୍ୟାସ୍ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହା ଦ୍ୱାରା ଜନସଂଖ୍ୟାର ଏକ-ଚତୁର୍ଥାଂଶଙ୍କୁ ପାଇପ ଯୋଗେ ଗ୍ୟାସ୍ ଯୋଗାଇ ଦିଆଯାଇପାରିବ। ଓଡିଶାର ୭ଟି ଭୌଗୋଳିକ କ୍ଷେତ୍ରରେ ଏହି ସହରୀ ଗ୍ୟାସ୍ ବିତରଣ ପ୍ରକଳ୍ପର ଶିଳାନ୍ୟାସ ହୋଇଛି।

ଓଡିଶାର ସୁନ୍ଦରଗଡ ଓ ଝାରସୁଗୁଡା ଜିଲା ଯାଜପୁର ଓ କେନ୍ଦୁଝର ଜିଲା, ଅନୁଗୋଳ ଓ ଢେଙ୍କାନାଳ ଜିଲା , ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲା, ବରଗଡ, ଦେବଗଡ ଓ ସମ୍ବଲପୁର ଜିଲା, ଗଞ୍ଜାମ, ନୟାଗଡ ଓ ପୁରୀ ଜିଲା, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲା ପରି ଭୌଗୋଳିକ କ୍ଷେତ୍ରଗୁଡିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯାଇଛି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ରାଉରକେଲା ଠାରେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରାମ କ୍ରିପାଳ ଯାଦବ ବ୍ରହ୍ମପୁରରେ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁଦର୍ଶନ ଭଗତ ଯାଜପୁରଠାରେ ଉପସ୍ଥିତ ଥିଲେ ।

ନିର୍ଗମନ ଜନିତ ପ୍ରଦୂଷଣ ହ୍ରାସ କରିବା ଲକ୍ଷ୍ୟରେ ସରକାର ପରିବେଶ ଅନୁକୂଳ ପ୍ରାକୃତିକ ଗ୍ୟାସର ବ୍ୟବହାର ବଢ଼ାଇବାକୁ ଚାହୁଁଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ୧୨୪ଟି ନୂଆ ଜିଲାରେ ଦଶମ ପର୍ଯ୍ୟାୟ ସିଟି ଗ୍ୟାସ୍ ଲାଇସେନ୍ସ ପ୍ରଦାନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିକଶିତ ଭିତ୍ତିଭୂମି ଲାଗି ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦଶମ ପର୍ଯ୍ୟାୟ ଲାଇସେନ୍ସ ପ୍ରଦାନ ଶେଷ ହେଲେ ୪୦୦ରୁ ଊର୍ଦ୍ଧ୍ୱ ଜିଲା ଏବଂ ଜନସଂଖ୍ୟାର ୭୦ ପ୍ରତିଶତଙ୍କୁ ପ୍ରାକୃତିକ ଗ୍ୟାସ ଇନ୍ଧନ ଭାବେ ମିଳିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୨ କୋଟି ପରିବାରରେ ପାଇପ ଯୋଗେ ରନ୍ଧନ ଗ୍ୟାସ ପହଞ୍ଚିପାରିବ। ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ପରିବାରକୁ ପାଇପ ଯୋଗେ ରନ୍ଧନ ଗ୍ୟାସ ମିଳିପାରୁଛି। ସେହିପରି ସିଏନଜି ଷ୍ଟେସନ ସଂଖ୍ୟା ୧୦ ହଜାରରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଭାରତକୁ ଗ୍ୟାସ୍‌ଭିତ୍ତିକ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଦିଗରେ ଏହା ଏକ ପଦକ୍ଷେପ। ଗ୍ୟାସ୍ କେବଳ ପରିବେଶ ଅନୁକୂଳ ଇନ୍ଧନ ନୁହେଁ ଏହା ଅନ୍ୟ ତରଳ ଇନ୍ଧନ ଏବଂ ସବ୍‌ସିଡିଯୁକ୍ତ ଏଲପିଜି ତୁଳନାରେ ଶସ୍ତା। ଏହା ଆଉ ଏକ ସବକା ସାଥ ସବକା ବିକାଶ କାର୍ଯ୍ୟକ୍ରମ। ଯେଉଁଥିରେ ସ୍ୱଚ୍ଛଭାରତର ମନ୍ତ୍ର ଲୁଚି ରହିଛି ବୋଲି ଧର୍ମେନ୍ଦ୍ର କହିଥିଲେ। ସିଟି ଗ୍ୟାସ୍ ବିତରଣ (ସିଜିଡି) ନେଟ୍‌ୱର୍କ ଗ୍ୟାସ୍ ଯୋଗାଣ ଉତ୍ସରୁ ଗ୍ରାହକଙ୍କ ଦ୍ୱାର ପର୍ଯ୍ୟନ୍ତ ପାଇପଲାଇନ ନିର୍ମାଣ କରିବା ସହ ଗାଡ଼ିକୁ ଇନ୍ଧନ ଯୋଗାଣ ଲାଗି ସିଏନଜି ଡିସ୍‌ପେନ୍‌ସିଂ ଷ୍ଟେଶନ ନିର୍ମାଣ କରିବ।

# ବିଜେଡି ମୁଖପାତ୍ର ଅଛନ୍ତି ଅମିତାଭ ଦାସ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ବିଜେଡି ପକ୍ଷରୁ ଗତ ୧୨ତାରିଖରେ ନୂତନ ମୁଖପାତ୍ର ତାଲିକା ପ୍ରକାଶ କରାଯାଇଥିଲା। ସେହି ତାଲିକାରେ ମୁଖପାତ୍ର ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଆଇନଜୀବୀ ତଥା ବିଜେଡି ଆଇନଜୀବୀ ସାମୁଖ୍ୟର ଉପଦେଷ୍ଟା ଅସିମ ଅମିତାଭ ଦାସଙ୍କ ନାମ ଭୁଲକ୍ରମେ ପ୍ରକାଶ ପାଇପାରି ନ ଥିଲା ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ଅମିତାଭ ଦାସ ପୂର୍ବଭଳି ଦଳର ମୁଖପାତ୍ର ଭାବେ କାର୍ଯ୍ୟରତ ଅଛନ୍ତି ବୋଲି ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।


DADLS-190



## ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

୨୩ ନଭେମ୍ବର, ୨୦୧୮



### ସାଧାରଣ ସଭା

ସମୟ - ସଂଧ୍ୟା ୫.୩୦ ମି. | ସ୍ଥାନ - ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ,
ମାନ୍ୟବର ମହିଳା ଶିଶୁ ବିକାଶ, ସାମାଜିକ ସୁରକ୍ଷା
ଏବଂ ଭିନ୍ନକ୍ଷମ ସଶକ୍ତିକରଣ, ମିଶନ୍ ଶକ୍ତି, ଅଣୁ,
କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ

ସମ୍ମାନିତ ଅତିଥି - ଶ୍ରୀଯୁକ୍ତ ପ୍ରଶାନ୍ତ ମୁଦୁଲି,
ମାନ୍ୟବର ବିଧାୟକ, ବାଲିକୁଦା-ଏରସମା

ମୁଖ୍ୟବକ୍ତା - ଦାଶ ବେନହୂର,
ବିଶିଷ୍ଟ ଶିକ୍ଷାବିତ୍

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ସାଇ ସଙ୍ଗୀତ ଅନୁଷ୍ଠାନ ତରଫରୁ ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମାଳତୀ ଦେବୀ-ନବକୃଷ୍ଣ ଚୌଧୁରୀ ଟ୍ରଷ୍ଟଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ଉପନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0415/1819







### ପଟ୍ଟା ସଂଶୋଧନ ପାଇଁ ୩୦ ହଜାର ଲାଞ୍ଚ

# ତହସିଲ କର୍ମଚାରୀ ଗିରଫ



ଗିରଫ ଅଭିଯୁକ୍ତ କବି ଚରଣ ନାୟକ।

ଝାରସୁଗୁଡା ଅଫିସ,୨୨।୧୧

ଝାରସୁଗୁଡା ତହସିଲ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର କବିଚରଣ ନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଜମି ପଟ୍ଟା ସଂଶୋଧନ ପାଇଁ ଗୁରୁବାର ସେ ଜଣେ ବ୍ୟକ୍ତିଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଭିଜିଲାନ୍ସ ଚଢାଉ କରି ଲାଞ୍ଚ ଟଙ୍କା ଜବତ କରି କରି କବିଚରଣଙ୍କୁ ଗିରଫ କରିଥିଲା। ଝାରସୁଗୁଡା ସାରସମାଲର ବସୁଦେବ ମହାନନ୍ଦ ଆବଶ୍ୟକ ପ୍ରମାଣପତ୍ର ସହ ନିଜର ୨ ଏକର ୭୨ ଡିସିମିଲ୍ ଜମିର ମାଲିକାନା ପରିବର୍ତ୍ତନ ପାଇଁ ଝାରସୁଗୁଡା ତହସିଲରେ ଆବେଦନ କରିଥିଲେ। ଏହି ସଂଶୋଧନ ପାଇଁ ଅର୍ଥ ଆବଶ୍ୟକ ନ ଥିବା ସ୍ଥଳେ କବିଚରଣ କିନ୍ତୁ ୩୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ବସୁଦେବ ଭିଜିଲାନ୍ସ ଅଫିସ ସହ ଅଭିଯୋଗ କରିବା ସହ ଦାବି ମୁତାବକ ୩୦ ହଜାର ଟଙ୍କା ନେଇ ଗୁରୁବାର ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ତହସିଲ ଅଫିସ ଭିତରେ ଟଙ୍କା ଦେଣନେଣ ନ ହୋଇ କାର୍ଯ୍ୟାଳୟ ପାଚେରି ବାହାରେ ଥିବା ଏକ ଚାହା ଦୋକାନରେ ଦେଣନେଣ ହୋଇଥିଲା। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ କବିଚରଣଙ୍କୁ ଗିରଫ କରିବା ସହ ୩୦ ହଜାର ଟଙ୍କା ଜବତ କରିଥିଲେ। ତେବେ କବିକବିଚରଣଙ୍କ ଗିରଫଦାରୀ ଖବର ପାଇ ତହସିଲ ଅଫିସର ଜଣେ ଅଧିକାରୀ ୩ ଘଣ୍ଟା ପାଇଁ ଉଭାନ ହୋଇଯାଇଥିଲେ। କାରଣ ସମସ୍ତ ଅନୁମୋଦନ ସରିଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟରଙ୍କ ନିକଟରେ ସେପରି କୌଣସି ଦାୟିତ୍ୱ ନ ଥିଲା। ଯାହାଙ୍କ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ଆବଶ୍ୟକ ସେହି ବରିଷ୍ଠ ଅଧିକାରୀଙ୍କ ଇସାରାରେ କବି ଲାଞ୍ଚ କାରବାର କରୁଥିଲେ ବୋଲି ଆଲୋଚନା ହେଉଛି। ତେବେ ଭିଜିଲାନ୍ସ ଡିଏସ୍‌ପି ଦିଲୀପ କର, ଦାଶରଥୀ ସେଠୀ, ଇନ୍ସପେକ୍ଟର ପି.କେ. ଆଇଣ୍ଡ ଏବଂ ସୁଧାଂଶୁ ଶେଖର ପୂଜାରୀ ଏହି ଚଢାଉରେ ସାମିଲ ହୋଇଥିଲେ।

ଭାରତୀୟ ଗେମିଂ ବଜାରରେ ଦ୍ରୁତ ଅଭିବୃଦ୍ଧି ହେଉଥିବାରୁ ଏଠାରେ ପ୍ରମୁଖ ବଜାର ଅଂଶୀଦାର ହେବାକୁ ଲକ୍ଷ୍ୟ ରହିଛି।
– ଆର୍‌ନଲ୍ଡ ସୁ, କଞ୍ଜ୍ୟୁମର ବିଜନେସ ଆଣ୍ଡ ଆର୍‌ଓଜି ବିଜନେସ ମୁଖ୍ୟ, ଆସସ ଇଣ୍ଡିଆ



ଏକ୍ସସି ୯୦ ହାଇବ୍ରିଡ୍ ଯାନକୁ ଘରୋଇ ବଜାରରେ ଆସେମ୍ବଲ କରିବା ସହ ଅଧିକ ନୂଆ ମଡେଲ ଆଣିବା ଦିଗରେ ପଦକ୍ଷେପ ନେଉଛୁ।
– ଚାର୍ଲସ ଫ୍ରମ୍ପ, ଏମ୍‌ଡି, ଭଲଭୋ ଇଣ୍ଡିଆ



## ସଂକ୍ଷେପରେ

### ସଚିନ-ବିନ୍ନି ବଂଶଲଙ୍କୁ ଆଇଟି ନୋଟିସ



**ନୂଆଦିଲ୍ଲୀ,୨୨-୧୧:** ୱାଲ୍‌ମାର୍ଟ ସହ ଡିଲ୍‌କୁ ନେଇ ଫ୍ଲିପ୍‌କାର୍ଟର ଦୁଇ ପ୍ରତିଷ୍ଠାତା ସଚିନ ବଂଶଲ ଓ ବିନ୍ନି ବଂଶଲଙ୍କୁ ଆୟକର(ଆଇଟି) ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ଫ୍ଲିପ୍‌କାର୍ଟକୁ ୱାଲମାର୍ଟ ଇଣ୍ଟରନ୍ୟାଶନାଲକୁ ବିକ୍ରି କରିବା ଦ୍ୱାରା ସେମାନେ କେତେ ଆୟ କରିଛନ୍ତି ଏବଂ ଏଥିରେ ଆର୍ଥିକ ଲାଭର ପରିମାଣ କେତେ ଜଣାଇବାକୁ ଆୟକର ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଦୁଇ ପ୍ରତିଷ୍ଠାତାଙ୍କ ସମେତ ଏହାର ଫ୍ଲିପ୍‌କାର୍ଟର ଅଂଶଧନ ରଖିଥିବା ୩୫ ଅନ୍ୟ ଅଂଶୀଦାରଙ୍କୁ ମଧ ନୋଟିସ ଜାରି କରାଯାଇ ସେମାନଙ୍କଠାରୁ ଆୟର ବିବରଣୀ ଲୋଡାଯାଇଛି। ସୂଚନାଥାଉ କି, ଚଳିତ ବର୍ଷ ମେ’ ୯ରେ ବିକ୍ରିକୁ ନେଇ ୱାଲମାର୍ଟ ସହ ଫ୍ଲିପ୍‌କାର୍ଟର ଚୁକ୍ତି ହୋଇଥିଲା। ତଦନୁଯାୟୀ ଫ୍ଲିପ୍‌କାର୍ଟର ୭୭ ପ୍ରତିଶତ ଅଂଶଧନକୁ ୱାଲମାର୍ଟ ପ୍ରାୟ ୧୬ ବିଲିୟନ ଡଲାରରେ କିଣିଛି। ଏହି କିଣାବିକା ପରେ ଆଇଟି ବିଭାଗ ପକ୍ଷରୁ ୱାଲମାର୍ଟକୁ ନୋଟିସ ପଠାଯାଇ ଫ୍ଲିପ୍‌କାର୍ଟର ୪୬ ଶେୟାରଧାରକଙ୍କ ତାଲିକା ମାଗିଥିଲା।

### ଖୋଲାଯିବ ୫୪୩ ପାସ୍‌ପୋର୍ଟ ସେବା କେନ୍ଦ୍ର



**ନୂଆଦିଲ୍ଲୀ,୨୨-୧୧:** ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶର ୫୪୩ ଲୋକସଭା ଆସନରେ ପାସ୍‌ପୋର୍ଟ ସେବା କେନ୍ଦ୍ର ଖୋଲାଯିବ ବୋଲି ଆମେରିକାର ନ୍ୟୁୟର୍କ ଗସ୍ତରେ ଯାଇଥିବା ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.କେ.ସିଂ କହିଛନ୍ତି। ବିଦେଶ ହେଉ ଅଥବା ଦେଶରେ ସାଧାରଣ ଜନତା ଯେପରି ପାସ୍‌ପୋର୍ଟ ପାଇବାରେ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିଲାଗି ସରକାର ସାରା ଦେଶରେ ପାସ୍‌ପୋର୍ଟ ସେବା କେନ୍ଦ୍ରକୁ ବିସ୍ତାର କରିବେ। ନ୍ୟୁୟର୍କରେ ଭାରତୀୟ କନସୁଲେଟ୍‌ରେ ପାସ୍‌ପୋର୍ଟ ସେବା କେନ୍ଦ୍ର ଉଦ୍‌ଘାଟନ କରିବା ଅବସରରେ ସେ ଉକ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପାସପୋର୍ଟ ସେବା କେନ୍ଦ୍ର ଦ୍ୱାରା ଲୋକଙ୍କୁ ପାସ୍‌ପୋର୍ଟ ଯୋଗାଣକୁ ସହଜ ତଥା ସରଳ କରାଯାଇପାରିଛି। ପ୍ରବାସୀ ଭାରତୀୟଙ୍କୁ ମଧ ଏହି ସୁବିଧା ମିଳିପାରିବ। ସରକାର ପାସ୍‌ପୋର୍ଟ ଲାଗି ଆବେଦନ ଦାଖଲ କରିବା, ସମାନ ମାନଦଣ୍ଡ ଲାଗୁ କରିବା, ଡିଜିଟାଲିକରଣ, ଆବେଦନର ସ୍ଥିତି ଜାଣିବାରେ ସୁବିଧା ଆଦି ବ୍ୟବସ୍ଥାକୁ ଆପଣାଇଛନ୍ତି। ପ୍ରତି ୫୦ରୁ ୬୦ କିମି ଦୂରତାରେ ଏକ ପାସପୋର୍ଟ ସେବା କେନ୍ଦ୍ର ପ୍ରତିଷ୍ଠା କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

### ଭାଜପା ବିଧାୟକ ଦେଶର ସବୁଠୁ ବଡ଼ ଧନୀ ବିଲ୍ଡର

**ମୁମ୍ବାଇ,୨୨-୧୧:** ଲୋଢ଼ା ଗ୍ରୁପ୍ ପ୍ରତିଷ୍ଠାତା ତଥା ଭାଜପା ବିଧାୟକ ମଙ୍ଗଳ ପ୍ରଭାତ ଲୋଢ଼ା(୬୨) ଦେଶର ସବୁଠାରୁ ବଡ଼ ଧନୀ ବିଲ୍ଡର ଭାବେ ଉଭା ହୋଇଛନ୍ତି। ତାଙ୍କର ସମ୍ପତ୍ତି ପରିମାଣ ୨୭,୧୫୦ କୋଟି ଟଙ୍କା ବୋଲି ଅନୁମାନ କରାଯାଉଛି। ରିସର୍ଚ୍ଚ ଫାର୍ମ ହୁରୁନ ଏବଂ ଗ୍ରୋହେ ପକ୍ଷରୁ ‘ଇଣ୍ଡିଆ ରିଏଲ ଇଷ୍ଟେଟ୍ ରିଚ୍ ଲିଷ୍ଟ’ ଜାରି କରାଯାଇଛି। ଏଥିରେ ଏମ୍ବେସି ଗ୍ରୁପ୍ ଅଧକ୍ଷ ଜିତେନ୍ଦ୍ର ବିରୱାନୀ(୫୨) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ନିକଟରେ ୨୩,୧୬୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଡିଏଲ୍‌ଏଫ୍ ଅଧକ୍ଷ କେ.ପି.ସିଂହ ୨୩,୪୬୦ କୋଟି ଟଙ୍କାର ସମ୍ପତ୍ତି ସହ ଶୀର୍ଷରେ ଥିଲେ। କିନ୍ତୁ ଏଥର ସେ ୧୦୦ ଶୀର୍ଷ ବିଲ୍ଡରଙ୍କ ମଧରେ ସ୍ଥାନ ପାଇପାରିନାହାନ୍ତି। ଶେୟାରଧାରକ ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ ନିଜର ଅଂଶଧନ ହ୍ରାସ କରିବା ଯୋଗୁ ତାଙ୍କର ମୋଟ ସମ୍ପତ୍ତି ପରିମାଣ ହ୍ରାସ ପାଇଛି। ତାଙ୍କ ନିକଟରେ ଡିଏଲ୍‌ଏଫ୍‌ର ମାତ୍ର ୦.୮୧% ଶେୟାର ରହିଛି। ତେବେ ତାଙ୍କ ପୁଅ ରାଜୀବ ସିଂହ ଚଳିତ ବର୍ଷ ୩ୟ ନମ୍ବରରେ ରହିଛନ୍ତି। ଗତ ବର୍ଷର ତାଲିକାରେ ସେ ସାମିଲ ହୋଇ ନ ଥିଲେ। ରାଜୀବଙ୍କ ସମ୍ପତ୍ତି ପରିମାଣ ୧୭,୬୯୦ କୋଟି ଟଙ୍କା ହୋଇଥିବା ବେଳେ ଚନ୍ଦ୍ର ଆହୁଜା ୧୪,୪୨୦ କୋଟି ଟଙ୍କା ୪ର୍ଥ ଓ ବିକାଶ ଓବେରୟ ୧୦,୯୮୦କୋଟି ଟଙ୍କାର ସମ୍ପତ୍ତି ସହ ୫ମ ସ୍ଥାନରେ ରହିଛନ୍ତି।

## ସରକାର ଦେଲେ କ୍ଷମତା

# ଋଣଖିଲାପିଙ୍କୁ ରୋକିବ ବ୍ୟାଙ୍କ

**ନୂଆଦିଲ୍ଲୀ,୨୨-୧୧**

- ୱିଲ୍‌ଫୁଲ ଡିଫଲ୍ଟର ବିଦେଶ ଯାଇପାରିବେ ନାହିଁ
- ଲୁକ୍ ଆଉଟ ନୋଟିସ ଜାରି ଲାଗି ଲେଖିବେ ଅଧିକାରୀ
- ୫୦ କୋଟିରୁ ଊର୍ଦ୍ଧ୍ୱ ଋଣଗ୍ରହୀତାଙ୍କ ପାସ୍‌ପୋର୍ଟ ମଗାଯାଇଥିଲା
- କମିଟି ସୁପାରିସ୍ ଭିତ୍ତିରେ ନିଷ୍ପତ୍ତି

ଜାଣିଶୁଣି ଋଣ ପରିଶୋଧ ନ କରି ବିଦେଶ ପଳାଉଥିବା ଶିଳ୍ପପତିଙ୍କୁ ଏଣିକି ବ୍ୟାଙ୍କ ରୋକିବ। ଋଣ ଦେଇଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ପୃକ୍ତ ୱିଲଫୁଲ ଡିଫଲ୍ଟର୍ ବା ଜାଣିଶୁଣି ଋଣଖିଲାପିଙ୍କ ବିରୋଧରେ ଲୁକ୍ ଆଉଟ ନୋଟିସ ଜାରି କରିବାକୁ କେନ୍ଦ୍ର ସରକାରଙ୍କୁ ଲେଖିପାରିବ। ଏନେଇ ସରକାର ଏକ ସର୍କୁଲାର ଜାରି ସେମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି।

ଆର୍ଥିକ ସେବା ସଚିବ ରାଜୀବ କୁମାରଙ୍କ ଅଧକ୍ଷତାରେ ଗଠିତ କମିଟିର ସୁପାରିସକୁ ଗ୍ରହଣ କରି କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୁଖ୍ୟଙ୍କୁ ଜାଣିଶୁଣି ଋଣଖିଲାପକାରୀଙ୍କ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ଦେଇଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏଣିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶୀର୍ଷ ଅଧିକାରୀଙ୍କୁ କ୍ଷମତା ମିଳି ଯାଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହଜ ତଥା ତ୍ୱରାନ୍ୱିତ ହେବ। ଏହାଦ୍ୱାରା ଋଣ ନେଇଥିବା ବ୍ୟକ୍ତି ଏହାକୁ ପରିଶୋଧ ନ କରି ଆଉ ବିଦେଶ ପଳାଇପାରିବେ ନାହିଁ। ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ବ୍ୟବସ୍ଥା ହେବ। ସୂଚନାଥାଉ କି, ୫୦ କୋଟି ଅଥବା ତଦୂର୍ଦ୍ଧ୍ୱ ଋଣ ନେଇଥିବା ପ୍ରମୋଟରଙ୍କ ପାସପୋର୍ଟ ତଥ୍ୟ ଦାଖଲ କରିବାକୁ କେନ୍ଦ୍ର ସରକାର ବ୍ୟାଙ୍କଗୁଡିକୁ ଗତ ମାର୍ଚ୍ଚରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏନ୍‌ପିଏ ହୋଇଥିବା ୫୦ କୋଟି ଟଙ୍କାରୁ ଅଧିକ ଋଣ କ୍ଷେତ୍ରରେ କୌଣସି ଜାଲିଆତି ହୋଇଥିବାର ଅନୁମାନ କରୁଥିଲେ ବ୍ୟାଙ୍କଗୁଡିକ ନିଜ ଆଡୁ ଏହାର ତଦନ୍ତ କରିବାକୁ କୁହାଯାଇଥିଲା। ତଦନ୍ତରେ ଜାଲିଆତିର ପ୍ରମାଣ ମିଳିଲେ ଏହି ମାମଲାଗୁଡିକୁ ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଥବା ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ ଭଳି ଯାଞ୍ଚ ଏଜେନ୍ସିକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଜର୍ଭ ବ୍ୟାଙ୍କର ଗାଇଡଲାଇନ ଅନୁଯାୟୀ ଜଣେ ୱିଲଫୁଲ ଡିଫଲ୍ଟର ସକ୍ଷମ ଥାଇ ମଧ ଜାଣିଶୁଣି ଋଣ ପରିଶୋଧ କରୁ ନ ଥିଲେ ତାଙ୍କୁ ୱିଲଫୁଲ୍ ଡିଫଲ୍ଟର କୁହାଯିବ। ସେହିପରି ଜଣେ ଋଣଗ୍ରହୀତାଙ୍କ ବିଦେଶ ଯିବା ଉପରେ କଟକଣା ଜାରି କରିବା ଲାଗି ସୁପାରିସ କରିବା ପୂର୍ବରୁ ଏହାର ଆଇନଗତ ଦିଗକୁ ବିଚାର କରି ଯଥେଷ୍ଟ କାରଣ ଦର୍ଶାଇବାକୁ ବ୍ୟାଙ୍କଗୁଡିକୁ କୁହାଯାଇଛି। ଉକ୍ତ କମିଟିରେ ରିଜର୍ଭ ବ୍ୟାଙ୍କ, ଗୃହ, ବୈଦେଶିକ ମନ୍ତ୍ରଣାଳୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇର ଅଧିକାରୀ ସଦସ୍ୟ ଭାବେ ରହିଥିଲେ। ଉଲ୍ଲେଖ କରାଯାଇପାରେ ଯେ, ନୀରବ ମୋଦି, ବିଜୟ ମାଲ୍ୟା, ମେହୁଲ ଚୋକ୍‌ସୀଙ୍କ ଭଳି ବହୁ ୱିଲଫୁଲ ଡିଫଲ୍ଟର ଦେଶ ଛାଡି ଏବେ ବିଦେଶରେ ରହୁଛନ୍ତି। ସେମାନଙ୍କୁ ଫେରାଇବା ଲାଗି କେନ୍ଦ୍ର ସରକାରଙ୍କୁ ବହୁ କଷ୍ଟ ସହିବାକୁ ପଡୁଛି। ଖାଲି ସେତିକି ନୁହେଁ ସେମାନଙ୍କ ଯୋଗୁ ବିରୋଧୀ ଦଳଗୁଡିକ କ୍ରମାଗତ ସମାଲୋଚନା କରୁଛନ୍ତି।



# ତନିଷ୍କ ପକ୍ଷରୁ କମ୍ବୋ ଅଫର

**ଭୁବନେଶ୍ୱର,୨୨-୧୧**

ତନିଷ୍କ ପକ୍ଷରୁ କମ୍ବୋ ଅଫର ଆରମ୍ଭ ହୋଇଛି। ଏହା ଦ୍ୱାରା ଗ୍ରାହକ ବିବାହ ସପିଂ ଅଭିଜ୍ଞତାକୁ ଆହୁରୀ ଆକର୍ଷକ କରିପାରିବେ। ସ୍ଥାନୀୟ ଚନ୍ଦ୍ରଶେଖରପୁର ଶୋ’ରୁମ ଠାରେ ତନିଷ୍କର ବିଜନେସ ପାର୍ଟନର ମାନିକ ହଂସ, କମ୍ପାନୀର ଏବିଏମ୍ ସୁମିତ ଘୋଷ ଏହି ଅଫର ସମ୍ପର୍କରେ ଘୋଷଣା କରିଥିଲେ। ଏହି ଅଫର ଦ୍ୱାରା ଗ୍ରାହକମାନେ ସୁନା ଗହଣାର ଗଢ଼ାମୂଲ୍ୟ ଓ ହୀରା ଗହଣାର ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି, ପୁରୁଣା ସୁନା ଗହଣା ଏକ୍ସଚେଞ୍ଜ ଉପରେ ଶତ ପ୍ରତିଶତ ମୂଲ୍ୟ ପାଇପାରିବେ। ଏହି ଅଫର ତନିଷ୍କର ସମସ୍ତ ଷ୍ଟୋରଗୁଡିକରେ ଉପଲବ୍ଧ ହେବ। ଏହାର ଅବଧି ଡିସେମ୍ବର ମାସ ପର୍ଯ୍ୟନ୍ତ ରହିବ ବୋଲି ହଂସ ସୂଚନା ଦେଇଛନ୍ତି। ଶୋ’ରୁମରେ କମ୍ପାନୀର ସଦ୍ୟତମ କଲେକ୍ସନ ଯଥା- ଉତ୍ସବ, ଲାବଣ୍ୟମ, ଗୁଲନାଜ ଏବଂ ଅଭିର ଉପଲବ୍ଧ ରହିଥିବା ଘୋଷ କହିଛନ୍ତି।

# ମାଇଁ ହୋମ ଆଣିଲା ସଲିଡ୍ ଏଚ୍‌ଡି ସୁପର ଷ୍ଟ୍ରଙ୍ଗ୍ ସିମେଣ୍ଟ




**ଭୁବନେଶ୍ୱର,୨୨-୧୧**

ପ୍ରମୁଖ ସିମେଣ୍ଟ କମ୍ପାନୀ ମାଇଁ ହୋମ୍ ଇଣ୍ଡଷ୍ଟ୍ରି ଲିମିଟେଡ୍ ପକ୍ଷରୁ ନୂତନ ବ୍ରାଣ୍ଡର ସିମେଣ୍ଟ ସଲିଡ୍ ଏଚ୍‌ଡି ସୁପର ଷ୍ଟ୍ରଙ୍ଗ ଓଡିଶା ବଜାରରେ ପ୍ରବେଶ କରିଛି। ଏଚ୍‌ଇଏସ୍ ବୈଷୟିକ ଜ୍ଞାନକୌଶଳରେ ଏହାକୁ ନିର୍ମାଣ କରାଯାଇଛି। ପ୍ରିମିୟମ ଗୁଣବତ୍ତାଯୁକ୍ତ ଏହି ସିମେଣ୍ଟ ଓଡିଶା ବଜାରରେ ଶୁକ୍ରବାରଠାରୁ ଉପଲବ୍ଧ ହେଉଥିବା କମ୍ପାନୀର ମାର୍କେଟିଂ ବିଭାଗ ବରିଷ୍ଠ ସଭାପତି ବିଜୟ ବର୍ଦ୍ଧନ ରାଓ କହିଛନ୍ତି। ଏହି ଅବସରରେ କମ୍ପାନୀ ପକ୍ଷରୁ ଏକ ଡିଲର ମିଟ୍ ମଧ ଅନୁଷ୍ଠିତ ହୋଇଥିଲା। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଏହି ଏଚ୍‌ଡି ପ୍ଲସ ସିମେଣ୍ଟ ଅଧିକ ଶକ୍ତିଶାଳୀ ତଥା ଭରସାଯୋଗ୍ୟ ହୋଇପାରିଛି ବୋଲି ମାର୍କେଟିଂ ସଭାପତି ସାଇ ପ୍ରକାଶ ସୂଚନା ଦେଇଛନ୍ତି। ଉକ୍ତ ବ୍ରାଣ୍ଡର ୩ଟି ସୁପର ଷ୍ଟ୍ରଙ୍ଗ କ୍ୱାଲିଟିକୁ ବଜାରକୁ ଆସିଥିବା ବେଳେ ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇପାରିଛି ବୋଲି ଉପସଭାପତି ସଞ୍ଜୀବ ଗୁପ୍ତା ସୂଚନା ଦେଇଛନ୍ତି।

## ଆର୍‌ପିଏଫ୍, ଆରପିଏସ୍‌ଏଫ୍ ପରୀକ୍ଷା ତାରିଖ ଘୋଷଣା



**ଭୁବନେଶ୍ୱର,୨୨-୧୧**

ରେଲୱେ ପ୍ରୋଟେକଶନ ଫୋର୍ସ (ଆର୍‌ପିଏଫ୍)ର କେନ୍ଦ୍ରୀୟ ଚୟନ କମିଟି ଆର୍‌ପିଏଫ ଏବଂ ଆର୍‌ପିଏସ୍‌ଏଫ୍‌ରେ ସବଇନ୍ସପେକ୍ଟର ଚୟନ ଲାଗି କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ନିମନ୍ତେ ସୂଚୀ ତାରିଖ ଘୋଷଣା କରିଛି। ଯେଉଁ ପ୍ରାର୍ଥୀମାନେ ଏହି ପରୀକ୍ଷାରେ ଭାଗ ନେବେ ସେମାନେ ରେଲୱେ ପ୍ରୋଟେକଶନ ଫୋର୍ସର ବିଭାଗୀୟ ୱେବସାଇଟ୍ ଜରିଆରେ ପ୍ରକାଶିତ ନୋଟିସକୁ ଧ୍ୟାନ ଦେବାକୁ ରେଲୱେ ପକ୍ଷରୁ ସୂଚନା ରହିଛି। ଆର୍‌ପିଏଫ୍ ଏସ୍‌ଆଇ ସିବିଟି ୨୦୧୮ ପରୀକ୍ଷା ତିନୋଟି ପର୍ଯ୍ୟାୟରେ କରିବାକୁ ଧାର୍ଯ୍ୟ ହୋଇଛି। ଇ ଏବଂ ଏଫ୍ ଗ୍ରୁପ ପାଇଁ ୧୯ ଡିସେମ୍ବର, ଏ ଏବଂ ବି ଗ୍ରୁପ ପାଇଁ ୫ ଜାନୁୟାରୀ, ସି ଏବଂ ଡି ଗ୍ରୁପ ପ୍ରାର୍ଥୀଙ୍କ ପାଇଁ ୯ ଜାନୁୟାରୀରେ ପରୀକ୍ଷା ହେବ ବୋଲି ସୂଚନା ରହିଛି।

ଭାରତୀୟ ରେଳପଥର ଜୋନାଲ ରେଳପଥ ପ୍ରଡକ୍ସନ ୟୁନିଟଗୁଡ଼ିକୁ ୬ଟି ଭିନ୍ନ ଭିନ୍ନ ଗ୍ରୁପରେ ବିଭକ୍ତ କରାଯାଇଛି। ଏହି ବର୍ଗରେ ମୋଟ ୧୧୨୦ ପଦବୀ ଲାଗି ପ୍ରାର୍ଥୀଙ୍କୁ ଚୟନ କରାଯିବ। ଏଥିଲାଗି ଜୁନ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷାରେ ବସିବାକୁ ଥିବା ପ୍ରାର୍ଥୀଙ୍କୁ ରୋଲ ନମ୍ବର ବଣ୍ଟନ ହୋଇ ସାରିଛି। ସିବିଟି ପରୀକ୍ଷା ତାରିଖ, ପରୀକ୍ଷା କେନ୍ଦ୍ର, ସମୟ ଏବଂ ସବିଶେଷ ସୂଚନାକୁ ପ୍ରାର୍ଥୀମାନେ ପରୀକ୍ଷାର ୧୦ ଦିନ ଆଗରୁ ରେଲୱେ ୱେବସାଇଟରୁ ଡାଉନଲୋଡ କରିପାରିବେ। ସେହିଭଳି ଚାକିରୀ ଆଶାୟୀ ପ୍ରାର୍ଥୀମାନଙ୍କୁ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରି ଠକୁଥିବା ଅସାଧୁ ବ୍ୟବସାୟୀଙ୍କଠାରୁ ସାବଧାନ ରହିବା ପାଇଁ ରେଲୱେ କହିଛି। ଏପରି ହେଉଥିଲେ ନିକଟବର୍ତ୍ତୀ ପୋଲିସ ଷ୍ଟେଶନ ଏବଂ ରେଲୱେକୁ ସୂଚିତ କରାଇବାକୁ କୁହାଯାଇଛି।

# କାନାରା ବ୍ୟାଙ୍କର ସଂସ୍ଥାପକ ଦିବସ



**ଭୁବନେଶ୍ୱର,୨୨-୧୧**

କାନାରା ବ୍ୟାଙ୍କ ପକ୍ଷରୁ ଏହାର ୧୧୩ ତମ ସଂସ୍ଥାପକ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ବ୍ୟାଙ୍କ ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆର୍‌ବିଆଇ ଭୁବନେଶ୍ୱର କାର୍ଯ୍ୟାଳୟର ବ୍ୟାଙ୍କିଙ୍ଗ ଲୋକପାଳ ଶ୍ରୀଧର ବେହେରାଙ୍କ ଉପସ୍ଥିତିରେ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ଗ୍ରାହକ ସମ୍ମିଳନୀ ଏହି ଅବସରରେ ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାଙ୍କର ବିଭିନ୍ନ କ୍ଲଷ୍ଟରରୁ ଗ୍ରାହକମାନେ ଯୋଗ ଦେଇଥିଲେ। ଗ୍ରାହକ ଅଭିଯୋଗର ତ୍ୱରିତ ସମାଧାନ, ଗ୍ରାହକ ସେବା ଉପରେ ପ୍ରାଥମିକତା ଦେବାକୁ ବେହେରା ଏଥିରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଶାଖାମାନଙ୍କ ଦ୍ୱାରା କ୍ରେଡିଟ ଲିଙ୍କେଜ୍ ପ୍ରୋଗ୍ରାମ ଏବଂ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ ପ୍ରଦାନ କରାଯାଇଥିଲା।

# ଟାଟା ମୋଟର୍ସ-ଗଲ୍ଫ ଅଏଲ୍ ଚୁକ୍ତି

**ଭୁବନେଶ୍ୱର,୨୨-୧୧**




ଟାଟା ମୋଟର୍ସ ଓ ଗଲ୍ଫ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ଦୁଇ କମ୍ପାନୀ ମିଳିତ ଭାବେ କୋ ବ୍ରାଣ୍ଡେଡ ଲୁବ୍ରିକାଣ୍ଟ ପ୍ରସ୍ତୁତ କରିବେ। ଏହି ଅବସରରେ ଟାଟା ମୋଟର୍ସ ସଭାପତି ମୟାଙ୍କ ପାରେଖ, ଟାଟା ମୋଟର୍ସ ପିଭିବିୟୁ ସେଲସ ମାର୍କେଟିଂ ଆଣ୍ଡ କଷ୍ଟମର ସପୋର୍ଟ ଉପସଭାପତି ସୁଭଜିତ ରାଏ, ଗଲ୍ଫ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ ଲିମିଟେଡ ଏମ୍‌ଡି ରବି ଚାୱଲା, ଅଟୋମୋଟିଭ୍ ଓଇଏମ୍ ବିଜନେସ ଶିବରାଜ ମେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ମୋଟର୍ସ ସର୍ବଦା ନୂତନ କାର୍ଯ୍ୟକ୍ରମମାନ ହାତକୁ ନେଇଥାଏ ବୋଲି କମ୍ପାନୀର ପାସେଞ୍ଜର ଭେଇକିଲ ବିଜନେସ ୟୁନିଟ ସଭାପତି ମୟାଙ୍କ ପାରେଖ ସୂଚନା ଦେଇଛନ୍ତି। ବିକ୍ରି ପରବର୍ତ୍ତୀ ସେବାକୁ ଧ୍ୟାନରେ ରଖି ଏଭଳି ଏକ ପଦକ୍ଷେପ ନିଆଯାଇଥିବା ସେ ସୂଚନା ଦେଇଛନ୍ତି।

# ଜେରଥ୍ ପାଥ୍ ଲ୍ୟାବ୍‌ର ଆଲର୍ଜି ପରୀକ୍ଷଣ ଆଜିଠାରୁ

**ଭୁବନେଶ୍ୱର,୨୨-୧୧**

ଜେରଥ୍ ପାଥ୍ ଲ୍ୟାବ୍ ଆଲର୍ଜି ଟେଷ୍ଟିଂ ସେଣ୍ଟର ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାରଠାରୁ ଦୁଇ ଦିନ ବ୍ୟାପି ଆଲର୍ଜି ପରୀକ୍ଷଣ ନେଇ ଘୋଷଣା ହୋଇଛି। ସେଣ୍ଟର ପକ୍ଷରୁ କଟକ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, ଭୁବନେଶ୍ୱରର ପଟିଆ, ଖଣ୍ଡଗିରି, ନୟାଗଡ, ପୁରୀ, ରାୟଗଡା, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର, ସୋନପୁର, ସୋହେଲା, ବରଗଡ, ଜୟପୁର, କେନ୍ଦୁଝର, ଭବାନୀପାଟଣା, ନବରଙ୍ଗପୁର, କୋରାପୁଟ, ରାଉରକେଲା, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ, ବାରିପଦା, ବୁର୍ଲା, ବ୍ରହ୍ମପୁର, ପୁରୀ, ଢେଙ୍କାନାଳ, କାମାକ୍ଷାନଗର, ଅନୁଗୋଳ ଭଳି ସ୍ଥାନଗୁଡିକରେ ଶୁକ୍ରବାର ଏବଂ ଶନିବାର ଏହା ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ରୁ ୫ଟା ମଧରେ ଏହି ପରୀକ୍ଷଣ କରାଯିବ। ଫୁଡ, ସ୍କିନ ଏବଂ ଇନହେଲାଣ୍ଟ ବର୍ଗରେ ସମ୍ପୂର୍ଣ୍ଣ ପରୀକ୍ଷଣ ସୁବିଧା ଜେରଥ୍ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଏହା ପ୍ରକାଶ କରିଛି। ଯେଉଁ ବ୍ୟକ୍ତିମାନେ ନିଜର ପରୀକ୍ଷଣ କରାଇବାକୁ ଚାହୁଁଛନ୍ତି ସେମାନେ ନିଜର ରକ୍ତର ନମୁନା ଦେଇ ସେଣ୍ଟରରେ ପରୀକ୍ଷା କରାଇ ପାରିବେ। ଏକ ବିଶେଷ ମେଶିନ ତଥା ବିଶେଷଜ୍ଞଙ୍କ ଦ୍ୱାରା ଏହି ପରୀକ୍ଷଣ କରାଯାଉଥିବା ସଂସ୍ଥା ପକ୍ଷରୁ ସୂଚନା ରହିଛି।

## ପଳାତକ ଅପରାଧୀ ଘୋଷଣା

# ହାଇକୋର୍ଟରେ ମାଲ୍ୟାଙ୍କ ଆବେଦନ ଖାରଜ

**ମୁମ୍ବାଇ,୨୨-୧୧**

- ୯ ହଜାର କୋଟି ଟଙ୍କା ଋଣ ନେଇ ଆଉ ପରିଶୋଧ କରି ନାହାନ୍ତି
- ଲଣ୍ଡନ କୋର୍ଟରେ ପ୍ରତ୍ୟର୍ପଣ ମାମଲା ଲଢୁଛନ୍ତି



ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଗୋଟିଏ ପରେ ଗୋଟିଏ ଝଟ୍‌କା ସହି ଚାଲିଛନ୍ତି। ସୁଇସ୍ ବ୍ୟାଙ୍କ ୟୁବିଏସ୍‌ରୁ ନେଇଥିବା ଋଣ ଅର୍ଥ ପ୍ରଦାନ କରିବାକୁ ବୁଧବାର ଲଣ୍ଡନ ହାଇକୋର୍ଟ ନିର୍ଦ୍ଦେଶ ଦେବାର ଦିନକ ପରେ ଗୁରୁବାର ବମ୍ବେ ହାଇକୋର୍ଟ ତାଙ୍କର ପଳାତକ ଘୋଷଣା ନ କରିବା ଆବେଦନକୁ ଖାରଜ କରିବା ସହ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ଉଲ୍ଲେଖଥାଉ କି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାଲ୍ୟାଙ୍କୁ ନୂଆ ଆଇନ ଅଧୀନରେ ପଳାତକ ଘୋଷଣା କରିବା ସହ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ନିମ୍ନ ଅଦାଲତରେ ଆବେଦନ କରିଛି। ଏହା ଉପରେ ରହିତାଦେଶ ଦେବା ଲାଗି ମାଲ୍ୟା ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲେ। ଇଡିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଅତୀତରେ ବିଭାଗ ପକ୍ଷରୁ ପିଏମ୍‌ଏଲ୍‌ଏ ଅଦାଲତରେ ମାଲ୍ୟାଙ୍କ ବିରୋଧରେ ଦୁଇଟି ଚାର୍ଜସିଟ୍ ଦାଖଲ କରାଯାଇଛି। ସେଥିରେ ତାଙ୍କର ବିମାନ କମ୍ପାନୀ କିଙ୍ଗଫିଶର ଏୟାରଲାଇନ୍ସ ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ଆଉ ପରିଶୋଧ କରି ନ ଥିବା ଦର୍ଶାଯାଇଛି। ଅନ୍ୟପକ୍ଷରେ ମାଲ୍ୟା କହିଛନ୍ତି ଯେ, ତାଙ୍କୁ ବ୍ୟାଙ୍କଗୁଡ଼ିକ ଋଣଖିଲାପୀର ପୋଷ୍ଟର ବଏ ଭାବେ ଉଲ୍ଲେଖ କରିଛନ୍ତି। ଏପରିକି କିଛି ବ୍ୟାଙ୍କ ତାଙ୍କୁ ଜାଣିଶୁଣି ଋଣଖିଲାପୀ ଭାବେ ଦର୍ଶାଇଛନ୍ତି। ସୂଚନାଥାଉ କି, ମାଲ୍ୟା ଏବେ ଲଣ୍ଡନ କୋର୍ଟରେ ପ୍ରତ୍ୟର୍ପଣ ମାମଲାର ସାମ୍ନା କରୁଛନ୍ତି।

# ଅରୁନ୍ଧତୀ ଜୁଏଲର୍ସର ‘ସାଇନ୍ ଆଣ୍ଡ ସ୍ପାର୍କଲ’ ଅଫର

**ଭୁବନେଶ୍ୱର,୨୨-୧୧**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ‘ସାଇନ୍ ଆଣ୍ଡ ସ୍ପାର୍କଲ’ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବାଲିଯାତ୍ରାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଅଫର ଆଣିଛି। ଏହି ଉପଲକ୍ଷେ ଶୋ’ରୁମ ପକ୍ଷରୁ ୯୧୬ ସୁନାଗହଣା ଗଢା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ରିହାତି ସୁବିଧା ପ୍ରଦାନ କରାଯାଉଛି। ପୁରୁଣା ଗହଣା ଏକ୍ସଚେଞ୍ଜ ଉପରେ ଗହଣାର ମୋଟ ମୂଲ୍ୟ ଉପରେ ୨% କ୍ୟାଶ ବ୍ୟାକ ସୁବିଧା ମିଳୁଛି। ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ସୁବିଧା ରହିଛି। ୫,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଗହଣା କ୍ରୟରେ ଲକି ଡ୍ର ଦ୍ୱାରା ୪୨ ଜଣଙ୍କୁ ଲକ୍ଷପତି ହେବାର ସୁଯୋଗ ରହିଛି। ଏହି ଅଫର ୨୧ ତାରିଖଠାରୁ ଆରମ୍ଭ ହୋଇଛି। ବିବାହ ପୂର୍ବ ସିଜିନ, ବଡ ଦିନ ଏବଂ ନୂଆ ବର୍ଷ ଲାଗି ବିସ୍ତୃତ ଗହଣା କଲେକ୍ସନ ଶୋ’ରୁମ ପ୍ରଦାନ କରୁଛି। ସୁନା ଗହଣାର ଗଢା ମୂଲ୍ୟ ୨୪୯ ଟଙ୍କା ରହିଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ବିଭିନ୍ନ ଡିଜାଇନର ଗହଣା ଯୋଗାଇ ଦେଉଛୁ ବୋଲି ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି।





## ଉଦ୍‌ଘାଟନୀ ଆକର୍ଷଣ

- ମାଧୁରୀ ଦୀକ୍ଷିତ ନିର୍ବାହ କରିବେ ପୃଥିବୀ ମାତା ଭୂମିକା
- ନୃତ୍ୟ କରିବେ ୧୧୦୦ କଳାକାର
- ପ୍ରଥମ ଥର ଭାଗନେବେ ୮୦୦ ଯୁବ କଳାକାର
- ଦି ଆର୍ଥ ସଙ୍ଗ୍ ନୃତ୍ୟାଭିନୟରେ ସମସାମୟିକ, ସାଂସ୍କୃତିକ, ଜାଜ୍, ବାଲେଟ୍, ଆଫ୍ରୋ, ସତ୍ରିଆ, ଓଡ଼ିଶୀ, ମୋହିନୀଆଟ୍ଟମ, କଥକ ନୃତ୍ୟ ସହିତ ଆହୁରି ଅନେକ କିଛି ଦେଖିବାକୁ ମିଳିବ।
- ଡ୍ରାମା, ଡାଏଲଗ, ସଙ୍ଗୀତ ମାଧ୍ୟମରେ ଏକତାର ଦୃଢ଼ ବାର୍ତ୍ତା ପ୍ରଦାନ କରାଯିବ।
- ସ୍ୱତନ୍ତ୍ର ହକି ଷ୍ଟିକ୍ ମାଧ୍ୟମରେ ସଂଗ୍ରହ କରାଯାଇଥିବା ହୃଦସ୍ପନ୍ଦନଗୁଡ଼ିକୁ ଶାହରୁଖ ୧୬ଟି ଦଳର ଅଧିନାୟକଙ୍କୁ ପ୍ରଦାନ କରିବେ।

# ମାନବଜାତିର ଏକତା 'ଦି ଆର୍ଥ ସଙ୍ଗ୍'



କଳିଙ୍ଗ ଷ୍ଟାଡିୟମରେ ୨୭ ତାରିଖରେ ହେବାକୁ ଥିବା ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହ ପାଇଁ କଳାକାରଙ୍କ ରିହର୍ସାଲ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୧।୧୧(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ କ୍ରମେ ପାଖେଇ ଆସିଛି। ଏଥିପାଇଁ କଳିଙ୍ଗ ଷ୍ଟାଡିୟମ ନୂଆ ରୂପ ନେଇ ସାରିଥିବାବେଳେ ମନମୁଗ୍ଧକର ଉଦ୍‌ଘାଟନୀ ସମାରୋହ ପାଇଁ ସଜେଇ ହେଉଛି ମୁଖ୍ୟ(ଆଥଲେଟିକ୍) ଷ୍ଟାଡିୟମ। ସମାରୋହ ପାଇଁ ୨ଟି ମଞ୍ଚ ପ୍ରସ୍ତୁତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। 'ଏକତା ଓ ସମଗ୍ର ବିଶ୍ୱ ଏକ' ଉଦ୍‌ଘାଟନୀ ସମାରୋହର ମୁଖ୍ୟ ବାର୍ତ୍ତା ବହନ କରିବ। ଏହାକୁ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ଯେଉଁଠାରେ ପ୍ରଥମ ଥର ପାଇଁ ଥିଏଟର ଭଳି ପ୍ରଯୋଜନା ଓ 'ଦି ଆର୍ଥ ସଙ୍ଗ' ନାମରେ ନୃତ୍ୟ ପରିବେଷଣ କରାଯିବ।

ନଭେମ୍ବର ୨୭ରେ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହର ଗୀତ 'ଦି ଆର୍ଥ ସଙ୍ଗ'ର ବିଷୟବସ୍ତୁ ହେଉଛି 'ମାନବଜାତିର ଏକତା'। ଏହି କାର୍ଯ୍ୟକ୍ରମ ଭୌଗୋଳିକ ସୀମାକୁ ଦୂରେଇ ଏକ ଭାବେ ଏକଜୁଟ ହେବା ପାଇଁ ଲୋକମାନଙ୍କୁ ଅନୁପ୍ରାଣିତ କରିବ। ଉଦ୍‌ଘାଟନୀ ସମାରୋହର କ୍ରିଏଟିଭ୍ ଡାଇରେକ୍ଟର ନୂପୁର ମହାଜନଙ୍କ ପରିକଳ୍ପନା, ଲେଖା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଚରିତ୍ରରେ ରହିବେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ମାଧୁରୀ ପୃଥିବୀ ମାତାର ଭୂମିକାରେ ଅବତୀର୍ଣ୍ଣ ହେବେ ଓ ତାଙ୍କ ସହିତ ଯୋଗ ଦେବେ ୧୧୦୦ କଳାକାର। ସମସ୍ତେ ମିଶି ଅଭିନୟ ମାଧ୍ୟମରେ ଏକ ମାନବଜାତି ଓ ଏକ ବିଶ୍ୱର କାହାଣୀ କହିବେ। 'ଆର୍ଥ ସଙ୍ଗ୍'ରେ ୫ଟି ଅଭିନୟ ରହିଛି ଓ ଏହାର ଅବଧି ୪୦ ମିନିଟ୍ ବିଶିଷ୍ଟ। ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଶିଆମକ୍ ଡାଭର୍ ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ରଣଜିତ ବାରୋଟ୍।

ଶୋ'ର ଶୋଭାକୁ ବଢ଼ାଇବା ସହିତ ୧୧୦୦ରୁ ଅଧିକ କଳାକାର ସାରା ଦୁନିଆକୁ ଏକତ୍ରିତ କରିବେ ଓ ଏକ ବିଶ୍ୱର କାହାଣୀ କହିବେ। ଏକତାର ଉଦାହରଣ ସୃଷ୍ଟି କରିବା ପାଇଁ ଉଦ୍‌ଘାଟନୀ ସମାରୋହରେ ଓଡ଼ିଶାର ପାଖାପାଖି ୮୦୦ ଯୁବପିଢ଼ି ପ୍ରଥମ ଥର ନୃତ୍ୟ କରିବେ। ସେମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରାଯାଉଛି ଓ ଦି ଆର୍ଥ ସଙ୍ଗ୍‌ର ସେମାନେ ହେବେ ଅବିଚ୍ଛେଦ୍ୟ ଅଙ୍ଗ। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ ଏବଂ ରୋମାଞ୍ଚକ କରିବା ପାଇଁ କେବଳ ଯୁବପିଢ଼ିଙ୍କୁ ସାମିଲ କରାଯାଇନାହିଁ, ବରଂ ଏକ ବିଶ୍ୱସ୍ତରୀୟ ମଞ୍ଚରେ ସେମାନଙ୍କୁ ଭାଗ ନେବାର ସୁବର୍ଣ୍ଣ ସୁଯୋଗ ପ୍ରଦାନ କରାଯାଇଛି।

''ଭାବନାକୁ ବ୍ୟକ୍ତ କରିବାକୁ ଚାହୁଁଥିବା ଜଣେ ଲେଖିକାଙ୍କ ପାଇଁ ଓଡ଼ିଶାର ଲୋକମାନେ ହେଉଛନ୍ତି ଉପଯୁକ୍ତ ଦର୍ଶକ। ଅନ୍ତର୍ଭୁକ୍ତୀକରଣ ଦର୍ଶନ ସହିତ ସାଂସ୍କୃତିକ ଓ ଆକର୍ଷଣୀୟ ଭାବ ହେଉଛି ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମର ପ୍ରକୃତ ଉଦ୍ଦେଶ୍ୟ। କ୍ରୀଡ଼ା କ୍ଷେତ୍ରରେ ହିଁ ସବୁ ବିଭେଦର ମିଳନ ହୋଇଥାଏ ଏବଂ ଏକ ନିର୍ଦ୍ଦିଷ୍ଟ ଆବେଗରେ ସମସ୍ତେ ବାନ୍ଧି ହୁଅନ୍ତି। ଏହା ହେଉଛି ଉପଯୁକ୍ତ କାନଭାସ୍ ଯେଉଁଥିରେ 'ଏକ ବିଶ୍ୱ' ବାର୍ତ୍ତାକୁ ସାରା ଦୁନିଆକୁ ପ୍ରଦାନ କରାଯାଇପାରିବ। ପୃଥିବୀ ମାତାର ଉତ୍ପତ୍ତି ସମୟରୁ ହିଁ ଏକତା ରହି ଆସିଛି। ଭାରତ ଏପରି ଏକ ଭୂମି ଯେଉଁଠାରେ ବିଭିନ୍ନତାରେ ଏକତା ପ୍ରତିଫଳିତ ହୋଇଥାଏ'' ବୋଲି ନୂପୁର ପ୍ରକାଶ କରିଛନ୍ତି। ଦି ଆର୍ଥ ସଙ୍ଗ୍ ହେଉଛି ଏପରି ଏକ ନୃତ୍ୟାଭିନୟ ଯେଉଁଥିରେ ସମସାମୟିକ, ସାଂସ୍କୃତିକ, ଜାଜ୍, ବାଲେଟ୍, ଆଫ୍ରୋ, ସତ୍ରିଆ, ଓଡ଼ିଶୀ, ମୋହିନୀଆଟ୍ଟମ, କଥକ ଓ ଆହୁରି ଅନେକ କିଛି ଦେଖିବାକୁ ମିଳିବ। ଏଥିରେ ଡ୍ରାମା, ଡାଏଲଗ, ମୂଳ ସଙ୍ଗୀତ ମାଧ୍ୟମରେ ଏକତାର ଦୃଢ଼ ବାର୍ତ୍ତା ପ୍ରଦାନ କରାଯିବ। ପୃଥିବୀ ମାତାର କାହାଣୀକୁ 'ଦି ଆର୍ଥ ସଙ୍ଗ' ଜରିଆରେ ପରିବେଷଣ କରାଯିବ, ଏଥିରେ ମାଧୁରୀ ହେବେ ପୃଥିବୀ ମାତା।

ନୃତ୍ୟ ନିର୍ଦ୍ଦେଶନା ବିଷୟରେ ଶିଆମକ ଡାଭର କହିଛନ୍ତି ଯେ, ''ମୋ ନୃତ୍ୟ ନିର୍ଦ୍ଦେଶନାରେ ଏହା ହେବ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ। ବିଷୟବସ୍ତୁ ହେଉଛି ବିଶ୍ୱଜନୀନ। ଏହା ପୂର୍ବରୁ କୌଣସି ଉଦ୍‌ଘାଟନୀ ସମାରୋହ ପାଇଁ ଏପରି ଏକ କାର୍ଯ୍ୟକ୍ରମ (ପ୍ରଯୋଜନା) ପ୍ରସ୍ତୁତ କରାଯାଇ ନ ଥିଲା, ତେଣୁ ଏହା ଅଧିକ ଚ୍ୟାଲେଞ୍ଜପୂର୍ଣ୍ଣ ଓ ରୋମାଞ୍ଚକର। ମାଧୁରୀ ଓ ମୁଁ ମିଶି ଅନେକ ସମୟରେ ମ୍ୟାଜିକ୍ ସୃଷ୍ଟି କରିଛୁ, ଏଥର ନୂପୁର ମହାଜନଙ୍କ ଲେଖା ଓ ରଣଜିତ ବାରୋତଙ୍କ ସଙ୍ଗୀତ ସହାୟତାରେ ଆମେ ଏକ ସ୍ମରଣୀୟ ଶୋ' ଭେଟି ଦେଇ ପାରିବୁ ବୋଲି ମୋର ବିଶ୍ୱାସ''।

ଭାରତର ହୃଦସ୍ପନ୍ଦନକୁ ନେଇ ପ୍ରସ୍ତୁତ 'ହାର୍ଟବିଟ୍ ଫର ହକି' କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ ହେବ ଏହି ଉଦ୍‌ଘାଟନୀ ଉତ୍ସବ। ଗତ ଅଗଷ୍ଟ ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରଠାରୁ କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଲୋକମାନେ ସ୍ୱତନ୍ତ୍ର ହକି ଷ୍ଟିକ୍ ଜରିଆରେ ହୃଦସ୍ପନ୍ଦନ ପ୍ରଦାନ କରିଛନ୍ତି। ସେଥି ମଧ୍ୟରୁ ଗୋଟିଏ ହୃଦ୍‌ସ୍ପନ୍ଦନ ହେଉଛି ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କର। ''ମେରା ଦିଲ୍ ହକି କେ ଲିଏ ବହୁତ ତେଜ୍ ଧଡ଼କତା ହୈ'' ବୋଲି ଶାହରୁଖ ପ୍ରକାଶ କରି ସାରିଛନ୍ତି। ସାରା ଦେଶରୁ ସଂଗ୍ରହ କରାଯାଇଥିବା ହୃଦସ୍ପନ୍ଦନଗୁଡ଼ିକୁ ଶାହରୁଖ ଉଦଘାଟନୀ ସମାରୋହରେ ବିଶ୍ୱକପରେ ଭାଗନେଉଥିବା ୧୬ଟି ଦଳର ଅଧିନାୟକଙ୍କୁ ପ୍ରଦାନ କରିବେ, ଯାହା ଭାରତର ଏକତା ଓ ସଂହତିର ଭାବକୁ ପରିପ୍ରକାଶ କରିବ।

୨୦୧୮ ହକି ବିଶ୍ୱକପ୍ ଅଫିସିଆଲ୍ ଗୀତର ମାନ୍ୟତା ପାଇଥିବା ଗୀତିକାର ଗୁଲଜାରଙ୍କ 'ଜୟ ଇଣ୍ଡିଆ'କୁ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ. ଆର. ରହମନ୍ ଜୀବନ୍ତ କରିବେ। ଏହା ପରେ ସେ ନିଜେ ନିଜର କିଛି ସ୍ମରଣୀୟ ଗୀତ 'ଜୟ ହୋ' ଆଦି ପରିବେଷଣ କରିବେ। ଉଦ୍‌ଘାଟନୀ ସମାରୋହର ଅବଧି ୯୦ ମିନିଟ୍ ବିଶିଷ୍ଟ ହେବ। ୨୭ ନଭେମ୍ବରରେ ଏହାକୁ ଡିଡି ନ୍ୟାଶନାଲ୍, ଡିଡି ସ୍ପୋର୍ଟସ୍ ଓ ଓଡ଼ିଶାର ସମସ୍ତ ଆଞ୍ଚଳିକ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ଓ ହାର୍ଟବିଟ୍ ଫର ହକିର ଫେସ୍‌ବୁକ୍ ପେଜ୍‌ରେ ତାହାର ଲାଇଭ୍ ଷ୍ଟ୍ରିମିଂ କରାଯିବ। ଏହା ଦ୍ୱାରା ଓଡ଼ିଶାର ଅଧିକରୁ ଅଧିକ ଲୋକ ଏହାର ମଜା ନେଇପାରିବେ। ଉଭୟ ଇଂରାଜି ଓ ଓଡ଼ିଆ ଭାଷାରେ ଧାରା ବିବରଣୀ ପ୍ରଦାନ କରାଯିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

# ଖେଳିବାକୁ ବ୍ୟଗ୍ର ଗୋଞ୍ଜାଲୋ

ହକି ବିଶ୍ୱକପ୍‌ରେ ଭାଗ ନେବା ପାଇଁ ଅଲମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି। ''ଏହା ଏକ ବଡ଼ ଟୁର୍ନାମେଣ୍ଟ। ଏଠାରେ ଆମେ ୨୦୧୬ରେ ବିଶ୍ୱ ହକି ଲିଗ୍ ଫାଇନାଲ୍ ଖେଳି ରୌପ୍ୟ ପଦକ ଜିତିଥିଲୁ। ତେଣୁ ପୁଣିଥରେ ଭୁବନେଶ୍ୱରର ଉତ୍ସାହିତ ଦର୍ଶକଙ୍କ ସାମ୍ନାରେ ଖେଳିବାର ସୁଯୋଗ ପାଇଛୁ। ଦଳର ପ୍ରତ୍ୟେକ ଖେଳାଳି ବିଶ୍ୱକପ୍ ଲାଗି ପ୍ରସ୍ତୁତ ରହିଛନ୍ତି ଏବଂ ଏଠାକୁ ପୁଣିଥରେ ପ୍ରତ୍ୟାବର୍ତ୍ତନ କରିଥିବାରୁ ଆନନ୍ଦିତ ରହିଛନ୍ତି'' ବୋଲି ଆର୍ଜେଣ୍ଟିନା ଦଳର ଡ୍ରାଗ୍‌ଫ୍ଲିକର ସ୍ପେଶାଲିଷ୍ଟ ଗୋଞ୍ଜାଲୋ ପେଇଲାଟ୍ କହିଛନ୍ତି। ପ୍ରତ୍ୟେକ ଦଳ ଜିତିବା ଲକ୍ଷ୍ୟରେ ଏଠାକୁ ଆସୁଥିବାରୁ ଅଲିମ୍ପିକ୍ ଚାମ୍ପିୟନ କିମ୍ବା ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିବା ଏହାର କୌଣସି ମାନେ ରଖୁନାହିଁ। ବିଶ୍ୱକପ୍‌ରେ ଆମେ ପ୍ରତି ମ୍ୟାଚ୍‌ରେ କିଭଳି ଭଲ ପ୍ରଦର୍ଶନ କରିବୁ ତାହା ଉପରେ ଫୋକସ୍ କରିବୁ। ପେନାଲ୍ଟି କର୍ନର ଆମର ସବୁଠାରୁ ଷ୍ଟ୍ରଙ୍ଗ୍ ପଏଣ୍ଟ ହୋଇଥିବାରୁ ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବୁ ବୋଲି ୨୦୧୪ ବିଶ୍ୱକପ୍‌ରେ ସର୍ବାଧିକ ଗୋଲସ୍କୋର କରିଥିବା ୨୬ ବର୍ଷୀୟ ଗୋଞ୍ଜାଲୋ ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରକାଶ କରିଛନ୍ତି। ଆର୍ଜେଣ୍ଟିନା ପୁଲ୍-ଏ'ରେ ସ୍ପେନ୍, ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ ସହ ସ୍ଥାନ ପାଇଛି। ନଭେମ୍ବର ୨୯ରେ ସ୍ପେନ ବିପକ୍ଷରେ ଖେଳି ଆର୍ଜେଣ୍ଟିନା ତା'ର ଅଭିଯାନ ଆରମ୍ଭ କରିବ। ୨୦୧୬ ରିଓ ଅଲିମ୍ପିକ ଚାମ୍ପିୟନ ଆର୍ଜେଣ୍ଟିନାର ନୂତନ କୋଚ୍ ଭାବେ ଜର୍ମାନ ମାରିଆନୋ ଓରୋଜକୋ ଦଳ ସହ ଭୁବନେଶ୍ୱର ଆସିଛନ୍ତି।

**ଆଉ ୫ ଦିନ**

**ଆର୍ଜେଣ୍ଟିନା ଦଳ**

ଜୁଆନ ମାନୁଏଲ୍ ଭିଭାଲଡି, ତୋମାସ ସାଣ୍ଟିଆଗୋ (ଉଭୟ ଗୋଲକିପର), ଗୋଞ୍ଜାଲୋ ପେଇଲାଟ୍, ପେଡ୍ରୋ ଇବାରା (ଅଧିନାୟକ), ଜୁଆନ ଇଗ୍‌ନାସିଓ ଗିଲାର୍ଡି, ଲୁକାସ ରୋସି,ଅଗଷ୍ଟିନ ବୁଗାଲୋ, ନିକୋଲାସ ସିସିଲେଓ (ସମସ୍ତେ ଡିଫେଣ୍ଡର), ଇଗନାସିଓ ଓର୍ଟିଜ, ଜୁଆନ ମାର୍ଟିନ ଲୋପେଜ, ମାଟିଆସ୍ ରେ, ମାଟିଆସ ପାରାଡେସ୍ (ସମସ୍ତେ ମିଡ୍‌ଫିଲ୍ଡର), ତୋମାସ ବେଟାଗଲିଓ, ଅଗଷ୍ଟିନ ମଜିଲି, ଲୁକାସ ଭିଲା, ମାଇକୋ କାସେଲା, ଲୁକାସ ମାର୍ଟିନେଜ, କୋଲ୍ଡିନ ମେନିନି (ସମସ୍ତେ ଫରୱାର୍ଡ)। ମୁଖ୍ୟ କୋଚ୍- ଜର୍ମାନ ମାରିଆନୋ ଓରୋଜକୋ।

# ବାରବାଟୀ ସମାରୋହ ପାଇଁ ଅତିରିକ୍ତ ଟିକେଟ ବିକ୍ରି

ଭୁବନେଶ୍ୱର,୨୧।୧୧(ସ୍ପୋର୍ଟ୍ସ ବ୍ୟୁରୋ)- ପ୍ରଶଂସକଙ୍କ ଉତ୍ସାହ ଓ ଉଦ୍ଦୀପନାକୁ ଦୃଷ୍ଟିରେ ରଖି ଆୟୋଜକମାନେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ୨୮ ତାରିଖରେ ଆୟୋଜନ ହେବାକୁ ଥିବା ହକି ବିଶ୍ୱକପ୍ ଉତ୍ସବ ତଥା ସମାରୋହ ପାଇଁ ଅତିରିକ୍ତ ଟିକେଟ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅତିରିକ୍ତ ଟିକେଟ ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଛି। ଏହି ଅନ୍‌ଲାଇନ୍ ଟିକେଟଗୁଡ଼ିକ କେଉଁ ଦିନ ବିମୋଚନ କରାଯିବ ତାହା ପରେ ଘୋଷଣା କରାଯିବ ବୋଲି କୁହାଯାଇଛି। ତେବେ ଏହାର ଗୋଟିଏ ଦିନ ପୂର୍ବରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ। ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନଙ୍କ ସମେତ ବଲିଉଡ ସୁପରଷ୍ଟାର ଶାହରୁଖ ଖାଁ ଓ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏଥିରେ ଯୋଗ ଦେବେ। ରହମନ ଭୁବନେଶ୍ୱର ସମେତ ବାରବାଟୀରେ ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ ଯୋଗଦେଇ ସଙ୍ଗୀତ ପରିବେଷଣ କରିବେ। ଜଣାଶୁଣା ବଲିଉଡ କଳାକାର ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।




ହକି ବିଶ୍ୱକପ୍ ପାଇଁ କଳିଙ୍ଗ ଷ୍ଟାଡିୟମରେ ଲାଗିଥିବା ବିଭିନ୍ନ ଦେଶର ପତାକା।



❝ ଆଇସିସି ଟି୨୦ ମହିଳା ବିଶ୍ୱକପ୍‌ରେ ଆମ ଭଲ ପ୍ରଦର୍ଶନ ପଛରେ ନୂଆ କୋଚ୍ ରମେଶ ପାୱାରଙ୍କ ବିଶେଷ ଭୂମିକା ରହିଛି।

–ହରମନପ୍ରୀତ କୌର, ଭାରତୀୟ ଅଧିନାୟିକା



❝ ଓପନର ମାର୍କସ ହାରିସ ବର୍ତ୍ତମାନ ଫର୍ମରେ ଥିବାରୁ ତାଙ୍କୁ ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ନେବା ଉଚିତ୍।

–ଡାରେନ ଲେମ୍ୟାନ, ପୂର୍ବତନ ଅଷ୍ଟ୍ରେଲିଆ କୋଚ୍

## ସଂକ୍ଷେପରେ

### ସାହାଣୀ କପ୍: ଆର୍‌ଏସ୍‌ପିର ସହଜ ବିଜୟ

କଟକ ଅଫିସ, ୨୨।୧୧: ସମ୍ବଲପୁରରେ ଚାଲିଥିବା ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍‌ରେ ଗୁରୁବାର ୪ଟି ମ୍ୟାଚ୍ ଖେଳାଯାଇଛି। କୁଚିଣ୍ଡା ଭେନ୍ୟୁରେ ଝାରସୁଗୁଡ଼ା ଓ କଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲଶୂନ୍ୟ ରହିଥିଲା। ଟାଇବ୍ରେକର ପଦ୍ଧତିରେ କଟକ ୫-୪ ଗୋଲରେ ଝାରସୁଗୁଡ଼ାକୁ ହରାଇଥିଲା। ସମ୍ବଲପୁର ଭେନ୍ୟୁରେ ମଧ୍ୟ ବାଲେଶ୍ୱର ଓ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଫଳାଫଳ ମଧ୍ୟ ଅନୁରୂପ ଟାଇବ୍ରେକର ପଦ୍ଧତିରେ ନିର୍ଦ୍ଧାରଣ ହୋଇଛି। ଏଥିରେ ବାଲେଶ୍ୱର ୩-୨ ଗୋଲରେ ବିଜୟୀ ହୋଇଛି। ନାକଟୀଦେଉଳ ଭେନ୍ୟୁରେ ଢେଙ୍କାନାଳ ଓ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା। ପରେ ଟାଇବ୍ରେକର ପଦ୍ଧତିରେ ଢେଙ୍କାନାଳ ୪-୩ ଗୋଲରେ ବିଜୟୀ ହୋଇଛି। ସେହିପରି ହୀରାକୁଦ ଭେନ୍ୟୁରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ(ଆର୍‌ଏସ୍‌ପି) ଓ ବଲାଙ୍ଗୀର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଆର୍‌ଏସ୍‌ପି ୨-୦ ଗୋଲରେ ବିଜୟୀ ହୋଇଛି।

### ଫର୍ମୁଲା ୱାନକୁ ଫେରିବେ କୁବିକା

ଆବୁଧାବି,୨୨।୧୧ (ଏଏଫ୍‌ପି): ପୋଲାଣ୍ଡ ଡ୍ରାଇଭର ରବର୍ଟ କୁବିକା ଫର୍ମୁଲା ୱାନକୁ ଫେରିବେ। ୨୦୧୯ରେ ସେ ୱିଲିୟମ୍ସ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିବେ। ୨୦୧୧ରେ ଏକ ରାଲି ବେଳେ ଦୁର୍ଘଟଣାରେ କୁବିକା ଗୁରୁତର ଆହତ ହୋଇଥିଲେ। ତାଙ୍କ ଡାହାଣ ହାତ ଜଖମ ହୋଇଯାଇଥିଲା। ସେ ୮ବର୍ଷ ବ୍ୟବଧାନରେ ଫର୍ମୁଲାୱାନକୁ ଫେରିବେ। ୨୦୧୯ରେ ସେ ବ୍ରିଟିଶ ଟିମ୍‌ରେ ଇଂଲିଶମ୍ୟାନ ଜର୍ଜ ରସେଲଙ୍କ ସହ ଯୋଗ ଦେବେ।

# ପ୍ଲେଇଂ କମ୍ବିନେଶନର ପୁନର୍ବିଚାର ହୋଇପାରେ

ମେଲବୋର୍ନ,୨୨।୧୧ (ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ଏଠାରେ ଶୁକ୍ରବାର ଖେଳାଯିବ। ସିରିଜର ପ୍ରଥମ ମ୍ୟାଚରେ ଅଳ୍ପକେ ପରାଜିତ ହୋଇଥିବାରୁ ଭ୍ରମଣକାରୀ ଦଳ ଏହାର ପ୍ଲେଇଂ କମ୍ବିନେଶନର ପୁନର୍ବିଚାର କରିପାରେ। ଏଠାରେ ବିଜୟ ସହ ଦଳ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିବ। କ୍ରମାଗତ ୭ଟି ଦ୍ୱିପାକ୍ଷିକ ଟି୨୦ ସିରିଜ ଜିତିଥିବା କୋହଲି ଏବଂ ତାଙ୍କ ଦଳ ଏହି ସଂଖ୍ୟାକୁ ୮ରେ ପରିଣତ କରିବା ଲକ୍ଷ୍ୟରେ ରହିଛନ୍ତି। ଦ୍ୱିତୀୟ ମ୍ୟାଚ ଜିତିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଥିବାରୁ ଦଳ ଏହାର ଉଭୟ ବ୍ୟାଟିଂ ଓ ବୋଲିଂ କମ୍ବିନେଶନରେ କିଛି ଅଦଳବଦଳ କରିପାରେ। ବ୍ୟାଟିଂ ଲାଇନ୍‌ଅପ୍ ଦେଖିବାକୁ ଗଲେ କେ.ଏଲ. ରାହୁଲଙ୍କ ଫର୍ମରେ ସ୍ଥିରତା ପରିଲକ୍ଷିତ ହେଉନାହିଁ। ମାଞ୍ଚେଷ୍ଟର ସିଟିରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ଅପରାଜିତ ୧୦୧ ପରେ ସେ ପରବର୍ତ୍ତୀ ୬ଟି ମ୍ୟାଚରେ ୩୦ରନ ଅତିକ୍ରମ କରିପାରି ନାହାନ୍ତି। ଟିମ୍ ମ୍ୟାନେଜମେଣ୍ଟ ମନୀଷ ପାଣ୍ଡେଙ୍କୁ ସଂରକ୍ଷିତ ଖେଳାଳି ଭାବେ ରଖି ତାଙ୍କୁ ୩ ନମ୍ବର ସ୍ଥାନରେ ନିୟୋଜିତ କରିଛି। ଅଧିନାୟକ ନିଜେ ବ୍ୟାଟିଂ ଅର୍ଡରରେ ୪ ନମ୍ବର ସ୍ଥାନକୁ ଖସି ଆସିଛନ୍ତି। ରାହୁଲଙ୍କୁ ସ୍ଥିର ପ୍ରଦର୍ଶନ କରି ଦେଖାଇବାକୁ ହେବ। ଏହାଦ୍ୱାରା ସେ ଆଗାମି ଟେଷ୍ଟ ସିରିଜ ଲାଗି ଟପ୍ ଅର୍ଡରରେ ତାଙ୍କ ସ୍ଥାନ ପକ୍କା କରିପାରିବେ। ଟିମ୍ ମ୍ୟାନେଜମେଣ୍ଟ ବୋଲିଂ ଆଟାକ୍ ଉପରେ ମଧ୍ୟ ନଜର ଦେବ। ଘାସୁଆ ପିଚ୍‌ରେ ଅନୁଷ୍ଠିତ ପ୍ରଥମ ଟି୨୦ରେ କ୍ରୁନାଲ ପାଣ୍ଡ୍ୟା ତାଙ୍କ ଉଇକେଟ ବିହୀନ ୪ ଓଭର ବୋଲିଂରେ ୫୫ ରନ ଦେଇଥିଲେ। ଏଥିରେ ତିନୋଟି ଛକା ସାମିଲ ଥିଲା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମସିଜି) ଓ ଗାବା ପିଚ୍‌ର ଲକ୍ଷଣ ପ୍ରାୟ ସମାନ। ତେଣୁ କୋହଲି ହୁଏତ ଟି୨୦ରେ ଭଲ ରେକର୍ଡ ରଖିଥିବା ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ଦଳରେ ସାମିଲ କରିପାରନ୍ତି। ପ୍ରଥମ ମ୍ୟାଚ ସ୍ୱଳ୍ପ ବ୍ୟବଧାନରେ ପରାଜିତ ହୋଇଥିବାରୁ ଟିମ୍ ମ୍ୟାନେଜମେଣ୍ଟ ହୁଏତ ଦଳରେ ପରିବର୍ତ୍ତନ ନ କରିପାରେ। ପାଣ୍ଡ୍ୟାଙ୍କୁ ଯଦି ଦଳରୁ ବାଦ୍ ଦିଆଯାଏ ତେବେ ଦଳରେ ଜଣେ ବ୍ୟାଟ୍ସମ୍ୟାନଙ୍କ ଅଭାବ ପରିଲକ୍ଷିତ ହୋଇପାରେ। ତେଣୁ କୋହଲି ରିସ୍କ ନେବାକୁ ପସନ୍ଦ କରି ନ ପାରନ୍ତି। ଭାରତ ୨୦୧୭ ଜୁଲାଇଠାରୁ ଏହି ଫର୍ମାଟରେ ଆଧିପତ୍ୟ ବିସ୍ତାର କରି ଆସୁଥିବାରୁ ହୁଏତ ଦଳର ରଣକୌଶଳରେ କେଉଁଠି ତ୍ରୁଟି ରହିଯାଇଥାଇପାରେ। ସେ ଦିଗପ୍ରତି ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଧ୍ୟାନ ଦେଇପାରେ। ବ୍ରିସ୍‌ବେନରେ ଭାରତୀୟ ଫିଲ୍ଡିଂରେ ଢିଲା ପରିଲକ୍ଷିତ ହୋଇଥିଲା। ଏପରିକି କୋହଲି ନିଜେ ଦୁଇଥର ଫିଲ୍ଡିଂ ମିସ୍ କରିଥିଲେ। ବିପକ୍ଷ ଦଳର ଆରୋନ୍ ଫିଞ୍ଚଙ୍କ ଏକ କ୍ୟାଚ୍ ସେ ଡ୍ରପ୍ କରିଥିଲେ। ଭାରତ ତୁଳନାରେ ଅଷ୍ଟ୍ରେଲିଆ ଗ୍ରାଉଣ୍ଡଗୁଡ଼ିକର ବାଉଣ୍ଡାରୀ ବଡ଼ ତେଣୁ ଦଳ ପାଇଁ ଏହା ଆଉ ଏକ ଚ୍ୟାଲେଞ୍ଜ ଭଳି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, କେ.ଏଲ. ରାହୁଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ଦିନେଶ କାର୍ତ୍ତିକ (ଉଇକେଟକିପର), ରିଷଭ ପନ୍ତ, କ୍ରୁନାଲ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ଉମେଶ ଯାଦବ, ଖଲିଲ ଅହମ୍ମଦ, ୱାଶିଂଟନ ସୁନ୍ଦର।

**ଅଷ୍ଟ୍ରେଲିଆ ଦଳ** : ଆରୋନ ଫିଞ୍ଚ୍ (ଅଧିନାୟକ), ଆଷ୍ଟନ ଅଗର, ଜାସନ ବେହରନଡର୍ଫ, ଆଲେକ୍ସ କ୍ୟାରେ, ନାଥାନ କୋଲ୍‌ଟର ନାଇଲ, କ୍ରିସ୍ ଲିନ୍, ବେନ୍ ମ୍ୟାକଡରମଟ, ଗ୍ଲେନ ମାକ୍ସୱେଲ, ଡି'ଆର୍ସି ଶର୍ଟ, ବିଲି ଷ୍ଟାନଲେକ୍, ମାର୍କସ ଷ୍ଟୋଇନିସ, ଆଣ୍ଡ୍ରୁ ଟାଇ, ଆଡାମ ଜାମ୍ପା।



କୁଚ୍‌ବିହାର ଟ୍ରଫିରେ ଗୋଆ ବିପକ୍ଷରେ ବିଜୟୀ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

# ଓଡ଼ିଶା ୧୦ ଉଇକେଟରେ ବିଜୟୀ

**କୁଚ୍ ବିହାର ଟ୍ରଫି**

କଟକ ଅଫିସ,୨୨।୧୧

ଗୋଆର ମାରଗାଓ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୧୦ ଉଇକେଟରେ ଘରୋଇ ଗୋଆକୁ ପରାସ୍ତ କରିଛି। ପ୍ରତିଯୋଗିତାର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୨୬ ତାରିଖରେ ସମ୍ବଲପୁର ବୀର ସୁରେନ୍ଦ୍ରସାଏ ଷ୍ଟାଡିୟମରେ ଓଡ଼ିଶା କେରଳକୁ ଭେଟିବ। ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଫଲୋଅନ ପାଇ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରୁଥିବା ଗୋଆ ୬ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ପୀୟୂଷ ଯାଦବ ୫୬ ରନ୍‌ରେ ଅପରାଜିତ ଥିଲେ। ତେବେ ତୃତୀୟ ଦିବସ ତଥା ଗୁରୁବାର ଗୋଆ ଦଳୀୟ ସ୍କୋରରେ ୬୫ରନ୍ ଯୋଡ଼ିବା ସହ ବଳକା ୪ଟି ଯାକ ଉଇକେଟ ହରାଇଥିଲା। ପୀୟୂଷ ଦଳ ପକ୍ଷରୁ ସର୍ବାଧିକ ୯୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଏନ୍.ବି. ଭୂୟାଁ ୩ଟି, ନୀତିଶ ସାମନ୍ତରାୟ ଓ ରଘୁନାଥ ମଲ୍ଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଫଳରେ ଓଡ଼ିଶାର ପ୍ରଥମ ଇନିଂସ୍ ୩୬୮ ରନ୍ ଜବାବରେ ଗୋଆ ପ୍ରଥମ ଇନିଂସ୍‌ରେ ୧୦୪ ରନ, ଦ୍ୱିତୀୟ ଇନିଂସ୍‌ରେ ୨୬୪ ରନ୍ ସଂଗ୍ରହ କରି ଓଡ଼ିଶା ସମ୍ମୁଖରେ ମାତ୍ର ୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ବିନା ଉଇକେଟରେ ଓଡ଼ିଶା ବିଜୟୀ ହୋଇଥିଲା।

## ବିଦର୍ଭ ୩୨୦/୭

କଟକ ଅଫିସ,୨୨।୧୧

ନାଗପୁରର ଭିସିଏ କଲମାନା କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଠାରୁ ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିର ଓଡ଼ିଶା– ବିଦର୍ଭ ବିପକ୍ଷ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ବିଦର୍ଭ ୭ ଉଇକେଟ ବିନିମୟରେ ୩୨୦ ରନ୍ କରିଛି। ୪ ଦିବସ ବିଶିଷ୍ଟ ଏହି ମ୍ୟାଚ୍‌ରେ ବିଦର୍ଭ ଓଡ଼ିଶା ବିପକ୍ଷରେ ପ୍ରଥମ ଇନିଂସ୍‌ରେ ବୃହତ୍ତ ରନ୍ ସଂଗ୍ରହ କରିବ ବୋଲି ଆଶା କରାଯାଏ। ତେବେ ଗତ ଦୁଇଟି ମ୍ୟାଚ୍‌ରେ ମଧ୍ୟ ଓଡ଼ିଶାର ପ୍ରଦର୍ଶନ ନିରାଶାଜନକ ରହିଥିଲା। ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହିତ ୩ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ୍–ସି ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି। ବିଦର୍ଭ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳୀୟ ସ୍କୋର ୧୦ ହୋଇଥିବା ବିଦର୍ଭ ଓପ୍‌ନର ଏ.ଏମ୍ କୁମାରଙ୍କ ଉଇକେଟ ପତନ ଘଟିଥିଲା। ମାତ୍ର ପରବର୍ତ୍ତୀ ଉଇକେଟଗୁଡ଼ିକରେ ଦଳ ସହଜରେ ଭାଗୀଦାରି ସୃଷ୍ଟି କରିଥିଲା। ଓପ୍‌ନର ଏ. ତାଇଡେ (୬୦ରନ୍), ଅଧିନାୟକ ଏମ.ଆର କାଲେ(୮୯ରନ୍) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଡି.ଜି. ନାଲକାନ୍ଦେ(୪୦ରନ୍) ଓ ଏମ.ଆର ରାଉତ(୩୦ରନ୍) ଦ୍ରୁତ ଇନିଂସ୍ ଖେଳିଥିଲେ। ଓଡ଼ିଶା ପକ୍ଷରୁ କାର୍ତ୍ତିକ ବିଶ୍ୱାଳ, ସୌରଭ କନୌଜିଆ ୨ଟି ଲେଖାଏ ଉଇକେଟ ହାସଲ କରିଛନ୍ତି।

■ ପୂର୍ବାଞ୍ଚଳ ଓପନ୍ ସ୍ନୁକର ଚାମ୍ପିୟନଶିପ୍

# ସତ୍ୟଦୀପ, ହରିହର, ସିଦ୍ଧାର୍ଥ, ଗୋବିନ୍ଦ ବିଜୟୀ

ଭୁବନେଶ୍ୱର,୨୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଭିନ୍‌ଟେଜ କ୍ଲବ୍‌ଠାରେ ଅଷ୍ଟମ ଏମ୍‌ଆଇଟି ଓପନ୍ ପୂର୍ବାଞ୍ଚଳ ସ୍ନୁକର ଚାମ୍ପିୟନଶିପ୍ ଦ୍ୱିତୀୟ ଦିବସରେ ପହଞ୍ଚିଛି। ଦ୍ୱିତୀୟ ଦିନର ମ୍ୟାଚ୍‌ଗୁଡିକରେ ଉସମାନ ଖାଁ ୨–୧ରେ ଗୌତମ ଦାସଙ୍କୁ ହରାଇଛନ୍ତି। ସେହିପରି ସତ୍ୟଦୀପ ଦାସ ୨–୦ରେ ଦୀବେଶ ଉପାଧ୍ୟାୟଙ୍କୁ ହରାଇଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡିକରେ ହରିହର ଗୁରୁ ୨–୦ରେ ଅଜୟ ଆଚାର୍ଯ୍ୟଙ୍କୁ, ସୌମ୍ୟ ମହାନ୍ତି ୨–୦ରେ ସୌମ୍ୟ ଜୋଗନିଆଙ୍କୁ, ଗୋବିନ୍ଦ ଶର୍ମା ୨–୦ରେ ଅର୍ପିତ ଜେନାଙ୍କୁ, ଅମ୍ରିତ ବାଛୁ ୨–୧ରେ ଲକ୍ଷ ଅଙ୍କିତ୍‌ଙ୍କୁ, ସିଦ୍ଧାର୍ଥ ଜେନା ୨–୧ରେ ସୌମ୍ୟକାନ୍ତ ମହାପାତ୍ରଙ୍କୁ, ଇନ୍ଦ୍ରଜିତ୍ ଷଡଙ୍ଗୀ ୨–୦ ଐଶ୍ୱର୍ଯ୍ୟ ଅଗ୍ରୱାଲଙ୍କୁ, ହର୍ଶାଲ ଚୌଙ୍କ୍ ୨–୦ରେ ଅଂଶୁମାନ ମିଶ୍ରାଙ୍କୁ, ସୌଭାଗ୍ୟ ବେହେରା ୨–୦ରେ ସ୍ମୃତିରଞ୍ଜନ ବେହେରାଙ୍କୁ, ପାରସ ରାଉତରାୟ ୨–୧ରେ ଅଦିତ୍ୟ ଦାସଙ୍କୁ, ସୁଦୀପ୍ତ ଦାସ ୨–୦ରେ ଦେଶ ଗୌରବଙ୍କୁ, ରାକେଶ ରୋଶନ ପ୍ରଧାନ ୨–୦ରେ ହର୍ଶାଲ ଚୌଙ୍କଙ୍କୁ, ସମୀର ଅଲୀ ୨–୦ରେ ମାନସ ବେହୁରିଆଙ୍କୁ ଓ ସନ୍ଦିପନୀ ମିଶ୍ରା ୨–୧ରେ ରାକେଶ ବାରିକଙ୍କୁ ପରାସ୍ତ କରିଛନ୍ତି। ପଡୋଶୀ ରାଜ୍ୟ ବିହାର, ଛତିଶଗଡ଼, ଝାଡଖଣ୍ଡ ସମେତ ଦେଶର ବିଭିନ୍ନ ଅଞ୍ଚଳରୁ ରେକର୍ଡ ସଂଖ୍ୟକ ୧୦୬ଜଣ ଏହି ଟୁର୍ନାମେଣ୍ଟ ଖେଳିବେ। ଗତବର୍ଷ ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ସୁବ୍ରତ ଦାସ ଚାମ୍ପିୟନ ହୋଇଥିବା ବେଳେ ସିଦ୍ଧାର୍ଥ ସେନ୍ ରନରଅପ୍ ବିବେଚିତ ହୋଇଥିଲେ। ଚାମ୍ପିୟନଙ୍କୁ ଟ୍ରଫି ସହ ୩୦ ହଜାର ଓ ରନସଅପ୍‌ଙ୍କୁ ଟ୍ରଫି ସହ ୧୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ।



ଶଟ୍ ଖେଳିବା ଅବସରରେ ସ୍ନେହାଂଶୁ ଶାହା।

# ଓଡ଼ିଆ ପ୍ରଶଂସକଙ୍କ ଉତ୍ସାହ ଦେଖି ହକି ଇଣ୍ଡିଆ ଅଭିଭୂତ

ଭୁବନେଶ୍ୱର, ୨୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଆଉ ୪ ଦିନ ପରେ ଆୟୋଜନ ହେବାକୁ ଯାଉଛି ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ। ଏହି ମେଗା ଇଭେଣ୍ଟକୁ ନେଇ ଭୁବନେଶ୍ୱର ସମେତ ସାରା ଓଡ଼ିଶା ତଥା ଦେଶରେ ପ୍ରଶଂସକଙ୍କ ନାହିଁ ନ ଥିବା ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ପୂର୍ବରୁ ଭାରତରେ ଦୁଇଥର ହକି ବିଶ୍ୱକପ୍ ଆୟୋଜନ ହୋଇଛି। ତେବେ ପୂର୍ବରୁ ପ୍ରଶଂସକଙ୍କ ମଧ୍ୟରେ ଏଭଳି ଉତ୍ସାହ ଦେଖିବାକୁ ମିଳି ନ ଥିଲା। ଏହାକୁ ଦେଖି ହକି ଇଣ୍ଡିଆ ବେଶ୍ ଅଭିଭୂତ ହୋଇଛି।

ହକି ବିଶ୍ୱକପ୍

ଉଦ୍‌ଘାଟନୀ ଉତ୍ସବ ପାଇଁ ଅନଲାଇନ୍‌ରେ ଟିକେଟ ବିକ୍ରି ଆରମ୍ଭ ହେବାର ମାତ୍ର କେତେ ଘଣ୍ଟା ମଧ୍ୟରେ ଆଶାଠାରୁ ଅଧିକ ସଂଖ୍ୟାରେ ପ୍ରଶଂସକ ଟିକେଟ ପାଇଁ ଟିକେଟିଂ ୱେବ୍ ସାଇଟ୍‌ରେ ଲଗ୍ ଅନ୍ କରିଥିଲେ। ଗତ ୨୦ ତାରିଖ ଅପରାହ୍ନ ୧୨ଟାରେ ଅନଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ପାଖାପାଖି ଏକ ଲକ୍ଷରୁ ଅଧିକ ସଂଖ୍ୟାରେ ପ୍ରଶଂସକ ଟିକେଟ ପାଇଁ ଲଗ୍ କରିଥିଲେ। ଏତେ ସଂଖ୍ୟାରେ ପ୍ରଶଂସକ ଟିକେଟ ପାଇଁ ପ୍ରୟାସ କରିବା ଫଳରେ ଆରମ୍ଭରୁ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା। ତେବେ କିଛି ସମୟ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବାରେ ଆୟୋଜକମାନେ ସଫଳ ହୋଇଥିଲେ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୨୭ ତାରିଖରେ ଆୟୋଜନ ହେବାକୁ ଥିବା ଏହି ଗ୍ରାଣ୍ଡ ଓପନିଂ ସେରିମନି ପାଇଁ ପ୍ରଶଂସକଙ୍କ ନାହିଁ ନ ଥିବା ଉତ୍ସାହ ଦେଖି ଆୟୋଜକମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସବୁ ପ୍ରକାର ପ୍ରୟାସ ଜାରି ରଖିଛନ୍ତି। ଉତ୍ସବର ଷ୍ଟେଜ୍ ବା ମଞ୍ଚ ନିର୍ମାଣ ଲାଗି ଷ୍ଟାଡିୟମର ବହୁତ ଅଂଶ ବ୍ୟବହୃତ ହୋଇଛି। ତେଣୁ ଷ୍ଟାଡିୟମର ସିଟ୍ ସଂଖ୍ୟାକୁ କମାଇ ଦିଆଯାଇଛି। ପୁଣି ସ୍ୱନସର ରାଇଟ ବା ପ୍ରାୟୋଜନ ଅଧିକାର ଓ ଅନ୍ୟାନ୍ୟ ଦାୟିତ୍ୱ ସହିତ ଉତ୍ସବରେ କେତେକ ଜାତୀୟ ତଥା ଆନ୍ତର୍ଜାତିକ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଫଳରେ ପ୍ରଶଂସକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହି ଉତ୍ସବକୁ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମକୁ ବିସ୍ତାର କରିବାକୁ ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ଯଦିଓ କଟକରେ ଏବେ କିଛି ଟିକେଟ ବିକ୍ରି ହେବାକୁ ବାକି ରହିଛି।

ଭୁବନେଶ୍ୱରରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବାର ଗୋଟିଏ ଦିନ ପରେ କଟକରେ ୨୮ ତାରିଖରେ ବିଶ୍ୱକପ୍ ସମାରୋହର ଆୟୋଜନ ହେବ। ଓସ୍କାର ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ ଉଭୟ କାର୍ଯ୍ୟକ୍ରମରେ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବେ। ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାଁ ଓ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ପରିବେଷଣ କରିବେ। ତେବେ ବାରବାଟୀରେ ରହମନଙ୍କ ସମେତ ଆଉ କେତେକ ବଲିଉଡ କଳାକାର ଯୋଗ ଦେବେ ବୋଲି କୁହାଯାଇଛି। ସୁପରହିଟ ଚଳଚ୍ଚିତ୍ର 'ବାହୁବଳୀ'ର ହିରୋ ପ୍ରଭାସ ବାରବାଟୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କୁହାଯାଇଛି। ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ବିଭିନ୍ନ ଜିଲା ଓ ବ୍ଲକ୍‌ରେ ବଡ଼ ବଡ଼ ପର୍ଦ୍ଦା ଲଗାଇବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ସରକାର ମଧ୍ୟ ଏ ନେଇ ଅନୁକୂଳ ମତ ପ୍ରକାଶ କରିଛନ୍ତି ଓ ଏହି ଉତ୍ସବରେ ବ୍ୟାପକ ପ୍ରଚାର ତଥା ପସାରଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି।

ଏଥି ସହିତ ଦୂରଦର୍ଶନ ମଧ୍ୟ ଏହି ଇଭେଣ୍ଟର ସିଧା ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ରାଜ୍ୟ ତଥା ଦେଶରେ ବହୁ ସଂଖ୍ୟାରେ ପ୍ରଶଂସକ ଏହି ଉଦ୍‌ଘାଟନୀ ଉତ୍ସବକୁ ଉପଭୋଗ କରିପାରିବେ। ହକି ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏ ନେଇ ଚାଲିଥିବା ପ୍ରସ୍ତୁତି ଓ ପ୍ରୟାସକୁ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଧ୍ୟକ୍ଷ ନରିନ୍ଦର ଧ୍ରୁବ ବାତ୍ରା ବେଶ୍ ପ୍ରଶଂସା କରିଛନ୍ତି। ବିଶ୍ୱକପ୍ ନେଇ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳୁଛି ଓ ଏହା ଦେଖି ଆମେ ଅଭିଭୂତ ବୋଲି ସେ କହିଛନ୍ତି। ଏହି ମେଗା ଇଭେଣ୍ଟକୁ ସଫଳ କରିବା ପାଇଁ ଆୟୋଜକମାନ ପ୍ରୟାସ ବେଶ୍ ପ୍ରଶଂସନୀୟ ବୋଲି ସେ କହିଛନ୍ତି।

## ଉଦ୍‌ଘାଟନୀ ପାଇଁ ଉତ୍କଣ୍ଠା ବଢୁଛି

ହକି ବିଶ୍ୱକପ୍ ପାଇଁ ୨୭ ତାରିଖରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହ ପାଇଁ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍‌ଲାଇନ୍‌ରେ ଟିକେଟ କିଣିଥିବା ଦର୍ଶକଙ୍କ ଟିକେଟ ବିମୋଚନ ପ୍ରକ୍ରିୟା ଗୁରୁବାର ଆରମ୍ଭ ହୋଇଛି। ଟିକେଟ କିଣିଥିବା ଦର୍ଶକମାନେ ସନ୍ଧ୍ୟାରେ ଗେଟ୍ ନମ୍ବର ୪ ନିକଟରେ ଖୋଲାଯାଇଥିବା କାଉଣ୍ଟରରେ ପ୍ରକୃତ ଟିକେଟ ନେବା ପାଇଁ ଭିଡ଼ ଲଗାଇଥିବା ଦେଖାଯାଇଛି। ଉଦ୍‌ଘାଟନୀ ସମାରୋହରେ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ ବଲିଉଡ୍ ଅଭିନେତା ଶାହରୁଖ ଖାଁ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଓ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ। ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିବେ। ଉଦ୍‌ଘାଟନୀ ଉତ୍ସବକୁ ସେମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ବୋଲି ଟିକେଟ ନେଉଥିବା ଅବସରରେ ଅନେକ ଦର୍ଶକ ପ୍ରକାଶ କରିଛନ୍ତି।

# ହକି ଇଣ୍ଡିଆ କଫି ଟେବୁଲ ବହି ଉନ୍ମୋଚିତ

## 'ଗତ ଦଶନ୍ଧିରେ ଭାରତୀୟ ହକିରେ ଯଥେଷ୍ଟ ଉନ୍ନତି ହୋଇଛି'

ନୂଆଦିଲ୍ଲୀ, ୨୨।୧୧

ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ଗୁରୁବାର ଏକ କଫି ଟେବୁଲ ବହିର ଉନ୍ମୋଚନ ହୋଇଛି। ଏହି ବହିର ନା ରହିଛି 'ଦି ଇଲଷ୍ଟ୍ରେଟେଡ ହିଷ୍ଟ୍ରି ଅଫ୍ ଇଣ୍ଡିଆନ ହକି: ଏ ସାଗା ଅଫ୍ ଟ୍ରିମ୍ଫ୍ ପେନ୍ ଆଣ୍ଡ ଡ୍ରିମ୍ସ'। ଏଥିରେ ଭାରତୀୟ ହକିର ଜୟଯାତ୍ରା ସମ୍ପର୍କରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏହି ବହୁ ପ୍ରତୀକ୍ଷିତ ବହିର ଉନ୍ମୋଚନ କରିଥିଲେ। ଏହି ଅବସରରେ ଏଫ୍‌ଆଇଏଚ୍ ଅଧ୍ୟକ୍ଷ ନରିନ୍ଦର ବାତ୍ରା, ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ, ହକି ଇଣ୍ଡିଆ ସମ୍ପାଦକ ରାଜିନ୍ଦର ସିଂ ଓ ହକି ଇଣ୍ଡିଆ ସିଇଓ ଏଲନା ନର୍ମାନ, ଏହି ବହିର ପ୍ରକାଶକ ଓ ସମ୍ପାଦକଙ୍କ ସମେତ କେତେକ କିମ୍ବଦନ୍ତୀ ହକି ଖେଳାଳି ଉପସ୍ଥିତ ଥିଲେ।

ଇତିହାସକୁ ସଂରକ୍ଷିତ କରିବା ପାଇଁ ବିଭିନ୍ନ ଉପାୟ ରହିଛି ବୋଲି ଜେଟଲୀ କହିଥିଲେ। ତେବେ ହକିର ଇତିହାସକୁ ସଂରକ୍ଷିତ କରିବା ପାଇଁ କଫି ଟେବୁଲ ବୁକ ପ୍ରକାଶିତ ହେବା ଏକ ନିଆର ପ୍ରୟାସ। ଏହି ବହିରେ ବିଭିନ୍ନ ତଥ୍ୟ ରହିବା ସହ ବହୁ ସଂଖ୍ୟାରେ ଛବି ରହିଛି। ଗତ ଏକ ଦଶନ୍ଧି ମଧ୍ୟରେ ହୋଇଥିବା ହକିର ଉନ୍ନତିକୁ ଦେଖି ମୁଁ ବେଶ୍ ଆନନ୍ଦିତ ବୋଲି ଜେଟଲୀ କହିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ଓ ଏଥିପାଇଁ ସେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ବିଶ୍ୱକପ ଆରମ୍ଭ ହେବାକୁ ଆଉ ମାତ୍ର କିଛି ଦିନ ବାକିଥିବା ବେଳେ ଏତିକିବେଳେ ଏହି ବହି ଉନ୍ମୋଚନ ହେବା ବେଶ୍ ଆନନ୍ଦର କଥା ବୋଲି ବାତ୍ରା କହିଛନ୍ତି। ଏହି ବହି ମାଧ୍ୟମରେ ସମସ୍ତେ ଆମର ହକିର ଗୌରବମୟ ଅତୀତ ସମ୍ପର୍କରେ ଜାଣିବାକୁ ସୁଯୋଗ ପାଇବେ ବୋଲି ସେ କହିଛନ୍ତି। ଏହା ହିଁ ଏହି ବହି ଉନ୍ମୋଚନ ହେବାର ପ୍ରକୃଷ୍ଟ ସମୟ ବୋଲି ଅହମ୍ମଦ କହିଛନ୍ତି। ଏଥିପାଇଁ ବହିର ଲେଖକ, ପ୍ରକାଶକଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି।

ପ୍ରଥମଥର ପାଇଁ ଏଭଳି ଏକ ବହିର ଉନ୍ମୋଚନ ହୋଇଛି। ଏଥିରେ ଭାରତୀୟ ହକିର ଗୌରବମୟ ଅଲିମ୍ପିକ୍ସ ସଫଳତା ଓ ଅନ୍ୟାନ୍ୟ ଆନ୍ତର୍ଜାତିକ ଘଟଣା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଅଲିମ୍ପିକ୍ସ ସମେତ ବିଶ୍ୱକପ୍, ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଫଳତା ଓ ବିଫଳତା ସମ୍ପର୍କରେ ମଧ୍ୟ ଏହି ବହିରେ ଉଲ୍ଲେଖ କରାଯାଇଛି। ହକିକୁ ନେଇ ଭାରତ ପାଖାପାଖି ଏକ ଶତାବ୍ଦୀ ହେବ ବେଶ୍ ଭାବପ୍ରବଣ ରହିଆସିଛି। ଭାରତ ବିଶ୍ୱହକିରେ ଏକଦା ସୁପର ପାୱାର ଥିଲା। ଭାରତୀୟ ହକିର ସଫଳତା, ବିଫଳତା ଓ ଯନ୍ତ୍ରଣାର ଦସ୍ତାବିଜ୍ ରୂପେ ଏହି ବହି ପ୍ରଶଂସକଙ୍କ ନିକଟରେ ବେଶ୍ ଲୋକପ୍ରିୟ ହେବ ବୋଲି ଆଶା କରାଯାଉଛି।




ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ, ହକିଇଣ୍ଡିଆ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ, ଜାଫର ଇକବାଲ, ଅଜିତପାଲ୍ ସିଂ, ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ, ଏଫ୍‌ଆଇଏଚ୍ ଓ ଆଇଓଏ ସଭାପତି ନରିନ୍ଦର ଧ୍ରୁବ ବାତ୍ରା, ସଞ୍ଜୟ ସେଠୀ, ସନ୍ଦୀପ ଶଙ୍କର, ହରବିନ୍ଦର ସିଂ, ମମତା ଖରବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୨୩/୨୦୧୮ Sambalpur, Friday, November 23/ 2018

# ଓଡ଼ିଶାକୁ ସିଜନର ପ୍ରଥମ ବିଜୟ ଦେଲେ ରାଜେଶ

**ରଣଜୀ ଟ୍ରଫି**

ଭୁବନେଶ୍ବର, ୨୨।୧୧
(ସ୍ପୋର୍ଟ୍ସ ବ୍ୟୁରୋ)

ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଗୁଆହାଟୀର ବର୍ଷାପଡ଼ା ଷ୍ଟାଡିୟମରେ ଘରୋଇ ଆସାମ ବିପକ୍ଷରେ ଅନୁଷ୍ଠିତ ରଣଜୀ ଟ୍ରଫି ମୁକାବିଲା (ଗ୍ରୁପ୍‌-ସି)ରେ ଓଡ଼ିଶା ବୃହତ ବିଜୟ ହାସଲ କରିଛି। ମ୍ୟାଚ୍‌ର ୩ୟ ଦିବସରେ ଗୁରୁବାର ଆସାମ ପୂର୍ବଦିନର ସ୍କୋର (୬୦/୪)ରେ ଆଉ ୭୨ ରନ ଯୋଗ କରି ୨ୟ ଇନିଂସରେ ୧୩୨ ରନରେ ଅଲ୍‌ଆଉଟ୍‌ ହୋଇଯାଇଥିଲା। ଫଳରେ ୧୪ ରନର ଛୋଟିଆ ଟାର୍ଗେଟ୍‌କୁ ଓଡ଼ିଶା ୩.୩ ଓଭରରେ ଗୋଟିଏ ଉଇକେଟ୍‌ ହରାଇ ହାସଲ କରିନେଇଥିଲା। ଓପନର୍‌ ଅନୁରାଗ ଷଡ଼ଙ୍ଗୀ ୫ ରନ କରି ଆଉଟ୍‌ ହୋଇଥିବାବେଳେ ଗୋବିନ୍ଦ ପୋଦ୍ଦାର ୯ ଓ ରାଜେଶ ଧୂପର କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଥିଲେ। ବିଜୟ ସହ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ୬ ପଏଣ୍ଟ ଅର୍ଜନ କରିଥିଲେ ମଧ ବୋନସ ପଏଣ୍ଟ ହରାଇଛି। ଯଦି ଏହି ଲକ୍ଷ୍ୟକୁ ଓଡ଼ିଶା କୌଣସି ଉଇକେଟ୍‌ ନ ହରାଇ ହାସଲ କରିଥାନ୍ତା ତେବେ ବୋନସ୍‌ ପଏଣ୍ଟ ଅର୍ଜନ କରିଥାନ୍ତା। ଓଡ଼ିଶା ଏବେ ୩ଟି ମ୍ୟାଚ୍‌ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୭ ପଏଣ୍ଟ ଅର୍ଜନ କରି ଗ୍ରୁପ୍‌-ସି'ର ୪ର୍ଥ ସ୍ଥାନରେ ରହିଛି। ପୂର୍ବରୁ ଓଡ଼ିଶା କିଟ୍‌ କ୍ରିକେଟ ଷ୍ଟାଡିୟମରେ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ ଖେଳିଥିଲା। ଦଳ ହରିୟାଣା ବିପକ୍ଷରେ ମ୍ୟାଚ୍‌ ଅମୀମାଂସିତ ଓ ଉତ୍ତରପ୍ରଦେଶ ବିପକ୍ଷରେ ପରାଜୟବରଣ କରିଥିଲା। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ତ୍ରିପୁରାକୁ ଭେଟିବ। ରାଉଣ୍ଡ-୪'ର ଏହି ମ୍ୟାଚ୍‌ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ନଭେମ୍ବର ୨୮ରୁ ଆରମ୍ଭ ହେବ।



ଆକର୍ଷଣୀୟ ବୋଲିଂ କରି ୧୧ ଉଇକେଟ ନେବା ସହ ଓଡ଼ିଶା ବିଜୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ରାଜେଶ ମହାନ୍ତିଙ୍କୁ ସାଥୀ ଖେଳାଳିମାନେ ଟେକି ଧରିଛନ୍ତି।

**ରାଜେଶଙ୍କ ଚମକ**

ଗୁଆହାଟୀର ବର୍ଷାପଡ଼ା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶାର ଡାହାଣହାତୀ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ କମାଲ ଦେଖିବାକୁ ମିଳିଛି। ରାଜେଶ ଉଭୟ ଇନିଂସରେ ଯଥାକ୍ରମେ ୫ ଓ ୬ଟି ଉଇକେଟ୍‌ ନେଇ ମ୍ୟାଚ୍‌ରେ ୧୧ ଉଇକେଟ୍‌ ଅକ୍ତିଆର କରିଥିଲେ। ରାଜେଶଙ୍କ ୫ ଉଇକେଟ୍‌ ସଫଳତା ଯୋଗୁ ଆସାମ ପ୍ରଥମ ଇନିଂସରେ ମାତ୍ର ୧୨୧ ରନ କରି ଅଲ୍‌ଆଉଟ୍‌ ହୋଇଯାଇଥିଲା। ଜବାବରେ ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ (୬୨) ଓ ଅନୁରାଗ (୭୭)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ଇନିଂସରେ ୨୪୦ ରନ କରିଥିଲା। ୧୧୯ ରନ ପଛୁଆ ରହିଥିବା ଘରୋଇ ଆସାମ ୨ୟ ଇନିଂସରେ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୩୨ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶିବଶଙ୍କର ରାୟ ସର୍ବାଧିକ ୫୬ ରନ କରିଥିବାବେଳେ ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପ୍ରଥମ ଇନିଂସ ଭଳି ରାଜେଶଙ୍କ ବଲକୁ ସାମ୍ନା କରି ନ ପାରି ୬ଜଣ ଆସାମ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଥିଲେ। ଫଳରେ ରାଜେଶ ମ୍ୟାଚ୍‌ରେ ମୋଟ୍‌ ୧୧ଟି ଉଇକେଟ୍‌ ଅକ୍ତିଆର କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ତାଙ୍କର ପ୍ରଥମ ୧୦ ଉଇକେଟ୍‌ ସଫଳତା।

**ସଂକ୍ଷିପ୍ତ ସ୍କୋର**

**ଆସାମ-** ୧୨୧/୧୦ ଏବଂ ୧୩୨/୧୦ (ଶିବଶଙ୍କର ୫୬, ରଣଜିତ୍‌ମାଲୀ ୧୧, ଅମିତ୍‌ସିହ୍ନା ୭, ରାଜେଶ ୬/୫୫, ଦେବବ୍ରତ ପ୍ରଧାନ ୨/୩୫, ବସନ୍ତ ମହାନ୍ତି ୧/୨୪)।
**ଓଡ଼ିଶା-** ୨୪୦/୧୦ ଏବଂ ୧୬/୧, ୩.୩ ଓଭର (ଅନୁରାଗ ୫, ପୋଦ୍ଦାର ୯*, ଧୂପର ୦*, ମୁକ୍ତାର ହୁସେନ ୧/୨ )।

# ଅଷ୍ଟ୍ରେଲିଆ ଦଳରେ ହାରିସ, ଟ୍ରେମେନ ନୂଆ ମୁହଁ

ମେଲବୋର୍ନ, ୨୨।୧୧(ପି.ଟି.)

ଭ୍ରମଣକାରୀ ଭାରତ ବିପକ୍ଷ ଆଗାମୀ ଟେଷ୍ଟ ସିରିଜର ପ୍ରଥମ ଦୁଇମ୍ୟାଚ୍‌ ଲାଗି ଗୁରୁବାର ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଭିକ୍ଟୋରିଆ ଓପନର୍‌ ମାର୍କସ ହାରିସ ଓ ଦ୍ରୁତ ବୋଲର କ୍ରିସ୍‌ ଟ୍ରେମେନ ଦୁଇ ନୂଆମୁହଁ ଭାବେ ୧୪ ଜଣିଆ ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଛନ୍ତି। ଘରୋଇ କ୍ରିକେଟରେ ହାରିସ ୮୭.୫୦ ଆଭରେଜରେ ୪୩୭ ରନ କରିଥିବାବେଳେ ଟ୍ରେମେନ ୨୪ଟି ଉଇକେଟ୍‌ ଅକ୍ତିଆର କରିଛନ୍ତି। ସେହିଭଳି ଅଭିଜ୍ଞ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଉସମାନ ଖାଓ୍ବାଜା ସୁସ୍ଥ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଟିମ୍‌ ପାଇନ୍‌ଙ୍କ ଦଳ ପାଇଁ ଖୁସି ଖବର। ଜୋଶ୍‌ ହାଜେଲଉଡ୍‌ ଓ ମିଚେଲ ମାର୍ଶ ମିଳିତଭାବେ ପୂର୍ବଭଳି ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ। ଚଳିତବର୍ଷ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ହୋଇଥିବା ବହୁଚର୍ଚ୍ଚିତ ବଲ୍‌ ଟ୍ୟାମ୍ପରିଂ ମାମଲା ପରେ ଉଭୟ ହାଜେଲଉଡ୍‌ ଓ ମାର୍ଶଙ୍କୁ ଯୁଗ୍ମଭାବେ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଅନ୍ୟତମ ବ୍ୟାଟ୍ସମ୍ୟାନ ପିଟର ହ୍ୟାଣ୍ଡସ୍କମ୍ବ ମଧ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିକଟରେ ୟୁଏଇରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜରେ ସ୍ଥାନ ପାଇ ନ ଥିବା ହ୍ୟାଣ୍ଡସ୍କମ୍ବ ଘରୋଇ କ୍ରିକେଟରେ ପ୍ରଭାବୀ ପ୍ରଦର୍ଶନ କରି ପୁଣିଥରେ ଟେଷ୍ଟ ଦଳକୁ ଫେରିଛନ୍ତି।

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୪ଟି ଟେଷ୍ଟ ମ୍ୟାଚ୍‌ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ମ୍ୟାଚ୍‌ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଆରମ୍ଭ ହେବ। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଚାଲିଛି।

**ଭାରତ ବିପକ୍ଷ ଟେଷ୍ଟ ସିରିଜ**

**ପ୍ରଥମ ୨ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳ-** ଟିମ୍‌ ପାଇନ୍‌ (ଅଧିନାୟକ ଓ ଉଇକେଟ୍‌କିପର), ଆରୋନ୍‌ ଫିଞ୍ଚ୍‌, ପ୍ୟାଟ୍‌ କୁମିନ୍ସ, ପିଟର ହ୍ୟାଣ୍ଡସ୍କମ୍ବ, ମାର୍କସ ହାରିସ, ଜୋଶ୍‌ ହାଜେଲଉଡ୍‌ ଓ ମିଚେଲ ମାର୍ଶ (ଉଭୟ ଉପ-ଅଧିନାୟକ), ଟ୍ରାଭିସ ହେଡ୍‌, ଉସମାନ ଖାଓ୍ବାଜା, ନାଥନ ଲିୟନ, ଶନ୍‌ ମାର୍ଶ, ମିଚେଲ ଷ୍ଟାର୍କ, କ୍ରିସ୍‌ ଟ୍ରେମେନ ଓ ପିଟର ସିଡ୍‌ଲୀ।















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୩ ନଭେମ୍ବର, ୨୦୧୮



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।

- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ପତାଙ୍ଗୀ ଶିଶୁ ମହୋତ୍ସବ ୨୦୧୮

ବାଉଁଶୁଣୀ,୨୨।୧୧(ଡି.ଏନ୍.ଏ.) ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ମୁଣ୍ଡାପଡା ହାଇସ୍କୁଲ ଖେଳପଡିଆଠାରେ ଗୁରୁବାର ସାମାଜିକ ଅନୁଷ୍ଠାନ ୱାଇସିଡିଏ ବାଉଁଶୁଣୀ ପକ୍ଷରୁ ପତାଙ୍ଗୀ ଶିଶୁ ମହୋତ୍ସବ-୨୦୧୮ ଆୟୋଜିତ ହୋଇଯାଇଛି। ଏଥିରେ ମୁଣ୍ଡାପଡା, ବ୍ରାହ୍ମଣୀପାଲି, ତାଳସରଡା, ମୁଣ୍ଡିପଦର, ଶଗଡା, ଗୁନ୍ଦୁଲୁଆ, ଗୋଛାପଡା, ମନୁପାଲିର ବିଭିନ୍ନ ବିଦ୍ୟାଳୟରୁ ୧୦୦ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ୱାଇସିଡିଏ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଉପସଭାପତି ସଦାନନ୍ଦ ମିଶ୍ର, ସିଡିପିଓ ମିନତି ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ଗଣ ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ସାହିତ କରିବା ସହ ଶିକ୍ଷା ବୃଦ୍ଧି ପାଇଁ ସମସ୍ତେ ବକ୍ତବ୍ୟ ରଖିଥିଲେ । ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ସନ୍ଧ୍ୟା ସମୟରେ ମୁଖ୍ୟଅତିଥି ଭାବେ ବ୍ଲକ୍ ପଞ୍ଚାୟତ ସମିତି ଅଧକ୍ଷା ରେବତୀ ମହାଲିକ, ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ କୋମଳକାନ୍ତ ଦଳ ବେହେରା ଉପସ୍ଥିତ ରହି ନିଜ ନିଜ ବକ୍ତବ୍ୟ ରଖିଥିଲେ ।

### ସାଲେପୁର ବିକାଶ ପାଇଁ ବୈଠକ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ): ସାଲେପୁର ଅଞ୍ଚଳର ବିକାଶ ପାଇଁ ଗୁରୁବାର ସଚିବାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନାଙ୍କ ପ୍ରକୋଷ୍ଠରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସାଲେପୁରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ବର୍ଷାଦିନେ ସ୍ଥାନୀୟ ଅଞ୍ଚଳରେ ଜଳ ନିଷ୍କାସନ ଏକ ଗୁରୁତର ସମସ୍ୟା ହୋଇଛି। ଏଥିପାଇଁ ଦୁଇଟି ଡ୍ରେନ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୭ଦିନ ମଧ୍ୟରେ ସର୍ଭେ କାର୍ଯ୍ୟ, ଜମି ମାଲିକଙ୍କ ସହ ଆଲୋଚନା, ଜମି ଚିହ୍ନଟ, ଜମିର ମୂଲ୍ୟ ନିର୍ଦ୍ଧାରଣ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ୨୦ଦିନ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷକରି ପ୍ରସ୍ତାବ ପଠାଇବାକୁ କୁହାଯାଇଛି। ବି.କେ. ସିନେମା ହଲ୍ ପାଖ ଡ୍ରେନ୍ କାର୍ଯ୍ୟ ମଧ ଆସନ୍ତା ଜାନୁଆରୀରେ ଆରମ୍ଭ ହେବ। ଏପ୍ରିଲ ମାସ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ସାଲେପୁର ବଜାରରେ ଜନଗହଳିକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାର୍କିଂ ବ୍ୟବସ୍ଥା ମଧ କରାଯିବ । ସାଲେପୁର ବଜାରର ସମସ୍ତ ଡ୍ରେନ ବ୍ୟବସ୍ଥାକୁ ବକ୍ସ ସିଷ୍ଟମ କରାଯିବ। ବର୍ଷାଦିନେ ବଜାରର ମୁଖ୍ୟ ରାସ୍ତା, ବିଜୁ ପଟ୍ଟନାୟକ ଛକ ଏବଂ ବିକଳାନନ୍ଦ କର ଦୋକାନ ସାମ୍ନାରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମ୍ପୂର୍ଣ୍ଣ ହୋଇ ନ ଥିବା ବକ୍ସ ଡ୍ରେନ୍‌ଗୁଡିକର କାର୍ଯ୍ୟ ଶେଷ କରିବା, ପୂର୍ତ୍ତ ବିଭାଗ ତରଫରୁ ଲାଇଟ ପୋଷ୍ଟ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବା, କ୍ରାକ୍ସ୍ଟ୍ରକ୍ଚରଗୁଡିକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ମଧ କୁହାଯାଇଛି। ବୈଠକରେ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଓଏସ୍‌ଡି- କମ୍- ମୁଖ୍ୟଯନ୍ତ୍ରୀ (ଡିପିଆଇଆର୍) ଓ. ପି. ପଟେଲ, ସାଲେପୁର ତହସିଲଦାର ପଦ୍ମଜା ଦାଶ, ଡ୍ରେନେଜ ମୁଖ୍ୟଯନ୍ତ୍ରୀ ପ୍ରତାପ କୁମାର ନାୟକଙ୍କ ସମେତ ପୂର୍ତ୍ତ ବିଭାଗ ବିଭିନ୍ନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ ।

■ବିଶ୍ୱ ନବଜାତ ଶିଶୁଯତ୍ନ ସପ୍ତାହ ପାଳନ

# ହ୍ରାସ ପାଇଛି ନବଜାତଶିଶୁ ମୃତ୍ୟୁ ହାର

ବୌଦ୍ଧ,୨୨।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ମିଶନ ତାଲିମ୍ କେନ୍ଦ୍ରଠାରେ ଗୁରୁବାର ବିଶ୍ୱ ନବଜାତଶିଶୁ ଯତ୍ନ ସପ୍ତାହ-୨୦୧୮ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜନ୍ କିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଚିକିତ୍ସା ଅଧିକାରୀ ମହାନ୍ତି କହିଥିଲେ ଗତ ବର୍ଷ ତୁଳନାରେ ଜିଲାରେ ନବଜାତଶିଶୁ ମୃତ୍ୟୁହାର ଯଥେଷ୍ଟ ହ୍ରାସ ପାଇଛି। ଅନ୍ୟତମ ଅତିଥି ଭାବେ ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ବନଲତା ଦେବୀ ପରିସଂଖ୍ୟାନ ଅନୁଯାୟୀ ବାର୍ଷିକ ସ୍ୱାସ୍ଥ୍ୟ ସର୍ଭେକ୍ଷଣ ୨୦୧୨-୧୩ରେ ବୌଦ୍ଧ ଜିଲାରେ ନବଜାତ ଶିଶୁ ମୃତ୍ୟୁହାର ପ୍ରତି ଏକ ହଜାରରେ ୪୫ଥିବାବେଳେ ୨୦୧୭-୧୮ବର୍ଷରେ ଏହା ଜିଲା ସ୍ୱାସ୍ଥ୍ୟ ସୂଚକାଙ୍କ ଅନୁସାରେ ୨୨.୨୯କୁ ହ୍ରାସ ପାଇଥିବା କଥା କହିଛନ୍ତି। ସେହିପରି ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ମାନସ ରଞ୍ଜନ ଦାଶ ସମୟ ପୂର୍ବରୁ ଜନ୍ମ ଓ କମ୍ ଓଜନ ବିଶିଷ୍ଟ ଶିଶୁଙ୍କର ଡାକ୍ତରଖାନାରେ ଓ ଘରେ କିପରି ସଠିକ୍ ପରିଚାଳନା କରାଯାଇପାରିବ ତା ଉପରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ପରେ ପରେ ନବଜାତ ଶିଶୁ ଯତ୍ନ ସପ୍ତାହ ଉପଲକ୍ଷେ କରାଯାଇଥିବା କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଓ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ଓ ଡା. ଗୌରପ୍ରସାଦ ମିଶ୍ର, ଡା. ହେମ୍ବ୍ରମ୍, ସମସ୍ତ ବ୍ଲକର ଭାରପ୍ରାପ୍ତ ଚିକିତ୍ସାଧିକାରୀ, ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ପରିଚାଳନା କରିଥିଲେ ।



ନବଜାତଶିଶୁ ଯତ୍ନ ସପ୍ତାହ-୨୦୧୮ ପାଳନ ଅବସରରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

# ବିପୁଳ ମଦ କାରବାର, ପୋଲିସ ମାଲେମାଲ୍

ବାଉଁଶୁଣୀ୨୨।୧୧(ଡି.ଏନ୍.ଏ.)

ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ବାଉଁଶୁଣୀଠାରେ ବ୍ୟାପକ ଭାବେ ମଦ କାରବାର ଚାଲିଥିବାବେଳେ ପୋଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଲାସୁତରା କରି ମଦ କାରବାର ଚାଲିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ୫୭ନଂ ଜାତୀୟ ରାଜପଥ କଲେଜ ଛକ ନିକଟରେ ୧୯ତାରିଖରେ ଏକ ମଦ ବୋଝେଇ ଗାଡି ଜବତ କରାଯାଇଥିଲା। କାର୍‌ଟି ସଗଡା ମଦ କାଉଣ୍ଟରରୁ ସାହାଜପାଲ ଅଭିମୁଖେ ଯାଉଥିଲା । ଠିକ୍ ସେହି ସମୟରେ ବାଉଁଶୁଣୀ ପୋଲିସ ଖବରପାଇ କଲେଜ ଛକ ନିକଟରେ ଗାଡିଟିକୁ ଅଟକାଇଥିଲା । ତେବେ ବାଉଁଶୁଣୀ ଆଇଆଇସି ରଶ୍ମିତା ପ୍ରଧାନ କିଛି ଦିନ ହେବ ଛୁଟିରେ ଥିବାବେଳେ ଥାନାର ଚାର୍ଜରେ ଯୋଗେଶ୍ୱର ନାଏକ ଥିଲେ । ହେଲେ ଥାନାର ଦୁଇ ଅଫିସରଙ୍କ ସମେତ ଗାଡି ଡ୍ରାଇଭର ମିଶି ମଦ ଆଣୁଥିବା ଲୋକଙ୍କ ସହ ମାମଲାର ରଫାଦଫା କରି ତାଙ୍କୁ ଛାଡି ଦେଇଥିଲେ । ଏହି ଘଟଣା ସମ୍ପର୍କରେ ଯୋଗେଶ୍ୱର ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି, ସେଭଳି କିଛି ଘଟଣା ହୋଇନି କି ମୁଁ କିଛି ଜାଣିନି । ସେହିପରି ଅକ୍ଟୋବର ୧୦ତାରିଖ ଦିନ ବାଉଁଶୁଣୀ ବିଦେଶୀ ମଦ କାଉଣ୍ଟରରୁ ମଦ ଗଲା ସମୟରେ ବାଉଁଶୁଣୀ ପୋଲିସ୍ ମଦ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ସୋମବାର ଦୁଇ ଯୁବକଙ୍କୁ ଛାଡି ଦେଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଯଦି ଏଭଳି ଟଙ୍କା ନେଇ ବେପାରୀଙ୍କ ମୁହଁ ବଢାଇବେ ତେବେ ଦିନକୁ ଦିନ ମଦ କାରବାର ବଢିବାରେ ଲାଗିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେହିଭଳି ଥାନାର କିଛି ଅଧିକାରୀ ଯୁନି ଫର୍ମରେ ଥିଲେ ମଧ ଢାବାମାନଙ୍କୁ ମଦ୍ୟପାନ କରିବାକୁ ଯାଉଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି । ଏହି ଥାନା ଅଧିକାରୀ କାହିଁକି ସେହି ମଦ ବେପାରୀଙ୍କୁ ଛାଡିଲେ ତା'ଉପରେ ବୌଦ୍ଧ ଏସ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି । ନଚେତ୍ ଆଗାମୀ ଦିନରେ ବାଉଁଶୁଣୀ ଜନସାଧାରଣଙ୍କ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।


ସିଦ୍ଧେଶ୍ୱର ମନ୍ଦିରରେ ନାଗ ପ୍ରତିଷ୍ଠା କରାଯାଉଛି।

# ଚାରିଶମ୍ଭୁ ପୀଠରେ ନାଗ ପ୍ରତିଷ୍ଠା

ଜହ୍ନାପଙ୍କ,୨୨।୧୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଐତିହାସିକ ଗନ୍ଧରାଡି (ଚାରିଶମ୍ଭୁ) ପୀଠରେ ଥିବା ସିଦ୍ଧେଶ୍ୱର ମନ୍ଦିରରେ ନାଗ ପ୍ରତିଷ୍ଠା ଓ ଗଙ୍ଗାଜଳାଭିଷେକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସୋମବାର ଅଙ୍କୁରାରୋପଣ, ମଙ୍ଗଳବାର ପଞ୍ଚ ଅଧିବାସ ହୋଇଥିଲା । ଆହ୍ଲାବାଦରେ ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା କରି ଗଙ୍ଗାଜଳ ଅଣାଯାଇ ନାରାୟଣନଗରର ଗୁଡ଼ି ଘରେ ରଖାଯାଇଥିଲା । ବୁଧବାର ଏକ ବିରାଟ ଶୋଭାଯାତ୍ରା ହରିବଂଶ ଛକ, ଜଗନ୍ନାଥ ମନ୍ଦିର, ଦୈନିକ ବଜାର ଦେଇ ଚାରିଶମ୍ଭୁ ପୀଠରେ ପହଞ୍ଚିଥିଲା । ଏଥିରେ ଶତାଧିକ ମହିଳା ଏବଂ ନାମ ସଂକୀର୍ତ୍ତନ ଦଳ ସାମିଲ ଥିଲେ । ଏହାପରେ ନାଗକୁ ପ୍ରାଣ ପ୍ରତିଷ୍ଠା କରାଯାଇ ସିଦ୍ଧେଶ୍ୱର ମନ୍ଦିରରେ ପ୍ରତିଷ୍ଠା କରାଯାଇଥିବାବେଳେ ବାବା ପଶ୍ଚିମ ସୋମନାଥଙ୍କୁ ଗଙ୍ଗାଜଳାଭିଷେକ କରାଯାଇଥିଲା । ଏଥିରେ କର୍ତ୍ତାଭାବେ ଅଜିତ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ । କାର୍ଯ୍ୟକ୍ରମରେ ଡୋଳାମଣି ମେହେର, ମନୋଜ ଗୁରୁ, ସୁରୁ ମେହେର ପ୍ରମୁଖ ସହଯୋଗ କରିଥିଲେ ।

# ଜହ୍ନାପଙ୍କରେ ରାଧାକୃଷ୍ଣ ପୂଜା

ଜହ୍ନାପଙ୍କ,୨୨।୧୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସତକେନ୍ଦ୍ରଠାରେ ଚାରିଶମ୍ଭୁ ସାହି ପୂଜା କମିଟି ପକ୍ଷରୁ ରାଧାକୃଷ୍ଣ ପୂଜା ଆରମ୍ଭ ହୋଇଛି । ଏଥିରେ କର୍ତ୍ତା ଭାବେ ଚିତ୍ତରଞ୍ଜନ ପ୍ରଧାନ ଓ ଆରତୀ ପ୍ରଧାନ ଏବଂ ପୂଜକ ଭାବେ ଜିତେନ୍ଦ୍ର ହୋତା ପୂଜା କାର୍ଯ୍ୟ ତୁଲାଇଥିଲେ। ଶୁକ୍ରବାର ପୂର୍ଣ୍ଣାହୁତି ପୂଜା ସହ ଭସାଣୀ ଯାତ୍ରା ଅନୁଷ୍ଠିତ ହେବ । ପୂଜାରେ ଆଲୋକ ପ୍ରଧାନ, ପାର୍ଥ ପ୍ରଧାନ, ପିଣ୍ଟୁ ପ୍ରଧାନ, ଅରବିନ୍ଦ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ଗୋକୁଳି ଝାଙ୍କର, ଗଣ୍ଡରାମ ପ୍ରଦାନ, ପ୍ରଦୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।


ଜହ୍ନାପଙ୍କ ସତକେନ୍ଦ୍ରଠାରେ ରାଧାକୃଷ୍ଣ ପୂଜା କରାଯାଉଛି।

■ପାଣିଟାଙ୍କିରେ ପଡ଼ି ୭ବର୍ଷ ଝିଅ ମୃତ୍ୟୁ ଘଟଣା

# ସାବତମା' ହତ୍ୟାକାରିଣୀ

- ସମ୍ପତ୍ତି ପାଇଁ କରିଥିଲେ ହତ୍ୟା
- ତଣ୍ଟିଚିପି ହତ୍ୟା ପରେ ପାଣିଟାଙ୍କିରେ ପକାଇଥିଲେ
- ସାବତ ମା' ଥିଲେ ନାବାଳିକା
- ଅଭିଯୁକ୍ତା ବ୍ରହ୍ମପୁର କେନ୍ଦ୍ରୀୟ ବାଳ ସୁଧାର ଗୃହକୁ ଗଲେ

ବେଲପଡ଼ା,୨୨।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଭରୁଆମୁଣ୍ଡା ଗ୍ରାମର ସାତବର୍ଷର ଝିଅ ରଶ୍ମିତାଙ୍କ ପାଣିଟାଙ୍କିରେ ପଡି ମୃତ୍ୟୁ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହା ଦୁର୍ଘଟଣାଜନିତ ନୁହେଁ, ବରଂ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ସମ୍ପତ୍ତି ଲୋଭ ଓ ସାବତ ଝିଅକୁ ସ୍ୱାମୀଙ୍କ ଅଧିକ ଭଲ ପାଇବା ହତ୍ୟାର ମୁଖ୍ୟ କାରଣ। ଜେରାବେଳେ ପୋଲିସ ନିକଟରେ ଏହା ସ୍ୱୀକାର କରିଛନ୍ତି ୧୬ ବର୍ଷିୟା ସାବତମା'। ଏ ନେଇ ଦଫା ୩୦୨, ୨୦୧ରେ ଏକ ମାମଲା(ନଂ.୨୦୮/୧୮) ରୁଜୁ କରି ପୋଲିସ ଗୁରୁବାର ଅଭିଯୁକ୍ତା ସାବତମା'ଙ୍କୁ ବଲାଙ୍ଗୀରସ୍ଥିତ ସ୍ୱତନ୍ତ୍ର କୋର୍ଟରେ ହାଜର କରାଇ ବ୍ରହ୍ମପୁରସ୍ଥିତ କେନ୍ଦ୍ରୀୟ ବାଳ ସୁଧାର ଗୃହକୁ ପଠାଇ ଦେଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବେଲପଡ଼ା ଥାନା ଭରୁଆମୁଣ୍ଡା ଗ୍ରାମର ପ୍ରଦୀପ ମେହେର ତାଙ୍କ ୭ବର୍ଷର ଝିଅ ରଶ୍ମିତା ଘର ପାଣିଟାଙ୍କିରେ ପଡି ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ରଶ୍ମିତାଙ୍କ ମାମୁ ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ଶୁକ ମେହେର ଏହା ହତ୍ୟାକାଣ୍ଡ ବୋଲି ଥାନାରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ଟାଙ୍କିରେ ପଡି ମୃତ୍ୟୁରେ ସନ୍ଦେହ ପ୍ରକାଶ କରି ଗ୍ରାମବାସୀ ଏହାର ବଧିବଦ୍ଧ ତଦନ୍ତ ଦାବି କରିଥିଲେ। ଏହି କ୍ରମରେ ରଶ୍ମିତାଙ୍କ ସାବତମା'ଙ୍କ ଭୂମିକା ସନ୍ଦେହ ଘେରକୁ ଆସିଥିଲା। ୫ବର୍ଷ ତଳେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଗତ ଫେବୃୟାରୀ ମାସରେ ପ୍ରଦୀପ ଦ୍ୱିତୀୟ ବିବାହ କରିଥିଲେ। ଏବେ ନାବାଳିକା ଦ୍ୱିତୀୟ ସ୍ତ୍ରୀ ଗର୍ଭବତୀ ଅଛନ୍ତି। ସ୍ତ୍ରୀ ଗର୍ଭବତୀ ହେବା ପରେ ପ୍ରଦୀପ ରଶ୍ମିତାଙ୍କ ନାମରେ ଅଧା ସମ୍ପତ୍ତି ଉଇଲ କରିଦେଇଥିଲେ। ଏହାକୁ ନେଇ ଘରେ ସବୁବେଳେ କଳିକଜିଆ ହେଉଥିଲା। ଏହାକୁ ଆଧାର କରି ପୋଲିସ ତଦନ୍ତ ଆଗକୁ ବଢାଇଥିଲା। ଥାନାକୁ ଆଣି ସାବତମା'ଙ୍କୁ ପଚରାଉଚୁରା ବେଳେ ସବୁ କଥା ପଦାକୁ ଆସିଥିଲା। ସ୍ୱାମୀ ସାବତ ଝିଅକୁ ଅଧିକ ଭଲ ପାଇବା ଏବଂ ସମ୍ପତ୍ତିର ଅଧା ଝିଅଙ୍କ ନାମରେ କରିଦେବା ନେଇ ପ୍ରତିକ୍ରିୟାଶୀଳ ହୋଇ ପଡିଥିବା ମାନି ଥିଲେ ସାବତ ମା'। ରଶ୍ମିତାଙ୍କୁ ସବୁଦିନ ପାଇଁ ଶେଷ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ସେ ସ୍ୱୀକାର କରିଥିଲେ। ଯୋଜନାମତେ ରଶ୍ମିତା ବୁଧବାର ସ୍କୁଲରୁ ଘରକୁ ଫେରିବା ପରେ ବାହାରୁ କିଣି ଆଣି ଖାଇବା ପାଇଁ ସେ ୧୦ଟଙ୍କା ଦେଇଥିଲେ । ମା' ପଇସା ଦେଇଛନ୍ତି ବୋଲି ଖୁସିରେ ଘରୁ ବାହାରି ଥିବା ବେଳେ ପୁଣି ରଶ୍ମିତାଙ୍କୁ ଡାକିଥିଲେ। ସେହି ସମୟରେ ପାଣି ଟାଙ୍କି ଭିତରକୁ ରଶ୍ମିତାଙ୍କୁ ଠେଲି ଦେଇଥିଲେ। ହେଲେ ଟାଙ୍କି କମ୍ ଉଚ୍ଚରେ ଥିବାରୁ ରଶ୍ମିତା ଟାଙ୍କିରେ ଛିଡା ହୋଇଯାଇଥିଲେ। ପରେ ତାଙ୍କୁ ଟାଙ୍କିରୁ କାଢି ତଣ୍ଟି ଚିପି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ଯାଇ ପାଣି ଟାଙ୍କିରେ ମୃତଦେହ ପକାଇ ଦେଇଥିବା ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି ସାବତମା'। ସନ୍ଧ୍ୟାରେ ପ୍ରଦୀପ ଆସି ଝିଅକୁ ଖୋଜି ପାଇ ନ ଥିଲେ। ହେଲେ ସାବତ ମା' ଝିଅ ଗାଁ ଭାଗବତ ଟୁଙ୍ଗିରେ ପୁରାଣ ପାଠ ଜାଗାରେ ଥିବା କହିଥିଲେ। ହେଲେ ସେଠାରେ ମଧ ଝିଅ ନ ମିଳିବାରୁ ଘରକୁ ଆସି ପ୍ରଦୀପ ଗାଧୁଆ ଘର ପାଣିଟାଙ୍କିରେ ରଶ୍ମିତା ମରିପଡିଥିବା ଦେଖିବାକୁ ପାଇଥିଲେ।

### ବିଭିନ୍ନ ସ୍ଥାନରେ ରାହସ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ

ପୁରୁଣାକଟକ,୨୨।୧୧(ଡି.ଏନ.ଏ.)

ହରଭଙ୍ଗା ବ୍ଲକର ଧଳପୁର, ସଙ୍କୁଲେଇ, ହରଭଙ୍ଗା, କୁଟିଝାର ଭଳି ବିଭିନ୍ନ ସ୍ଥାନରେ ରାହାସ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ନବମୀ ଦିନଠାରୁ ଆରମ୍ଭ ହୋଇଥିଲା। ଗ୍ରାମବାସୀମାନେ ମହାନଦୀରେ ପୂଜାର୍ଚ୍ଚନା କରି କଳସରେ ପାଣି ଆଣି ଏକ ଶୋଭାଯାତ୍ରାରେ ଆସି ହରଭଙ୍ଗାସ୍ଥିତ ଆଦେଶ୍ୱର ମନ୍ଦିରଠାରେ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରୁ ଆସି ଠାକୁରଙ୍କୁ ମେରୁଯାତ୍ରା ପଡିଆରେ ସ୍ଥାପନ କରାଯାଇଥିଲା। ଏହି ମଣ୍ଡପ ନିକଟରେ ପାଲା, ନାମ, ସଂକୀର୍ତ୍ତନ, ପାରାୟଣ ଆଦି ଅନୁଷ୍ଠିତ ହୋଇଥିଲା। ଗୁରୁବାର ଶରତ ବାରିକଙ୍କ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପରିବେଷଣ ହୋଇଛି। ଏହି ଯାତ୍ରାରେ ଆଖ ପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଗ୍ରାମର ନାରଣ ଦନାୟକ, ସୁବେ ନାୟକ, ବାଜି ଦନାୟକ, ବୃନ୍ଦାବନ ସାହୁ, ରବି ଭୋକ୍ତା ପ୍ରମୁଖ ସହଯୋଗ କରିଥିଲେ।


ମେରୁଯାତ୍ରା ପଡିଆରେ ପୂଜାର୍ଚ୍ଚନା ଚାଲିଛି।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/MECHANISED CLEANING/BRGA/18, ତା.16.11.2018ରିଖ

**କାର୍ଯ୍ୟର ନାମ:** 03 (ତିନି) ବର୍ଷ ଅବଧି ନିମନ୍ତେ ବରଗଡ଼ ରୋଡ୍ ଷ୍ଟେସନର ସଫେଇ ଏବଂ ସ୍ୱଚ୍ଛତାର ରକ୍ଷଣାବେକ୍ଷଣ ତଥା ଯନ୍ତ୍ରୀକୃତ (Mechanized) ସଫେଇ ମାଧ୍ୟମରେ ଆବର୍ଜନାଗୁଡ଼ିକର ନିକାଶ ।

**ଆକଳିତ ଟେଣ୍ଡର ମୂଲ୍ୟ(ଟଙ୍କାରେ):** 33,36,511/-, EMD(ଟଙ୍କାରେ): 67,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ):3,540/-(18% GST ସହିତ) ।

ଟେଣ୍ଡର ଫର୍ମ ଜାରି ହେବା ଅବଧି: ସମ୍ବାଦପତ୍ରରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶିତ ହେବା ତାରିଖ ଠାରୁ ତା.24.12.2018 ରିଖ 1200 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଓ ସମୟ: ତା.24.12.2018 ରିଖ 1530 ଘଟିକାରେ, **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ତା.24.12.2018 ରିଖ 1600 ଘଟିକାରେ ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ । ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର

PR-391/J/18-19

## ପୂର୍ବ ତଟ ରେଳପଥ

ଟିଟିଲାଗଡ଼, ବଲାଙ୍ଗୀର ଏବଂ ବରଗଡ଼ ରୋଡ୍ ଷ୍ଟେସନ ଠାରେ ଖାଦ୍ୟ ସରବରାହ ସେବା ବ୍ୟବସ୍ଥା

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/Catg./NIT/AB-4/SMU/18, ତା.19.11.2018ରିଖ,

**କ୍ରମ ସଂ.: 01,** ଷ୍ଟେସନର ନାମ: ଟିଟିଲାଗଡ଼, ସ୍ଥାନ: ପ୍ଲାଟଫର୍ମ ନଂ. 2/3, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 84,000/-, EMD ଜମା (ଟଙ୍କାରେ): 8,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/- (18% GST ସହିତ) ।

**କ୍ରମ ସଂ.: 02,** ଷ୍ଟେସନର ନାମ: ବଲାଙ୍ଗୀର, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 76,000/-, EMD ଜମା (ଟଙ୍କାରେ): 7,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/- (18% GST ସହିତ) ।

**କ୍ରମ ସଂ.: 03,** ଷ୍ଟେସନର ନାମ: ବରଗଡ଼ ରୋଡ୍, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 76,000/-, EMD ଜମା (ଟଙ୍କାରେ): 7,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/- (18% GST ସହିତ) ।

**କ୍ରମ ସଂ.: 04,** ଷ୍ଟେସନର ନାମ: ବରଗଡ଼ ରୋଡ୍, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 1,00,000/-, EMD ଜମା (ଟଙ୍କାରେ): 10,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/- (18% GST ସହିତ) ।

ଷ୍ଟେସନ ବର୍ଗ : "B" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), ଖାଦ୍ୟ ସରବରାହ ୟୁନିଟ୍‌ର ନାମ: ଫଳ ଏବଂ ତାଜା ଜୁସ୍ ଷ୍ଟଲ୍ (କ୍ରମ ସଂ.1, 2 ଏବଂ 3 ନିମନ୍ତେ), ଚା' ଦୋକାନ (କ୍ରମ ସଂ.4 ନିମନ୍ତେ), ଚିହ୍ନିତ ବର୍ଗ: ଗରୀବ ସୀମାରେଖା ତଳେ ରହୁଥିବା ବ୍ୟକ୍ତି (କ୍ରମ ସଂ.1 ନିମନ୍ତେ), ଅନୁସୂଚିତ ଜନଜାତି (କ୍ରମ ସଂ.2 ନିମନ୍ତେ), ଅନୁସୂଚିତ ଜାତି(କ୍ରମ ସଂ.3 ନିମନ୍ତେ) ଏବଂ ସ୍ୱାଧୀନତା ସଂଗ୍ରାମୀ/ଯୁଦ୍ଧରେ ମୃତ୍ୟୁବରଣ କରିଥିବା ସୈନିକଙ୍କ ସ୍ତ୍ରୀ ସହିତ ମୃତ ରେଳ କର୍ମଚାରୀଙ୍କ ବିଧବା ସ୍ତ୍ରୀ, ରେଳବାଇ ଦ୍ୱାରା ନିଜର ବ୍ୟବହାର କାରଣରୁ ସ୍ଥାନାନ୍ତରିତ/ବିସ୍ଥାପିତ ହୋଇଥିବା ବ୍ୟକ୍ତିବିଶେଷ(କ୍ରମ ସଂ.4 ନିମନ୍ତେ) ।

ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ: ତା.27.12.2018 ରିଖ 1000 ଘଟିକା ଠାରୁ ତା.27.12.2018 ରିଖ 1530 ଘଟିକା ପର୍ଯ୍ୟନ୍ତ, ବିଡ୍ ବାକ୍ସ ବନ୍ଦ ହେବା ତାରିଖ ଓ ସମୟ: ତା.27.12.2018 ରିଖ 1530 ଘଟିକା, **ବିଡ୍ ବାକ୍ସ ଖୋଲାଯିବା ତାରିଖ ଓ ସମୟ:** ତା.27.12.2018 ରିଖ 1600 ଘଟିକାରେ ।

ବିଡ୍ ନଥିପତ୍ର ଉପଲବ୍ଧ ହେବା ସ୍ଥାନ: ଯେକୌଣସି କାର୍ଯ୍ୟ ଦିବସରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁର, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସା/ପୋଷ୍ଟ: ମୋଦିପଡ଼ା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-768002, ଫୋନ୍ ନଂ.-0663-2533195ଙ୍କ କାର୍ଯ୍ୟାଳୟରେ । ବିଡ୍ ନଥିପତ୍ରଗୁଡ଼ିକ ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର

PR-392/J/18-19

# ଗରୁଡଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଅତାବିରା/ଭେଡେନ, ୨୨।୧୧ (ଡି.ଏନ.ଏ)

ଭେଡେନ ବ୍ଲକ ସଂକ୍ରୀଡା ଗ୍ରାମର ସର୍ବ ପୁରାତନ ଗୋପୀନାଥ ମନ୍ଦିରର ନୂତନ ଗରୁଡ ବିଗ୍ରହକୁ ଗୁରୁବାର ପ୍ରତିଷ୍ଠା ଉତ୍ସବ କରାଯାଇଛି । ଏହି ଉତ୍ସବରେ ଧ୍ରୁବରାଜ ପୁରୋହିତ ଓ ତାଙ୍କ ସ୍ତ୍ରୀ ସସ୍ମିତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ବଂଶୀଧର ଆଚାର୍ଯ୍ୟ, ଟିଙ୍କୁ ନାୟକ ପୂଜାର୍ଚ୍ଚନା, ହୋମଯଜ୍ଞ, ମନ୍ତ୍ରପାଠ କରିଥିଲେ । ରାଧେଶ୍ୟାମ ବିଶି, ସୀତାରାମ ବିଶି, ଉଦୟ ପୁରୋହିତ, ପ୍ରଫୁଲ୍ଲ ପୁରୋହିତ, ଜ୍ୟୋତ୍ସ୍ନା ପୁରୋହିତ, ଲିଲିମା ପୁରୋହିତ, ଶ୍ରଦ୍ଧାମୟୀ ପୁରୋହିତ, ଅନିତା ପୁରୋହିତ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।


ସଂକ୍ରୀଡା ଗୋପୀନାଥ ମନ୍ଦିରରେ ପକ୍ଷୀରାଜ ଗରୁଡଙ୍କ ନୂତନ ବିଗ୍ରହ ସ୍ଥାପନ କରି ହୋମଯଜ୍ଞ ମନ୍ତ୍ରପାଠ କରାଯାଉଛି।

# ଦେବ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଜଣାଶୁଣା ଲେଖକ ତଥା ଥିଏଟର ବ୍ୟକ୍ତିତ୍ୱ ଦେବ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ନୂଆଦିଲ୍ଲୀଠାରେ ପାଳିତ ହୋଇଯାଇଛି। ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର, ମଞ୍ଚ ନାଟକ, ସାହିତ୍ୟ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱଙ୍କ ସହ ସରକାରୀ ପଦାଧିକାରୀମାନେ ଯୋଗଦେଇ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଅଧ୍ୟାପନା କରିଥିବା ମହାପାତ୍ର ୧୯୪୮ରେ ବମ୍ବେରୁ ଓଡ଼ିଆ ଭାଷାରେ ପ୍ରଥମ ହାତଲେଖା ପତ୍ରିକା 'କୁଙ୍କୁମ' ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଷ୍ଟ୍ରଦୂତ ଲଳିତ ମାନସିଂ ଯୋଗଦେଇ ମହାପାତ୍ର ଜଣେ ବହୁମୁଖୀ ପ୍ରତିଭା ଥିବା କହିଥିଲେ। ତାଙ୍କ ଜୀବନ କୌଣସି ଫିଲ୍ମଠାରୁ କମ୍ ନ ଥିଲା, ଯାହାକୁ ନେଇ ଓଡ଼ିଆ ଫିଲ୍ମ ନିର୍ମାତାମାନେ ଏକ ଫିଲ୍ମ କରିବା ଉଚିତ ବୋଲି ସେ କହିଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ରେସିଡେଣ୍ଟ କମିଶନର ସଞ୍ଜିବ କୁମାର ମିଶ୍ର, ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତା ଆଶିଷ ବିଦ୍ୟାର୍ଥୀ, ଫକିରମୋହନ ଫାଉଣ୍ଡେଶନ ଅଧ୍ୟକ୍ଷ ଡ. ମୋନିକା ଦାସ, ପଦ୍ମଭୂଷଣ ଯତୀନ ଦାସ ଓ ଦେବ ମହାପାତ୍ରଙ୍କ ପୁଅ ତଥା ଜଣାଶୁଣା ସାମ୍ବାଦିକ ସତ୍ୟେନ୍ ମହାପାତ୍ର ଉପସ୍ଥିତ ରହି ଦେବ ମହାପାତ୍ରଙ୍କ ଜୀବନ ଏବଂ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହେବା ସହ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୩ ନଭେମ୍ବର, ୨୦୧୮



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର
ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସାଲେପାଲିରେ ତୁଳସୀ ବିବାହ

**ଭେଡ଼େନ, ୨୨।୧୧(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅରେଇଗୁଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଲେପାଲିରେ କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ ଅବସରରେ ତୁଳସୀ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମର ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ପାତ୍ର, ସୁରଥ ପଧାନ, ଥବିର ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଦୀପ ପ୍ରଜ୍ୱଳନ କରି ମାନସିକ କାମନା କରିଥିଲେ । ମୁଖ୍ୟ ପୂଜକ କପିଳେଶ୍ୱର ପଣ୍ଡା ଏବଂ ସହଯୋଗୀ ଆକାଶ ପଣ୍ଡା ପୂଜାର୍ଚ୍ଚନା କରିବା ସହ ତୁଳସୀ ବନ୍ଦନା କରି ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ଉପସ୍ଥିତ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।



### ଜିଲାପାଳଙ୍କୁ ଫେରାଦ ହେଲେ ସାମାଜିକ କର୍ମୀ

**ବରଗଡ଼ ଅଫିସ୍,୨୨।୧୧:** ବରଗଡ଼ ଜିଲାରେ ଚାଷୀ ପରିଚୟ ପତ୍ର ଜାଲିଆତିର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ବୁଧବାର ସ୍ଥାନୀୟ ଫର୍ ସଂସ୍ଥା ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଫର୍‌ର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚାଷୀମାନେ ପରିଚୟ ପତ୍ର ପାଇ ପାରୁ ନ ଥିବା ଯୋଗୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବାବେଳେ ଜାଲ୍ ପରିଚୟପତ୍ରରେ ଧାନ କିଣାବିକା ଚାଲିଛି। ଏପରିକି ନିଜ ସମ୍ପତ୍ତି ହୋଇ ନ ଥିଲେ ମଧ୍ୟ ଜଣେ ପ୍ୟାକ୍ସ ସଭାପତି ଚକ୍ରାନ୍ତ କରି ତାଙ୍କ ନାମରେ ଚାଷୀ ପରିଚୟ ପତ୍ର ପ୍ରସ୍ତୁତ କରି ଧାନ ବିକିଥିବା ଅଭିଯୋଗ ହୋଇଛି। ସେହିପରି ଗୋବିନ୍ଦପୁର, ସରସରା ପ୍ୟାକ୍ସରେ ସରକାରୀ ଜମି ଦର୍ଶାଇ ପ୍ରସ୍ତୁତ ଜାଲ୍ ପରିଚୟପତ୍ର ପ୍ରସ୍ତୁତ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ଜିଲାପାଳ ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଫର୍‌ର ସଭାପତି ଇଂ ଦେବବ୍ରତ ମିଶ୍ରଙ୍କ ନେତୃତ୍ୱରେ କେଦାର ମିଶ୍ର, ସତ୍ୟକେତନ ମହାନ୍ତି, ଏମଡ଼ି ଇଦ୍ରିଶ, ଶ୍ରୀମୁଖ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଶିକ୍ଷକ ଭବନ ଦାବିରେ ସ୍ମାରକପତ୍ର

**ବରଗଡ଼ ଅଫିସ୍,୨୨।୧୧**

ନୂତନ ପେନସନ ଯୋଜନା ଅନ୍ତର୍ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଜିଲା ସଦର ମହକୁମାରେ ଶିକ୍ଷକ ଭବନ ତଥା ସଂଘ କାର୍ଯ୍ୟାଳୟ ପାଇଁ ଗୁରୁବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହାସହିତ ମୁଖ୍ୟମନ୍ତ୍ରୀ ଏବଂ ବରଗଡ଼ ଜିଲାପାଳଙ୍କ ପାଖକୁ ଅନୁରୂପ ସ୍ମାରକପତ୍ର ପଠାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ଶିକ୍ଷକମାନେ ବ୍ୟକ୍ତିଗତ, ସାମୂହିକ କାମ ତଥା ଅଭିଯୋଗ ପାଇଁ ଜିଲାସ୍ତରୀୟ ଅଧିକାରୀଙ୍କ ପାଖକୁ ଆସିଥାନ୍ତି । ମାତ୍ର ଖରା,ବର୍ଷା ଓ ଶୀତରେ ମୁଣ୍ଡ ଗୁଞ୍ଜିବା ପାଇଁ ଶିକ୍ଷକମାନଙ୍କୁ ହଇରାଣ ହରକତ ହେବାକୁପଡୁଛି । ଫଳରେ ଶିକ୍ଷକ ଭବନ ନିର୍ମାଣ ନେଇ ଗତ ୧୮ତାରିଖରେ ସଂଘ ସଭାପତି ବିରେନ୍ଦ୍ର ନାଥ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶିକ୍ଷକଙ୍କ ଆଶ୍ରୟ ପାଇଁ ସଦର ମହକୁମାରେ ଶିକ୍ଷକ ଭବନ ନ ଥିବା ଯୋଗୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା ଏବଂ ଶିକ୍ଷକଭବନ ନିର୍ମାଣ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବିଧାୟକ, ପୌରାଧ୍ୟକ୍ଷ, ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି କ୍ରମରେ ସଂଘ ସମ୍ପାଦକ ସାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଧାୟକ ଏବଂ ପୌରାଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଉପସଭାପତି ସୀତାରାମ ମହାପାତ୍ର, ସହ ସମ୍ପାଦକ ରମାକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ସତ୍ୟଶଙ୍କର ବିଶି, କାର୍ଯ୍ୟକାରୀ ସଭ୍ୟ ବାବଲୁ ଶତପଥୀ, ପୃଥ୍ୱୀରାଜ ପ୍ରଧାନ, ଗୋପାଳକୃଷ୍ଣ ଦାଶ, ମୁକୁନ୍ଦ ମହାନନ୍ଦ, ଶଶାଙ୍କ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

**ବରଗଡ଼ ଜିଲା ସଦର ମହକୁମା**



ବରଗଡ଼ ପୌରାଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

## ■ ପୁସ୍ତକମେଳା ଆଲୋଚନାଚକ୍ରରେ ମତ
# କର୍ମମୟ ମାର୍ଗ ସୁଧୁରିଲେ ସମାଜ ସମୃଦ୍ଧ ହେବ

**ବରଗଡ଼ ଅଫିସ୍,୨୨।୧୧**

ନିଜର ଭୁଲ୍ ଠିକ୍‌କୁ ଆତ୍ମ ବିଶ୍ଳେଷଣ କରିବାର ପ୍ରକୃତ ମାନସିକତା ରଖିଲେ ଯାଇ ଆମର କର୍ମମୟ ମାର୍ଗ ସୁଧୁରିବା ସହିତ ସମାଜ ଓ ଜାତି ସମୃଦ୍ଧ ହୋଇ ପାରିବ। ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପୁସ୍ତକମେଳାର ଆଲୋଚନାଚକ୍ରରେ ଶିକ୍ଷାବିତ୍ ଡଃ ଗୌରାଙ୍ଗ ଚରଣ ଦାସ କହିଛନ୍ତି । ଇମ୍ପେରିୟଲ କଲେଜର ଚେୟାରମ୍ୟାନ ଦୀପକ କୁମାର ଗୋୟଲଙ୍କ ସଭାପତିତ୍ୱରେ ଗାନ୍ଧୀଦର୍ଶନ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅନ୍ୟତମ ବକ୍ତା ଭାବେ ଡଃ ପ୍ରଦୀପ କୁମାର ହୋତା ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ । ରୋଟାରୀ ସ୍କୁଲର ଚେୟାରମ୍ୟାନ ପ୍ରକାଶ କର, ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ଅରୁଣ ମହାନ୍ତି, ସମ୍ପାଦକ ମନୋରଞ୍ଜନ ସାହୁ, ଅଧ୍ୟାପକ ପତିତପାବନ ସାହୁ, ଜୟପ୍ରକାଶ ଶତପଥୀ, ଉମେଶ ବିଶ୍ୱାଳ, ବିକ୍ରମାଦିତ୍ୟ ପଣ୍ଡା, ଗୌରୀଶଙ୍କର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଜଣେ ବକ୍ତା ଆଲୋଚନା କରୁଛନ୍ତି ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

**ଗାଇସିଲେଟ୍,୨୨।୧୧(ଡ଼ି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଟୁର୍ଙ୍ଗା ଗ୍ରାମରେ ଜଣେ ବିବାହିତା ମହିଳା ସସ୍ମିତା ସାହୁ(୨୫)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ତାଙ୍କୁ ହତ୍ୟା କରାଯାଇଛି ବୋଲି ମୃତା ମହିଳାଙ୍କ ବାପଘର ଲୋକେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୬୫/୧୮) ରୁଜୁ କରି ତଦନ୍ତ କରୁଛି । ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ ଯାମପୁରୀ ଗ୍ରାମର ରାମଚନ୍ଦ୍ର ସାହୁଙ୍କ ଝିଅ ସସ୍ମିତା(୨୫) ଟୁର୍ଙ୍ଗା ଗ୍ରାମର ନରେନ୍ଦ୍ର ସାହୁଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ । ଗୁରୁବାର ସସ୍ମିତାଙ୍କ ମୃତ୍ୟୁ ହୋଇଥିଲା । ସସ୍ମିତାଙ୍କ ବାପଘର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ ଶବ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି ।

# ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ମାତୃ ସମ୍ମିଳନୀ

**ପଦ୍ମପୁର, ୨୨।୧୧ (ଡି.ଏନ.ଏ)**

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀ ସ୍ୱାମୀ ଜୀବନ ମୁକ୍ତାନନ୍ଦଜୀ ମହାରାଜ (କୁନ୍ତରା ଆଶ୍ରମର ଅଧ୍ୟକ୍ଷ)ଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ସ୍ୱାମିଜୀ ଉପସ୍ଥିତ ମାତୃ ମଣ୍ଡଳୀଙ୍କୁ ହିନ୍ଦୁ ରାଷ୍ଟ୍ରରେ ଆଜିକାର ଶିଶୁ ଶିକ୍ଷା ଓ ଲାଳନ ପାଳନ ଉପରେ ମାର୍ଗଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାପତି ଦ୍ୱାଦଶ କୁମାର ପଧାନ ମଞ୍ଚାସୀନ ଥିଲେ । କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ଆଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସମ୍ମିଳନୀରେ ୩୦୦ରୁ ଅଧିକ ମା' ଯୋଗଦାନ କରିଥିଲେ ।

(ତା୨୩।୧୧।୧୮ରିଖ ଶୁକ୍ରବାର)



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଛଣ ଗିରି ଗିରି**
**ସୀତାଙ୍କୁ ରାବଣ ନଉଛି ହରି**
**ବିଭୂତି ଭୂଷଣ କରି ।**

ଜନକ ନନ୍ଦିନୀ ଦେବୀ ସୀତାଙ୍କୁ ଲଙ୍କପତି ରାବଣ ଛଦ୍ମବେଶ ଧାରଣ କରି ହରଣ କରିନେଇଥିବା କଥା ରାମାୟଣରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ ମିଛସତ କହି ବା ପ୍ରଲୋଭିତ କରି ପରନାରୀକୁ ଅକ୍ତିଆର କରିବା ନେଇ ଚେଷ୍ଟା ଚଳାଉଥିବା କାମୁକ ଶ୍ରେଣୀର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ପୂରୁବ ସଦେଇ କି;**
**ସଦେଇ ହାତରେ ଯାଉଁଳି ମୁଦି**
**ତାକୁ ମଣିଷ ଦିଶଇ କି ?**

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଂକାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅଛାଣ୍ଡପାଲିରେ ରାମାୟଣ ପାରାୟଣ



ଅଛାଣ୍ଡପାଲିରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।

**ଭେଡ଼େନ, ୨୨।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଲୁହାଖଣ୍ଡୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଛାଣ୍ଡପାଲିରେ କାର୍ତ୍ତିକ ତ୍ରୟୋଦଶୀ ଅବସରରେ ବୁଧବାର ରାତିରେ ପ୍ରବଚନ ତଥା ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ପ୍ରବଚିକା ଅଳକା ଦାଶ ଅତିଥି ଭାବେ ଯୋଗଦେଇ ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ ପାଠ କରିବା ସହ ଜଳନ୍ଧର ବଧ ଉପାଖ୍ୟାନ ପରିବେଷଣ କରିଥିଲେ । ଏହି ଅବସରରେ କଳସ ଯାତ୍ରା, ବ୍ୟାସ ପୂଜନ, ବୋରମ୍ଭ ଆଦି କାର୍ଯ୍ୟକ୍ରମ ହୋଇଥିଲା । ଅଶୋକ ପଣ୍ଡା ବୋରମ୍ଭ କରିଥିବା ବେଳେ ଉତ୍ସବ ପରିଚାଳନାରେ ମୃତ୍ୟୁଞ୍ଜୟ ପଣ୍ଡା, ମୁନିରାମ ରଥ, ଶାନ୍ତନୁ ରଥ, ଚନ୍ଦ୍ରଚୂଡ଼ ରଥ ସଚିଦା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold,
Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇତ୍ୟାଦି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
7409203163

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି।
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ !! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।

ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ୟୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ କମ୍ପ୍ଲେକ୍ସ, ୧୯୩, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

M. GROUP FINANCE CO.
DIWALI OFFER
(Govt. Approved)

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇତ୍ୟାଦି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now
8859690149
7830746256
T-51, Gali No.-8, Gautampuri, Delhi-110053

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ

## ସଂକ୍ଷେପରେ

### ସତୀଭଟାରେ ପଦଯାତ୍ରା

**ପଦ୍ମପୁର, ୨୨।୧୧ (ଡି.ଏନ.ଏ):** ସ୍ୱାମୀ ଜୀବନ ମୁକ୍ତାନନ୍ଦଜୀଙ୍କ ପଦଯାତ୍ରା ଓ ଧର୍ମପ୍ରଚାର ରଥ ଜୁନ ପହିଲାରୁ କନ୍ଧମାଳ ଜଲେଶପଟା ଆଶ୍ରମରୁ ବାହାରି ଗୁରୁବାର ସତୀଭଟା ଗ୍ରାମରେ ପହଞ୍ଚିଲା। ସେଠାରେ ପଦଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅପରାହ୍ନରେ ସ୍ୱାମିଜୀ ତାଙ୍କର ସହଗାମୀଙ୍କ ପରିବାରରେ ଜଳପାନ ଗ୍ରହଣ କରିଥିଲେ । ସନ୍ଧ୍ୟା କାଳୀନ ପ୍ରବଚନ ସଭାରେ ସ୍ୱାମିଜୀ ଉପସ୍ଥିତ ଆବାଳ ବୃଦ୍ଧବନିତାଙ୍କୁ ଧର୍ମାନ୍ତରୀକରଣ ବିରୁଦ୍ଧରେ ସଙ୍ଗଠିତ ହୋଇ ଶହୀଦ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅଧୁରାକାମକୁ ପୂର୍ଣ୍ଣ କରିବାକୁ ଆହ୍ୱାନ ଦେଇଥିଲେ। ଗୁରୁବାର ସକାଳେ ସ୍ୱାମିଜୀଙ୍କ ପଦଯାତ୍ରାକୁ ଦେଉଳି ଓ ପଦ୍ମପୁରରେ ଭବ୍ୟ ସ୍ୱାଗତ କରାଯାଇଥିଲା ।

### କାର୍ତ୍ତିକ ଚତୁର୍ଦ୍ଦଶୀ ପାଳିତ

ଅତାବିରା/ଭେଡେନ, ୨୨।୧୧ (ଡି.ଏନ.ଏ): ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା, ଗୋଡଭଗା କ୍ୟାମ୍ପ, ବୁଗବୁଗା, ଦେଶପର୍ଥଲା, ଉଦେପୁର, ଦେଶଭଟିଲି, ସାଲନା ଆଦି ସ୍ଥାନରେ କାର୍ତ୍ତିକ ଚତୁର୍ଦ୍ଦଶୀ ବ୍ରତ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ଓ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଦେଶପର୍ଥଲା ଗ୍ରାମରେ ସାନନ୍ଦ ଦାଶ ଓ ତାଙ୍କ ସ୍ତ୍ରୀ ଶୈଳଭାମା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସନ୍ତୋଷିନୀ ଦନ୍ତା, ଅଯୋଧ୍ୟା ଦାଶ, ପଦ୍ମିନୀ ଦାଶ, କାହ୍ନୁଚରଣ ଦାଶ, କାହ୍ନୁଚରଣ ସେଠ ପ୍ରମୁଖ ସହଯୋଗ କରିଥିଲେ ।

ଭେଡ଼େନ,(ଡ଼ି.ଏନ.ଏ): ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଅବସରରେ ଗୁରୁବାର ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି । ଅରେଇଗୁଡ଼ି ନୃସିଂହ ମନ୍ଦିର ସମ୍ମୁଖ, ସାଲେପାଲି, ଅଏଁଲାକଟା, ଭେଡ଼େନ ଗ୍ରାମପଞ୍ଚାୟତର ଥାନା ସମ୍ମୁଖ ପଡ଼ିଆରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ସେହିପରି ଲୁହାଖଣ୍ଡି ପଞ୍ଚାୟତର ଜାମପାଲିରେ ନାମଯଜ୍ଞ ହେବା ସହ ବରପଦର ଶିବ ମନ୍ଦିରରେ ଜଳଶାୟୀ ହୋଇଛି ।

### ବିଦ୍ୟୁତ୍ ନ ଥିଲେ ଏଟିଏମ ବନ୍ଦ

**ଅତାବିରା, ୨୨।୧୧ (ଡି.ଏନ.ଏ);** ଗୋଡଭଗା- ତୁରୁମ ୫୪ନମ୍ବର ରାଜ୍ୟ ରାଜପଥ ଲରମ୍ବା ବଜାର ପ୍ରାଙ୍ଗଣରେ ଥିବା ଏସବିଆଇ ଏଟିଏମ ବିଦ୍ୟୁତ ନ ଥିଲେ ବନ୍ଦ ହୋଇଯାଉଛି । ଫଳରେ ଲୋକେ ଦୂର ଦୂରାନ୍ତରୁ ଏଟିଏମକୁ ଟଙ୍କା ଉଠାଣ କରିବାକୁ ଆସି ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଛି ।

### ଘୁମୁନିପାଲିରେ ଭାଗବତ ପାରାୟଣ

**ଘେଁସ,୨୨।୧୧(ଡି.ଏନ.ଏ):** ସୋହେଲା ବ୍ଲକ ଅନ୍ତର୍ଗତ ଘୁମୁନିପାଲି ଗ୍ରାମରେ କାର୍ତ୍ତିକ ତ୍ରୟୋଦଶୀ ଅବସରରେ ଏକ ଦିବସୀୟ ଭାଗବତ ପାରାୟଣ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ସତ୍‌ସଙ୍ଗ ଭାଗବତ ଗୋଷ୍ଠୀ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିରୋଚନ ନାଏକ, ବଳରାମ ମେହେର, ଲକ୍ଷ୍ମଣ ମିଶ୍ର ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ । ବକ୍ତାମାନେ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତଙ୍କୁ ଭାଗବତ ଉପରେ ଦିଗ୍‌ଦର୍ଶନ ଦେବା ସହ ଉତ୍ତମ ଚରିତ୍ର ଗଠନରେ ସତସଙ୍ଗ ହିଁ ଏକମାତ୍ର ପଥପ୍ରଦର୍ଶକ ବୋଲି ମତ ଦେଇଥିଲେ । ଏହି ଅବସରରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେମସାଗର ସାହୁ, ସୌକି ସାହୁ, ଫକୀର ବାଗ, କୃଷ୍ଣଚନ୍ଦ୍ର ସାହୁ, ନେହେରୁ ମେହେର, ଗୌର ବାଙ୍କ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

### ନୃସିଂହନାଥରେ ଅଁଳାତଳ ପାଳିତ

**ପାଇକମାଳ,୨୨।୧୧(ଡି.ଏନ.ଏ):** ନୃସିଂହନାଥରେ ଗୁରୁବାର ଅଁଳାତଳ ପାଳିତ ହୋଇଯାଇଛି। ଗୁରୁବାର ଅଁଳାତଳ ଚର୍ତୁଦଶୀ ଅବସରରେ ହଜାର ହଜାର ଭକ୍ତ ଅନ୍ନ ପ୍ରସାଦ ସେବନ କରିଥିଲେ। ଭକ୍ତମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ମାସ ଯାକ ବ୍ରତ ରଖିଥିବା ଭକ୍ତମାନେ ଶୁକ୍ରବାର ପୂର୍ଣ୍ଣିମା ବୁଡ ପକାଇ ବୋଇତ ବନ୍ଦାଣ କରିଥିବା ମନ୍ଦିର କାର୍ଯ୍ୟ ନିବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ କହିଛନ୍ତି ।

ଚୂଡ଼ାନ୍ତ ହୋଇନି ଚାଷୀ ପରିଚୟ ପତ୍ର

# ବିକ୍ରି ହୋଇପାରୁନି ଅମଳ ଧାନ



ପରିଚୟପତ୍ର ପାଇବାରୁ ବଞ୍ଚିତ ଚାଷୀଙ୍କ ଧାନ କଳାପାଣି ମଣ୍ଡିରେ ବିକ୍ରି ନ ହୋଇ ପଡ଼ି ରହିଛି ।

**ବରାହଗୋଡା ପାଇନାହାନ୍ତି ଚାଷୀ ପରିଚୟପତ୍ର**



"ମୋର ୮ଏକର ଜମିଅଛି। ଧାନ ଅମଳ ମଧ୍ୟ ସରିଛି। ବିକ୍ରିପାଇଁ ଅମଳ ଧାନ କଳାପାଣି ମଣ୍ଡିକୁ ଆଣିଛି। ଜଳକର, ମାଲଗୁଜାରୀ ସବୁ ପଇଠ କରି ସାରିଛି। କିନ୍ତୁ ଏପର୍ଯ୍ୟନ୍ତ ମୋତେ ପରିଚୟ ପତ୍ର ମିଳିପାରିନାହିଁ। ପରିଚୟ ପତ୍ର ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ନିରାଶରେ ଫେରିବାକୁ ପଡୁଛି ଏବଂ ମଣ୍ଡିକୁ ଧାନ ଆଣିଥିଲେ ମଧ୍ୟ ତାହା ବିକ୍ରି ହୋଇ ପାରୁନାହିଁ ।
**-ସୁଶୀଲ କୁମାର ସାହୁ, ଚାଷୀ**



"ମୋର ୩ଏକର ଜମି ରହିଛି । ଗତ ମଙ୍ଗଳବାର ପ୍ରାୟ ଦେଢ଼ଶହ ପ୍ୟାକେଟ୍ ଧାନ କଳାପାଣି ମଣ୍ଡିକୁ ଆଣିଛି । କିନ୍ତୁ ଏପର୍ଯ୍ୟନ୍ତ ଯୋଗୁ ଗୋଟିଏ ପ୍ୟାକେଟ୍ ମଧ୍ୟ ଧାନ ବିକ୍ରି କରି ପାରି ନାହିଁ । ମେଜର ବନ୍ଦୋବସ୍ତ ଅନୁସାରେ ଜଳକର, ମାଲଗୁଜାରୀ ପଇଠ କରି ସାରିଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଚାଷୀ ପରିଚୟ ପତ୍ର ମିଳି ନ ଥିବା ଯୋଗୁ ଏଭଳି ସମସ୍ୟା ଉପୁଜିଛି ।
**-ତରଣୀ ସାହୁ, ଚାଷୀ**



"ବରାହଗୋଡ଼ା ଗ୍ରାମର ଚାଷୀଙ୍କ ଜମି ରେକର୍ଡ଼ ଚକବନ୍ଦୀ ବନ୍ଦୋବସ୍ତ (ଚକ)ରେ ହୋଇଛି । କିନ୍ତୁ ଚାଷୀମାନେ ମେଜର ବନ୍ଦୋବସ୍ତ ହିସାବରେ ଜଳକର, ମାଲଗୁଜାରୀ ପଇଠ କରୁଛନ୍ତି। ଭୂଲେଖରେ ମେଜର ବନ୍ଦୋବସ୍ତ ଆଟେଚଡ୍ ନାହିଁ । ଫଳରେ ସେଭଳି ସମସ୍ୟା ଦେଖାଯାଇଛି ଏବଂ ଚାଷୀମାନେ ଯେଭଳି ସୁରୁଖୁରୁରେ ଧାନ ବିକିପାରିବେ, ସେ ଦିଗରେ ପଦକ୍ଷେପ ନିଆଯାଉଛି ।
**-ଦିବାକର ଭୋଇ, ଏଆରସିଏସ୍**

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୨।୧୧**

ଧାନ ବିକ୍ରି ପାଇଁ ବରଗଡ଼ ଜିଲାରେ ଚାଷୀ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ଚାଷଜମି ବାବଦକୁ ଜଳକର, ମାଲଗୁଜାରୀ ଦେଲେ ଯାଇ ପରିଚୟପତ୍ର ନବୀକରଣ ହେଉଛି । ଧାନ ବିକ୍ରିରେ ଚାଷୀ ପରିଚୟ ପତ୍ରକୁ କଡ଼ାକଡ଼ି କରାଯାଇଛି । କିନ୍ତୁ ଏଥିରେ ଜାଲିଆତି ମଧ୍ୟ ବାଦ୍ ପଡ଼ିନାହିଁ । ଖୋଦ୍ କେତେକ ବିଭାଗୀୟ ଅଧିକାରୀ, କର୍ମଚାରୀ ଚଞ୍ଚକତା କରି ଗ୍ରାମ୍ୟ ଜଙ୍ଗଲ, କେନାଲ ଭଳି ସରକାରୀ ଜମି ଦର୍ଶାଇ ଚାଷୀ ପରିଚୟ ପତ୍ର ପ୍ରସ୍ତୁତ କରିବା ଘଟଣା ପଦାକୁ ଆସିଛି । ଅନ୍ୟପଟେ ପ୍ରକୃତ ଜମି ମାଲିକଙ୍କୁ ଚାଷୀ ପରିଚୟ ପତ୍ର ମିଳୁନି । ଆଉ ଏଥିପାଇଁ ଅମଳ ଧାନ ବିକି ନ ପାରି ଚାଷୀଙ୍କୁ ନିରାଶ ହେବାକୁ ପଡୁଛି। ବରଗଡ଼ ଜିଲା ସଦର ମହକୁମାଠାରୁ ମାତ୍ର ୫କି.ମି ଦୂରରେ ରହିଥିବା ବରାହଗୋଡ଼ା ଗ୍ରାମର ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜିଛି ।

ଧାନ ସଂଗ୍ରହ ପ୍ରକ୍ରିୟାର ୨ସପ୍ତାହ ବିତିଯାଇଛି । କିନ୍ତୁ କଳାପାଣି ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନ ଏହି ଗ୍ରାମର ଜଣେ ହେଲେ ଚାଷୀଙ୍କୁ ପରିଚୟ ପତ୍ର ମିଳି ନାହିଁ । ଅପରପକ୍ଷେ ଗ୍ରାମର ଚାଷୀମାନେ ବିକ୍ରି ଆଶା ନେଇ ଅମଳ ଧାନକୁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପାଣି ମାର୍କେଟ ୟାର୍ଡ଼କୁ ଆଣି ଗଦା କରିଛନ୍ତି। ଏହି ଧାନକୁ ତୋରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଜରିଆରେ ଯୋଗାଣ ନିଗମ କିଣିବା କଥା । ହେଲେ ଚାଷୀ ପରିଚୟପତ୍ର ଏବଂ ପି-ପାସ୍ ଚୂଡ଼ାନ୍ତ ହୋଇ ନ ଥିବା ଦର୍ଶାଇ ସମ୍ପୃକ୍ତ ପ୍ୟାକ୍ସ ଉକ୍ତ ଗ୍ରାମର ଜଣେ ହେଲେ ଚାଷୀଙ୍କ ବସ୍ତାଟିଏ ମଧ୍ୟ ଧାନ କିଣିନାହିଁ । ଗୋଟିଏ ପଟେ ଚଞ୍ଚକତା କରି ସରକାରୀ ଜମି ଦର୍ଶାଇ ଜାଲ୍ ପରିଚୟ ପତ୍ର ହୋଇପାରୁଛି । ଅନ୍ୟପଟେ ମେଜର, ଚକବନ୍ଦୀ ବନ୍ଦୋବସ୍ତ ତାରତମ୍ୟ ଆଳରେ ପ୍ରକୃତ ଚାଷୀଙ୍କୁ ଏପର୍ଯ୍ୟନ୍ତ ପରିଚୟ ପତ୍ର ପ୍ରଦାନ କରା ନ ଯାଇ ମଣ୍ଡିରେ ସରକାରୀ ସହାୟକ ମୂଲ୍ୟରେ ଧାନବିକ୍ରିରୁ ବଞ୍ଚିତ କରାଯାଉଛି । ଏହା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

## ମଧୁବାବୁ ଭତ୍ତା ବଣ୍ଟନ ସମାରୋହ

**ବିଜେପୁର, ୨୨।୧୧ (ଡି.ଏନ.ଏ)**

ବିଜେପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଏବଂ ଅବିବାହିତା କୁମାରୀ କନ୍ୟାମାନଙ୍କୁ ଦୁଇ ମାସର ୬ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୩ ପଞ୍ଚାୟତ ଓ ବିଜେପୁର ଏନଏସିର ୯ଶହ ଜଣ ହିତାଧିକାରୀ ନୂତନ ଭତ୍ତା ପାଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ୫ଶହ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯିବାକୁ ଯୋଜନା ରହିଥିବା ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି । ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବିଧାୟିକା ରୀତା ସାହୁ, ଏମ୍‌ପି ପ୍ରଭାସ କୁମାର ସିଂ, ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ । ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଏସ୍‌ଇଓ ପାଣ୍ଡବ ନନ୍ଦ ସମାରୋହକୁ ସଂଯୋଜନା କରିଥିଲେ । ପିଇଓ, ଜିଆରଏସ, ସରପଞ୍ଚ ଭତ୍ତା ବଣ୍ଟନରେ ସହଯୋଗ କରିଥିଲେ।

## ୧୯୩ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ମନ୍ତ୍ରୀ ସୁଶାନ୍ତ ସିଂ ଜଣେ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟୁଛନ୍ତି ।

**ସୋହେଲା,୨୨।୧୧(ଡି.ଏନ.ଏ.)**

ସୋହେଲା ବ୍ଲକ ଅଫିସ୍‌ରେ ଗୁରୁବାର ୧୯ଟି ପଞ୍ଚାୟତର ୧୯୩ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା । ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୯ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୨୩ଜଣଙ୍କୁ ଅବିବାହିତା ଭତ୍ତା, ୧୯ଜଣଙ୍କୁ ବିଧବା ଭତ୍ତା ଓ ୧୪୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ । ବିଡିଓ ଅଶୋକ କୁମାର ଗଡତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା ଓ ଦୟାନିଧି ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପ୍ରଧାନ, ମାର୍କଣ୍ଡ ସା, ଚୌବର୍ଗ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରସାଗର ସାହୁ, ଅନିଲ କୁମାର ପାଢ଼ି ତଥା ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଲିଦନା ଦେଉଛେ ପେଟ୍‌କେ ଦାନା

**ଅତାବିରା, ୨୨।୧୧ (ଡି.ଏନ.ଏ)**

ନିଜର କୁଟୁମ୍ବର ପେଟ୍‌କେ ଦାନା ଯୁଗାବାର ସଂଗେ ପିଲାଛୁଆକୁ ଦୁଇଅଖର ପାଠ୍ ପଢ଼େଇ ଭଲ୍ ମୁନୁଷ୍ କରବାର ସମ୍‌କିରି ଇଛା। ସେନ୍‌ତା ଗୋଡ଼ଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥ ତରେ ଥିବାର ଗାଁମାନ୍‌କେ ଯାଇ ଖଲିଦନା ବିକୁଥିଲା ବେଲ ବରଗଡ ଜିଲା ଭେଡ଼େନ ବ୍ଲକ୍ ମାନପୁର ପଁଚେତ୍‌ର ମାନପୁର ଗାଁର ଦୁଃଖିଶ୍ୟାମ ମହାନନ୍ଦକୁ ଭେଟିଥିଲେ ଆମର ଅତାବିରା ଧରିତ୍ରୀ ପର୍ତିନିଧି। ସେ ୧୯ ବଛର ହେଲା ଖଲିଦନା ବିକି ନିଜର ପରିବାର ଚଲଉଛନ୍। ସେ ପହେଲା ସାଇକେଲରେ ଗାଁ ଗାଁ ବୁଲି ଖଲିଦନା ବିକୁଥିଲେ। ସେଥିରେ ତାକର ପରିବାରର ଚଲବାର ସଂଗେ ପିଲାଛୁଆକର ପାଠ୍‌ପଢ଼ା ବି ହେଉଥିଲା। ହେଲେ ବେପାର ବଢ଼ାବାର ଲାହାଁସେ ସେ ଦିନୁଦିନ୍‌କେ ପେଟ୍‌କାଟି ଦୁଇପଏସା ସଁଚି ଗୁଟେ ଲୁନା ଘିନ୍‌ଲେ। ତାକର ଜମିବାଡ଼ି ବଲି କଛି ନାଇଁ, ମୂଲ୍‌ଦିନୁ ସୁଖ୍‌ବାସୀ ଆନ୍। ପରିବାର କହେଲେ ଘରେ ମାଏକିନା କେତକୀ, ଦୁଇ ପୁଓ ରୋହିତ ଆର୍ ରାଜୀବଙ୍କୁ ନେଇ ତାକର ସୁଖର ସଁସାର। ଇ ଖଲିଦନା ବେପାର କରି ଦୁଇ ପୁଓକୁ ସେ ଯୁକ୍ତ ଦୁଇ ତକ୍ ପଢ଼େଇ ଥିବାର କହିଥିଲେ। ତା'ପରେ ଟଁକା ପଏସା ଅଭାବୁ ପୁଓମାନକର ପାଠ୍‌ପଢ଼ାରେ ଗଏଁଠ୍ ପଡ଼ିଥିଲା। ହେଲେ ସେ ହାର ନାଇଁମାନି। ଏହେଦେ ବି ଫିଦିନ ସଖାଲୁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା, ମେଟାକାନି ଅଂଚଲକେ ଯାଇ ପାଖାପାଖି ୧୫ଶହ ଟଁକାର ଖଲିଦନା ଆନୁଛନ୍। ସେଟାକେ ବରଗଡ, ଭେଡ଼େନ, ଅତାବିରା ବ୍ଲକ୍‌ର ଭିନେ ଭିନେ ଗାଁକେ ଯାଇ ବିକୁଛନ୍। ସେ ଦନାମାଲ୍‌କ ୮ରୁ ୧୦ ଟଁକା, ଖଲି ପେଁଡ଼ା ୧୦ ଟଁକାରେ ଆନୁଛନ୍ ଆର୍ ସିଜିନ୍ ଅନ୍‌ସାରେ ଦନା ମାଲ୍‌କ ୧୫ ଟଁକା, ଖଲି ପେଁଡ଼ାକ ୨୦ରୁ ୨୫ଟଁକାରେ ବିକୁଛନ୍। ଲୁନାରେ ପେଟ୍ରୋଲ ଭରି ଗାଁ ଗାଁ ବୁଲି ଖଲିଦନା ବିକ୍‌ଲେ ବି ଦିନ୍‌କ ୫ଶହରୁ ୬ଶହ ଟଁକା କାହିଁ ନାଇଁଯାଏ ବଲି ସେ କହିଥିଲେ। ସେଥିରେ ପରିବାରର ଖାଏବାର ପିଇବାରନୁ ମୂଲ୍‌କରି ପିଁଧିନାପଟା, ଛୁଆକର ପାଠ୍‌ପଢ଼ା ଖରଚ୍ ତୁଲେଇ ଆସୁଛନ୍। କରମ୍‌କୁଡ଼ିଆ ହେଇ ଘରେ ନାଇଁବସିକରି ନିଜର ବାହା ଜାଂଗଲ ମାଜ୍‌ଲେ ସବୁ ସମ୍ଭବ୍ ବଲି ବି ସେ କହିଥିଲେ।



ଦୁଃଖୀଶ୍ୟାମ ଲୁନାରେ ଖଲିଦନା ବିକିଯାଉଛନ୍ ।

### ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉତ୍ସବ

**ବରପାଲି, ୨୨।୧୧ (ଡି.ଏନ.ଏ)**

ବରପାଲି ବ୍ଲକ ଅନ୍ତର୍ଗତ ବାରଙ୍ଗପାଲିରେ ଅଲେଖ ମହିଳାଙ୍କ ୧୨୪ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଅବଧୂତ ଉଦ୍ଧବ ଚରଣ ବାବାଙ୍କ କରକମଳରେ ଶୁଭାରମ୍ଭ ହୋଇଛି । ଏହି ଅବସରରେ ଗୁରୁବାର ୧୦୮ ଦୀପ ପ୍ରଜ୍ୱଳନ ସହ ପ୍ରବଚନ ହୋଇଥିଲା । ଏହାସହିତ ବିଶ୍ୱର ମଙ୍ଗଳ ପାଇଁ ଅଖଣ୍ଡ ବ୍ରହ୍ମଧ୍ୱନି, ବତୀ, ଘୃତାହୁତି ଓ ମହିଳା ବାଲ୍ୟଲୀଳା ଆଦି ହୋଇଥିଲା । ଏହି ଯଜ୍ଞରେ ଯୋରନ୍ଦା ଆଶ୍ରମର ବିରେନ୍ଦ୍ର ବାବା, ଚିତ୍ତରଞ୍ଜନ, ଅମୃତ ଉଦ୍ଧବ ଚରଣ, କୁଳଧର, ବରୁଣ ଓ ସାଧୁ ଶ୍ୟାମ ଦାସ ପ୍ରମୁଖ ଯଜ୍ଞକର୍ତ୍ତା ଭାବେ ଯୋଗ ଦେଇଥିଲେ । କାହ୍ନା ତ୍ୟାଗୀ, କୈଳାଶ ବ୍ରହ୍ମଚାରୀ, ବିନୋଦ ବ୍ରହ୍ମଚାରୀ ଓ ମାତା ପୁଷ୍ପା ସାହୁ ପ୍ରମୁଖ ପ୍ରବଚକ ଭାବେ ଯୋଗ ଦେଇଥିବା ବେଳେ ସାଧୁ ଶ୍ୟାମ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା

**ବରପାଲି, ୨୨।୧୧ (ଡି.ଏନ.ଏ)**

ବରପାଲି ସହରର ବହଲମୁଣ୍ଡା ସ୍ଥିତ ଗଣପତି କ୍ଲବ ପାଠାଗାର ଆନୁକୂଲ୍ୟରେ ଗୁରୁବାର ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ବୁଧବାର ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିରେ ବନ୍ତରାମ ସେଠ ଓ ତାଙ୍କ ସ୍ତ୍ରୀ ଶିବରାତ୍ରି ସେଠ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି ଉତ୍ସବରେ ବିଧାୟିକା ରୀତା ସାହୁ ଓ ଏନଏସସି ଅଧ୍ୟକ୍ଷା ମୀନା ସେଠ ନୂତନ ଗଣପତି କ୍ଲବର ଶୁଭ ଉଦଘାଟନ କରିଥିଲେ ।

## ସାମ୍ପ୍ରଦାୟିକ ସଦ୍‌ଭାବନା ସପ୍ତାହରେ ଶୋଭାଯାତ୍ରା

**ପାଇକମାଳ,୨୨।୧୧(ଡି.ଏନ.ଏ)**

ପାଇକମାଳସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟଠାରେ ସାମ୍ପ୍ରଦାୟିକ ସଦ୍‌ଭାବନା ସପ୍ତାହ ପାଳିତ ହୋଇଛି । ଏହିଅବସରରେ ଗୁରୁବାର ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମୋହନ ସୁନ୍ଦର ବେହେରା, ଶିକ୍ଷକ ମଳୟ କୁମାର ବିଶ୍ୱାଳ, ରଶ୍ମିରଜନ ପଟ୍ଟନାୟକ, ରାଜେନ୍ଦ୍ର ଠାକୁର, ଇଶ୍ୱର ଚନ୍ଦ୍ର ଲେଙ୍କା, ଗୀତାଞ୍ଜଳି ପଟେଲ, ବିଭୂତି ପୃଷ୍ଟି, ଝରଣା ସାହୁ, ସୁଷମା ଲେକ୍ରାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନେ ୪୧୪୦ ଟଙ୍କା ସଂଗ୍ରହ କରି ଭାରତ ସରକାରଙ୍କ ପାଣ୍ଠିକୁ ଦେଇଥିଲେ । ଏହି କାର୍ଯ୍ୟକ୍ରମ ସାତଦିନ ଧରି ଚାଲିବ ବୋଲ ଭାରପ୍ରାପ୍ତ ଅଧ୍ୟକ୍ଷ ବେହେରା କହିଛନ୍ତି ।



ନବୋଦୟ ଛାତ୍ରୀଛାତ୍ରମାନେ ସାମ୍ପ୍ରଦାୟିକ ସଦ୍‌ଭାବନା ଶୋଭାଯାତ୍ରାରେ ବାହାରିଛନ୍ତି ।

## କର୍ମଚାରୀଙ୍କ ଦରମା ବନ୍ଦ କରି ଅଡୁଆରେ ବିଇଓ

**ବରଗଡ଼ ଅଫିସ୍,୨୨।୧୧**

ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ୍‌ରେ କାର୍ଯ୍ୟରତ ୪ଜଣ କର୍ମଚାରୀ କନିଷ୍ଠ କିରାଣୀ ଦେବାର୍ଚ୍ଚନ ମଲ୍ଲିକ, ନିରାକାର ସାହୁ, ଫାଲଗୁନୀ ପଣ୍ଡା, ପିଅନ ଉପେନ୍ଦ୍ର ତାଣ୍ଡିଙ୍କ ଦରମାକୁ ବିଇଓ ସୁଧାଂଶୁ ଶେଖର ମିଶ୍ର ବନ୍ଦ କରିଛନ୍ତି। ଅନ୍ୟପଟେ ସେ ନେଇ ରିପୋର୍ଟ ଦେବା ପାଇଁ ବିଇଓ ମିଶ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଆସିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି ।

ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ୍‌ରେ କାର୍ଯ୍ୟରତ ଏହି କର୍ମଚାରୀଙ୍କ ଗତ ଅକ୍ଟୋବର ମାସର ଦରମାକୁ ବନ୍ଦ କରି ଦିଆଯାଇଛି । ଅପରପଟେ ଗତ ଦିପାବଳୀ ପୂର୍ବରୁ ଅଫିସ୍‌ର ଅନ୍ୟ କର୍ମଚାରୀଙ୍କ ଦରମା ରିଲିଜ ପାଇଁ ବିଇଓ ଦସ୍ତଖତ କରି ଟ୍ରେଜେରୀକୁ ପଠାଇଥିଲେ । ତେବେ ଅଫିସ ଅର୍ଡ଼ର କିମ୍ବା କାରଣ ଦର୍ଶାଅ ନୋଟିସ ଜାରି ନ କରି ବିଇଓ ଦରମା ବନ୍ଦ କରିବା ଆଦୌ ସମୀଚୀନ ନୁହେଁ ବୋଲି ଉପରୋକ୍ତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ଦରମା ବନ୍ଦ ହୋଇଥିବାରୁ ସେମାନଙ୍କ ପିଲାଛୁଆଙ୍କ ପାଠପଢ଼ାଠାରୁ ଆରମ୍ଭ କରି ପରିବାର ଭରଣପୋଷଣ କଷ୍ଟସାଧ୍ୟ ହୋଇ ପଡ଼ିଛି । ଏ ନେଇ ବୁଧବାର ଉକ୍ତ କର୍ମଚାରୀମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଫେରାଦ ହୋଇଥିଲେ। ଏହାପରେ ଜିଲାପାଳ ତ୍ରିପାଠୀ ସେ ନେଇ ବିହିତ ପଦକ୍ଷେପ ନେବା ପାଇଁ ଡିଇଓ ଯୋଶୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପାଇ ଡିଇଓ ଯୋଶୀ ତାଙ୍କ ଅଫିସ୍‌ର ପତ୍ରସଂଖ୍ୟା-୧୨୬୯୧ ତା-୨୨।୧୧।୨୦୧୮ କ୍ରମେ ଗୁରୁବାର ବିଇଓଙ୍କୁ ରିପୋର୍ଟ ମାଗିଛନ୍ତି ।

## କ୍ରିକେଟ: ବରତୁଣ୍ଡା ଏ ଚାମ୍ପିୟନ

**ପାଇକମାଳ,୨୨।୧୧(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ବିଜୁ ବାହିନୀ ଆନୁକୂଲ୍ୟରେ ବରତୁଣ୍ଡା ଗ୍ରାମପଞ୍ଚାୟତ ସ୍ତରୀୟ ଏକ କ୍ରିକେଟ ଟୁର୍ନାମେଣ୍ଟ ହାଇସ୍କୁଲ ଖେଳ ପଡିଆରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପଞ୍ଚାୟତର ୪ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳ ବରତୁଣ୍ଡା ଏ ଓ ବରତୁଣ୍ଡା ବି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରତୁଣ୍ଡା ଏ ଦଳ ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ ମୁଖ୍ୟଅତିଥି, ରକ୍ଷଣ ଧରୁଆ, ଗୁରୁବାରୁ ପଟ୍ଟନାୟକ, ବିଭୀଷଣ ଦିୱାନ, ଗୋଲାପ ବିନ୍ଧ ପ୍ରମୁଖ ସମ୍ମାନିତ ଅତିଥି ଭାବେ ପ୍ରମୁଖ ଯୋଗ ଦେଇଥିଲେ। ସହଦେବ ଦାଉ, ଅଜୟ ବେରୁଆ ଖେଳ ପରିଚାଳନା କରିଥିବା ବେଳେ ଉମାକାନ୍ତ ବାଗ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ବଳଦେବ ଦାଉ, ଦୀପକ ଆଚାର୍ଯ୍ୟ, ବେଣୁଧର ସାହୁ, ପ୍ରଶାନ୍ତ ବାଗ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସତ୍ୟ ହେର୍ଣ୍ଣା ଧନ୍ୟବାଦ ଅର୍ପଣ କରିଥିଲେ ।




ବରତୁଣ୍ଡା ଗ୍ରାମପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ମଞ୍ଚାସୀନ ଅତିଥିବୃନ୍ଦ ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



# ପୁରୁଷମାନେ ପରିବାର ନିୟୋଜନରେ ଦାୟିତ୍ୱ ତୁଲାଇବା ଉଚିତ

**ସୋନପୁର,୨୨।୧୧(ନି.ପ୍ର.)**

- ପୁରୁଷ ପରିବାର ନିୟୋଜନ ଏକ ସରଳ ଓ ସହଜ ପଦ୍ଧତି
- ୨୧ ନଭେମ୍ବରରୁ ସଚେତନତା ସୃଷ୍ଟି କରାଯିବ

ଜିଲା ସ୍ୱାସ୍ଥ୍ୟ ସମିତି ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଟାଉନ ହଲଠାରେ ପୁରୁଷ ପରିବାର ନିୟୋଜନ ପକ୍ଷ ଅବସରରେ ଏକ ସଚେତନତା କାର୍ଯ୍ୟକ୍ଷମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରୁଷମାନେ ସଚେତନ ହୋଇ ପରିବାର ନିୟୋଜନରେ ନିଜ ଦାୟିତ୍ୱ ତୁଲାଇବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଏଡିପିଏଚଓ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଡିଏମଓ(ଏମଏସ) ଡାକ୍ତର ପ୍ରଦୀପ କୁମାର ଗୁରୁ, ଡିପିଏଚଓ ଡାକ୍ତର ଭି.ବସନ୍ତ ଭଞ୍ଜ, ଏଡିପିଏଚଓ(ଭିବିଡି) ଡାକ୍ତର ନବ କିଶୋର ବେହେରା, ଏପିଡେମିଓଲୋଜିଷ୍ଟ ଡାକ୍ତର ବଟକୃଷ୍ଣ ସେଠୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ପରିଚାଳିକା ମୌସୁମୀ ମିଶ୍ର, ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଓ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାୟୀ ପରିବାର ନିୟୋଜନ ପଦ୍ଧତିଗୁଡିକ ମଧ୍ୟରେ ପୁରୁଷ ପରିବାର ନିୟୋଜନ ଏକ ସରଳ ଓ ସହଜ ପଦ୍ଧତି ହୋଇଥିବାରୁ ଏକ ସୁଖୀ ଓ ସମୃଦ୍ଧ ପରିବାର ଗଠନ ଦିଗରେ ନିଜର ଦାୟିତ୍ୱ ନିର୍ବାହ ପୂର୍ବକ ପୁରୁଷମାନେ ଏନଏସଭି ପାଇଁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ୨୧ନଭେମ୍ବରରୁ ୪ ଡିସେମ୍ବର ପର୍ଯ୍ୟନ୍ତ ଏହି ପକ୍ଷ ଚାଲିବା ସହ ସଚେତନ ସୃଷ୍ଟି ପାଇଁ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଅବସରରେ ଜିଲା ସମନ୍ୱିତ ବ୍ୟବହାର ପରିବର୍ତ୍ତନ ଯୋଗାଯୋଗ ପ୍ରକୋଷ୍ଠ ତରଫରୁ ପୁରୁଷଙ୍କ ପରିବାର ନିୟୋଜନ ପଦ୍ଧତି ଆପଣାଇ ଥିବା ଚାରିଜଣ ସନ୍ତୁଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରମହାରାଜପୁରର ପଟେଲ ମହନ୍ତ, ତରଭାର ପ୍ରଫୁଲ୍ଲ ପଧାନ, ଡୁଙ୍ଗୁରିପାଲିର ସୁଦାମ ପଧାନ, ସୋନପୁର ବ୍ଲକର ଅର୍ଜୁନ କୁଶଳଙ୍କୁ ମୁଖ୍ୟ ଅତିଥି ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ। କ୍ଷୀରୋଦ ବିହାରୀ ବିଶ୍ୱାଳ ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ। ଏହି ଅବସରରେ ଏକ ଦସ୍ତଖତ ଅଭିଯାନର ଆୟୋଜନ ହେବା ସହ ମୁଖ୍ୟ ଅତିଥି ପତାକା ଦେଖାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସଚେତନତା ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ କର୍ମଚାରୀ, ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀମାନେ ଯୋଗଦାନ କରିଥିବା ବେଳେ ପ୍ରମୋଦ ସାହୁ, ଦେବେନ୍ଦ୍ର ନାୟକ, ସୁବାସ ମିସ୍ତ୍ରୀ, ତାରିଣୀ ପାତ୍ର ଓ ବଳରାମ ଭିତିରିଆ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ପୁରୁଷଙ୍କ ପରିବାର ନିୟୋଜନ ପଦ୍ଧତି ଆପଣାଇ ଥିବା ଜଣେ ସନ୍ତୁଷ୍ଟ ବ୍ୟକ୍ତିଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି ।

## ଡିସେମ୍ବର୧୫ରୁ ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

**ବୀରମହାରାଜପୁର,୨୨।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁରଜିଲ । ବୀରମହାରାଜପୁର ସ୍ଥିତ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଡିସେମ୍ବର ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବ। ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଚୂଡାନ୍ତ ହୋଇଥିବା ବେଳେ ଆନୁସଙ୍ଗିକ ପ୍ରସ୍ତୁତି ନେଇ କ୍ଲବର ଏକ ବୈଠକ ଷ୍ଟାଡିୟମ ପରିସରରେ ଥିବା ମାଲେଶ୍ରୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ସ୍ପୋର୍ଟିଂ କ୍ଲବ ସଭାପତି ପର୍ଶୁରାମ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ସତ୍ୟନାରାୟଣ ମହାକୁର ବିବରଣୀ ପ୍ରଦାନ ସହ କାର୍ଯ୍ୟଖସଡ଼ା ଉପସ୍ଥାପନ କରିଥିଲେ। ରାଜ୍ୟସ୍ତରରେ ଖ୍ୟାତି ସମ୍ପନ୍ନ ଲାଭ କରିଥିବା ଫୁଟବଲ ଦଳ ଟୁର୍ନାମେଣ୍ଟରେ ଗ୍ରହଣ କରିବାକୁ ସୁଯୋଗ ଦିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଭତ୍ତା ଆଣିବାକୁ ଯାଇ ବୃଦ୍ଧା ନିଖୋଜ

**ବୀରମହାରାଜପୁର, ୨୨।୧୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧିନ ବାଘରତଇଲା ଗ୍ରାମର ଚମ୍ପେଶ୍ୱରୀ ପଲତା ନାମ୍ନୀ ବିଧବା ମହିଳା ଭତ୍ତା ଆଣିବାକୁ ଯାଇ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ମିଳିଥିବା ସୂଚନା ଅନୁଯାଇ କେଞ୍ଜିରିଆପାଲି ପଞ୍ଚାୟତ ଅନ୍ତର୍ଗତ ବାଘରତଇଲା ଗ୍ରାମର ୮୩ ବର୍ଷିଆ ବୃଦ୍ଧା ଗତ ୧୫ ତାରିଖ ଗାଁର ଅନ୍ୟ କେତେଜଣ ହିତାଧିକାରୀଙ୍କ ସହିତ ୩ କିଲୋମିଟର ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ଆଣିବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବର ଲୋକେ ଖୋଜାଖୋଜି ଆରମ୍ଭ କରିଦେଥିଲେ। ଏହାରି ଭିତରେ ପାଂଚଦିନ ବିତିଯାଇଥିଲେ ମଧ ଚମ୍ପେଶ୍ୱରୀ ଙ୍କ ପତ୍ତା ନ ମିଳିବାରୁ ତାଙ୍କ ପୁଅ ବିଶ୍ୱାମିତ୍ର ପଲତା ମଙ୍ଗଳବାର ସଂଧାରେ ବୀରମହାରାଜପୁର ଥାନାକୁ ଆସି ଲିଖିତ ରିପୋର୍ଟ ଦାଖଲ କରିଥିବା ଜଣାଯାଇଛି।

### ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର ପ୍ରଦାନ

**ତରଭା, ୨୨।୧୧(ଡି.ଏନ.ଏ.):** ବିଭିନ୍ନ ଦାବିନେଇ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ ଆସୋସିଏଶନ ଆସନ୍ତା ୨୬ତାରିଖରେ ଭୁବନେଶ୍ୱରଠାରେ ବିଧାନସଭା ଘେରାଉ କରିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ତରଭା ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ସାମୂହିକ ଛୁଟି ନେବା ପାଇଁ ସିଡିପିଓ ସବିତା ଦୋରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଆଶୋସିଏଶନ ସଭାପତି ନିରୂପମା ବାଘ, ନମିତା ମଞ୍ଜରୀ ଶତପଥୀ, ପଦ୍ମାବତୀ ଅଧିକାରୀ, ଆରତୀ ମେହେର, କଲ୍ୟାଣୀ ପାତ୍ର, ମୀନା ମେହେର, କସ୍ତୁରୀ ବଡ଼େଇଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ ସାମିଲ ଥିଲେ ।

### ଜାତୀୟ ପୁସ୍ତକାଳୟ ସପ୍ତାହ ପାଳିତ

**ସୋନପୁର,୨୨।୧୧(ନି.ପ୍ର.):** କେନ୍ଦ୍ରୀୟ ବିଦ୍ୟାଳୟ ସୋନପୁରଠାରେ ଜାତୀୟ ପୁସ୍ତକାଳୟ ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଶମ୍ଭୁପ୍ରସାଦ କଣ୍ଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଶ୍ରୀଧର ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜର ଲେଖକୀୟ ଅନୁଭୂତିକୁ ଛାତ୍ରୀଛାତ୍ରଙ୍କ ମଧରେ ଭାବ ବିନିମୟ କରିଥିଲେ। ଛାତ୍ରୀ ଅଭିପ୍ସା ପଣ୍ଡା, ସ୍ୱସ୍ତିକା ମହାପାତ୍ର, ମୀନାକ୍ଷିରାଣୀ ସାହୁ, ଛାତ୍ର ଆଶୀର୍ବାଦ ରଥ ଓ ଆକାଶ ମହାକୁଡ ପ୍ରମୁଖଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖି ସେମାନଙ୍କୁ ଉତ୍ସାହିତ କରିଥିଲେ।

### ବିନିକା ମାର୍କେଟ ୟାର୍ଡ଼ରେ ଧାନ କିଣା ଆରମ୍ଭ

**ସଂଘିଯୁବା,୨୨।୧୧(ଡି.ଏନ୍.ଏ.):** ବିନିକା ମାର୍କେଟ ୟାର୍ଡ଼ରେ ଗୁରୁବାର ଧାନ କିଣା ଆରମ୍ଭ ହୋଇଛି। ପ୍ୟାକ୍ସ ସଭାପତି ସନ୍ତୋଷ ପଣ୍ଡା ଏହାର ଶୁଭାରମ୍ଭ କରିଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ୧୨ଜଣ ଚାଷୀଙ୍କ ନିକଟରୁ ମୋଟ ୬୩୮ କୁଇଣ୍ଟାଲ ୩୩ କେଜି ଧାନ କ୍ରୟ କରିଥିବା ସୂଚନା ଦେଇଛନ୍ତି। ଚାଷୀନେତା ସରଜନ ପଣ୍ଡା, ସିଇଓ ଅକ୍ଷୟ କୁମାର ମେହେର, ମନୋଜ ମିଶ୍ର, ଭିମସେନ ସାହୁ, ଶରତ ତ୍ରିପାଠୀ, ଅଶୋକ ପାଣ୍ଡେଙ୍କ ସହ ପ୍ୟାକ୍ସ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଝିଲି ବାଗଙ୍କୁ ମିଳିଲା ବାଜି ରାଉତ ସ୍ମାରକୀ ସମ୍ମାନ




ଝିଲିଙ୍କୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସମ୍ମାନିତ କରୁଛନ୍ତି ।

**ସୋନପୁର,୨୨।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ବଡଭଇଁରୋ ପଞ୍ଚାୟତ କେନ୍ଦୁମୁଣ୍ଡା ଗାଁର ସାହାସୀ ବାଳିକା ଝିଲି ବାଗ(୯)ଙ୍କୁ ବାଜି ରାଉତ ସ୍ମାରକୀ ସମ୍ମାନ ମିଳିଛି। ସାହସିକତା ପାଇଁ ପିକକ୍ ପରିବାର ଭୁବନେଶ୍ୱର ଦ୍ୱାରା ଏକାମ୍ର ହାଟ ଭୁବନେଶ୍ୱରଠାରେ ଆୟୋଜିତ ଶିଶୁ ଅଧିକାର ସପ୍ତାହ ଓ ୨୯ ତମ ଶିଶୁ ମେଳା ଅବସରରେ ଝିଲିଙ୍କୁ ସମ୍ମାନିତ କରାଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଝିଲିଙ୍କୁ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ଝିଲି ନିଜର ଉପସ୍ଥିତି ବୁଦ୍ଧି ଓ ସାହାସ ଯୋଗୁ ୨୫ ଫୁଟ୍ ଗଭୀର କୂଅକୁ ଡେଇଁ ତାଙ୍କ ୩ ବର୍ଷର ଭଉଣୀର ଜୀବନ ରକ୍ଷା କରିଥିଲେ । ଏହି କୂଅରେ ୩ ଫୁଟ ପାଣି ଥିଲା । ଝିଲିଙ୍କୁ ସାହାସିକତା ପୁରସ୍କାର ପ୍ରଦାନ ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପୂର୍ବରୁ ସରକାରଙ୍କୁ ସୁପାରିଶ କରିଛି।

## ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ସୋନପୁର,୨୨।୧୧(ନି.ପ୍ର.)**

ସୋନପୁର ପ୍ୟାଲେସ ଗାର୍ଡେନସ୍ଥିତ ପ୍ରଜ୍ଞା ଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟର ୮ମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ କ୍ରୀଡାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ଏହି ବିଦ୍ୟାଳୟ ଜିଲାସ୍ତରୀୟ ଖେଳକୁଦରେ ଭାଗନେଇ ସଫଳତା ପାଉଛି ବୋଲି କହିଥିଲେ। ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ବିଧାନ ଚନ୍ଦ୍ର ଗୁରୁ ଓ ମମତା ମେହେର, କନିଷ୍ଠ ବିଭାଗରେ ସୌମ୍ୟଶିକ୍ଷ ପାଣିଗ୍ରାହୀ ଓ କରିଷ୍ମା ସା ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ପୂଜାହାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ପ୍ରସାଦ ନାୟକ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କ୍ରୀଡା ଶିକ୍ଷକ କଲିମ ମହମ୍ମଦ, ବିଶ୍ୱମ୍ଭର ପଧାନ ଓ ସୁଶାନ୍ତ ମିଶ୍ର ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

## ନକଲି ଦେଇ ଅସଲି ନୋଟ୍ ନେଇଗଲେ

**ବଲାଙ୍ଗୀର ଅଫିସ, ୨୨।୧୧**

ବଲାଙ୍ଗୀର ସହରରେ ଏକ ଅଭିନବ ଠକେଇ ର୍‍ୟାକେଟ୍ ସକ୍ରିୟ ହୋଇଛନ୍ତି । ଖୁଚୁରା ଟଙ୍କା ବଦଳ କରିବା ନାଁରେ ଗତ ୨ ଦିନ ଭିତରେ ୨ଜଣ ଦୋକାନୀଙ୍କୁ ନକଲି ନୋଟ୍ ଦେଇ ଅସଲି ନୋଟ୍ ନେଇ ଫେରାର ହୋଇଯାଇଛନ୍ତି । ଗୁରୁବାର ମିଶ୍ର ଅଟୋମୋବାଇଲ୍ସ ଦୋକାନକୁ ଆସି ଜଣେ ଯୁବକ ଖୁଚୁରା ଟଙ୍କା ରଖିବେ କହି ୧୦ଟି ୨୦୦ ଟଙ୍କିଆ ନୋଟ୍ ନେଇ ୨ ହଜାର ଟଙ୍କିଆ ନୋଟ ଦେବାକୁ କହିଥିଲେ। ଦୋକାନ ମାଲିକ ସମ୍ପୃକ୍ତ ଯୁବକଙ୍କ ନିକଟରୁ ୧୦ଟି ୨ ଶହ ଟଙ୍କିଆ ନୋଟ ରଖି ୪ଟି ୫ ଶହ ଟଙ୍କିଆ ନୋଟ ଦେଇଥିଲେ। ୨ ହଜାର ଟଙ୍କା ଧରିବା ପରେ ଦୋକାନରୁ ଯୁବକ ଜଣକ ଦୌଡି ପଳାଇଥିଲେ। ଯୁବକ ଜଣକ ପଳାଇବା ପରେ ଦୋକାନୀ ଜାଲ ନୋଟ ଦେଇଥିବା ଜାଣିପାରି ପିଛା କରିଥିଲେ । ହେଲେ ଯୁବକଙ୍କୁ ପାଇ ନ ଥିଲେ। ଏନେଇ ଦୋକାନ ମାଲିକ ଜିତେନ୍ଦ୍ର ମିଶ୍ର ଟାଉନ୍ ଏକ ଥାନାରେ ଅଭିଯୋଗ କରିଛନ୍ତି। ୨ଦିନ ପୂର୍ବରୁ ସମାନ୍ ଢ଼ଙ୍ଗରେ ବଲାଙ୍ଗୀର ଟିକ୍ରାପଡ଼ା ଛକଠାରେ ଥିବା ଟାୟାର ଜୋନ୍ ଦୋକାନରୁ ଠକେଇ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ସହରରେ ଏକ ର୍‍ୟାକେଟ୍ ସକ୍ରିୟ ଥିବା ଜଣାପଡିଛି।

## ଲିଙ୍କଫେଲ୍, ବ୍ୟାଙ୍କସେବା ବ୍ୟାହତ

**ବୀରମହାରାଜପୁର,୨୨।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଲିଙ୍କଫେଲ୍ ଯୋଗୁ ୨ଦିନ ହେଲା ବ୍ୟାଙ୍କ ସେବା ବ୍ୟାହତ ହୋଇଛି। ମିଳିଥିବା ସୂଚନା ମୁତାବକ, ବୁଧବାର ଅପରାହ୍ଣଠାରୁ ଏହି ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ଗୁରୁବାର ବ୍ୟାଙ୍କ ବନ୍ଦ ହେବା ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିଥିଲା।

ଗରିବ୍ ମା'ବାପ୍‌କର ଉପ୍‌ରେ ଅକାଲ୍ ଚଡକ୍

## କିଡ୍‌ନୀ ରୋଗ୍‌ରେ କଲ୍‌ବଲ ହେଉଛନ୍ ରୂପାଲି

**ସଂଘିଯୁବା, ୨୨।୧୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଚରଦା ଗାଁର ରୂପାଲି ସେଠ୍(୬)। ସେ ଗଲା ୩ ବଛର ହେଲା କିଡ୍‌ନୀ ରୋଗ୍‌ରେ ପୀଡ଼ିତ୍ ଅଛନ୍। ଏନ୍ତାଥି ଗାଁର ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ର କରମ୍‌କରତାମାନେ ଗଲା ବୁଧୁବାର ଇ ବାବ୍‌ଦେ ବିନିକା ଡାକ୍‌ତରଖାନା କତୃପକ୍ଷକୁଁ ଜନେଇଥିଲେ। ଗୁରୁବାର ବିନିକା ଆରକେଏସ ଡାକ୍‌ତର ବିକାଶ ରଞ୍ଜନ ବାବୁ ଚରଦା ଗାଁକେ ଯାଇ ରୂପାଲିର ଚିକିତ୍ସା କରବାର ସଂଗେ ବିନିକା ଡାକ୍‌ରଖାନାକେ ରେଫର କରିଥିଲେ। ବିନିକା ଡାକ୍‌ତରଖାନାରେ ଶିଶୁ ରୋଗ୍ ବିଶେଷଜ୍ଞ ଏନ୍.କେ. ନାଇକ ରୂପାଲିର ଚିକିତ୍ସା କରି ତାକର ଉଚ ଚିକିତ୍ସା ୧୦୮ ଆମ୍ବୁଲାନ୍ସରେ ବୁର୍ଲା ବଡ଼ ଡାକ୍‌ତରଖାନାକେ ରେଫର କରିଥିଲେ। ହେଲେ ବୁର୍ଲାରେ ଷ୍ଟ୍ରାଇକ୍ ଚାଲିଥିବାର ଲାଗି ସେମାନେ ରୂପାଲିକେ କଟକ ବଡ଼ ଡାକ୍‌ତରଖାନାକେ ରେଫର କରିଥିଲେ। ହେଲେ ଗରିବ୍ ମା'ବାପ୍ ପଏସା କଉଡ଼୍ ଅଭାବୁ ନିରାଶ ହେଇ ଘର୍‌କେ ଫିରିଆସିଥିବାର ଜନାଯାଇଛେ।

ସୂଚ୍‌ନା ହିସାବେ, ବିନିକା ବ୍ଲକ୍ ଚରଦା ଗାଁର ଦଲ ସେଠ୍ ଆର୍ ଶାରଦା ସେଠ୍‌କଁର ଝି ହେଉଛନ୍ ରୂପାଲି। ସେ ଗଲା ୩ ବଛର ହେଲା କିଡ୍‌ନୀ ରୋଗ୍‌ରେ ପୀଡ଼ିତ୍ ଅଛନ୍। ତାଁକର ପରିବାର ନିହାତି ଗରିବ୍ ହେଇଥିଲା ବେଲେ ଜମିବାଡ଼ି ବଲି କିଛି ନାଁଇଁ। ବଛରେ ହେଲା ରୂପାଲିର ବାପା ରାଶନ କାର୍ଡ ଖଁଡ଼େର ଲାଗି ଆବେଦନ୍ କରିଛନ୍ ହେଲେ ଆଏଜ୍‌ତକ୍ ତାହାକୁ ସେଟା ନୁହେମିଲେ। ଧାର ଉଧାର, ଲାଗ୍‌ବରମସ୍ କରି ଯାହାପାରୁଥିଲେ ଝି'ର ଚିକିତ୍ସା କରୁଥିଲେ। ହେଲେ ଏହେଦେ ରୂପାଲିର ରୋଗ୍ ଦିନୁ ଦିନ୍‌କେ ବଢ଼୍‌ବାର ସଂଗେ ତାକର ଫେଟ୍ ଫୁଲିଯାଉଛେ, ଦରଦ୍‌ରେ ରୂପାଲି ଝଟ୍‌ପଟେଇ ଯାଉଛନ୍। ଏନ୍ତା ପରିସ୍ଥିତିରେ ମା'ବାପ୍ ଝି'ର ଚିକିତ୍ସା କେନ୍‌ଥେଇ କରବେ ହରମେସା ଘାରି ହେଉଛନ୍। ଏହେଦେ ଗାଁବାସୀ ଆର୍ ଗାଁର ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ର କରମ୍‌କରତା ମିଶି ରୂପାଲି ଜଲ୍‌ଦି ଠିକ୍ ହେଇଯାଉ ବଲି କପିଳେଶ୍ୱର ଗୁଡ଼ିରେ ପୂଜାପାଠ୍ କରିଛନ୍। ଇତାର ସଂଗେ ସହୃଦ୍ ଲୋକ୍, ସ୍ୱେଚ୍ଛାସେବୀ ସଂଗଠନ୍‌ମାନ୍‌କୁ ରୂପାଲିର ଚିକିତ୍ସା ଲାଗି ସାହାଯ୍ ମାଗୁଛନ୍। ଇ ଦିଗେ ଜିଲା ପରଶାସନ୍, ସୁଆସ୍‌ତିଅ ବିଭାଗ୍ ଦୁରୁଷ୍ଟି ଦେଇ ରୂପାଲିକେ ସବୁପରକାର ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଅଂଚଲର ଜନସାଧାରନ୍ ଦାବି କରିଛନ୍।




ରୂପାଲି ନିଜର ଚିକିତ୍ସା ଲାଗି ଚରଦା କପିଳେଶ୍ୱର ଗୁଡ଼ି ଆଘେ ଲୁକ୍‌କୁ ସାହାଯ୍ ମାଗୁଛନ୍।

## ନେହେରୁ କପ୍ ଫୁଟବଲ: କଦଳୀପାଲୀ ଚାମ୍ପିୟନ

**ଲୋଇସିଂହା,୨୨।୧୧(ଡି.ଏନ.ଏ.)**

ଆଗଲପୁର ବ୍ଲକ ଡୁଡକା ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ନେହେରୁ ଜୟନ୍ତୀ ଅବସରରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଟ୍ରାଇବ୍ରେକର ଜରିଆରେ ୫-୪ ଗୋଲରେ ଡେଙ୍ଗରଜୁରୀ ହରାଇ କଦଳିପାଲୀ ଚାମ୍ପିୟନ ହୋଇଛି। ଚିତ୍ତରଞ୍ଜନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ସ୍ଥାନୀୟ ସରପଞ୍ଚ ମନ୍ଦୋଦରି ବିଶ୍ୱାଳ, ସମିତିସଭ୍ୟା ପ୍ରେମଲତା ମିର୍ଦ୍ଧା, ଜିଲା ପରିଷଦ ସଭ୍ୟା ଶୁକୁମାରୀ ଧରୁଆ, ସୀତାରାମ ମହାଲିଙ୍ଗ, ବିଡିସିସି ବ୍ୟାଙ୍କ ପରିଚାଳକ ସୁରୁମଣୀ ସାହୁ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫ ହଜାର ଦେଇ ପୁରସ୍କୃତ କରିଥିଲେ।

# ସୁବର୍ଣ୍ଣାକୁ କୋଳେଇ ନେଲେ ସୁନ୍ଦରଗଡ଼ର ଦମ୍ପତି

**ସୋନପୁର,୨୨।୧୧(ନି.ପ୍ର.)**

ଶିଶୁକନ୍ୟା ସୁବର୍ଣ୍ଣାକୁ ଗୁରୁବାର ପୌଷ୍ୟ ସନ୍ତାନଭାବେ ଗ୍ରହଣ କରିଛନ୍ତି ସୁନ୍ଦରଗଡର ଏକ ଦମ୍ପତି। ସନ୍ତାନ ସନ୍ତତି ନଥିବା ଏହି ଦମ୍ପତି ପୌଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ପୂର୍ବରୁ ଆବେଦନ କରିଥିଲେ। ଅନୁମତି ମିଳିବା ପରେ ସମସ୍ତ ଆବଶ୍ୟକ କାଗଜାତ ପ୍ରସ୍ତୁତ ହୋଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ସୁବର୍ଣ୍ଣାଙ୍କୁ ଉକ୍ତ ଦମ୍ପତିଙ୍କୁ ଗୁରୁବାର ହସ୍ତାନ୍ତର କରିଛନ୍ତି। ଏହି ସମୟରେ ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ହିମାଂଶୁ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଯୁବ ଜ୍ୟୋତି ଯୁବକ ସଂଘର ପରିଚାଳକ ମୃତ୍ୟୁଞ୍ଜୟ ଭୁଜବଳ, ସଂଯୋଜକ ତ୍ରିନାଥ ସାହୁ ଓ ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୭ ତାରିଖରେ ମାତ୍ର ଦୁଇ ଦିନର ଶିଶୁକନ୍ୟାକୁ ତାଙ୍କ ମା ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁଝୁଲାରେ ଛାଡି ଚାଲି ଯାଇଥିଲେ। ଶିଶୁଟି ୩ ଦିନ ଧରି ଚିକିତ୍ସାଳୟର ଏସଏନସିୟୁରେ ରହିଥିଲା। ସୁସ୍ଥ ହେଲା ପରେ ଶିଶୁକୁ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର(ସା)ରେ ରଖାଯାଇଥିଲା।



ଜିଲାପାଳ ଶିଶୁକନ୍ୟାଙ୍କୁ ଦମ୍ପତିଙ୍କୁ ହସ୍ତାନ୍ତର କରୁଛନ୍ତି ।

ଗୋପବନ୍ଧୁ ପାଣ୍ଡେ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

# ସେମିରେ ପଦ୍ମପୁର, ଅନୁଗୋଳ

**ତରଭା, ୨୨।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ହାଇସ୍କୁଲ ଖେଳ ପଡିଆଠାରେ ତୃତୀୟ ରାଜ୍ୟସ୍ତରୀୟ ଗୋପବନ୍ଧୁ ପାଣ୍ଡେ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ଦ୍ୱିତୀୟ ଦିବସ । ଦିବସର ପ୍ରଥମ ମ୍ୟାଚ ପଦ୍ମପୁର ଓ ରାୟଗଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପଦ୍ମପୁର ୫-୨ଗୋଲରେ ରାୟଗଡାକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ ଅନୁଗୋଳ(ନାଲକୋ ଜୁନିୟର) ଦଳ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଗୋଳ ୩-୧ଗୋଲରେ ବଲାଙ୍ଗୀରକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି। ଖେଳ ପରିଚାଳନା କରିଥିଲେ କଲେଜ ଖେଳ ଶିକ୍ଷକ ସଞ୍ଜୀବ ସାହୁ, ଅରୁଣ ବେହେରା, ସଲିନ ବେହେରା ଓ ଇସାକ ମହମ୍ମଦ। ପ୍ରଶାନ୍ତ ସାହୁ, ସୁରଜ ସେଠୀ ଓ ହିରଣ୍ମୟ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ କମିଟି ସଭାପତି ଜନାର୍ଦ୍ଦନ ଥନାପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲେ। ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ଶିଶୁ ସାହିତ୍ୟିକ ଡ. ରମେଶ ପତ୍ରୀ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ଜିଲା ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ହାକିମ ଖାନ, ଆକାଶ ସାହୁ, ରଘୁନାଥ ସରାଫ, ଶେଖର ସାହୁ, ପ୍ରବୀଣ ଅଗ୍ରୱାଲ ଓ ଆଶିଷ ସାହୁ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ସହ ଅନୁଗୋଳ ଓ ବଲାଙ୍ଗୀର ଦଳର ଖେଳାଳିମାନେ ।



ଯେଉଁଠାରେ ଆତ୍ମବଡ଼ିମା ଶେଷ ହୋଇଯାଏ,
ସେହିଠାରୁ ମହତ୍ତ୍ୱ ଆରମ୍ଭ ହୁଏ।
- ସେକ୍ସପିୟର



## ସଂକ୍ଷେପରେ

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ସିନାପାଲି,୨୨।୧୧(ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲା ସ୍ୱାସ୍ଥ୍ୟ ସମିତି ଓ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡା ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଲଳିତ ମୋହନ ବିଶି, ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁକାନ୍ତି ପଣ୍ଡା, ଜିଲା ପରିଷଦ ସଭ୍ୟ ପ୍ରିୟରନ ମେହେର, ସିନାପାଲି ଥାନା ଏସ୍ଆଇ ଜିତେନ୍ଦ୍ର ବିଶ୍ୱାଲ, ପିଏଚଇଓ ଅଙ୍ଗଦରାମ ମାଝି, ବିପିଏମ୍ ସରିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସିନାପାଲି ଅନ୍ତର୍ଗତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରାୟ ୩୦ ଜଣ ଯୁବକଯୁବତୀ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ନୂଆପଡା ରକ୍ତଭଣ୍ଡାରରୁ ପ୍ରଶାନ୍ତ ସାହୁ, ସହଦେବ ମେହେର, ହରେକୃଷ୍ଣ ମାଝିଙ୍କ ସମେତ ସିନାପାଲି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରର ଦିବ୍ୟରନ ନାଏକ, ପ୍ରକାଶ ମେହେର, ବୈଶମ୍ପାୟନ ମେହେର ପ୍ରମୁଖ ସହଯୋଗ କରିଥିଲେ ।

# ଅବାଧରେ ଚାଲିଛି ଦାଦନଶ୍ରମିକ ଚାଲାଣ

**ନୂଆପଡା ଅଫିସ,୨୨।୧୧**

ସରକାର ରାଜ୍ୟବାହାରକୁ ଶ୍ରମିକ ଚାଲାଣ ଉପରେ ବ୍ୟବସ୍ଥିତ କରିବା ସହ ଶ୍ରମିକଙ୍କ ନିରାପତା ପାଇଁ ବିଭିନ୍ନ ନିୟମ ପ୍ରଣୟନ କରିଛନ୍ତି । ହେଲେ ଏହାକୁ ଜିଲାସ୍ତରରେ କାର୍ଯ୍ୟକାରୀ କରିବାରେ ହେଳା କରାଯାଉଛି । ଫଳରେ ପ୍ରତି ବର୍ଷ ହଜାର ହଜାର ସଂଖ୍ୟାରେ ଶ୍ରମିକମାନେ ନିର୍ଦ୍ଧାରିତ ସୁବିଧା ସୁଯୋଗ ନ ପାଇ ଛେଳିମେଣ୍ଢାଭଳି ଚାଲାଣ ହେଉଥିବାବେଳେ ରାଜ୍ୟ ବାହାରେ ଜୀବନ ହାରି ଦେଉଥିଲେ ହେଁ କୌଣସି ସରକାରୀ ସୁବିଧା ପାଇ ପାରୁନାହାନ୍ତି ।

ସରକାର ଶ୍ରମିକ ଦେଶାନ୍ତରକୁ ନେଇ କଣ୍ଟ୍ରାକ୍ଟ ଲେବର ଆକ୍ଟ ପ୍ରଣୟନ କରିଛନ୍ତି । ଏହି ଅନୁସାରେ ଶ୍ରମିକମାନେ ପ୍ରଥମତଃ ଜିଲାଶ୍ରମ ବିଭାଗରେ ପଞ୍ଜିକୃତ ହେବା ପରେ ଏକ ପଞ୍ଜୀକୃତ ଶ୍ରମିକ ସର୍ଦ୍ଦାରଙ୍କ ଜରିଆରେ ରାଜ୍ୟବାହାରକୁ ଯିବା କଥା । ଏଥିରେ ପୁଣି ଶ୍ରମିକମାନଙ୍କୁ ରାଜ୍ୟବାହାରକୁ ନେବା ସମୟରେ ଟ୍ରେନ କିମ୍ବା ଗାଡିରେ ଯିବା ଆସିବା ସମୟରେ ଖାଦ୍ୟ, ଚିକିତ୍ସା ସୁବିଧା ଦେବା କଥା । ସେମାନଙ୍କୁ ଗାଡିରେ ନେବା ସମୟରେ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପଞ୍ଜୀକୃତ ସର୍ଦ୍ଦାରଙ୍କ ଦାୟିତ୍ୱ ହୋଇଥାଏ। ଅନ୍ୟପକ୍ଷେ ଦାଦନ ଶ୍ରମିକମାନଙ୍କୁ ରାଜ୍ୟବାହାରକୁ ନେବା ଆଗରୁ ଅଗ୍ରୀମ ଟଙ୍କା ଦେବା କଥା । ସୂଚନାଯୋଗ୍ୟ ଯେ, ନୂଆପଡା ଜିଲାରେ କାମ ଧନ୍ଧା ଅଭାବ ହେଉକି ଅନ୍ୟାନ୍ୟ କାରଣକୁ ନେଇ ପ୍ରତିବର୍ଷ ରାଜ୍ୟବାହାରକୁ ହଜାର ହଜାର ଶ୍ରମିକ କାମ କରିବାକୁ ଯାଇଥାନ୍ତି । ହେଲେ ଶ୍ରମିକମାନେ କୌଣସି ବି ଧାର୍ଯ୍ୟ ସୁବିଧା ସୁଯୋଗ ପାଇପାରି ନ ଥାନ୍ତି। ପୁଣି ଏହି ବାବଦକୁ ଶ୍ରମିକଙ୍କ ନାଁରେ ପରିବାର ପିଛା ଲକ୍ଷାଧିକ ଟଙ୍କା ବାଟମାରଣା କରୁଥିବା ଦେଖାଯାଇଥାଏ । ଶ୍ରମିକ ସର୍ଦ୍ଦାରମାନେ ଶ୍ରମିକମାନଙ୍କ ପିଛା ଛଅ ମାସ ବାବଦକୁ ପଚାଶ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆଣୁଥିବାବେଳେ ଶ୍ରମିକ ପିଛା ମାତ୍ର ୨୦ହଜାର ଟଙ୍କା ଦେଉଛନ୍ତି । ଏଥିରେ ପୁଣି ସର୍ଦ୍ଦାରମାନେ ସବୁ ନିତିନିୟମକୁ ଭାଙ୍ଗି ଅଣପଞ୍ଜୀକୃତ ଶ୍ରମିକମାନଙ୍କୁ ରାତି ଅଧିଆ ଚାଲାଣ କରୁଛନ୍ତି । ରାଜ୍ୟବାହାରୁ ଶ୍ରମିକ ସର୍ଦ୍ଦାରମାନେ ସୀମାନ୍ତ ସହରରେ ଥିବା ହୋଟେଲ ଗୁଡିକରେ ଆଡ୍ଡା ଜମାଇ ରହିଥିବାବେଳେ ଦିନ ଦ୍ୱିପ୍ରହରରେ ବ୍ୟବସାୟ ଚଳାଇଥିଲେ ମଧ୍ୟ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଥାଏ । ଶ୍ରମିକ ସର୍ଦ୍ଦାରମାନେ ଲୋକ ଲଗାଇ ଗାଁ ଗଣ୍ଡାକୁ ଯାଇ ପରିବାର ଗୁଡିକୁ କିଛି ଅଗ୍ରୀମ ଟଙ୍କା ଦେଇ ରାତି ଅଧିଆ ଗାଡିରେ ଜୋର ଜବରଦସ୍ତି ବୋଝେଇ କରି ଜିଲାର ସୀମାନ୍ତ ରେଳ ଷ୍ଟେଶନ ଗୁଡିକୁ ନେଉଛନ୍ତି। ଏହା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ଶ୍ରମ ବିଭାଗର ଅଧିକାରୀ କି ପୋଲିସ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଏକ ବେସରକାରୀ ସୂତ୍ରରୁ ମିଳିଥିବା ସୂଚନାମୁତାବକ ଅଦ୍ୟାବଧି ଜିଲାରୁ ୧୦ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଚାଲାଣ ହୋଇସାରିଲେଣି । ପ୍ରତିବର୍ଷ ୩୦ହଜାର ଶ୍ରମିକ ଚାଲାଣ ହେଉଥିବା ପ୍ରକାଶ । ଏଥିରେ ଶ୍ରମିକ ସର୍ଦ୍ଦାର, ଅଧିକାରୀମାନେ ବାର୍ଷିକ କୋଟି କୋଟି ଟଙ୍କା ପାଉଥିବା କୁହାଯାଉଛି। ଏହା ଉପରେ ଜିଲାଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ସବୁବେଳେ ଶ୍ରମିକ ସର୍ଦ୍ଦାରମାନଙ୍କ ପଞ୍ଜୀକରଣ ଉପରେ ଦୃଷ୍ଟି ଦେଉଛନ୍ତି । ସେମାନେ କିପରି ସବୁ ନିତିନିୟମ ମାନି କାର୍ଯ୍ୟକରିବେ ସେ ଉପରେ ବିଶେଷ ଧ୍ୟାନ ଦେଉଥିବା କହିଛନ୍ତି ।

**ଦାଦନ ଶ୍ରମିକ ଚାଲାଣ**
- ଜିଲାସୀମାନ୍ତରେ ସର୍ଦ୍ଦାର ସକ୍ରିୟ
- ଛେଳିମେଣ୍ଢା ନମୁନାରେ ଚାଲାଣ
- ପୋଲିସ-ଶ୍ରମ ବିଭାଗ ନିଦାବିଷ୍ଟ

## ଭେଲା, ପେଣ୍ଡ୍ରାବନ୍ଦରେ ପୋଲିସର ଚଢାଉ
# କଫ ସିରଫ ଜବତ, ୩ଗିରଫ

**ନୂଆପଡା ଅଫିସ/ ଖଡିଆଳ,୨୨।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ଥାନା ପୋଲିସ ବୁଧବାର ଭେଲା ଏବଂ ପେଣ୍ଡ୍ରାବନ୍ଦ ଗାଁର ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ବିପୁଳ ପରିମାଣର କଫ ସିରଫ ଜବତ କରିଛି । ଏହି ମାମଲାରେ ସେମାନଙ୍କ ବିରୁଦ୍ଧରେ ଭିନ୍ନ ଭିନ୍ନ ମାମଲା ରୁଜୁ କରି ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ, କୌଣସି ସୂତ୍ରରୁ ଖବରପାଇ ବୁଧବାର ସନ୍ଧ୍ୟାରେ ପୋଲିସର ଏକ ଟିମ ଭେଲା ରାବଣପୋଡି ପଡିଆରେ ଚଢାଉ କରି ତିନି ଜଣ ଯୁବକଙ୍କୁ କାବୁ କରିଥିଲା। ପ୍ରଥମେ ଭେଲା ଗାଁର ଉଗ୍ରସେନ ସାହୁ(୩୨) ଏବଂ ଇନ୍ଦୁରାମ ଶବର(୩୫) ନାମକ ଦୁଇ ଜଣ ଯୁବକଙ୍କୁ ପୋଲିସ କାବୁ କରିଥିଲା । ସେମାନେ ବ୍ୟବହାର କରୁଥିବା ବାଇକର ଡିକି ଭିତରୁ ୧୩ଟି କଫ ସିରଫ ଜବତ କରାଯାଇଥିବାବେଳେ ଏନଡିପିଏସ ଆକ୍ଟ ୨୧(କ)ଏବଂ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଧାରା୧୮(ଗ)ରେ ଏକ ମାମଲା(୨୭୭/୧୮)ରୁଜୁ କରାଯାଇଛି । ସେହିଭଳି ପଣ୍ଡ୍ରାବନ୍ଦ ଗାଁର କାହ୍ନୁ ଚରଣ ତ୍ରିପାଠୀଙ୍କ ଘର ଉପରେ ଚଢାଉ କରି ପୋଲିସ ୫୧ଟି କଫ ସିରଫ ଜବତ କରିଥିଲା । ତାଙ୍କ ବିରୁଦ୍ଧରେ ଏଡିପିଏସ ଆକ୍ଟ୨୧(ଖ) ଏବଂ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟ୧୮(ଗ) (୨୭୮/୧୮)ରେ ମାମଲା ରୁଜୁ କରାଯାଇଛି। ତେବେ ଦୁଇଟି ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଅପରାହ୍ନରେ କୋମନା ଗ୍ରାମନ୍ୟାୟଳୟକୁ ଚାଲାଣ କରିଛି ।




କଫ ସିରଫ ଚଢାଉ ଘଟଣାରେ ଗିରଫ କରାଯାଇଥିବା ଅଭିଯୁକ୍ତମାନେ ।

# ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା

**ନୂଆପଡା ଅଫିସ,୨୨।୧୧**

ସ୍ଥାନୀୟ ନ୍ୟାସନାଲ ହାଇସ୍କୁଲରେ ଜିଲା ଶିକ୍ଷା ବିଭାଗ ତରଫରୁ ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ନ୍ୟାସନାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ ସଭାପତିତ୍ୱ କରିଥିବାବେଳେ ଜିଲାଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ ଭୋଇ ଯୋଗଦେଇଥିଲେ । ଏଥିରେ ଜିଲାର ସମସ୍ତ ୫ଟି ବ୍ଲକର କୃତୀ ପ୍ରତିଯୋଗୀମାନେ ଆସି ଅଂଶ ଗ୍ରହଣ କରିଥିଲେ । କନିଷ୍ଠ ବର୍ଗର ୨୫ଜଣ ଏବଂ ବରିଷ୍ଠ ବର୍ଗର ମୋଟ ୩୦ଜଣ ଛାତ୍ରୀଛାତ୍ର ଏହି ଅବସରରେ ଅଂଶଗ୍ରହଣ କରିଥିଲେ । ଏହାକୁ ବିଜ୍ଞାନ ଶିକ୍ଷକ ପ୍ରଦୀପ ଭୋଇ, ଅଶୋକ ବେହେରା, ରାଧେଶ୍ୟାମ ସା, ଗିରିଧାରୀ ସା, ଅଶ୍ୱିନୀ ପୁଞ୍ଜି, ଛବି ପୋଢ, ଚିତେଶ୍ୱରୀ ସାହୁ, ବିଷ୍ଣୁ ମେହେର, ପ୍ରଭୁଦତ ପୁରୋହିତ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ଏଥିରେ ବରିଷ୍ଠ ବିଭାଗରେ ଭାଗ୍ୟଶ୍ରୀ ସାହୁ, ଅମରନାଥ ମେହେର, ଗୁରୁଜୁ ବନ୍ଦିଛୋର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅକ୍ତିଆର କରିଥିବାବେଳେ କନିଷ୍ଠ ବର୍ଗରେ ମମିତା ପାଣ୍ଡେ, ନୋବିରାଜ ସାହୁ ଏବଂ ଲିଲେଶ୍ୱରୀ ପାଣ୍ଡେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷକ ଶ୍ୟାମଲାଲ ପ୍ରଧାନ, ଉମେଶ ସାହୁ, ମୀନକେତନ ପ୍ରଧାନ, ବିରେନ୍ଦ୍ର ନନ୍ଦ, କିଶୋର ପରିଡା, ନିରୁପମା ଜେନା, ମୀନା ନାଗ, ଜୟନ୍ତି ସିଂ ଦେଓ, ରାଜେଶ ମହାରଣା, ରାଜେଶ ମହଲା ପ୍ରମୁଖ ପରିଚାଳନାରେ ସହଯୋଗୀତା କରିଥିଲେ ।



ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନେ ।

# ବିଦ୍ୟୁତ୍ ବିଲ୍‌କୁ ନେଇ ଜନ ଅସନ୍ତୋଷ

**ଖଡିଆଳ,୨୨।୧୧(ଡି.ଏନ.ଏ.)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କୁ ମାଗଣାରେ ବିଦ୍ୟୁତ ଆଲୁଅ ଯୋଗାଇ ଦିଆଯାଉଥିବା ନେଇ ବାହାବା ନେଉଛନ୍ତି । ହେଲେ ନୂଆପଡା ଜିଲାରେ ବିପିଏଲ ପରିବାରକୁ ବିଦ୍ୟୁତ ଆଲୁଅ ଯୋଗାଇ ଦିଆଯିବା ନାଁରେ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି । ଏପରି ଅଭିଯୋଗ ହୋଇଛି ନୂଆପଡା ଜିଲା ଖଡିଆଳ ବ୍ଲକ ଅମଲାପାଲି ପଞ୍ଚାୟତର ବଡମୂଲା ଗାଁରେ । ବଡମୁଲା ଗାଁର ଜନସଂଖ୍ୟା ପାଖାପାଖି ୧୫୦୦ ହେବ । ଗାଁରେ ରହୁଥିବା ସମସ୍ତେ ଗରିବ ଶ୍ରେଣୀର ହୋଇଥିବାବେଳେ ଚାଷ କରିବା ସହ କୂଲି ମଜୁରୀ ଲାଗି ପରିବାର ପୋଷି ଥାନ୍ତି। ତେବେ ଗାଁର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରାୟ ୮୦ପରିବାରକୁ ସରକାର ମାଗଣାରେ ବିଦ୍ୟୁତ ସେବା ଯୋଗାଇବା ଉଦ୍ଦେଶ୍ୟରେ ବିଦ୍ୟୁତ ସଂଯୋଗ କଲେ । ବିଦ୍ୟୁତ ଆଲୁଅ ପାଇ ସମସ୍ତେ ଖୁସି ହେଲେ । କିନ୍ତୁ ବିଦ୍ୟୁତ ସଂଯୋଗ ହେବାର ୨ମାସ ପରେ ବିଦ୍ୟୁତ ବିଭାଗ ପକ୍ଷରୁ ପୈଠ କରିବା ପାଇଁ ପଠାଯାଇଥିବା ବିଦ୍ୟୁତ ବିଲ୍ ବଡମୁଲା ଗାଁ ଲୋକଙ୍କୁ ନିରାଶ କରିଛି । ବିଦ୍ୟୁତ ବିଭାଗ ପକ୍ଷରୁ ପଠାଯାଇଥିବା ବିଲ୍‌ରେ କାହା ନାଁରେ ୩ହଜାର ରୁ ୪ହଜାର ଟଙ୍କା ତ ଆଉ କାହା ନାଁରେ ୫ହଜାର ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ବିଲ୍ ଆସିଛି । ଯାହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଗାଁ ଲୋକଙ୍କ କହିବାନୁସାରେ ଉକ୍ତ ବର୍ଦ୍ଧିତ ବିଲ୍‌କୁ ନେଇ ଖଡିଆଳଠାରେ ୱେଷ୍କୋର ବିଭାଗୀୟ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଏସଡିଓଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ ଏସଡିଓଙ୍କୁ ବୁଝି ଏବଂ କିରାଣୀଙ୍କ ପାଖକୁ ଗଲେ ବିଭାଗୀୟ ଯନ୍ତ୍ରୀ କି ଏସଡିଓଙ୍କ ପାଖକୁ ଯାଅ ବୋଲି ଦିନ ଗଡାଇ ଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି । ଗୋଟିଏ ପଟେ ବର୍ଷା ଅଭାବରୁ ମରୁଡି ଚିନ୍ତା ତ ଅନ୍ୟପଟେ କାମ ଧନ୍ଦା ମିଳୁ ନ ଥିବାରୁ ପରିବାର ପ୍ରତିପୋଷଣ ଚିନ୍ତା। ତେବେ ବର୍ତ୍ତମାନ ବିଦ୍ୟୁତ ବିଭାଗ ପକ୍ଷରୁ ଦିଆଯାଇଥିବା ବିଲ୍‌କୁ ନେଇ ଚିନ୍ତାରେ ଗାଁ ଲୋକେ । ଏ ନେଇ ଖଡିଆଳ ଏସଡିଓଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ଏସଡିଓଙ୍କ ଅନୁପସ୍ଥିତ ଯୋଗୁ ସମ୍ଭବ ହୋଇପାରିନାହିଁ। ଏପରିସ୍ଥିତିରେ ଜିଲା ପ୍ରଶାସନ ତଥା ବିଦ୍ୟୁତ ବିଭାଗର ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେଇ ବିଦ୍ୟୁତ ବିଲ୍‌ରେ ଦେଖା ଦେଇଥିବା ସମସ୍ୟାକୁ ଗୁରୁତର ସହ ନେଇ ସମାଧାନ କରିବାକୁ ଗାଁ ଲୋକେ ଦାବି ଜଣାଇଛନ୍ତି ।

# ରିଷିଡାରେ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

**ରିଷିଡ଼ା,୨୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାରେ ଚଳିତବର୍ଷ ଗୁରୁବାର ଅପରାହ୍ନରେ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବ ୨ ଦିନ ଧରି ଚାଲିବ । ବୋଇତକୁ ସଜ୍ଜିତ କରି ତୈଳିକ ବୈଶ୍ୟ ସମାଜର ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ ନଗର ପରିକ୍ରମା କରାଇଛନ୍ତି। ଉତ୍ସବ ପାଇଁ ରିଷିଡ଼ା ଉତ୍ସବ ମୁଖର ହୋଇଉଠିଛି। ଗଞ୍ଜାମ ଜିଲା ପ୍ରତାପୁରଠାରେ ତୈଳିକ ବୈଶ୍ୟ ସମାଜ ମୁଖ୍ୟ କାର୍ଯ୍ୟାଳୟ ରହିଛି। ଏହି ଜାତିର ବୋଇତ ବନ୍ଦାଣ ଉତ୍ସବ ଏକ ଜାତୀୟ ପର୍ବ । ଅତୀତରେ ଏହି ଜାତିର ପୂର୍ବପୁରୁଷମାନେ ବୋଇତରେ ସମୁଦ୍ରରେ ଯାଇ ଦେଶବିଦେଶରେ ବେପାର କରି ଘରକୁ ଫେରୁଥିଲେ । ଏହି ଜାତିର ଦାୟଦ ଭାବେ ପ୍ରତିବର୍ଷ ଏଠାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥାଏ । ପୂର୍ବ ପୁରୁଷଙ୍କ ସ୍ମୃତି ଓ ଅତୀତର ନୌବାଣିଜ୍ୟର ପରମ୍ପରାକୁ ମନେ ପକାଇବା ପାଇଁ ଏଠାରେ ଏହି ଉତ୍ସବ ପାଳନ କରାଯାଉଛି । ଶ୍ରୀଶ୍ରୀ ରାମସ୍ୱାମୀ ଗ୍ରାମ୍ୟ ସମିତି ତୈଳିକ ବୈଶ୍ୟ ସମାଜ ତରଫରୁ ଏହି ଉତ୍ସବ ଆୟୋଜନ କରାଯାଉଛି । ଗୁରୁବାର ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବା ବେଳେ ରାତିରେ ଉଜାଗର ରହି ସକାଳ ୫ଟାରେ ବୋଇତ ଭସାଣି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ସମିତି ସଭାପତି ଅନ୍ତର୍ଯ୍ୟାମୀ ସାହୁ ସୂଚନା ଦେଇଛନ୍ତି । ରିଷିଡ଼ା ଜ୍ୟୋତ୍ସ୍ନା ଟେଷ୍ଟ ହାଉସର ପ୍ରୋପାଇଟର ଅଭିମନ୍ୟୁ ସାହୁ ବୋଇତ ନିର୍ମାଣ କରୁଥିବା ଜାତିର ଦଳ ବେହେରା ପ୍ରମୋଦ କୁମାର ସାହୁ ଉତ୍ସବକୁ ଅଧିକ ଆକର୍ଷଣ କରିବା ପାଇଁ ସହାୟତା କରିଥିବା ଅତିରିକ୍ତ ବାଣିଜ୍ୟକର କମିସନର ଲକ୍ଷ୍ମୀକାନ୍ତ ସାହୁ ତଥା ସମିତି ସମସ୍ତ ସଭ୍ୟମାନେ ସହାୟତା କରୁଛନ୍ତି। ରାତିରେ ସଭାର ଆୟୋଜନ କରାଯାଉଛି ।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନ

**ଖଡିଆଳ,୨୨।୧୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଭୋଲିଆସିକୁଆଁ ହାଇସ୍କୁଲ ପରିସରରେ ଚାଲିଥିବା ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଖଡିଆଳର ୧୦୧ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୪୫ଟି ପ୍ରକଳ୍ପ ବିଦ୍ୟାଳୟରୁ ୧୪୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀର ସାଙ୍ଗଠନିକ ସମ୍ପାଦକ ଲିଙ୍ଗରାଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖଡିଆଳ ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ମଧୁସୂଦନ ସାହୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ରିଡର୍ ଚନ୍ଦ୍ରଶେଖର ଚନ୍ଦ୍ରାକାର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବସନ୍ତ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା, ଖଡିଆଳ ବ୍ଲକ ସାଇନ୍ସ ରିସୋର୍ଜ ସେଣ୍ଟର ସଂଯୋଜକ ଅଶୋକ ବେହେରା ପ୍ରମୁଖ ଯୋଗଦେଇ ବର୍ତ୍ତମାନ ହେଉଛି ବିଜ୍ଞାନର ଯୁଗ । ଏଣୁ ଛାତ୍ରୀଛାତ୍ରମାନେ ବିଜ୍ଞାନ ପାଠ୍ୟକ୍ରମ ପ୍ରତି ଆଗଭର ହୋଇ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଚାରକ ଭାବେ ଅଧ୍ୟାପିକା ଶ୍ୱେତା ମହାପାତ୍ର, କ୍ଷେତ୍ରମୋହନ ଦୂରିଆ ଓ ଡୁମେଶ୍ୱର ସା ଦାୟିତ୍ୱ ତୁଲାଇଥିବା ବେଳେ ଶିକ୍ଷକ ଗୌରାଙ୍ଗ ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଦ୍ୱିତୀବାହାନ ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରାଜ୍ୟସ୍ତରକୁ ଉନ୍ନିତ ହୋଇଥିବା ବିଜ୍ଞାନ ଗାଇଡି ଟିଚର ଶାରଦା ପ୍ରସନ୍ନ ବଳ, ଧନଞ୍ଜୟ ବୈଠାରୁ ଏବଂ ଜାତୀୟସ୍ତରକୁ ଉନ୍ନିତ ହୋଇଥିବା ଗାଇଡ ଟିଚର ଅଶୋକ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।




ବ୍ଲକସ୍ତରୀୟ ବିଜ୍ଞାନମେଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ଧୋବାପଡାରେ ରାସଲୀଳା କାର୍ଯ୍ୟକ୍ରମ



ଦଧିମନ୍ଥନ କାର୍ଯ୍ୟକ୍ରମରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

**ନୂଆପଡା ଅଫିସ/ଖଡିଆଳ, ୨୨।୧୧ (ଡି.ଏନ.ଏ.)**

**ଗୋକୁଳ ନଗର ସାଂସ୍କୃତିକ ଅନୁଷ୍ଠାନର ପରିଚାଳନା**

ନୂଆପାଡ଼ ଜିଲା ଖଡିଆଳ ସହରସ୍ଥିତ ଧୋବାପଡାରେ ଗୋକୁଳ ନଗର ସାଂସ୍କୃତିକ ଅନୁଷ୍ଠାନ ତରଫରୁ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଚାଲିଥିବା ରାସଲୀଳା କାର୍ଯ୍ୟକ୍ରମ ମଙ୍ଗଳବାର ଦଧୀମନ ସମାରୋହ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ମମତା ମଞ୍ଜରୀ ଥପାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରଙ୍କ ଯୋଜନା ବୋର୍ଡର ସ୍ୱତନ୍ତ୍ର ସଚିବ ସୁଜିତ କୁମାର ମୁଖ୍ୟଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟ ଲମ୍ବୋଦର ନିଆଲ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସରକାରଙ୍କ ପ୍ରତିନିଧି ଦ୍ୱୟଙ୍କୁ କମିଟି ତରଫରୁ କର୍ମକର୍ତ୍ତାମାନେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସହରର ବହୁ ଧାର୍ମୀକ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ । ଆଜକୁ ୪୩ ବର୍ଷ ତଳେ ଏହି ବସ୍ତିବାସିନ୍ଦା ପୂଜା ଆରମ୍ଭ କରିଥିଲେ । ଏହାକୁ ଆଜିଯାଏଁ ଅବିରତ ଭାବେ କରି ଆସୁଥିବା ପଡାବାସିନ୍ଦାଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ । ଏହି ପୂଜା କରି ସହରରେ ଏକ ଧାର୍ମୀକ ଚେତନା ଜାଗ୍ରତ କରାଯାଉଛି। ଏଥିସକାଶେ କୌଣସି ସରକାରୀ ସହାୟତା ବିନା ବର୍ତ୍ତମାନ ମହିଳା ସଙ୍ଗଠନ ସମୂହ ଆଗକୁ ଆସି ଲକ୍ଷାଧିକ ଟଙ୍କା ଖର୍ଚ୍ଚର ପୂଜା କରୁଛନ୍ତି । ଆଗକୁ ଏଥିପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇଦେବାକୁ ପଡାବାସୀନ୍ଦା ଅନୁରୋଧ ରଖିଥିଲେ । ଶେଷରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ପୂଜା ପରିଚାଳନାରେ କମିଟି ସମ୍ପାଦକ ଶିଶିର ସେଠୀ, କୋଷାଧ୍ୟକ୍ଷ ଯାଦବ ଦୟା ଥପା, ସଂସ୍କୃତି ବିଭାଗ ମୁଖ୍ୟ ଗୋବିନ୍ଦ ପଟେଲ, ଯୁବ ସଂଯୋଜକ ପଞ୍ଚା ପୋଢ, ବଳମତ ସେଠୀ, ସିଦାମ କେତକୀ, ସୁକଦେବ ସେଠୀ, ବନମାଳୀ ନାଗ, ଘନ ଜାଲ, କିଶୋର ସାହୁ, ଘାସିରାମ ହଂସ, ସଞ୍ଜୟ ସେଠୀ, ପ୍ରଶାନ୍ତ ହଂସ, ଜିତୁ ବାଗ, ଦେବସିଂ ପୋଢ, ଲକ୍ଷ୍ମୀ ଜାଲ, ଉଷା କେତକୀ, ଚଞ୍ଚଳା ନାଗ, ଟଙ୍କଧର ଶବର, ରାଜିନ ହଂସ, ଗୋପାଳ ନାଗ ପ୍ରମୁଖ ସହଯୋଗ କରିଥିଲେ।

# ଭୁଲିଆ ସମାଜର ନୂତନ କର୍ମକର୍ତ୍ତା ମନୋନୀତ

**ସିନାପାଲି,୨୨।୧୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ମେହେର (ଭୁଲିଆ) ଗ୍ରାମ୍ୟ ସମାଜର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି । ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାଜର ଜିଲା ସଭାପତି ବୈଶମ୍ପାୟନ ମେହେର, ଉପଦେଷ୍ଟା ଡମ୍ବରୁଧର ମେହେର, ସମ୍ପାଦକ ମୋତିଲାଲ ମେହେର ପ୍ରମୁଖ ମାର୍ଗଦର୍ଶନ କରିଥିଲେ । ନୂତନ ଭାବେ ଗଠିତ ଗ୍ରାମ୍ୟ କମିଟିରେ ଚନ୍ଦ୍ରଶେଖର ମେହେର ସଭାପତି, ରୂପେଶ ଚନ୍ଦ୍ର ମେହେର ଉପସଭାପତି, ବୈଷ୍ଣବ ମେହେର ସମ୍ପାଦକ ଏବଂ ନୀଳାଞ୍ଚଳ ମେହେରଙ୍କୁ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିପରି ନୂତନ କମିଟି ଉପଦେଷ୍ଟା ଭାବେ ଡମ୍ବରୁଧର ମେହେର, ବୈଶମ୍ପାୟନ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ମୋତିଲାଲ ମେହେର, ଧ୍ରୁବଚରଣ ମେହେର ପ୍ରମୁଖଙ୍କୁ ଚୟନ କରାଯାଇଛି । ଏଥିସହ ସମାଜର କାର୍ଯ୍ୟକାରୀ ସଭ୍ୟ ଭାବେ ବିଦ୍ୟାଧର ମେହେର, ପୁରୁଷୋତ୍ତମ ମେହେର, ଈଶ୍ୱରପ୍ରସାଦ ମେହେର, ମେଘନାଦ ମେହେର, ଦୃଷ୍ଟାନ୍ତର ମେହେର, ଋଷଭ ମେହେର ପ୍ରମୁଖ ବିଭିନ୍ନ ପଡାରୁ ମନୋନୀତ ହୋଇଛନ୍ତି । କେବଳ ଜାତି ସମାଜର ବିକାଶରେ ସୀମିତ ନ ରହି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ ସମଗ୍ର ମାନବ ସମାଜର ବିକାଶ ନିମନ୍ତେ ଆଗାମୀ ଦିନରେ କାର୍ଯ୍ୟ କରିବାକୁ ଏହି ଅବସରରେ ନବମନୋନୀତ କର୍ମକର୍ତ୍ତା ନିଜ ମତ ରଖିଥିଲେ। ନୀଳାଞ୍ଚଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୮ ବର୍ଷରୁ ଫୁଟବଲ ଟୁର୍ନାମେଣ୍ଟ: ରିଷିଡ଼ା ଚାମ୍ପିୟନ

**ରିଷିଡ଼ା,୨୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ଶିରାବାହାଲ ଖେଳ ପଡିଆରେ ଚାଲିଥିବା ୧୮ ବର୍ଷରୁ କମ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ରିଷିଡା ଦଳ ଅବିଜବାହାଲ ଦଳକୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି । ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଇଂ. ସୁନୀଲ କୁମାର ସୁନା ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ମନୋଜ ସୁନା, ବିଜୟ ସୁନା, ଡୋଳାମଣି ବର୍ଗତ୍ତି ପ୍ରମୁଖ ସହାୟତା କରିଥିଲେ। ବାପୁଜୀ କ୍ଲବ ତରଫରୁ ଆୟୋଜିତ ଖେଳରେ ଶିରାବାହାଲ, ପୌରକେଲା ଦଳଗୁଡିକ ଭାଗ ନେଇଥିଲେ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/MECHANISED CLEANING/BRGA/18, ତା.16.11.2018ରିଖ

**କାର୍ଯ୍ୟର ନାମ:** 03 (ତିନି) ବର୍ଷ ଅବଧି ନିମନ୍ତେ ବରଗଡ଼ ରୋଡ଼ ଷ୍ଟେସନର ସଫେଇ ଏବଂ ସ୍ୱଚ୍ଛତାର ରକ୍ଷଣାବେକ୍ଷଣ ତଥା ଯନ୍ତ୍ରୀକୃତ (Mechanized) ସଫେଇ ମାଧ୍ୟମରେ ଆବର୍ଜନାଗୁଡ଼ିକର ନିକାଶ ।

**ଆକଳିତ ଟେଣ୍ଡର ମୂଲ୍ୟ(ଟଙ୍କାରେ):** 33,36,511/-, EMD(ଟଙ୍କାରେ): 67,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ):3,540/-(18% GST ସହିତ) ।

ଟେଣ୍ଡର ଫର୍ମ ଜାରି ହେବା ଅବଧି: ସମ୍ବାଦପତ୍ରରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶିତ ହେବା ତାରିଖ ଠାରୁ ତା.24.12.2018 ରିଖ 1200 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଓ ସମୟ: ତା.24.12.2018 ରିଖ 1530 ଘଟିକାରେ, **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ତା.24.12.2018 ରିଖ 1600 ଘଟିକାରେ ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ । ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର
PR-391/J/18-19

**ପୂର୍ବ ତଟ ରେଳପଥ**

**ଟିଟିଲାଗଡ଼, ବଲାଙ୍ଗୀର ଏବଂ ବରଗଡ଼ ରୋଡ଼ ଷ୍ଟେସନ ଠାରେ ଖାଦ୍ୟ ସରବରାହ ସେବା ବ୍ୟବସ୍ଥା**

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/Catg./NIT/AB-4/SMU/18, ତା.19.11.2018ରିଖ,

**କ୍ରମ ସଂ.: 01,** ଷ୍ଟେସନର ନାମ: ଟିଟିଲାଗଡ଼, ସ୍ଥାନ: ପ୍ଲାଟଫର୍ମ ନଂ. 2/3, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 84,000/-, EMD ଜମା (ଟଙ୍କାରେ): 8,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/- (18% GST ସହିତ) ।

**କ୍ରମ ସଂ.: 02,** ଷ୍ଟେସନର ନାମ: ବଲାଙ୍ଗୀର, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 76,000/-, EMD ଜମା (ଟଙ୍କାରେ): 7,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/- (18% GST ସହିତ) ।

**କ୍ରମ ସଂ.: 03,** ଷ୍ଟେସନର ନାମ: ବରଗଡ଼ ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 76,000/-, EMD ଜମା (ଟଙ୍କାରେ): 7,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/- (18% GST ସହିତ) ।

**କ୍ରମ ସଂ.: 04,** ଷ୍ଟେସନର ନାମ: ବରଗଡ଼ ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 1,00,000/-, EMD ଜମା (ଟଙ୍କାରେ): 10,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/- (18% GST ସହିତ) ।

ଷ୍ଟେସନ ବର୍ଗ : "B" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), ଖାଦ୍ୟ ସରବରାହ ୟୁନିଟ୍‌ର ନାମ: ଫଳ ଏବଂ ତାଜା ଜୁସ୍ ଷ୍ଟଲ୍ (କ୍ରମ ସଂ.1, 2 ଏବଂ 3 ନିମନ୍ତେ), ଚା' ଦୋକାନ (କ୍ରମ ସଂ.4 ନିମନ୍ତେ), ଚିହ୍ନିତ ବର୍ଗ: ଗରୀବ ସୀମାରେଖା ତଳେ ରହୁଥିବା ବ୍ୟକ୍ତି (କ୍ରମ ସଂ.1 ନିମନ୍ତେ), ଅନୁସୂଚିତ ଜନଜାତି (କ୍ରମ ସଂ.2 ନିମନ୍ତେ), ଅନୁସୂଚିତ ଜାତି(କ୍ରମ ସଂ.3 ନିମନ୍ତେ) ଏବଂ ସ୍ୱାଧୀନତା ସଂଗ୍ରାମୀ/ଯୁଦ୍ଧରେ ମୃତ୍ୟୁବରଣ କରିଥିବା ସୈନିକଙ୍କ ସ୍ତ୍ରୀ ସହିତ ମୃତ ରେଳ କର୍ମଚାରୀଙ୍କ ବିଧବା ସ୍ତ୍ରୀ, ରେଳବାଇ ଦ୍ୱାରା ନିଜର ବ୍ୟବହାର କାରଣରୁ ସ୍ଥାନାନ୍ତରିତ/ବିସ୍ଥାପିତ ହୋଇଥିବା ବ୍ୟକ୍ତିବିଶେଷ(କ୍ରମ ସଂ.4 ନିମନ୍ତେ) ।

ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ: ତା.27.12.2018 ରିଖ 1000 ଘଟିକା ଠାରୁ ତା.27.12.2018 ରିଖ 1530 ଘଟିକା ପର୍ଯ୍ୟନ୍ତ, ବିଡ୍ ବାକ୍ସ ବନ୍ଦ ହେବା ତାରିଖ ଓ ସମୟ: ତା.27.12.2018 ରିଖ 1530 ଘଟିକା, **ବିଡ୍ ବାକ୍ସ ଖୋଲାଯିବା ତାରିଖ ଓ ସମୟ:** ତା.27.12.2018 ରିଖ 1600 ଘଟିକାରେ ।

ବିଡ୍ ନଥିପତ୍ର ଉପଲବ୍ଧ ହେବା ସ୍ଥାନ: ଯେକୌଣସି କାର୍ଯ୍ୟ ଦିବସରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁର, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସା/ପୋଷ୍ଟ: ମୋଦିପଡ଼ା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-768002, ଫୋନ୍ ନଂ.-0663-2533195ଙ୍କ କାର୍ଯ୍ୟାଳୟରେ । ବିଡ୍ ନଥିପତ୍ରଗୁଡ଼ିକ ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର
PR-392/J/18-19



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବିକୃତ ମସିଷ୍କ ବୃଦ୍ଧାଙ୍କ ମୃତ୍ୟୁ

**ଜୁନାଗଡ,୨୨।୧୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବନମାଲୀପୁର ଛକ ନିକଟ ୨୬ ନଂ. ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ବାଇକ ଧକ୍କାରେ ଜଣେ ବିକୃତ ମସିଷ୍କ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ କ୍ଷିତିସୁଧା ପ୍ରଧାନୀ (୫୮) ଓ ସେ ବ୍ଲକର ନକଟିଗୁଡା ଗ୍ରାମର । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ କ୍ଷିତିସୁଧା ବନମାଲୀପୁର ଛକକୁ ଯାଉଥିବାବେଳେ ଏକ ଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜୁନାଗଡ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ଜୁନାଗଡ ପୋଲିସର ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି।



### ବୈଷ୍ଣବ ଚରଣ ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା,୨୨।୧୧(ଡି.ଏନ.ଏ.):** ଭବାନୀପାଟଣା କଳାହାଣ୍ଡି ଲେଖକ କଳା ପରିଷଦ ପାଠାଗାର ପରିସରରେ ସ୍ୱର୍ଗତ ବୈଷ୍ଣବ ଚରଣ ପରିଡାଙ୍କ ବିୟୋଗରେ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟଭିତ୍ତିକ ମାସିକ ସମ୍ବାଦପତ୍ର ସାହିତ୍ୟକଥା ତରଫରୁ ସ୍ୱର୍ଗତ ପରିଡାଙ୍କ ବିୟୋଗରେ ଆୟୋଜିତ ଶୋକସଭାରେ ସାହିତ୍ୟକଥାର ସମ୍ପାଦକ ସକିତ ରତେ ସଭାପତିତ୍ୱ କରିଥିବା ବେଳେ ସାହିତ୍ୟକଥାର ଉପଦେଷ୍ଟା ଗାଳ୍ପିକ ସୁକାନ୍ତ ସାହୁ ସଭା ପରିଚାଳନା କରିଥିଲେ । ଏଥିରେ ବିଶିଷ୍ଟ କବି ଓ ଗବେଷକ ପରମେଶ୍ୱର ମୁଣ୍ଡ, କବି ସନ୍ତୋଷ ଶତପଥି, ଯୁବକବି ଜୟଦ୍ରଥ ସୁନା, ବିଶ୍ୱରଞ୍ଜନ ପଣ୍ଡା, ଗାଳ୍ପିକ ପ୍ରକାଶ ନିଶଙ୍କ, କବି ତଥା ସାମ୍ବାଦିକ ଲଳିତ କାନୁନ୍‌ଗୋ, କୀର୍ତ୍ତନ ନାୟକ, ଧର୍ମେନ୍ଦ୍ର ନାଏକ, ବରିଷ୍ଠ ନାଗରିକ ଭାଗୀରଥି ବେହେରା, ସୁରେନ୍ଦ୍ର ନେଗୀ, ସାହିତ୍ୟକଥାର ସହସମ୍ପାଦକ ସୁଶୀଲ କୁମାର ବାଗ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

■ ବଞ୍ଚିବାକୁ ୩ ଅନାଥ ଭଉଣୀଭାଇଙ୍କ ସଂଘର୍ଷ ଘଟଣା

# ସହଯୋଗର ହାତ ବଢ଼ାଇଲା ଜିଲା ଶିଶୁ ସୁରକ୍ଷା ୟୁନିଟ

**ଜୁନାଗଡ,୨୨।୧୧(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଝାରବନ୍ଧ ଗ୍ରାମର ୩ ଅନାଥ ଭଉଣୀଭାଇ ମା'ବାପାଙ୍କ ମୃତ୍ୟୁ ପରେ ବଞ୍ଚିବା ପାଇଁ ଜୀବନ ସହ ସଂଗ୍ରାମ କରୁଥିବା ଏକ ଦୁଃଖଦ ଘଟଣା ସମ୍ପର୍କରେ ଗୁରୁବାର 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ୩ ଅନାଥ ଭଉଣୀଭାଇଙ୍କୁ ସହଯୋଗର ହାତ ବଢାଇବା ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଗୁରୁବାର ଜିଲା ଶିଶୁ ସୁରକ୍ଷା ୟୁନିଟ(ଡିସିପିୟୁ) ପରାମର୍ଶଦାତା ଅଂଶୁମାନ ବାବୁ ଓ ସାମାଜିକ କର୍ମୀ ଜୟଶ୍ରୀ ପାଣି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ସେମାନେ ବୃଦ୍ଧ ଭକ୍ତ,୨ ନାତୁଣୀ ଡୋଲେଶ୍ୱରୀ ଓ ଲିପ୍ସାଙ୍କୁ ତାଙ୍କ ପରିସ୍ଥିତି ଉପରେ ପଚାରି ବୁଝିଥିଲେ। ଏହାପରେ ପ୍ରଶାସନିକ ଅନୁଯାୟୀ ସେମାନଙ୍କୁ ଥଇଥାନ କରାଯିବା ସହ ପାଠପଢା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ତିଳକର ମାଝି, ଜିଲା ବିଜେଡି ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନିଷା ସାହୁଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଥିଲେ। ଗୁରୁବାର ମଝିଆ ନାତୁଣୀ ଲିପ୍ସାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ରେ ଉପସ୍ଥାପନା କରାଯାଇ ଥଇଥାନ କରାଯାଇଥିବା ବେଳେ ବଡ ନାତୁଣୀ ଡୋଲେଶ୍ୱରୀଙ୍କୁ ଶନିବାର ଜିଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନା କରାଯାଇ ତାଙ୍କ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ଏପଟେ ସାନ ନାତି ଟୁକୁ ତାଙ୍କ ଆଇଙ୍କ ପାଖରେ ରହିଲେ ମଧ୍ୟ ଜିଲା ଶିଶୁ ସୁରକ୍ଷା ୟୁନିଟି ପକ୍ଷରୁ ତାଙ୍କୁ ସହାୟତା କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶ ଦାତା ଅଂଶୁମାନ ବାବୁ ପ୍ରକାଶ କରିଛନ୍ତି। ଜୁନାଗଡ ବ୍ଲକ ଝାରବନ୍ଧ ଗ୍ରାମର ଡୋଲେଶ୍ୱରୀ ମାଝି (୧୩), ଭଉଣୀ ଲିପ୍ସା (୯) ଓ ସାନ ଭାଇ ଟୁକୁ ମା'ବାପାଙ୍କ ମୃତ୍ୟୁ ପରେ ବଞ୍ଚିବା ପାଇଁ ଜୀବନ ସହ ସଂଗ୍ରାମ କରୁଛନ୍ତିଠ। ଏହି ପରିସ୍ଥିତରେ ବୃଦ୍ଧ ଜେଜେବାପା ଭକ୍ତ ତାଙ୍କର ସାହାରା ପାଲଟିଛନ୍ତି। ପରିବାରର କେହି ରୋଜଗାରକ୍ଷମ ନ ଥିବାରୁ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ସଂପର୍କୀୟ ଲୋକେ କେହି କିଛି ଖାଇବାକୁ ଦେଲେ ତାଙ୍କ ପରିବାର ଚଳୁଛି। ଏପଟେ ବୃଦ୍ଧ ଜେଜେବାପାଙ୍କ ଗତ ବର୍ଷକ ତଳେ ଗୋଡ ଭାଙ୍ଗିଯାଇଥିବାରୁ ସେ ମଧ୍ୟ ଠିକ ଭାବରେ ଚଲାବୁଲା କରି ନ ପାରି ଗୋଟିଏ ସ୍ଥାନରେ ବସିରହୁଛନ୍ତି। ଫଳରେ ବଡ ନାତୁଣୀ ଡୋଲେଶ୍ୱରୀ ସ୍କୁଲକୁ ନ ଯାଇ ପରିବାରର ସମସ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏପରି ଏକ ଦୁଃଖଦ ଘଟଣା ସମ୍ପର୍କରେ ଗୁରୁବାର 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା।



ଜିଲା ଶିଶୁସୁରକ୍ଷା ୟୁନିଟ କର୍ମଚାରୀଙ୍କ ସହ ୩ ଅନାଥ ଭଉଣୀଭାଇ ଓ ବୃଦ୍ଧ ଜେଜେବାପା।

## ବିଶ୍ୱ ପାଇଖାନା ଦିବସରେ ଜନସଚେତନତା ଶୋଭାଯାତ୍ରା

**କୋକସରା,୨୨।୧୧(ଡି.ଏନ.ଏ.)**

ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ କଳାହାଣ୍ଡି ଜିଲାର ସମସ୍ତ ବ୍ଲକରେ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଅଭିଯାନ ଚାଲୁ ରହିଛି। ଏହାକୁ ଲୋକାଭିମୁଖି କରିବା ପାଇଁ କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଏକ ଜନସଚେତନତା ରାଲି କୋକସରା ଗ୍ରାମ ପରିକ୍ରମା କରିବା ସହ ସ୍ୱଚ୍ଛତାର ବାର୍ତ୍ତା ଦିଆଯାଇଛି । କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠିଙ୍କ ତତ୍ତ୍ୱାବଧାନରେ ବ୍ଲକ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ଛାତ୍ରୀଛାତ୍ର, ଅଙ୍ଗନାୱାଡି ଓ ଆଶା କର୍ମୀମାନେ ଯୋଗଦେଇଥିଲେ । ଆମପାଣି ସମିତିସଭ୍ୟା ମାଧୁରୀ ନାଏକ, କନ୍ଦାବୁଡୁରା ସମିତି ସଭ୍ୟା ଅଶୋକା ନାଏକ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ଟେମରା ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ଏନସିସି ପ୍ରଶିକ୍ଷଣ ଅଶ୍ୱିନ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ନୂତନ ଧାନ ମଣ୍ଡି ଖୋଲିବାକୁ ଦାବି

**କେସିଙ୍ଗା,୨୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ପଞ୍ଚାୟତ ମଶାଣିବନ୍ଧ ଗ୍ରାମସ୍ଥିତ ଶିବ ମନ୍ଦିର ନିକଟରେ ନୂତନ ଧାନ ମଣ୍ଡି ଖୋଲିବାକୁ ପଞ୍ଚାୟତବାସୀ ଦାବି କରିଥିଲେ ସୁଦ୍ଧା ଆଜି ଯାଏ ଖୋଲାଯାଇ ନାହିଁ । ଚଳିତ ମାସ ୫ ତାରିଖରେ ମଣ୍ଡି ଖୋଲିବାକୁ ଜିଲା ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ସଚେତନା କରିଥିଲେ । କିନ୍ତୁ ଆଜିଯାଏ ମଣ୍ଡି ଖୋଲି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି ।

ଚଳିତବର୍ଷ କାଣ୍ଡୋଲ କୃଷି ସମବାୟ ସମିତି ପକ୍ଷରୁ ଏକ ନୂତନ ଧାନ ମଣ୍ଡି ବାଲସି ପଞ୍ଚାୟତରେ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ଜିଲାପାଳ, ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ, କୃଷି ବିଭାଗର ଜିଲା କୃଷି ଅଧିକାରୀଙ୍କୁ ସମିତି ପକ୍ଷରୁ ସ୍ୱିକୃତୀ ଲାଗି ଚିଠି କରାଯାଇଥିଲା । ବାଲସି ପଞ୍ଚାୟତ ଚାଷୀଙ୍କ ସୁବିଧା ଦୃଷ୍ଟିରୁ ଉପଜିଲାପାଳ, ବାଲସି ପଞ୍ଚାୟତର ଭିତ୍ତିଭୂମି ଥିବା ଜାଗାରେ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାଲସି, ରେଙ୍ଗାଲି ଗ୍ରାମରେ ମଣ୍ଡି ଖୋଲିବାକୁ ଉପଯୁକ୍ତ ଜାଗା ଓ ଭିତ୍ତି ଭୂମି ନାହିଁ । ଫଳରେ ମଣ୍ଡି ଖୋଲିବାକୁ ସମିତି ପକ୍ଷରୁ ମନୋନୀତ କରାଯାଇ ପାରୁନାହିଁ । ବାଲସି ପଞ୍ଚାୟତ ମଶାଣିବନ୍ଧ ଗ୍ରାମସ୍ଥିତ ଶିବ ମନ୍ଦିର ନିକଟରେ ୧୧ ଏକର ବିଶିଷ୍ଟ ସରକାରୀ ଖୋଲା ପଡିଆ ରହିଥିବାରୁ ଏଠାରେ ମଣ୍ଡି ଖୋଲିବାକୁ ମଶାଣିବନ୍ଧ କୋକୋଠିମାଲ, କଛାରପଦର, ରେଙ୍ଗାଲି ଗ୍ରାମ ଚାଷୀମାନେ ଜିଲାପାଳ, ଉପଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଦାବି ଜଣାଇଛନ୍ତି । ଏ ନେଇ କାଣ୍ଡେଲସ୍ଥିତ କୃଷି ସମବାୟ ସମିତି ସଭାପତି ଠାକୁର ସାହୁଙ୍କୁ ପଚାରିବାରୁ ବାଲସି, ରେଙ୍ଗାଲି ଗ୍ରାମରେ ମଣ୍ଡି ଖୋଲିବାକୁ କୌଣସି ଭିତ୍ତିଭୂମିର ସୁବିଧା ନାହିଁ । ମଶାଣିବନ୍ଧ ଗ୍ରାମସ୍ଥିତ ଶିବ ମନ୍ଦିର ପରିସରରେ ମଣ୍ଡି ଖୋଲିଲେ ଧାନ ସୁରକ୍ଷିତ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ । ଏ ନେଇ କୃଷି ବିଭାଗର କୃଷି ଓଭରସିୟର ତନୁଚରଣ ନାଏକଙ୍କୁ ପଚାରିବାରୁ ମଶାଣିବନ୍ଧ ଗ୍ରାମ ଶିବ ମନ୍ଦିରରେ ଖୋଲିଲେ ବହୁତ ଭଲ ହେବା ସହିତ ବିଦ୍ୟୁତ, ପାନୀୟଜଳ, ଗୃହ, ଗମନାଗମନର ସବୁ ପ୍ରକାର ସୁବିଧା ହୋଇପାରିବ ବୋଲି ପ୍ରକାଶ କରିଥିଲେ ।

ବାଲସି, ମଶାଣିବନ୍ଧ, ରେଙ୍ଗାଲି, କଛାରପଦର, ଧିଙ୍ଗିଆମୁଣ୍ଡା, କୋକୋଡମାଲ, ବୁଡିପଦର, କଲୋନୀପଡାକୁ ନେଇ ଗଠିତ ବାଲସି ଗ୍ରାମପଞ୍ଚାୟତରେ ୫୧୩ ହେକ୍ଟର ଜମି ରହିଛି। ଚଳିତ ଖରିଫ ଋତୁରେ ୫୧୩ ହେକ୍ଟରରେ ଚାଷୀ ଧାନ ଚାଷ କରିଛନ୍ତି । ଚଳିତବର୍ଷ ଭଲ ବର୍ଷା ହୋଇଥିବାରୁ ହେକ୍ଟର ପିଛା ୧୮ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଲେଖାଏଁ ଧାନ ଚାଷ ଅମଳ ହୋଇଛି । ବାଲସି ପଞ୍ଚାୟତ ୧୨୦୦ ଜଣ ଚାଷୀଙ୍କଠାରୁ ୯ ହଜାର ୨୩୪ କୁଇଣ୍ଟାଲ ଧାନ ଅମଳ ହୋଇଥାଏ। ଏହି ଧାନକୁ କାଣ୍ଡୋଲସ୍ଥିତ କୃଷି ସମବାୟ ସମିତିରେ ଧାନ ବିକ୍ରି କରିବାକୁ ନିଆଯାଇଥାଏ । ବାଲସି ପଞ୍ଚାୟତର ବହୁ ଚାଷୀଙ୍କ ଧାନ ଅମଳ ହୋଇ ଖଳାରେ ପଡି ରହିଛି ।

## ମଡ୍ୟୁଲାର ଗୋଷ୍ଠୀ ପାଇଖାନା ଉଦ୍‌ଘାଟିତ

**ଝାରସୁଗୁଡା ଅଫିସ,୨୨।୧୧**

ଝାରସୁଗୁଡା ଜିଲାକୁ ଖୋଲା ଶୌଚମୁକ୍ତ ଜିଲା ଘୋଷଣା କରିବାକୁ ପ୍ରଶାସନ ଲାଗି ପଡିଛି। ସେଥିପାଇଁ ଝାରସୁଗୁଡା ପୌର ପରିଷଦ ତରଫରୁ ପାଇଖାନା ନିର୍ମାଣ କାମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସ୍ଥାନେ ସ୍ଥାନେ ମଡ୍ୟୁଲାର ଗୋଷ୍ଠୀ ପାଇଖାନା ନିର୍ମାଣ କରାଯାଉଛି। ପୌରାଞ୍ଚଳ ୱାର୍ଡ ନଂ ୫ ତଲିଭଟାଠାରେ ୧୦ଟି ଏବଂ ବମ୍ହେଛକ ଠାରେ ୫ଟି ଗୋଷ୍ଠୀ ପାଇଖାନା ଗୁରୁବାର ଉଦ୍‌ଘାଟନ କରାଯାଇଛି। ସେହିପରି ୧୧ନଂ.ୱାର୍ଡରେ ୩ ଲକ୍ଷ ଟଙ୍କା ବ୍ୟୟରେ ଗଭୀର ନଳକୂପ ଉଦ୍‌ଘାଟନ କରାଯାଇଛି। ପୌରାଧ୍ୟକ୍ଷ ହରିଶ ଗଣତ୍ରା ଏହିସବୁ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ପୌରଯନ୍ତ୍ରୀ ମନୋଜ ପାତ୍ର, ଦୀପକ ରାଉତ, କାଉନସିଲର ରାଜୁ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ପବିତ୍ର ବେହେରା, ଆଜମ ଖାନ୍, ପପୁ ଜୈନ୍, ଦିଲୁ ବେହେରା, ମେରୀଗୌନ୍ତି ଡୁଙ୍ଗଡୁଙ୍ଗ୍ ପ୍ରମୁଖ ସାଙ୍ଗରେ ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଛଣ ଗିରି ଗିରି**
**ସୀତାଙ୍କୁ ରାବଣ ନଉଛି ହରି**
**ବିଭୂତି ଭୂଷଣ କରି ।**

ଜନକ ନନ୍ଦିନୀ ଦେବୀ ସୀତାଙ୍କୁ ଲଙ୍କପତି ରାବଣ ଛଦ୍ମବେଶ ଧାରଣ କରି ହରଣ କରିନେଇଥିବା କଥା ରାମାୟଣରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ ମିଛସତ କହି ବା ପ୍ରଲୋଭିତ କରି ପରନାରୀକୁ ଅକ୍ତିଆର କରିବା ନେଇ ଚେଷ୍ଟା ଚଳାଉଥିବା କାମୁକ ଶ୍ରେଣୀର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ପୂରୁବ ସଦେଇ କି;**
**ସଦେଇ ହାତରେ ଯାଉଁଳି ମୁଦି**
**ତାକୁ ମଣିଷ ଦିଶଇ କି ?**

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଂକାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନବଜାତ ଶିଶୁଯତ୍ନ ସପ୍ତାହ ପାଳିତ

**କୋକସରା,୨୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ନବାଜାତ ଶିଶୁ ଯତ୍ନ ସପ୍ତାହ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗତ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ନବଜାତ ଶିଶୁ ଯତ୍ନ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନତା ସଭା, ଦସ୍ତଖତ ଅଭିଯାନ, କୁଇଜ ପ୍ରତିଯୋଗିତା ମାଧ୍ୟମରେ ସ୍ୱାସ୍ଥ୍ୟକର୍ମୀ, ଆଶା, ଓ ଅଙ୍ଗନୱାଡି କର୍ମୀ, ୱାର୍ଡମେମ୍ବର ଓ ଗ୍ରାମାଞ୍ଚଳସ୍ତରୀୟ ଜନପ୍ରତିନିଧିମାନଙ୍କୁ ନେଇ ଡହଗା, କୋକସରା, ଲଡୁଗାଁ, ଆମପାଣି ଅଞ୍ଚଳରେ ସଭାଗୁଡିକର ଆୟୋଜନ କରାଯାଇଥିଲା । ବୈଠକରେ ନବଜାତ ଶିଶୁ ଜନ୍ମ ସମୟରେ କମ ଓଜନ ଓ ସମୟ ପୂର୍ବରୁ ଜନ୍ମିତ ଶିଶୁମାନଙ୍କ ପରିଚାଳନା ଉପରେ ବିଶେଷ ଆଲୋକପାତ କରାଯାଇଥିଲା । ଏହି ସଭାଗୁଡିକରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଶିଳ କୁମାର ସାହୁ, ଡା. ସୁଶାନ୍ତ ଭୁସାଗର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ବିପିଏମ ଏମ ରାଜଶେଖର, ତଥା ସେକ୍ଟର ସୁପରଭାଇଜର ସତ୍ରାଜିତ ନାଏକ, ଧନୁ ମାଝି, କେତନ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers: 7409203163

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି।
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now: 8295564405, 7496890187

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers: 9996568749, 7497026992
Kutasingha, Tentuligaon, Bolangir, Orissa 767068

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number: 9897499698
Goudunipokhari, Pharsibandha, Bhadrak, Odisha - 756132

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787, 7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469, 8395030162

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261, 9718741868
Block Chack, Balasore-756027

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now: 8859690149, 7830746256
T-51, Gali No.-8, Gautampuri, Delhi-110053

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now: 8697980580

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234, 08750097511
Plot No.3, Sector-II, CBD Belapur, Navi Mumbai-400614

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370, 7840058835
H.No.-258, VPO Duhai, Ghaziabad, (U.P.) 201203

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline: 18002126755, 08802683947
Dist: Khargaon, Madhyapradesh

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ

### ବର୍ଦ୍ଧିତ ଭତ୍ତା ଟଙ୍କା ହଡପ ଅଭିଯୋଗ

ଲୋଇସିଂହା,୨୨।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତର କେତକ ବୃଦ୍ଧା ବୃଦ୍ଧ ଏବଂ ଦିବ୍ୟାଙ୍ଗମାନଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ୱାର୍ଡ ସଭ୍ୟ ଡାକ୍ତର ହୋତା ଏନେଇ ବ୍ଲକ ଏସ୍‌ଇଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ମୁତବକ, ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ ହିତାଧିକାରୀମାନେ ୩ ଶହ ଟଙ୍କା ଭତ୍ତା ପାଉଥିଲେ। ହେଲେ ସେମାନଙ୍କ ଭତ୍ତା ଟଙ୍କା ଗତ ମେ ମାସରେ ବର୍ଦ୍ଧିତ ହୋଇ ୫ ଶହ ଟଙ୍କା ହୋଇଛି। ହେଲେ ସେମାନଙ୍କୁ ମେ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ନାହିଁ। ହେଲେ ଅକ୍ଟୋବର ମାସରୁ ହିତାଧିକାରୀମାନଙ୍କୁ ୫ ଶହ ଟଙ୍କା ଦିଆଯାଉଛି। ତେବେ ଗୁର୍ଜିଭଟା, କେଉଁଟିପାଲି ଗ୍ରାମର ହିତାଧିକାରୀମାନଙ୍କ ମେ'ମାମରୁ ସେପ୍ଟେମ୍ବର ୪ ମାସର ବର୍ଦ୍ଧିତ ଭତ୍ତା ଟଙ୍କା ପାଇ ନ ଥିବା ବେଳେ ଭତ୍ତା ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସରପଞ୍ଚ ପ୍ରଶାନ୍ତ ପଧାନଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ ଅଭିଯୋଗ ହୋଇଥିବା କହିଥିଲେ। ୱାର୍ଡ ସଭ୍ୟ ଏବଂ ଗ୍ରାମବାସୀ ଏହାର ତଦନ୍ତ ଦାବି କରିଛନ୍ତି।

### ୨୬ରୁ ଓଡ଼ିଶା ଶିକ୍ଷା ସେବା ଅଧିକାରୀଙ୍କ ସାମୂହିକ ଛୁଟି ନିଷ୍ପତ୍ତି

ବଲାଙ୍ଗୀର ଅଫିସ, ୨୨।୧୧: ଚାକିରୀ କ୍ଷେତ୍ରରେ କ୍ୟାଡର ରୁଲ ଲାଗୁ ଦାବି କରି ଆଗାମୀ ୨୬ ତାରିଖରୁ ଓଡ଼ିଶା ଶିକ୍ଷା ସେବା ଅଧିକାରୀମାନେ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ବଲାଙ୍ଗୀର ଜିଲାପାଳଙ୍କୁ ବଲାଙ୍ଗୀର ସଂଘ ସଦସ୍ୟମାନେ ଏକ ସ୍ମାରକପତ୍ର ଦେଇଛନ୍ତି। ରାଜ୍ୟ ସରକାର ଅଧିକାଂଶ ବିଭାଗର କ୍ୟାଡର ପୁନର୍ବିନ୍ୟାସ କରୁଥିବା ବେଳେ ଓଇଏସଙ୍କୁ ଅଣଦେଖା କରୁଛନ୍ତି। ଏହାକୁ ନେଇ ଓଡ଼ିଶା ଶିକ୍ଷା ସେବା ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଏହି ମର୍ମରେ ବଲାଙ୍ଗୀରରେ କାର୍ଯ୍ୟରତ ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶଙ୍କ ନେତୃତ୍ୱରେ ୧୪ଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଏବଂ ବଲାଙ୍ଗୀର ଓଡ଼ିଶା ଶିକ୍ଷା ସେବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

### ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଶୋକସଭା

ଟିକ୍ରାପଡ଼ା,୨୨।୧୧(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାଠାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ ସଭାରେ ଅଧକ୍ଷତା କରିଥିଲେ। ଅନ୍ତର୍ଯାମୀ ରାଜପଲିଆ ସଭା ସଂଯୋଜନା କରିଥିଲେ। ଆଇନଜୀବୀ ଟୁନୁ ରାଜପଲିଆ, ଦିଲୀପ ରାଜପଲିଆ, ଗଣେଶ୍ୱର ରାଜପଲିଆ, ମୀନକେତନ ରାଜପଲିଆ ପ୍ରମୁଖ ସ୍ୱର୍ଗତ ପରିଡ଼ାଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ। ଭଗବାନ ରାଜପଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଣିଟାଙ୍କିରେ ପଡ଼ି ୭ବର୍ଷ ଝିଅ ମୃତ୍ୟୁ ଘଟଣା

# ସାବତମା' ହତ୍ୟାକାରିଣୀ

ବେଲପଡ଼ା,୨୨।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଭରୁଆମୁଣ୍ଡା ଗ୍ରାମର ସାତବର୍ଷର ଝିଅ ରଶ୍ମିତାଙ୍କ ପାଣିଟାଙ୍କିରେ ପଡି ମୃତ୍ୟୁ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହା ଦୁର୍ଘଟଣାଜନିତ ନୁହେଁ, ବରଂ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ସମ୍ପତ୍ତି ଲୋଭ ଓ ସାବତ ଝିଅକୁ ସ୍ୱାମୀଙ୍କ ଅଧିକ ଭଲ ପାଇବା ହତ୍ୟାର ମୁଖ୍ୟ କାରଣ। ଜେରାବେଳେ ପୋଲିସ ନିକଟରେ ଏହା ସ୍ୱୀକାର କରିଛନ୍ତି ୧୬ ବର୍ଷିୟା ସାବତମା'। ଏ ନେଇ ଦଫା ୩୦୨, ୨୦୧ରେ ଏକ ମାମଲା(ନଂ.୨୦୮/୧୮) ରୁଜୁ କରି ପୋଲିସ ଗୁରୁବାର ଅଭିଯୁକ୍ତା ସାବତମା'ଙ୍କୁ ବଲାଙ୍ଗୀରସ୍ଥିତ ସ୍ୱତନ୍ତ୍ର କୋର୍ଟରେ ହାଜର କରାଇ ବ୍ରହ୍ମପୁରସ୍ଥିତ କେନ୍ଦ୍ରୀୟ ବାଳ ସୁଧାର ଗୃହକୁ ପଠାଇ ଦେଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବେଲପଡ଼ା ଥାନା ଭରୁଆମୁଣ୍ଡା ଗ୍ରାମର ପ୍ରଦୀପ ମେହେର ତାଙ୍କ ୭ବର୍ଷର ଝିଅ ରଶ୍ମିତା ଘର ପାଣିଟାଙ୍କିରେ ପଡି ମୃତ୍ୟୁ



ରଶ୍ମିତାଙ୍କ ଫାଇଲ ଫଟୋ।

ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ରଶ୍ମିତାଙ୍କ ମାମୁ ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ଶୁକ ମେହେର ଏହା ହତ୍ୟାକାଣ୍ଡ ବୋଲି ଥାନାରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ଟାଙ୍କିରେ ପଡି ମୃତ୍ୟୁରେ ସନ୍ଦେହ ପ୍ରକାଶ କରି ଗ୍ରାମବାସୀ ଏହାର ବଧିବଦ୍ଧ ତଦନ୍ତ ଦାବି କରିଥିଲେ। ଏହି କ୍ରମରେ ରଶ୍ମିତାଙ୍କ ସାବତମା'ଙ୍କ ଭୂମିକା ସନ୍ଦେହ ଘେରକୁ ଆସିଥିଲା। ୫ବର୍ଷ ତଳେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଗତ ଫେବୃୟାରୀ ମାସରେ

- ସମ୍ପତ୍ତି ପାଇଁ କରିଥିଲେ ହତ୍ୟା
- ତଣ୍ଟିଚିପି ହତ୍ୟା ପରେ ପାଣିଟାଙ୍କିରେ ପକାଇଥିଲେ
- ସାବତ ମା' ଥିଲେ ନାବାଳିକା
- ଅଭିଯୁକ୍ତା ବ୍ରହ୍ମପୁର କେନ୍ଦ୍ରୀୟ ବାଳ ସୁଧାର ଗୃହକୁ ଗଲେ

ପ୍ରଦୀପ ଦ୍ୱିତୀୟ ବିବାହ କରିଥିଲେ। ଏବେ ନାବାଳିକା ଦ୍ୱିତୀୟ ସ୍ତ୍ରୀ ଗର୍ଭବତୀ ଅଛନ୍ତି। ସ୍ତ୍ରୀ ଗର୍ଭବତୀ ହେବା ପରେ ପ୍ରଦୀପ ରଶ୍ମିତାଙ୍କ ନାମରେ ଅଧା ସମ୍ପତ୍ତି ଉଇଲ କରିଦେଇଥିଲେ। ଏହାକୁ ନେଇ ଘରେ ସବୁବେଳେ କଳିକଜିଆ ହେଉଥିଲା। ଏହାକୁ ଆଧାର କରି ପୋଲିସ ତଦନ୍ତ ଆଗକୁ ବଢାଇଥିଲା। ଥାନାକୁ ଆଣି ସାବତମା'ଙ୍କୁ ପଚରାଉଚୁରା ବେଳେ ସବୁ କଥା ପଦାକୁ ଆସିଥିଲା। ସ୍ୱାମୀ ସାବତ ଝିଅକୁ ଅଧିକ ଭଲ ପାଇବା ଏବଂ ସମ୍ପତ୍ତିର ଅଧା ଝିଅଙ୍କ ନାମରେ କରିଦେବା ନେଇ ପ୍ରତିକ୍ରିୟାଶୀଳ ହୋଇ ପଡିଥିବା ମାନି ଥିଲେ ସାବତ ମା'। ରଶ୍ମିତାଙ୍କୁ ସବୁଦିନ ପାଇଁ ଶେଷ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ସେ ସ୍ୱୀକାର କରିଥିଲେ। ଯୋଜନାମତେ ରଶ୍ମିତା ବୁଧବାର ସ୍କୁଲରୁ ଘରକୁ ଫେରିବା ପରେ ବାହାରୁ କିଣି ଆଣି ଖାଇବା ପାଇଁ ସେ ୧୦ଟଙ୍କା ଦେଇଥିଲେ। ମା' ପଇସା ଦେଇଛନ୍ତି ବୋଲି ଖୁସିରେ ଘରୁ ବାହାରି ଥିବା ବେଳେ ପୁଣି ରଶ୍ମିତାଙ୍କୁ ଡାକିଥିଲେ। ସେହି ସମୟରେ ପାଣି ଟାଙ୍କି ଭିତରକୁ ରଶ୍ମିତାଙ୍କୁ ଠେଲି ଦେଇଥିଲେ। ହେଲେ ଟାଙ୍କି କମ୍ ଉଚ୍ଚରେ ଥିବାରୁ ରଶ୍ମିତା ଟାଙ୍କିରେ ଛିଡା ହୋଇଯାଇଥିଲେ। ପରେ ତାଙ୍କୁ ଟାଙ୍କିରୁ କାଢି ତଣ୍ଟି ଚିପି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ଯାଇ ପାଣି ଟାଙ୍କିରେ ମୃତଦେହ ପକାଇ ଦେଇଥିବା ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି ସାବତମା'। ସନ୍ଧ୍ୟାରେ ପ୍ରଦୀପ ଆସି ଝିଅକୁ ଖୋଜି ପାଇ ନ ଥିଲେ। ହେଲେ ସାବତ ମା' ଝିଅ ଗାଁ ଭାଗବତ ଟୁଙ୍ଗିରେ ପୁରାଣ ପାଠ ଜାଗାରେ ଥିବା କହିଥିଲେ। ହେଲେ ସେଠାରେ ମଧ ଝିଅ ନ ମିଳିବାରୁ ଘରକୁ ଆସି ପ୍ରଦୀପ ଗାଧୁଆ ଘର ପାଣିଟାଙ୍କିରେ ରଶ୍ମିତା ମରିପଡିଥିବା ଦେଖିବାକୁ ପାଇଥିଲେ।

## ବଲାଙ୍ଗୀରରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

ବଲାଙ୍ଗୀର ଅଫିସ,୨୨।୧୧

ବଲାଙ୍ଗୀର ସହରରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରତିଦିନ ଲୁଟ୍‌ପାଟ, ଆକ୍ରମଣ ଓ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ବୁଧବାର ମର୍ନିଂୱାକ୍‌ରେ ଯାଉଥିବା ଜଣେ ଅବସରପ୍ରାପ୍ତ ଏସ୍‌ପିଙ୍କୁ ଆକ୍ରମଣ ଓ ଲୁଟ୍ ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଗୁରୁବାର ଲୁଟେରାମାନେ ସହରରେ ପୁଣି ଉତ୍ପାତ ଦେଖାଇଛନ୍ତି। ଗୁରୁବାର ଭୋର ୪ଟାରୁ ଗୋବିନ୍ଦ ବର୍ଗର୍ତ୍ତାଙ୍କ ଏକ ବାଇକ୍ ଚୋରି ଓ ଅନ୍ୟ ଜଣେ ଯାତ୍ରୀଙ୍କ ମୋବାଇଲ ଫୋନ ଓ ମନିପର୍ସ ଲୁଟ୍ ହୋଇଛି। ବର୍ଗର୍ତ୍ତାଙ୍କ ସାଇକଲକୁ କେହି ଜଣେ ଚୋରି କରିନେଇଥିବା ବେଳେ ଏକ ପଲସର ବାଇକ୍‌ରେ ୨ଜଣ ଯୁବକ ଆସି ଭୋର ପ୍ରାୟ ୪ଟାରେ କଟକ ବସ୍‌ରୁ ବଲାଙ୍ଗୀର ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିବା ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ ଓ ମନିପର୍ସ ଲୁଟି ନେଇ ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ବଲାଙ୍ଗୀର ରେଲୱେ ଷ୍ଟେଶନ ସାଲେପାଲି ରାସ୍ତା କଡରେ ଅଟକି ନିଜ ମୋବାଇଲ ଫୋନ୍‌ରେ କଥା ହେଉଥିବା ପୀତାମ୍ବର ସିଂ(୬୦)ଙ୍କୁ ୨ଜଣ ଯୁବକ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ୍ ଲୁଟି ଫେରାର ହୋଇଯାଇଛନ୍ତି। ଯୁବକଙ୍କ ମାଡରେ ପୀତାମ୍ବର ସିଂଙ୍କ କାନ ଫାଟି ପ୍ରବଳ ରକ୍ତସ୍ରାବ ହୋଇଛି। ଏସଂକ୍ରାନ୍ତରେ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ବୁଧବାର ସନ୍ଧ୍ୟାରେ ଜଣେ ନିଶାସକ୍ତ ନାବାଳକ ଏକ ଖଣ୍ଡା ଧରି ଇଚ୍ଛାପଡ଼ା ଅଞ୍ଚଳରେ ଉନ୍ମତ୍ତ କାଣ୍ଡ କରିଥିଲେ। ଜୋରରେ ଖଣ୍ଡା ବୁଲାଇ ଆତଙ୍କ ଖେଳାଇବାରୁ ୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ପରେ ସମ୍ପୃକ୍ତ ନାବାଳକଙ୍କୁ ଲୋକେ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ପ୍ରତିଦିନ ସହରରେ ଲୁଟ୍‌ପାଟ, ଚୋରି, ଡକାୟତି, ଗୁଣ୍ଡାଗର୍ଦ୍ଦି, ମାଡପିଟ୍ ବଢୁଥିବାରୁ ସହରବାସୀ ଚିନ୍ତିତ ହୋଇପଡିଛନ୍ତି। ଅନ୍ୟପକ୍ଷେ ପୋଲିସର କାର୍ଯ୍ୟ ଦକ୍ଷତା ପ୍ରତି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ବଲାଙ୍ଗୀର ଏସ୍‌ପି ଛୁଟିରେ ଅଛନ୍ତି। ଏଭଳି ପରିସ୍ଥିତିରେ ସହରରେ ବୃଦ୍ଧି ପାଉଥିବା ଅପରାଧିକ ଘଟଣା ସମ୍ପର୍କରେ ଆଡିସନାଲ ଏସପିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବଲାଙ୍ଗୀର ଟାଉନ୍ ଥାନା ଆଇଆଇସି ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ନେହେରୁ କପ୍ ଫୁଟବଲ: କଦଳୀପାଲି ଚାମ୍ପିୟନ

ଲୋଇସିଂହା,୨୨।୧୧(ଡି.ଏନ.ଏ.)

ଆଗଲପୁର ବ୍ଲକ ଡୁଡକା ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ନେହେରୁ ଜୟନ୍ତୀ ଅବସରରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଟ୍ରାଇବ୍ରେକର ଜରିଆରେ ୫-୪ ଗୋଲରେ ଡେଙ୍ଗରଜୁରୀ ହରାଇ କଦଳିପାଲୀ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଡେଙ୍ଗଜୁରୀ ଏବଂ କଦଳୀପାଲୀ ମଧରେ ଅନୁଷ୍ଠିତ ଫାଇନାଲ ଖେଳରେ ନିର୍ଦ୍ଧାରିତ ସମୟ ମଧରେ କେହି କାହାକୁ ଗୋଲ ସ୍କୋର ନ କରିବାରୁ ଖେଳ ଅମୀମାଂସୀତ ରହିଥିଲା। ଖେଳ ପରିଚାଳନା କରୁଥିବା ସନ୍ତୋଷ ଦରୁଆ, ସନ୍ତୋଷ ସେଠ, ନିମାଇଁ ନାଏକ ପ୍ରମୁଖ ଟ୍ରାଇବ୍ରେକରର ସାହାଯ୍ୟ ନେଇଥିଲେ। ଚିତ୍ତରଞ୍ଜନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧକ୍ଷ ମନମୋହନ ପଟେଲ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ମନ୍ଦୋଦରି ବିଶ୍ୱାଳ, ସମିତିସଭ୍ୟା ପ୍ରେମଲତା ମିର୍ଦ୍ଧା, ଜିଲା ପରିଷଦ ସଭ୍ୟା ଶୁକୁମାରୀ ଧରୁଆ, ସୀତାରାମ ମହାଲିଙ୍ଗ, ବିଡିସିସି ବ୍ୟାଙ୍କ ପରିଚାଳକ ସୁରୁମଣୀ ସାହୁ, ଜୟକୃଷ୍ଣ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫ ହଜାର ଦେଇ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ

## ନକଲି ଦେଇ ଅସଲି ନୋଟ୍ ନେଇଗଲେ

ବଲାଙ୍ଗୀର ଅଫିସ, ୨୨।୧୧

ବଲାଙ୍ଗୀର ସହରରେ ଏକ ଅଭିନବ ଠକେଇ ର୍‍ୟାକେଟ୍ ସକ୍ରିୟ ହୋଇଛନ୍ତି। ଖୁଚୁରା ଟଙ୍କା ବଦଳ କରିବା ନାଁରେ ଗତ ୨ ଦିନ ଭିତରେ ୨ଜଣ ଦୋକାନୀଙ୍କୁ ନକଲି ନୋଟ୍ ଦେଇ ଅସଲି ନୋଟ୍ ନେଇ ଫେରାର ହୋଇଯାଇଛନ୍ତି। ଗୁରୁବାର ମିଶ୍ର ଅଟୋମୋବାଇଲ୍ସ ଦୋକାନକୁ ଆସି ଜଣେ ଯୁବକ ଖୁଚୁରା ଟଙ୍କା ରଖିବେ କହି ୧୦ଟି ୨୦୦ ଟଙ୍କିଆ ନୋଟ୍ ନେଇ ୨ ହଜାର ଟଙ୍କିଆ ନୋଟ ଦେବାକୁ କହିଥିଲେ। ଦୋକାନ ମାଲିକ ସମ୍ପୃକ୍ତ ଯୁବକଙ୍କ ନିକଟରୁ ୧୦ଟି ୨ ଶହ ଟଙ୍କିଆ ନୋଟ ରଖି ୪ଟି ୫ ଶହ ଟଙ୍କିଆ ନୋଟ ଦେଇଥିଲେ। ୨ ହଜାର ଟଙ୍କା ଧରିବା ପରେ ଦୋକାନରୁ ଯୁବକ ଜଣକ ଦୌଡି ପଳାଇଥିଲେ। ଯୁବକ ଜଣକ ପଳାଇବା ପରେ ଦୋକାନୀ ଜାଲ ନୋଟ ଦେଇଥିବା ଜାଣିପାରି ପିଛା କରିଥିଲେ। ହେଲେ ଯୁବକଙ୍କୁ ପାଇ ନ ଥିଲେ। ଏନେଇ ଦୋକାନ ମାଲିକ ଜିତେନ୍ଦ୍ର ମିଶ୍ର ଟାଉନ୍ ଏକ ଥାନାରେ ଅଭିଯୋଗ କରିଛନ୍ତି। ୨ଦିନ ପୂର୍ବରୁ ସମାନ୍ ଢ଼ଙ୍ଗରେ ବଲାଙ୍ଗୀର ଟିକ୍ରାପଡ଼ା ଛକଠାରେ ଥିବା ଟାୟାର ଜୋନ୍ ଦୋକାନରୁ ଠକେଇ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ସହରରେ ଏକ ର୍‍ୟାକେଟ୍ ସକ୍ରିୟ ଥିବା ଜଣାପଡିଛି। ଉଭୟ ଦୋକାନର ସିସିଟିଭିରେ ଲୁଟେରାଙ୍କ ଫଟୋ ରେକର୍ଡ ରହିଥିବା ଜଣାପଡିଛି।

### ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

## କଣ୍ଟାବାଞ୍ଜି ଜିଲା ଗଠନ ଦାବିକୁ ଏମ୍‌ପିଙ୍କ ସମର୍ଥନ




ତୁରେକେଲା ବ୍ଲକ ବିଜେଡି ପକ୍ଷରୁ ଅନୁଷ୍ଠିତ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀରେ ଏମ୍‌ପି କଲିକେଶ ନାରାୟଣ ସିଂଦେଓଙ୍କ ସହ ଦଳୀୟ କର୍ମକର୍ତ୍ତା।

କଣ୍ଟାବାଞ୍ଜି,୨୨।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବିଜେଡି ପକ୍ଷରୁ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଗୁରୁବାର ତୁରେକେଲାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୁରେକେଲା ଏବଂ ମୁରିବାହାଲ ବ୍ଲକ ଅଞ୍ଚଳର କର୍ମୀମାନେ ସାମିଲ ହୋଇଥିଲେ। ସମ୍ମିଳନୀରେ ତୁରେକେଲା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନସାଧାରଣ କଣ୍ଟାବାଞ୍ଜି ଜିଲା ଦାବି ନେଇ ପୋଷ୍ଟର ଦେଖାଇ ନାରାବାଜି କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ମୁରିବାହାଲ ବ୍ଲକ ଅଧକ୍ଷ ହଂସରାଜ ଜୈନ, ଉପାଧକ୍ଷା ସୁନ୍ଦରମତି ବାଗ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ଗୋପା ମହାନନ୍ଦ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ହୋତା, ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ ନାୟକ, ଦିଲୀପ ସାହୁ, କୃଷକ ମୋର୍ଚ୍ଚା ବ୍ଲକ ସଭାପତି ସୁବାଷ ପୁଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରୁଷୋତ୍ତମ ସାହୁ ମଞ୍ଚ ପରିଚାଳନା କରିଥିଲେ। ସମ୍ମିଳନୀରେ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଏମ୍‌ପି ସିଂଦେଓ କହିଥିଲେ। କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଅବହେଳା କରୁଥିବା ଯୋଗୁ ମୁଖ୍ୟମନ୍ତ୍ରୀ ନିଜସ୍ୱ ପାଣ୍ଠିରେ ବିଭିନ୍ନ ଯୋଜନା କରି ଓଡ଼ିଶାବାସୀଙ୍କୁ ସେବା ଯୋଗାଇ ଦେଉଥିବା କହିଥିଲେ। ସେହିପରି ହଂସରାଜ ଜୈନ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ଜନପ୍ରତିନିଧିମାନଙ୍କୁ ଭର୍ତ୍ସନା କରି ଅଞ୍ଚଳର ବିକାଶରେ ତାଙ୍କର କୌଣସି ଭୂମିକା ରହି ନ ଥିବା କହିଥିଲେ। ଏଥିରେ ଜିଲା ସଂଘର୍ଷ ସମିତି କଣ୍ଟାବାଞ୍ଜି ପକ୍ଷରୁ ଅଭିମନ୍ୟୁ ନାଗ, ସହଦେବ ନାଗ, ସତ୍ୟନାରାୟଣ ରାଏ, ବିଦେଶି ବେହେରା, ବେଣୁଧର ଜାଲ, ଶେଷଦେବ ପୁଟେଲ ଏବଂ ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ କଣ୍ଟାବାଞ୍ଜି ଜିଲା ଦାବି ଉପରେ ଏମ୍‌ପି ସିଂଦେଓଙ୍କୁ ପଚାରିବାରୁ ଭୌଗୋଳିକ ସ୍ଥିତିରୁ ଦାବି ଯୁକ୍ତିଯୁକ୍ତ ବୋଲି କହିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଘଟଣା ସଂକ୍ରାନ୍ତରେ ଉପସ୍ଥାପନ କରିବେ ବୋଲି କହିଛନ୍ତି। ସେହିପରି ମୁରିବାହାଲ ବ୍ଲକ ଅଧକ୍ଷ ଜୈନଙ୍କୁ ପଚାରିବାରୁ ଦାବିକୁ ସମର୍ଥନ ଜଣାଇଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି, ଜନସାଧାରଣ ଆନ୍ଦୋଳନରେ ସାମିଲ ହେବେ ବୋଲି କହିଥିଲେ। ତୁରେକେଲା ବ୍ଲକରେ ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ସଂକ୍ରାନ୍ତରେ ତୁରେକେଲା ବ୍ଲକ ସଭାପତି ଆଶାଦୁଲ୍ଲା ଖାନ ଓ ଯୁବ ମୋର୍ଚ୍ଚା ସଭାପତି ସୁଦାମ ବେହେରାଙ୍କୁ ପଚାରିବାରୁ ଦଳର କର୍ମୀ ସମ୍ମିଳନୀ ହେଉଛି ବୋଲି ସେମାନେ ଜାଣି ନ ଥିବା କହିଥିଲେ। ଉପରୋକ୍ତ ମନ୍ତବ୍ୟକୁ ନେଇ ବିଜେଡି କର୍ମୀଙ୍କ ମଧରେ ଫାଟ ରହିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ବଲାଙ୍ଗୀର ଜିଲା ଓକିଲ ସଂଘ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ କମିଟି ବୈଠକ

## ୩ରେ ବଲାଙ୍ଗୀର ଜିଲା ବନ୍ଦ

ବଲାଙ୍ଗୀର ଅଫିସ,୨୨।୧୧

ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଜିଲା ଓକିଲ ସଂଘ ପକ୍ଷରୁ ଦୀର୍ଘ ୩ ମାସ ଧରି ଜାରି ରଖିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବାକୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସିଏସି ପକ୍ଷରୁ ଦିଆଯାଇଥିବା ପଶ୍ଚିମ ଓଡିଶା ମହାବନ୍ଦକୁ ପ୍ରତ୍ୟାଖ୍ୟାନ କରାଯିବା ସହ ଆଗାମୀ ଡିସେମ୍ବର ୩ ତାରିଖରେ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପୁନଃସ୍ଥାପନ ଦାବିରେ ବଲାଙ୍ଗୀର ଜିଲା ବନ୍ଦ ଡକରା ଦିଆଯାଇଛି। କିଛି ଦିନ ତଳେ ଦାବିପୂରଣ ନେଇ ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟି ସ୍ମାରକପତ୍ର ଦେବା ସହ ଆଲୋଚନା କରିଥିଲେ। ଗୁରୁବାର ଜିଲା ଓକିଲ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସିଭିଲ କୋର୍ଟ ବାର୍‌ହଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସଂଘ ସଦସ୍ୟମାନେ ଯୋଗଦେଇ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ଆନ୍ଦୋଳନରୁ ସଂଘ ଓହରିବାର ପ୍ରଶ୍ନ ଉଠୁନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ବିଜେଡି, ଭାଜପା ଓ କଂଗ୍ରେସ ୩ ପ୍ରମୁଖ ଦଳର ନେତାଙ୍କୁ ଗୋଟିଏ ମଞ୍ଚକୁ ଡକାଯାଇ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଏବଂ ଏହି ସମ୍ପର୍କିତ ଆନ୍ଦୋଳନକୁ ନେଇ ସେମାନଙ୍କ ମତ ଲୋଡାଯିବ ବୋଲି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଆସନ୍ତା ୨୯ ଓ ୩୦ ତାରିଖ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ପକ୍ଷରୁ ଆହୂତ ପଶ୍ଚିମ ଓଡ଼ିଶା ମହାବନ୍ଦକୁ ଜିଲା ଓକିଲ ସଂଘ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହି ବନ୍ଦରେ ସାମିଲ ନ ହେବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏହି କ୍ରମରେ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ସଂଘ ପକ୍ଷରୁ ଆସନ୍ତା ଡିସେମ୍ବର ୩ ତାରିଖରେ ବଲାଙ୍ଗୀର ଜିଲା ବନ୍ଦ ଡାକରା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିରେ ବଲାଙ୍ଗୀର ସମେତ ପାଟଣାଗଡ଼, ଟିଟିଲାଗଡ଼, ସଇଁତଲା, କଣ୍ଟାବାଞ୍ଜି, ତୁଷୁରା, ଲୋଇସିଂହା ଆଦି ଓକିଲ ସଂଘ ସଭ୍ୟମାନେ ସହଯୋଗ କରିବେ ବୋଲି କୁହାଯାଇଛି। ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ଡିସେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ କୋର୍ଟ କଚେରି ଅଚଳ କରିଦିଆଯିବା ସହ ଅନଶନ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି। ଦାବିକୁ ସମର୍ଥନ ଜଣାଇ ବଲାଙ୍ଗୀର କ୍ରିୟାନୁଷ୍ଠାନ କମିଟି ସମେତ ଜିଲାର ଏକାଧିକ ଅନୁଷ୍ଠାନ ଏହି ଆନ୍ଦୋଳନରେ ସାମିଲ ହେବା ନେଇ ସମ୍ମତି ଜଣାଇଥିବା ସଂଘ ସଭାପତି ମହାନ୍ତି ସୂଚନା ଦେଇଥିଲେ। ବରଗଡ ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନଷ୍ଠାନ କମିଟିରୁ ଓହରି ଯାଇଥିବାରୁ ବୈଠକରେ ଏହାକୁ ସ୍ୱାଗତ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ହାଇକୋର୍ଟ ଆନ୍ଦୋଳନରେ ବହୁ ସଂଖ୍ୟକ ଓକିଲ, ବୁଦ୍ଧିଜୀବୀ, ସମାଜସେବୀ ତଥା ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେବାକୁ ନିବେଦନ କରାଯାଇଥିଲା। ଶେଷରେ ସଂଘ ସମ୍ପାଦକ ଅମନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇପାସ୍ ରାସ୍ତା ନେଇ ସମୀକ୍ଷା ବୈଠକ

ବଲାଙ୍ଗୀର ଅଫିସ, ୨୨।୧୧

ବହୁପ୍ରତୀକ୍ଷିତ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପ ଉପରେ ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ଗୁରୁବାର ସର୍କିଟ ହାଉସଠାରେ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ଉପଜିଲାପାଳ ଭୈରବ ସିଂ ପଟେଲ, ସବ୍‌ରେଜିଷ୍ଟ୍ରି ଅଫିସର, ତହସିଲ ବିଭାଗ କର୍ମଚାରୀ ଓ ଜାତୀୟ ରାଜପଥ ବିଭାଗ ଏସ୍‌ଡିଓ କମଳ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ୧୯୦ କୋଟି ଟଙ୍କା କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ବିଭାଗ ମଞ୍ଜୁର କରିଥିବା ଖବର କିଛିଦିନ ତଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରି ଏକ ଚିଠି ଲେଖି ଏସଂକ୍ରାନ୍ତରେ କେନ୍ଦ୍ର ପେଟ୍ରୋଲ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏଭଳି ସୂଚନା ଦେଇଥିବା ଚିଠି ଗଣମାଧ୍ୟମକୁ ଦିଆଯାଇଥିଲା। ତେବେ ମଙ୍ଗଳବାର ଷ୍ଟାଣ୍ଡିଂ ଫାଇନାନ୍ସ କମିଟିରେ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପକୁ ନେଇ ଆପତ୍ତି ଉଠାଯିବା ଓ ଏହାକୁ ନେଇ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମଗାଯିବା ପରେ ଏହି ବାଇପାସ୍ ରାସ୍ତା ପାଇଁ ୧୯୦ କୋଟି ମଞ୍ଜୁର ହୋଇ ନ ଥିବା



ଏମ୍‌ପି କଲିକେଶ ନାରାୟଣ ସିଂଦେଓ ବାଇପାସ୍ ରାସ୍ତା ଉପରେ ସମୀକ୍ଷା କରୁଛନ୍ତି।

ଜଣାପଡିଥିଲା। ଏନେଇ ଏମ୍‌ପି କଲିକେଶ ନାରାୟଣ ସୂଚନା ଦେଇଥିଲେ। ଏଭଳି ଖବର ପ୍ରକାଶ ପରେ ବଲାଙ୍ଗୀରରେ ବାଇପାସ୍ ରାସ୍ତାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ଷ୍ଟାଣ୍ଡିଂ ଫାଇନାନ୍ସ କମିଟିରେ ବଲାଙ୍ଗୀର ବାଇପାସ୍ ରାସ୍ତାରେ ଯାଉଥିବା କୃଷିଭିତ୍ତିକ ଜମିର ଢ଼େର ଅଧିକ ମୂଲ୍ୟାୟନ ସହ ଅନ୍ୟ କିଛି ବିଷୟରେ ଆପତ୍ତି ଉଠାଯାଇ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ତେବେ ଚିଠି ଆସିବା ପୂର୍ବରୁ ବାଇପାସ୍ ରାସ୍ତା ସମ୍ପର୍କିତ ସମସ୍ତ ନ୍ୟାୟିକ ସ୍ପଷ୍ଟୀକରଣ ପ୍ରସ୍ତୁତ କରିବାକୁ ଏମ୍‌ପି ସିଂଦେଓ ଗୁରୁବାର ସମୀକ୍ଷା ବୈଠକରେ ଜିଲାପାଳ, ଉପଜିଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। କିଭଳି ପରିସ୍ଥିତିରେ ଏହି ବାଇପାସ୍ ରାସ୍ତାର ଜମି ମୂଲ୍ୟ ବଢ଼ିଲା ଓ ଏଥିପାଇଁ କିଏ ଦାୟୀ ସେନେଇ ତଦନ୍ତ କରିବାକୁ ଜିଲାପାଳଙ୍କୁ କହିଥିଲେ। ଦୀର୍ଘ ଆଲୋଚନା ପରେ ବାଇପାସ୍ ରାସ୍ତା ଅଟକଳ ପ୍ରସ୍ତୁତିରେ କୌଣସି ପ୍ରକାର ଭୁଲ ରହିଥିବାକୁ ଅଫିସରମାନେ ଅସ୍ୱୀକାର କରିଥିଲେ। ଜମି କିଣାବିକା ଆଇନ ଅନୁଯାୟୀ ହୋଇଛି ବୋଲି ଅଫିସରମାନେ କହିଥିଲେ। ତେବେ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି କେଉଁଠାରେ ଆପତ୍ତି ଉଠାଇଛନ୍ତି ସେ ରିପୋର୍ଟ ଆସିବା ପରେ ଯାହା କିଛି କରାଯାଇପାରିବ ବୋଲି ଜିଲାପାଳ ଡାକୁଆ ସୂଚନା ଦେଇଛନ୍ତି।

ପ୍ରଥମ ରାତ୍ରି କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ
କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରଥମ ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ୨୦୧୮ର ତୃତୀୟ ଦିବସ ମ୍ୟାଚ୍ ପ୍ରଥମ ମ୍ୟାଚ୍ ଜୁନାଗଡ ସେରସା ଏବଂ ମାଝିବ୍ରଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

## ସଂକ୍ଷେପରେ



### ମିନିଷ୍ଟାଡିୟମର କାମ ଆରମ୍ଭ ହୋଇନି

ରିଷିଡ଼ା,୨୨।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାଠାରେ ମିନିଷ୍ଟାଡିୟମ ନିର୍ମାଣ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନ ଚିହ୍ନଟ କରି ଆବଶ୍ୟକ ମଞ୍ଜୁର କରିବା ପରେ ଟେଣ୍ଡର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ରିଷିଡ଼ାସ୍ଥିତ ବାପୁଜୀ ଖେଳ ପଡିଆକୁ ମିନି ଷ୍ଟାଡିୟମ କରିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ଗତ ଏପ୍ରେଲ ୧୨ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥିପାଇଁ ୨୦ ଲକ୍ଷ ୬୭ ହଜାର ୭୩୩ ଟଙ୍କା ମଞ୍ଜୁର ହୋଇଛି । ମେ ୧୬ ତାରିଖରେ ଟେଣ୍ଡର ଖୋଲାଯାଇଥିଲା । ସ୍ଥାନୀୟ ଜୈନିକ ଠିକାଦାର ଏହି ଟେଣ୍ଡର ପାଇଥିଲେ । ଏହାର ୬ ମାସ ବିତି ଯାଇଥିଲେ ସୁଦ୍ଧା କାମ ଆରମ୍ଭ ହୋଇ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଉଛି। ଏ ସମ୍ପର୍କରେ ବିଡିଓଙ୍କୁ ଯୋଗାଯୋଗ କରିବାରୁ ଏ ନେଇ ପିଡି ଡିଆରଡିଏଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି । ତୁରନ୍ତ କାମ ଆରମ୍ଭ କରିବା ପାଇଁ ସାଧାରଣରେ ଦାବି ହେଉଛି ।



### ଭବାନୀପାଟଣାର ସିଦ୍ଧାନ୍ତ ପାଇଲେ ଆଇଇଏସ

ଭବାନୀପାଟଣା,୨୨।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଭବାନୀପାଟଣା ସହର ଜଳେଶ୍ୱର ମନ୍ଦିରପଡାର ସିଦ୍ଧାନ୍ତ ମିଶ୍ର ଭାରତୀୟ ଇଞ୍ଜିନିୟରିଂ ସେବା (ଆଇଇଏସ) ୨୦୧୮ରେ ସର୍ବଭାରତୀୟସ୍ତରରେ ୫୦ନମ୍ବର ର୍‍ୟାଙ୍କରେ ରହି କୃତିତ୍ୱ ଅର୍ଜନ କରିଛନ୍ତି। ସିଦ୍ଧାନ୍ତ ଏକମାତ୍ର ଓଡିଆ ଯିଏ ଆଇଇଏସ ୨୦୧୮ରେ ମେକାନିକାଲ ଇଞ୍ଜିନିୟରିଂରେ କୃତିତ୍ୱ ଅର୍ଜନ କରି ରାଜ୍ୟ ତଥା ଜିଲା ପାଇଁ ଗୌରବ ଆଣିଦେଇଛନ୍ତି। ସିଦ୍ଧାନ୍ତ ଭବାନୀପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜବିହାରଠାରେ ମାଟ୍ରିକ ଶିକ୍ଷା ପରେ ଭୁବନେଶ୍ୱର ବିଜେବି କଲେଜରେ ଯୁକ୍ତ ୨ ବିଜ୍ଞାନ ଓ କଳାହାଣ୍ଡି ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ମେକାନିକାଲରେ ବିଟେକ୍ ଓ ରାଉରକେଲା ଏନଆଇଟିରେ ଫରମାଲ ଇଞ୍ଜିନିୟରିଂରେ ଏମଟେକ କରି ବର୍ତ୍ତମାନ ଆଓସିଏଲରେ କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ହିମାଂଶୁଶେଖର ମିଶ୍ର ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ମା' ସରୋଜିନି ହୋତା ଜଣେ ଶିକ୍ଷୟିତ୍ରୀ। ପୁଅର ସଫଳତାରେ ମା'ବାପା ଭଗବାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଇଞ୍ଜିନିୟରିଂ ପାଠ ପଢିଥିବା ସିଦ୍ଧାନ୍ତ ଆଇଇଏସ ପାଇବାକୁ ଲକ୍ଷ୍ୟରଖିଥିଲେ। ସେଥିପାଇଁ ସେ କଠିନ ପରିଶ୍ରମ କରୁଥିଲେ। ତାଙ୍କର ସଫଳତା ପାଇଁ ସେ ମା'ବାପା ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ସର୍ବଭାରତୀୟ ସ୍ତରରେ ୫୦ ର୍‍ୟାଙ୍କ ରଖି ଆଇଇଏସ ପାଇଥିବାରୁ ସେ ବେଶ ଆନନ୍ଦିତ ହୋଇଛନ୍ତି। ଆଗାମୀ ଦିନରେ କଳାହାଣ୍ଡିର ଛାତ୍ରମାନେ ସର୍ବଭାରତୀୟ ସ୍ତରରେ କୃତିତ୍ୱ ଅର୍ଜନ କରି ଜିଲାର ମାନବୃଦ୍ଧି କରିବା ପାଇଁ ଯୁବପିଢିଙ୍କୁ ସିଦ୍ଧାନ୍ତ ଆହ୍ୱାନ ଦେଇଛନ୍ତି।

# ମଣ୍ଡି ଖୋଲିବାରେ ବିଳମ୍ବ, ଚିନ୍ତାରେ ଚାଷୀ

କୋକସରା,୨୨।୧୧(ଡି.ଏନ.ଏ.)


ମଣ୍ଡି ଖୋଲି ନ ଥିବାରୁ ଖଳାରେ ଧାନ ପଡ଼ିରହିଛି।

**କୋକସରା ବ୍ଲକ**
- ଫାୟଦା ଉଠାଉଛନ୍ତି ଧାନ ବେପାରୀ
- ଛତିଶଗଡ଼କୁ ଚାଲାଣ ହେଉଛି ଧାନ
- କମ୍ ଦାମରେ ବିକ୍ରି କରୁଛି ଚାଷୀ ରାଜପଥ ଅବରୋଧ

ଚାଷୀଙ୍କୁ କେତେ ବେଳେ ଅନାବୃଷ୍ଟି ତ କେତେବେଳେ ରୋଗପୋକକୁ ନେଇ ଚିନ୍ତା ବଢ଼ାଉଛି । ଅନ୍ୟପକ୍ଷ ଅମଳ ହୋଇଥିବା ଧାନ ବିକ୍ରି ପାଇଁ ଚାଷୀମାନେ ଚାହିଁ ରହିଥିବା ବେଳେ ଯୋଗାଣ ବିଭାଗ ଓ ମିଲର୍ସମାନଙ୍କ ଅବହେଳା ଭିତରେ ଚାଷୀ ପେଶି ହେଉଛି । କଳାହାଣ୍ଡି ଜିଲା ପ୍ରଶାସନ ନଭେମ୍ବର ପ୍ରଥମ ସପ୍ତାହରୁ ମଣ୍ଡି ଖୋଲିବା ସହ ଧାନକ୍ରୟ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ । ଇତିମଧ୍ୟରେ ନଭେମ୍ବର ଶେଷ ହେବାକୁ ଥିବା ବେଳେ ଜିଲାରେ କେଉଁଠି ମଧ୍ୟ ମଣ୍ଡି ଖୋଲାଯାଇ ନାହିଁ କିମ୍ବା ସମବାୟ ସମିତି ଜରିଆରେ କୌଣସୀ ଚାଷୀଙ୍କୁ ଟୋକନ ମିଳିନାହିଁ। ଚଳିତବର୍ଷ କଳାହାଣ୍ଡି ଯୋଗାଣ ବିଭାଗ ୩୦ ଲକ୍ଷ ମ୍ୟାଟ୍ରିକ ଟନ ଧାନ ଖରିଫ ଋତୁରେ କିଣିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ରଖିଛି । ବିଳମ୍ବିତ ମଣ୍ଡି ଯୋଗୁ ଚାଷୀମାନେ ନିଜ କଷ୍ଟ ଉପାର୍ଜିତ ଧାନକୁ ଅଣ୍ଡର ରେଟରେ ଦଲାଲ ଓ ବେପାରୀମାନଙ୍କ ହାତରେ ଟେକି ଦେଉଥିବା ଦେଖିବାକୁ ମିଳିଛି । ଚଳିତବର୍ଷ କୋକସରା ବ୍ଲକରେ ମରୁଡି ପରିସ୍ଥିତି ଦେଖିବାକୁ ମିଳିଥିବା ବେଳେ ସ୍ୱଳ୍ପ ମିଆଦି ଧାନ ଏବେ ଅମଳ ହୋଇ ଚାଷୀଙ୍କ ଖଳାରେ ପଡିରହିଛି । ଅନ୍ୟପଟେ ଧାର କରଜ କରି ଚାଷ କରିଥିବା ମଧ୍ୟମ ଓ ଛୋଟ ଶ୍ରେଣୀର ଚାଷୀମାନେ ଧାନ ବିକ୍ରି କରି ଟ୍ରାକ୍ଟର ଭଡାଠୁ ଆରମ୍ଭ କରି ଶ୍ରମିକମାନଙ୍କ ମଜୁରି ଟଙ୍କା ଦେବା ପାଇଁ ବିଳମ୍ବିତ ମଣ୍ଡି ଯୋଗୁ ହଇରାଣ ହେଉଛନ୍ତି । କିଛି ଅନ୍ୟ ଉପାୟ ନ ପାଇ ଚାଷୀ ସ୍ଥାନୀୟ ବେପାରୀଙ୍କ ପାଖରେ କୁଇଣ୍ଟାଲ ପିଛା ୧୨୦୦ରୁ ୧୨୫୦ ମଧ୍ୟରେ ଶାଗ ମାଛ ଦରରେ ବିକ୍ରି କରୁଥିବା ଜଣାପଡ଼ିଛି । ଅନ୍ୟପକ୍ଷେ କୋକସରା ବ୍ଲକ ସୀମାକୁ ଲାଗି ଥିବା ଛତିଶଗଡର ଦେଭୋଗ, ଝାକରପଡା ଅଞ୍ଚଳର ଧାନ ବେପାରୀମାନେ କୋକସରା ବ୍ଲକରେ ସକ୍ରୀୟ ରହି ଏଜେଣ୍ଟମାନଙ୍କ ଜରିଆରେ ଧାନ କିଣି ଚାଲାଣ କରୁଥିବା ଅଭିଯୋଗ ହେଉଛି । ଲଡୁଗାଁ, କୋକସରା ବ୍ଲକର ଏକ ଧାନ କିଣାବିକାର ପେଣ୍ଠସ୍ଥଳି ପାଲଟିଛି । ଏଠାରେ ପ୍ରାୟ ୧୦ରୁ ୧୫ଟି ରାଇ ସମିଲ ରହିଛି । ଏଣୁ ଏହି ଅଞ୍ଚଳର ବେପାରୀମାନେ ପ୍ରାୟତଃ ଧାନ କିଣି ବିଭିନ୍ନ ଉପାୟରେ ଗଚ୍ଛିତ ରଖି ପରବର୍ତ୍ତି ସମୟରେ ମିଲମାନଙ୍କୁ ଯୋଗାଇବା ସହ ଛତିଶଗଡ ଅଞ୍ଚଳକୁ ଧାନ ଚାଲାଣ କରୁଥିବା ପୂର୍ବରୁ ନଜିର ରହିଛି । ଯାହାର ସତ୍ୟତମ ଉଦାହରଣ ବୁଧବାର ଧର୍ମଗଡ ଉପଜିଲାପାଳ ଲଡୁଗାଁର ବନ୍ଦ ଥିବା ଏକ ଗୋଦାମକୁ ଅତର୍କିତ ଚଢାଉ କରି ପାଖାପାଖି ୭୦୦ କୁଇଣ୍ଟାଲ ଧାନ ଗଚ୍ଛିତ ଥିବା ଦେଖିବାକୁ ମିଳିଥିଲା । ଗତବର୍ଷ ମଧ୍ୟ ଲଡୁଗାଁର ବିଭିନ୍ନ ଗୋଦାମ ଉପରେ ଯୋଗଣ ବିଭାଗ ଚଢାଉ କରି ଶହ ଶହ କୁଇଣ୍ଟାଲ ଧାନ ଗଚ୍ଛିତ ଥିବା ଜଣାପଡ଼ିଥିଲା । ପରବର୍ତ୍ତୀ ସମୟରେ ଯୋଗାଣ ବିଭାଗ ଗଚ୍ଛିତ ଥିବା ଧାନକୁ କାଗଜପତ୍ରରେ ଠିକ୍ ଦର୍ଶାଇ ମାମଲାକୁ ରଫାଦଫା କରିଦେଇଥିଲା । ଏ ନେଇ କୋକସରା ତହସିଲ୍‌ଦାର ମୌସୁମୀ ନାୟକଙ୍କୁ ପଚାରିବାରୁ ଆସନ୍ତା ୫ ତାରିଖ ସୁଦ୍ଧା ବ୍ଲକର ସମସ୍ତ ଜାଗାରେ ମଣ୍ଡି ଖୋଲିବ ବୋଲି କହିଛନ୍ତି। ସେହିପରି ବ୍ଲକ ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଟୁଡୁଙ୍କୁ ପଚାରିବାରୁ ୨୪ତାରିଖ ସୁଦ୍ଧା ମଣ୍ଡି ଖୋଲିବାକୁ ମିଲର୍ସଙ୍କ ସହ ଚୁକ୍ତି ହୋଇଛି। ଯଦି ନିର୍ଦ୍ଧାରିତ ତାରିଖ ସୁଦ୍ଧା ନ ଖୋଲିଲେ ଅନ୍ୟ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ରାସ୍ତା ମରାମତି ପାଇଁ ଅଣ୍ଟା ଭିଡିଲେ ୨ ବ୍ଲକବାସୀ


ପାଣିଗାଁ-ମାକରଶୋଲା ରାସ୍ତାକୁ ଅଞ୍ଚଳବାସୀ ମରାମତି କରୁଛନ୍ତି।

**ଦୃଷ୍ଟି ଦେଉନି ପ୍ରଶାସନ**

ଜୁନାଗଡ,୨୨।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପାଣିଗାଁଠାରୁ ମାକରଶୋଲା ଯାଇଥିବା ୩ କି.ମି. ଜଙ୍ଗଲ ରାସ୍ତା ଦୀର୍ଘଦିନ ହେବ ଶୋଚନୀୟ ଅବସ୍ଥାରେ ରହିଛି। ଏହି ରାସ୍ତା ଉଭୟ ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକକୁ ସଂଯୋଗ କରୁଛି। ରାସ୍ତାର ଦୁରାବସ୍ଥା ଯୋଗୁ ଉଭୟ ବ୍ଲକବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଏହି ରାସ୍ତା ମରାମତି ପାଇଁ ପ୍ରଶାସନଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ପ୍ରଶାସନ ଓ ରାଜନେତାଙ୍କଠୁ ନିରାଶ ହୋଇ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାର ମରାମତି କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଏହିରାସ୍ତାକୁମରାମତିକରିବା ପାଇଁ ଉଭୟ ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକବାସୀ ବାହାରିଛନ୍ତି। ବର୍ତ୍ତମାନ ଜୁନାଗଡ ବ୍ଲକ ପାଣିଗାଁ, ମାକରଶୋଲା, ଝାରବନ୍ଧ, ଚିଙ୍ଗୁଡିସର, କେନ୍ଦୁପାଟି ଓ ଅମାଠୋଲା ଏବଂ ଗୋଲାମୁଣ୍ଡା ବ୍ଲକ ବନ୍ଧାଗାଁ, ରେଙ୍ଗସାପାଲି, ବୋରଗୁଡା, ପୁଟିଆଟୋରା, ଫୁଣ୍ଡା, ଚିଲଗୁଡା ପ୍ରମୁଖ ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି। ସେମାନେ ଟ୍ରାକ୍ଟର ଯୋଗେ ମୋରୁମ ଓ ମାଟି ଆଣି ରାସ୍ତା ସମତୁଳ କରୁଛନ୍ତି। ଏଥିରେ ଅଞ୍ଚଳବାସୀଙ୍କ ସହ ସ୍ଥାନୀୟ ସରପଞ୍ଚମାନେ ସହଯୋଗ କରିଛନ୍ତି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ



ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଜୁନାଗଡ,୨୨।୧୧(ସ୍ୱ.ପ୍ର.)
କଳାହାଣ୍ଡି ଜିଲା ଜୁନାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପ୍ରରାଗ ହର୍ଷଦ, ସମ୍ମାନିତ ଅତିଥି ଭାବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଷଡଙ୍ଗୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବିରଞ୍ଚି ନାରାୟଣ ଦରୱାନ, ଜିଲା ମଣ୍ଡଳ ଶିକ୍ଷା ନିରିକ୍ଷକ ଗୋବିନ୍ଦ ଚନ୍ଦ୍ର ସେଠୀ, ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ବରିଷ୍ଠ ଶିକ୍ଷକ ସୂର୍ଯ୍ୟନାରାୟଣ ପଣ୍ଡା, ଅମରେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସରଗିଫୁଲର ଆବାହକ ତଥା ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡାଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷକ ବେଦବ୍ୟାସ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ ସ୍କୁଲ ପ୍ରଧାନ ଶିକ୍ଷକ ସୀତାରାମ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୧୨ଟି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନାଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ସୀତା ସୁନାନୀ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଖେଳରେ ଅଂଶ ଗ୍ରହଣ କରି ରାଜ୍ୟସ୍ତରରେ ଚାମ୍ପିୟନ ହୋଇଥିବା ଖବର ଆସିବା ପରେ ଜିଲାପାଳ ଡ. ଗାଭାଲି ପ୍ରସାଦ ହର୍ଷଦ ଛାତ୍ରୀଙ୍କ ଉତ୍ତୋରତ୍ତର କାମନା କରିଥିଲେ। ପ୍ରକାଶ ଥାଉକି ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୋମବାରଠାରୁ ଆରମ୍ଭ ହୋଇ ଦୁଇ ଦିନ ବ୍ୟାପି ଚାଲିଥିଲା। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ୍ୟ ଛାତ୍ରୀଛାତ୍ର ସାଂସସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ପ୍ରଥମ ରାତ୍ରି କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ

ଭବାନୀପାଟଣା,୨୨।୧୧ (ଡି.ଏନ.ଏ.)
କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରଥମ ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ୨୦୧୮ର ତୃତୀୟ ଦିବସ ମ୍ୟାଚ୍ ପ୍ରଥମ ମ୍ୟାଚ୍ ଜୁନାଗଡ ସେରସା ଏବଂ ମାଝିବ୍ରଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜୁନାଗଡ ସେରସା ପ୍ରଥମେ ବ୍ୟାଟିଂ କରି ୧୩୨ ରନ ସଂଗ୍ରହ କରିଥିଲା । ଜବାବରେ ମାଝି ବ୍ରଦର ୧୦୪ ରନ କରି ଅଲ ଆଉଟ ହୋଇ ପରାଜିତ ହୋଇଥିଲା। ଜୁନାଗଡ ସେରସା ଦଳର ବ୍ରଜେଶ ମହାନ୍ତି ୩ ଉଇକେଟ ଓ ୨୬ ରନ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥଲା। ଦ୍ୱିତୀୟ ମ୍ୟାଚ୍ ଏଲ୍‌ବିଏସ୍-ବି ଏବଂ ୟଙ୍ଗଷ୍ଟାର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟଙ୍ଗଷ୍ଟାର ଏକାଦଶ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ମାତ୍ର ୧୦.୨ ଓଭରରେ ସମସ୍ତ ଉଇକେଟ ହରାଇ ୫୨ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଏଲ୍‌ବିଏସ୍ ବି ଦଳ ୬.୪ ଓଭରରେ ୫୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏଲ୍‌ବି ଏସ୍-ବି ଦଳର ଯୁଧିଷ୍ଠିରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଥିଲା । ବାବୁଲା ବ୍ରହ୍ମା ଏବଂ ଅଶୋକ ସାହାଣୀ ମ୍ୟାଚ୍ ପରିଚାଳନା କରିଥିଲେ ଏବଂ ସୂର୍ଯ୍ୟନାରାୟଣ ନାଗ ସ୍କୋରର ଭୂମିକା ନିର୍ବାହ କରିଥିଲେ। ତୃତୀୟ ଦିବସରେ ମଣିକେଷ ପଟ୍ଟନାୟକ, ପ୍ରଦୀପ ମୁଣ୍ଡ, ଏଡିଏମ୍ ଶରଚନ୍ଦ୍ର ତନ୍ଦନ, ସୁଶାନ୍ତ ମହାନନ୍ଦ, ପ୍ରଦୀପ ଦାସ ପ୍ରମୁଖ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ।

# ପଞ୍ଚମ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଭବାନୀପାଟଣା,୨୨।୧୧(ଡି.ଏନ.ଏ.)
ଭବାନୀପାଟଣାସ୍ଥିତ କଳାହାଣ୍ଡି ଲେଖକ କଳା ପରିଷଦ ରଙ୍ଗ ମଞ୍ଚରେ ଗତ ୧୬ ତାରିଖଠାରୁ ଚାଲିଥିବା ସଙ୍ଗମ ଅନୁଷ୍ଠାନ ତରଫରୁ ପଞ୍ଚମ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦିଲ୍ଲୀ ପବ୍ଲିକ ସ୍କୁଲ ରାଉରକେଲାର ନାଟକ 'ଫୁଲ'ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର ପାଇଛି । ରାଉରକେଲା ଆଦର୍ଶନ ବିଦ୍ୟାମନ୍ଦିରର 'ନାଟକ ଗାନ୍ଧି ମଣିଷ'' ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜନା ଓ ବାରିପଦା ମହାରାଣୀ ତକତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାଟକ 'ଡାହାଣୀ' ତୃତୀୟ ଶ୍ରେଷ୍ଠ ପ୍ରଯୋଜନା ନାଟକ ଭାବେ ପୁରସ୍କୃତ ହୋଇଛ। ଭବାନୀପାଟଣାର ସକ୍ଷମର ନାଟକ ଇନ୍ଦ୍ରାବତୀ ଶ୍ରେଷ୍ଠ ଗୀତିନାଟିକା ପୁରସ୍କାର ପାଇଛି । ଫୁଲ ନାଟକର ନିର୍ଦ୍ଦେଶକ ପ୍ରମିଳା ଜେନା ଶ୍ରେଷ୍ଠ ନିର୍ଦ୍ଦେଶକ, ଗାନ୍ଧି ମଣିଷ ନାଟକର ନିର୍ଦ୍ଦେଶକ ରେଣୁ ମହାପାତ୍ର ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ତିଲକେ ତାଲ ନାଟକର ନିର୍ଦ୍ଦେଶକ ଚତୁର୍ଭୁଜ ସାହୁ ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପାଇଛନ୍ତି । ସେହିପରି ସେହିପରି ଫୁଲ ନାଟକ ପାଇଁ ପୁନିତା ପାତ୍ର ଶ୍ରେଷ୍ଠ ପାଣ୍ଡୁଲିପି, ମୁନୁଷ ଆରୁ ମାକଡ ନାଟକ ପାଇଁ ସିଦ୍ଧାନ୍ତ ନନ୍ଦ ଦ୍ୱିତୀୟ ଶ୍ରେଷ୍ଠ ପାଣ୍ଡୁ ଲିପି ଓ ଡାହାଣି ନାଟକ ପାଇଁ କମଳଲୋଚନ ସାହୁ ତୃତୀୟ ଶ୍ରେଷ୍ଠ ପାଣ୍ଡୁଲିପି ପୁରସ୍କାର ପାଇଛନ୍ତି। ସେହିପରି ଫୁଲ ନାଟକ ଶ୍ରେଷ୍ଠ ସଙ୍ଗିତ, କନ୍ୟାରତ୍ନ ଦ୍ୱିତୀୟ ଶ୍ରେଷ୍ଠ ସଙ୍ଗିତ ଓ ଡାହାଣୀ ନାଟକ ତୃତୀୟ ଶ୍ରେଷ୍ଠ ସଙ୍ଗିତ ପୁରସ୍କାର ପାଇଛନ୍ତି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୃନ୍ଦାବତି ବିହାରର ନାଟକ ତିଲକେ ତାଲ୍ ନାଟକ ଶ୍ରେଷ୍ଠ ଷ୍ଟେଜ୍ କ୍ରାଫ୍ଟ, ଇନ୍ଦ୍ରବତୀ ନାଟକର ସୋମ୍ୟରଞ୍ଜନ ଜେନା ଶ୍ରେଷ୍ଠ ପୋଷାକ, ଗାନ୍ଧିମଣିଷ ନାଟକ ଶ୍ରେଷ୍ଠ ଆଲୋକ ସମ୍ପାତ ପୁରସ୍କାର ବିଜେତା ହୋଇଛନ୍ତି । ସେହିପରି ଫୁଲ ନାଟକର ଅମୃତ ବିଶୋଇ ଶ୍ରେଷ୍ଠ ଅଭିନେତା, ଗାନ୍ଧି ମଣିଷ ନାଟକର ସତ୍ୟଜିତ ନାରାୟଣ ବେହେରା ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା, ସଂଜମ ନାଟକର ଗୌତମ ନାଏକ ତୃତୀୟ ଶ୍ରେଷ୍ଠ ଅଭିନେତା, ଇନ୍ଦ୍ରାବତୀ ନାଟକର ଆକାଂକ୍ଷା ପାଣିଗ୍ରାହୀ ଶ୍ରେଷ୍ଠ ଅଭିନେତ୍ରୀ, ଫୁଲ ନାଟକର ଦେବସ୍ମିତା କୁଣ୍ଡୁ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ ଓ ଦୋଷ ନାଟକର କମଳିନୀ ପଟେଲ ତୃତୀୟ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ବିଜେତା ହୋଇଛନ୍ତି । ମନ ନାଟକର ମହମ୍ମଦ ଫିଜଲ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଓ ମୁନୁଷ ଆର୍ ମାକଡ ନାଟକର ପ୍ରବୀଣ ବାଗ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ପାଇଥିବା ବେଳେ ଫୁଲ ନାଟକର ନନ୍ଦିତା ମିଶ୍ର ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଓ କନ୍ୟାରତ୍ନ ନାଟକର ମାନସୀପ୍ରଭା ନାଏକ ଦ୍ୱିତୀୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ପୁରସ୍କାର ପାଇଛନ୍ତି । ଶ୍ରେଷ୍ଠ ନେଗେଟିଭ୍ ଅଭିନେତା ଭାବେ ଡାହାଣୀ ନାଟକର ଆୟୁଷ ସାହୁ, ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ଇନ୍ଦ୍ରାବତୀ ନାଟକର ବଳବନ୍ତ ଛତ୍ରିଆ ପୁରସ୍କୃତ ହୋଇଛନ୍ତି । ସେହିପରି ଦୋଷ ନାଟକ ଶ୍ରେଷ୍ଠ ବେନର ଓ ସିଦ୍ଧାର୍ଥ ନାଟକ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ପାଇଛନ୍ତି । ଏହା ବ୍ୟତୀତ ମନ ନାଟକ ଶ୍ରେଷ୍ଠ ପ୍ରଯୋଜନା ଜୁରି ପୁରସ୍କାର, ରାଜେନ୍ଦ୍ର ମହାନ୍ତି ନିର୍ଦ୍ଦେଶନା ଓ ପାଣ୍ଡୁଲିପିରେ ଜୁରି ପୁରସ୍କାର ପାଇଛନ୍ତି । ସେହପରି ଆଦିତ୍ୟ ପଣ୍ଡା ଶ୍ରେଷ୍ଠ ଅଭିନେତା ଜୁରି ପୁରସ୍କାର ଓ ସ୍ୱଂୟଶ୍ରୀ ସାହୁ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଜୁରି ପୁରସ୍କାର ପାଇଥିବା ବେଳେ ସାଲିନି ନାଏକ ଶ୍ରେଷ୍ଠ ଅଭିନେତ୍ରୀ ଜୁରି ପୁରସ୍କାର ଓ ପାଣି ବାସ୍‌କେ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଜୁରି ପୁରସ୍କାର ଏବଂ ଆସୁତୋଷ ସାହୁ ଶ୍ରେଷ୍ଠ ନେଗେଟିଭ୍ ଅଭିନେତା ଜୁରି ପୁରସ୍କାର ବିବେଚିତ ହୋଇଛନ୍ତି । ସଙ୍ଗମ ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆକାଶବାଣୀ ଭବାନୀପାଟଣା କାର୍ଯ୍ୟକ୍ରମ ନିଷ୍ପାଦକ ପ୍ରଫୁଲ୍ଲ ମାଝି ଓ ନାଟ୍ୟକାର ନିର୍ଦ୍ଦେଶକ ଡ. ଉମେଶଚନ୍ଦ୍ର ଶତପଥୀ ଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ପାଞ୍ଚଦିନ ବ୍ୟାପି ଆୟୋଜିତ ଏହି ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବରେ ଡ. ଉମେଶଚନ୍ଦ୍ର ଶତପଥୀ, ନାଟ୍ୟକାର ନିର୍ଦ୍ଦେଶକ ପରମେଶ୍ୱର ମୁଣ୍ଡ ଓ ବରିଷ୍ଠ ମଞ୍ଚ ଅଭିନେତା ନିମାଇ ପାଣି ବିଚାରକ ଥିଲେ ।

# ଦ୍ୱିତୀୟ ପର୍ଯ୍ୟାୟ କୃଷକ ସଚେତନ ମଞ୍ଚର ପଞ୍ଚାୟତ ଚାଲ ଅଭିଯାନ

କୋକସରା/ଲଡୁଗାଁ, ୨୨।୧୧ (ଡି.ଏନ.ଏ.)


କୃଷକ ସଚେତନତା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଚଳିତବର୍ଷ ଦେଖାଦେଇଥିବା ଭୟାବହ ମରୁଡିରେ କବଳିତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ଦାବିକୁ ନେଇ କୃଷକ ସଚେତନ ମଞ୍ଚ ପକ୍ଷରୁ ପଞ୍ଚାୟତ ଚାଲ ଅଭିଯାନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକର ବରାଡୋଙ୍ଗା, ଆମପାଣି, ବଡପୋଡାଗୁଡା ଓ କାଉଡୋଳା ପଞ୍ଚାୟତରେ ପହଞ୍ଚି ପ୍ରତିବାଦ ସହ ପଞ୍ଚାୟତ କର୍ମଚାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପଞ୍ଚାୟତ ଚାଲ ଅଭିଯାନରେ ବରାଡୋଙ୍ଗାଠାରେ ପର୍ବତନ ସରପଞ୍ଚ ଗୋପିଚାନ୍ଦ ନାଏକ, ମନୋଜ ନାଏକ, ଆମପାଣିଠାରେ ଜଙ୍ଗଲ ଜମି ଆଦିବାସୀ ମଞ୍ଚ ସଭାପତି ତଥା କୃଷକ ସଚେତନ ମଞ୍ଚ ଆମପାଣି ସଭାପତି ରଷିମଣି ମାଝି ଓ ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ବଡପୋଡାଗୁଡାଠାରେ ଶିବରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କାଉଡୋଳାଠାରେ ବୁରୁନାଥ ସରାବୁଙ୍କ ନେତୃତ୍ୱରେ ପଞ୍ଚାୟତ ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିବା ବେଳେ ସିଟିଜେନ ଫୋରମ୍ ସଦସ୍ୟ ମିନକେତନ ପ୍ରଧାନୀ, ଜଗବନ୍ଧୁମାଝି, ସାମାଜିକ କର୍ମୀ ଘାସିରାମ ପାଟ୍ଟଯୋଷୀ, ଗରୁଡଧ୍ୱଜ ମାଝି, ତ୍ରିନାଥ ବାଗ, ମନିଜୋର ପୋଡ, କମଳାକାନ୍ତ ପଣ୍ଡା, ନିଳକଣ୍ଠ ମାଝି, ହରେକୃଷ୍ଣ ନାଏକ, ତ୍ରିନାଥ ଶବର, ନରାୟଣ ପଟ୍ଟନାୟକ, ଲକ୍ଷ୍ମୀଧର ପୂଝାରୀଙ୍କ ସମେତ ଅଞ୍ଚଳର ଶହ ଶହ ଚାଷୀ ଯୋଗଦେଇଥିଲେ । ଶେଷ ପର୍ଯ୍ୟାୟରେ ମୋଟେର ଜୋନରେ କୃଷକ ସଚେତନ ମଞ୍ଚ ପଞ୍ଚାୟତ ଚାଲ ଅଭିଯାନ କରାଯିବ ବୋଲି ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀ ସୂଚନା ଦେଇଛନ୍ତି ।

## ଲାଞ୍ଜିଗଡର ଦୁର୍ଗମ ଅଞ୍ଚଳରେ ହାତୀ ଉପଦ୍ରବ

# କ୍ଷୟକ୍ଷତି ଅନୁଧାନ କଲା ବନ ବିଭାଗ

ଲାଞ୍ଜିଗଡ,୨୨।୧୧(ଡି.ଏନ.ଏ.)


ବିଭାଗୀୟ ଅଧିକାରୀମାନେ ହାତୀ ଭାଙ୍ଗିଥିବା ଘରଗୁଡ଼ିକ ଅନୁଧାନ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ଅଞ୍ଚଳରେ ଗତ କିଛି ଦିନ ହେଲା ହାତୀଙ୍କ ପ୍ରାଦୁର୍ଭାବ ଦେଖାଦେଇଥିବା ବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଜଙ୍ଗଲରୁ ହାତୀ ପୋଲ ଆସି ବିଭିନ୍ନ ଫସଲ ନଷ୍ଟ କରି ଦେଉଥିବା ବେଳେ ନିରୀହ ଆଦିବାସୀମାନଙ୍କ ଘର ଭାଙ୍ଗି ଦେଇଛି । ହାତୀ ଭୟରେ କିଛି ଗାଁର ଲୋକମାନେ ନିଜ ପରିବାରକୁ ଧରି ଗାଁ ଛାଡି ସାରିଲେଣି । ବନ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ କରୁଥିବା ବେଳେ ସାଉଥ ଡିଭିଜନ ଡିଏଫ୍‌ଓ ପି. ଆଶୋକ କୁମାରଙ୍କ ନେତୃତ୍ୱରେ ଏକ ଟିମ ଆସି କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡିଛି। ଭଟାଙ୍ଗପଦରଠାରୁ ମୁଷାନାଳକୁ ଯାଇଥିବା ବିଦ୍ୟୁତ୍ ତାର ସବୁ ଦେଖିଥିଲେ। ଲେପଟାଗୁଡା, ବନ୍ଧପାରି, ମୁଷାନାଳ ଆଦି ଅଞ୍ଚଳ ଗସ୍ତ କରି କେଉଁ ଜାଗାରେ ହାତୀ ଛୁଆ ଜନ୍ମ କରିଥିଲା ଓ କେଉଁ ଜାଗାରେ ହାତୀ ପୋଲ ରହୁଛନ୍ତି ତାହା ଦେଖିବା ସହ ହାତୀଙ୍କ ସୁରକ୍ଷାକୁ ନେଇ ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ । ଭବାନୀପାଟଣା ସର୍କଲର ଅଭିରାମ ନାୟକ, ନର୍ଥ ଏସିଏଫ୍ ଶୁସାନ୍ତ କୁମାର ସାମନ୍ତରାଏ, ବିଶ୍ୱନାଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦ ପ୍ରମୁଖ ଏହି ଟିମରେ ସାମିଲ ହୋଇ କ୍ଷେତ୍ର ପରିଦର୍ଶନ କରିଥିଲେ ।
ବ୍ଲକର ପାଇକବୋରି, ବନ୍ଧପାରି, ବିଜେପୁର, ମାଚୁଲ, କାଣିବୋରି ଆଦି ଜଙ୍ଗଲରେ ହାତୀ ପୋଲ ରହି ସନ୍ଧ୍ୟା ସମୟରେ ଗାଁ ମୁହାଁ ହେଉଛନ୍ତି। ଗତ ଦୁଇ ଦିନ ତଳେ ଗୋଟିଏ ମାଇ ହାତୀ ବନ୍ଧପାରିଠାରେ ଛୁଆ ଜନ୍ମ କରିଥିବା ବେଳେ ହାତୀପୋଲ ସବୁ ଜଗି ରହିଥିଲେ । ଏହାର ସୁରକ୍ଷାକୁ ନେଇ ବନ ବିଭାଗ ତରଫରୁ ମଧ୍ୟ ସୁରକ୍ଷା କଡାକଡି କରାଯାଇଥିଲା । ହାତୀପୋଲ ବନ୍ଧପାରିରେ ଥିବା ପାଣି ଟାଙ୍କିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ବର୍ତ୍ତମାନ ୩୦ରୁ୪୦ ହାତୀ ଲେପଟାଗୁଡାସ୍ଥିତ କାଣିବୋରି ଜଙ୍ଗଲରେ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀମାନେ ଅଞ୍ଚଳରେ ଏକର ଏକର ବିଭିନ୍ନ ଫସଲ ନଷ୍ଟ କରି ଦେଇଥିବା ବେଳେ ଅନେକ ଲୋକଙ୍କ ଘର ଭାଙ୍ଗି ବାସହରା କରିଦେଇଛି।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ବୈଷ୍ଣବ ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୨୨।୧୧-** ଓଡିଆ ଭାଷା ସାହିତ୍ୟ ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ବୈଷ୍ଣବ ପରିଡାଙ୍କ ବିୟୋଗରେ ରାଉରକେଲା ଶ୍ରୀକୃଷ୍ଣ ସମାଜ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଏନେଇ ହନୁମାନ ବାଟିକା ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉତ୍କଳ ଯାଦବ ମହାସଭାର ରାଜ୍ୟ ଉପସଭାପତି ଶ୍ରୀକାନ୍ତ ଦାସ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ ସ୍ୱର୍ଗତ ପରିଡାଙ୍କ ପରି ଜଣେ ବହୁମୁଖୀ ପ୍ରତିଭାଙ୍କ ବିୟୋଗ ସମାଜ ପାଇଁ ଅପୂରଣୀୟ କ୍ଷତି ହୋଇଛି। ଓଡିଶା ଜଣେ ଭାଷା ପ୍ରେମୀଙ୍କୁ ହରାଇଲା। ମୀନକେତକ ଦାସ, ରବୀନ୍ଦ୍ର ପାଣ୍ଡବ, ସରୋଜ ବେହେରା, ତୁଷାରକାନ୍ତି ପରିଡା, ନାରାୟଣ ଗିରି, ରାଜୁ ଗୌଡ, ବିଶ୍ୱନାଥ ଦାସ, ପୁରନ ଯାଦବ, ଉପେନ୍ଦ୍ର ବଘାର ପ୍ରମୁଖ ସ୍ୱର୍ଗତ ପରିଡାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ଲୋକଦେଖାଣିଆ ହେଉଛି ବୋଇତ ବନ୍ଦାଣ ଉତ୍ସବ

**ରାଉରକେଲା ଅଫିସ,୨୨। ୧୧**

ଷ୍ଟିଲ ସିଟିର ଏକାଧିକ ଅନୁଷ୍ଠାନ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ତଥା ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳନ କରାଯାଇଛି। ତେବେ ଏଥିରେ ପରମ୍ପରା କମ୍ ଓ ଆଧୁନିକତା ବେଶି ପଶି ଆସିଲାଣି ବୋଲି ମତ ପ୍ରକାଶ ପାଉଛି। କାର୍ଯ୍ୟକ୍ରମରେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ସମ୍ୟକ ଜ୍ଞାନ ନ ଥିବା ରାଜନୈତିକ ବ୍ୟକ୍ତିଙ୍କୁ ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଅତିଥି କରାଯାଉଥିବାରୁ ଉତ୍ସବ ଆକର୍ଷଣ ହରାଇବାରେ ଲାଗିଛି। ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି କିଏ ଏହାକୁ ଦୁଇ ଦିନ ବା ତିନି ଦିନ ଧରି ପାଳନ କରୁଛି ତ ଆଉ କେହି ଦିନିକିଆ କାର୍ଯ୍ୟକ୍ରମରେ ସୀମିତ ରଖୁଛି। ତେବେ ଆୟୋଜନ କରାଯାଉଥିବା ଉତ୍ସବରେ ପରମ୍ପରା ବା ନିଜ ଜାତିର ଇତିହାସ ସମ୍ପର୍କରେ ଶୁଣିବା କିମ୍ବା ଜାଣିବାକୁ କାହା ମନରେ ଆଗ୍ରହ ରହୁନି। ମେଲୋଡି ସର୍ବସ୍ୱ ଏପରି କାର୍ଯ୍ୟକ୍ରମକୁ ଆସୁଥିବା ଦର୍ଶକଙ୍କୁ ମଞ୍ଚାସୀନ ବକ୍ତାଙ୍କ ଭାଷଣ ଆକର୍ଷିତ କରି ପାରୁନି। କେତେ ଶୀଘ୍ର ମଞ୍ଚରୁ ବକ୍ତା ତଳକୁ ଓହ୍ଲାଇବେ ତାହାକୁ ଚାହିଁ ରହୁଛନ୍ତି ଯୁବ ଗୋଷ୍ଠୀ। ଏହି ଉତ୍ସବରେ ବରିଷ୍ଠ ତଥା ବୁଦ୍ଧିଜୀବୀଙ୍କ ଅନୁପସ୍ଥିତି ଦିନକୁ ଦିନ କମିବାରେ ଲାଗିଛି। ପୁଣି ଏଥିରେ ଯେଉଁ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ବା ପୁରସ୍କାର ପ୍ରଦାନ କରାଯାଉଛି ତାହାର ମଧ୍ୟ ଗୁରୁତ୍ୱ ରହୁ ନାହିଁ। ଏଭଳି ଆକର୍ଷଣୀୟ ଉତ୍ସବ ପାଳନ ନେଇ ଆୟୋଜକ ଗୋଷ୍ଠୀ ଆର୍ଥିକ ସଂକଟର ସମ୍ମୁଖୀନ ହେଉଥିବାରୁ ଅନେକ କ୍ଷେତ୍ରରେ ଏହାକୁ ରାଜନୈତିକ ନେତାଙ୍କ ଇସାରାରେ ପାଳନ କରାଯାଉଛି।



ଦୁର୍ଗା ପଡିଆରେ ଗୁରୁବାର ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଫଳରେ ଏଥିରେ ଜ୍ଞାନୀ ଗୁଣୀଙ୍କୁ ଅତିଥି କରାଯିବା ପରିବର୍ତ୍ତେ କାମ ଚଳାଇବା ପରି ଲୋକଙ୍କୁ ମଞ୍ଚାସୀନ କରାଯାଉଛି। ଏହାକୁ ଅନେକ ବାଧ ବାଧକତା ବୋଲି ସ୍ୱୀକାର କରୁଛନ୍ତି। ଏନେଇ ସହରର ବୁଦ୍ଧିଜୀବୀ ସବୁ ଜାଣୁଛନ୍ତି। ଆୟୋଜକଙ୍କୁ ବେଳେବେଳେ ଭଲ ଅତିଥି ବା ବକ୍ତା ଆଣିବାକୁ ପରାମର୍ଶ ଦେଉଛନ୍ତି। ତଥାପି ଏ ଦିଗରେ କେହି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଫଳସ୍ୱରୂପ ସାହିତ୍ୟ ସଂସ୍କୃତି ନେଇ ଅଭିଜ୍ଞ ପ୍ରତିଭା ଅଲୋଡା ହେଲେଣି ବୋଲି ମତ ପ୍ରକାଶ ପାଇଛି। ପୁଣି ଯେଉଁ ସୋଲରେ ଡଙ୍ଗା ତିଆରି କରା ଯାଉଛି ତାହା କେବେ ମାଟି ବା ପାଣିରେ ମିଳାଇବ ନାହିଁ ବରଂ ପ୍ରଦୂଷିତ କରିବ। ପୂର୍ଣ୍ଣିମା ସକାଳୁ ଏମିତି ବଡ ସାନ ଲକ୍ଷାଧିକ ସୋଲର ବୋଇତ ଦେଖିବାକୁ ମିଳିବ। ଏହା କିପରି ପରିବେଶକୁ ନଷ୍ଟ କରୁଛି ସେ ନେଇ କେହି ଦୃଷ୍ଟି ଦେବା ନଜରକୁ ଆସିନି। ନାମ ପ୍ରକାଶ କରିବାକୁ ଅନିଚ୍ଛୁକ କେଇଜଣ ବରିଷ୍ଠ ନାଗରିକ କହିଛନ୍ତି ଯେ ପରମ୍ପରାକୁ ସର୍ବାଗ୍ରେ ପ୍ରାଧାନ୍ୟ ଦିଆଯାଉ। ତେବେ ଯାଇ ଆଜିର ଯୁବବର୍ଗ ନିଜ ଐତିହ୍ୟ, ସଂସ୍କୃତି ସମ୍ପର୍କରେ ଭଲ ଭାବେ ଅବଗତ ହୋଇ ପାରିବେ।

### ବିନା ଲାଇନଥି ଆସୁଛେ ବିଲ୍

**କୋଲବିରା,୨୨।୧୧(ଡି.ଏନ.ଏ.)**

କାଲାବିରା ବ୍ଲକରେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା ବଦନାମ୍ ହେଉଛି। ବିଦ୍ୟୁତ୍ ସଂଯୋଗ ନ ହୋଇ ବି ହିତାଧିକାରୀ ବିଲ୍ ପାଇଛନ୍ତି। ସନ୍ନ୍ୟାସିପାଲି ଗ୍ରାମର ଧ୍ରୁବ ମାଝି, ଜଗଦୀଶ ଛତ୍ରିଆ, ନବୀନ ମାଝି, ଗଙ୍ଗାଧର ଛତ୍ରିଆ, ଡିଲେଶ୍ୱରୀ ମାଝି, ରମେଶ ମାଝି, ଚନ୍ଦନ ମାଝି ପ୍ରମୁଖଙ୍କ ଘରକୁ ଲାଇନ ସଂଯୋଗ ହୋଇନାହିଁ କିନ୍ତୁ ବିଲ୍ ଆସିଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ସମାସିଂହା ଗାଁର ଉଦ୍ଧବ ବନଛୋର ଅଭିଯୋଗ କରିଛନ୍ତି ଯେ ଏହି ଯୋଜନାରେ ତାଙ୍କ ଘରକୁ ଅଧାବାଟ ପର୍ଯ୍ୟନ୍ତ ତାର ଟଣାଯାଇଛି। ଭିତରେ ୱେରିଙ୍ଗ ହୋଇନି। କିଛି ଖର୍ଚ୍ଚ ଦେଲା ପରେ କରାଯିବ ବୋଲି କର୍ମଚାରୀ କହୁଛନ୍ତି। କିନ୍ତୁ ବିନା ବିଦ୍ୟୁତ୍ ସଂଯୋଗରେ ୩ ହଜାର ୨ ଶହ ଟଙ୍କାର ବିଲ୍ ଆସିଛି। ସଞ୍ଜୀବ ପରୁଆଙ୍କ ୯୯୯ ଟଙ୍କା, ସରୋଜ ମହାନନ୍ଦିଆଙ୍କ ୧୨୨୮ ଟଙ୍କା, ଅଶୋକ ବରିହାଙ୍କ ୧୧୬୦ ଟଙ୍କା, ଲକ୍ଷ୍ମୀ ରାଉତଙ୍କ ୫୨ ଟଙ୍କା, ହେମ ପରୁଆଙ୍କ ୩୧୦୦ଟଙ୍କା, ଲେଫା କିଶାନଙ୍କ ନିକଟକୁ ୩୫୦୦ଟଙ୍କାର ବିଲ୍ ଆସିଛି। କର୍ମଚାରୀ ମିଟର ଲଗାଇବା ବେଳେ ୨ଶହ ଟଙ୍କା, ତାର ଟାଣିବାରେ ୧୦୦ ଟଙ୍କା ଓ ବିଜୁଳି ସଂଯୋଗ ଦେଲେ ୪ ଶହ ଟଙ୍କା ଆଦାୟ କରୁଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ଶତପଥୀ କହିଛନ୍ତି ଯେ, ଟଙ୍କା ଆଦାୟ ନେଇ ତାଙ୍କ ପାଖରେ ଖବର ନାହିଁ। ଅଭିଯୋଗ ହେଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ହେବ। ଅନ୍ୟପଟେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଦୁତୀୟ ଚରଣ ଗଡିଆ କହିଛନ୍ତି ଯେ ମିଟର ଲାଗିଲା ପରେ ପ୍ରୋଭିଜିନାଲ ବିଲ୍ କରି ଆଡ୍‌ଜଷ୍ଟ କରି ଦିଆଯିବ। ଏଥିପାଇଁ ଉପଭୋକ୍ତାଙ୍କୁ ଚିନ୍ତିତ ହେବାର ନାହିଁ।

## ଅନ୍ତର୍ଜାତୀୟ ୱେଟ୍ ଲିଫ୍ଟର ଅନୁପ

# ସାକାର ହୋଇଛି ପିଲାଦିନର ସ୍ୱପ୍ନ

**ବସନ୍ତ ଧଳ**
**ରାଉରକେଲା ଅଫିସ,୨୨।୧୧**

ନିରଳସ ସାଧନା ପାଇଁ ଆଜି ଭାରତୀୟ ପଦାତିକ ବାହିନୀ ତାଙ୍କୁ କୋଳେଇ ନେଇଛି। ଏବେ ସେ ଆର୍ମି ସ୍ପୋର୍ଟ୍ସ ୟୁନିଟ ମହାରାଷ୍ଟ୍ରର ଗୋରଖପୁରରେ କାର୍ଯ୍ୟରତ। ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଝୁନପୁର ଅଞ୍ଚଳର ମୂଳ ବାସିନ୍ଦା ଅନୁପଦେଓ ଟପୋ(୨୯)। ପିଲାଟି ବେଳୁ ଜଣେ ଅପରାଜେୟ ୱେଟ ଲିଫ୍ଟର ହେବାକୁ ମନରେ ପ୍ରବଳ ଇଚ୍ଛା ଥିଲା। ହାତରେ ଯାହା ଓଜନିଆ ଜିନିଷ ପଡୁଥିଲା ତାକୁ ତତ୍‌କ୍ଷଣାତ ତୋଳି ଧରୁଥିଲେ ଅନୁପ। ୨୦୦୦ ମସିହାରେ ସେ ବ୍ରହ୍ମପୁର ସରକାରୀ କ୍ରୀଡା ଛାତ୍ରାବାସରେ ଯୋଗ ଦେଲେ।

୨୦୦୫ ଅକ୍ଟୋବର ୧୨ରୁ ୧୫ ଯାଏ ଛତିଶଗଡ ଭିଲାଇରେ ଅନୁଷ୍ଠିତ ୟୁଥ ନ୍ୟାଶନାଲ ଚାମ୍ପିୟନଶିପରେ ୩ଟି ଗୋଲ୍ଡ ମେଡାଲ ଜିଣି ସେ ରାଜ୍ୟ ପାଇଁ ଗୌରବ ଆଣିଲେ। ୨୦୦୭ ନଭେମ୍ବର ୨୨ରୁ ୨୪ ଯାଏ ମଣିପୁର ଇମ୍ଫାଲରେ ଅନୁଷ୍ଠିତ ୟୁଥ ନ୍ୟାଶନାଲ ଚାମ୍ପିୟନଶିପରେ ପୁନଃ ୩ଟି ଗୋଲ୍ଡ ମେଡାଲ ଜିଣିଲେ। ୨୦୦୭ ଡିସେମ୍ବର ୧୯ରୁ ୨୩ ଭୁବନେଶ୍ୱରରେ ଆୟୋଜିତ ସିନିୟର ନ୍ୟାଶନାଲ ଚାମ୍ପିୟନଶିପରେ ବ୍ରୋଞ୍ଜ ପାଇ ତାଙ୍କୁ ସନ୍ତୁଷ୍ଟ ହେବାକୁ ପଡିଥିଲା। ଗତ ଜାନୁୟାରୀ ୨୮ରୁ ୩୧ ଯାଏ ପୁଣେରେ ଅନୁଷ୍ଠିତ ସିନିୟର ନ୍ୟାଶନାଲ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୧୧ ପରେ ଜାନୁୟାରୀରେ ଅନୁଷ୍ଠିତ ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପରେ ଭାଗ ନେଇ ଏକା ସାଙ୍ଗରେ ୩ଟି ସ୍ୱର୍ଣ୍ଣ ପଦକ ଜିଣିଥିଲେ। ୨୦୦୭ ଅକ୍ଟୋବର ୨୬ରୁ ନଭେମ୍ବର ୩ ଯାଏ ଜୋର୍ଡାନରେ ଅନୁଷ୍ଠିତ ୟୁଥ ଓ ଜୁନିୟର ଏସିଆନ ଚାମ୍ପିୟନଶିପରେ ଭାଗ ନେଇ ୪ର୍ଥ ସ୍ଥାନ ଅଧିକାର କରିଥିବା ବେଳେ ୨୦୦୮ରେ ପୁଣେରେ ଅନୁଷ୍ଠିତ ଜୁନିୟର କମନ ୱେଲଥ ଗେମ୍ସରେ ଭାଗ ନେଇ ସିଲଭର ମେଡାଲ ହାସଲ କରିଥିଲେ। ୨୦୦୯ ଅକ୍ଟୋବର ୧୮ରେ ମାଲେସିଆରେ ଅନୁଷ୍ଠିତ କମନ ୱେଲ୍ଥ ୱେଟ ଲିଫ୍ଟିଂ ଚାମ୍ପିୟନଶିପ ଗୋଲ୍ଡ ମେଡାଲ ଜିଣିଥଲ। ୨୦୧୦ରେ ମାଲେସିଆରେ ଅନୁଷ୍ଠିତ ଜୁନିୟର କମନୱେଲ୍ଥ ଚାମ୍ପିୟନଶିପରେ ସିଲଭର ମେଡାଲ ପାଇଥିଲେ ଅନୁପ। ରୋମାନିଆ, ତାସକେଣ୍ଟ, ବୁଲଗେରିଆରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ଅନୁପ ମେଡାଲ ହାସଲ କରିଛନ୍ତି। ତେବେ ତାଙ୍କ ସଫଳତା ପଛରେ କୋଚ ସୀମାଞ୍ଚଳ ମାଝି, ଧର୍ମା ରାଓ, ନାରାୟଣ ସାହୁଙ୍କ ଆଶୀର୍ବାଦ ରହିଛି। ସେମାନଙ୍କୁ ସେ ଭୁଲି ପାରିବେନି ବୋଲି କହିଛନ୍ତି ଅନୁପ।




ଅନୁପଦେଓ ଟପୋ।

# ଖଳା କାମ ବନ୍ଦ କରିଦେଲେ ଗ୍ରାମବାସୀ

**ଲଖନପୁର,୨୨।୧୧ (ଡି.ଏନ୍.ଏ.)**

କୃଷକଙ୍କ ଧାନ ଅମଳ ପାଇଁ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତରେ ଧାନଖଳା ନିର୍ମାଣ କରାଯାଉଛି । ଏହି ଖଳା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର ପାଇବା ପରେ ଠିକାଦର ନିୟମ ଅନୁଯାୟୀ ବ୍ୟୟଅଟକଳକୁ ଆଧାର କରି ନିର୍ମାଣ କାମ କରିବା କଥା, କିନ୍ତୁ କେତେକ ଠିକାଦାର ଟେଣ୍ଡର ନୀତିନିୟମକୁ ଖୋଲାଖୋଲି ଉଲଙ୍ଘନ କରି କାମ କରୁଛି। ଏହାଦ୍ୱାରା ନିର୍ମାଣ କାମ ନିମ୍ନମାନର ହେଉଥିବାରୁ ଏଥିରୁ କୃଷକ ସୁଫଳ ପାଇପାରୁନାହାନ୍ତି। ଏଭଳି ସ୍ଥିତି ଦେଖାଦେଇଛି ଲଖନପୁର ବ୍ଲକ୍ କଦମ୍ବଡିହି ପଞ୍ଚାୟତ ପର୍ସିଆଁ ଗ୍ରାମ ଦସିହାଡିହିରେ। ଠିକାଦାର ମାଧ୍ୟମରେ ଖଳା ନିର୍ମାଣ କାମ ଚାଲିଛି । କାମ ନିମ୍ନମାନର ହେଉଥିବାରୁ ଗ୍ରାମବାସୀ ଠିକାଦାରଙ୍କୁ ତାଗିଦ କରି କାମ ବନ୍ଦ ଦେଇଛନ୍ତି। ଖରବ ପାଇ କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠଯନ୍ତ୍ରୀ ପ୍ରତିମା କିଷାନ ଗ୍ରାମରେ ପହଞ୍ଚି ଗ୍ରାମବାସୀ ଓ ଠିକାଦାରଙ୍କ ମଧ୍ୟରେ ଆଲୋଚନା କରିଛନ୍ତି। ତଥାପି ଏହାର କୌଣସି ସମାଧାନ ବାଟ ବାହାରିନାହିଁ। ଏଣୁ ୨ଦିନ ହେଲା ନିର୍ମାଣ କାମ ବନ୍ଦ ରହିଛି। ଗ୍ରାମରେ ଖଳା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଟେଣ୍ଡରରେ ଚନ୍ଦ୍ରଭୂଷଣ ଦାସ ଠିକାଦର ଭାବେ ଖଳାକାମ ପାଇଛନ୍ତି। ଏହାର ବ୍ୟୟଅଟକଳ ରହିଛି ୭ ଲକ୍ଷ ୩୫ ହଜାର ଟଙ୍କା। ଟେଣ୍ଡର ନିୟମ ଅନୁସାରେ ଖଳାର ସାଇଡ୍ ୱାଲ୍ ୨ଫୁଟ୍ ଓ ୧୦ଇଞ୍ଚ ବାଲି ଫିଲିଂ ଆଦି ରହିବା କଥା । କାମ କରିବା ପୂର୍ବରୁ ସୂଚନାଫଳକ ନିର୍ମାଣ କରି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକଳ୍ପର ସବିଶେଷ ବିବରଣୀ ଲେଖିବା କଥା । କିନ୍ତୁ ଏଥିରେ ସବୁ ବ୍ୟତିକ୍ରମ କରାଯାଇ କାମ ହୋଇଛି । ଏ ନେଇ ଗ୍ରାମବାସୀ ଠିକାଦାରଙ୍କୁ ଦାଗିଦ କଲେ ସୁଧା ଠିକାଦାର ତାଙ୍କ ମର୍ଜିରେ କାମ କରୁଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି। ଗ୍ରାମର ଯୋଗିନ୍ଦ୍ର ପ୍ରଧାନ, ସୁଶୀଲ ପଟେଲ, ସୁରେଶ ଧୁରୁଆ, ପ୍ରଦୀପ ପଟେଲ ଓ ଅନିଲ ପଟେଲ ପ୍ରମୁଖ ଗ୍ରାମବାସୀ । ଏ ନେଇ କନିଷ୍ଠଯନ୍ତ୍ରୀ ପ୍ରତିମା କିଷାନ କହିଛନ୍ତି ଯେ, କାମ ନିମ୍ନମାନର ଅଭିଯୋଗକୁ ନେଇ ଠିକାଦର ଦାସଙ୍କୁ ତାଗିଦ କରାଯାଇଛି ।

# ଡିଜିଏମ୍ ନାବାର୍ଡଙ୍କ କ୍ଷେତ୍ର ପରିଦର୍ଶନ

**ଲେଫ୍ରିପଡ଼ା,୨୨।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ମଶାବିରାଠାରେ ଜଳବିଭାଜିକା କମିଟି ଏବଂ ଛେଦଲଗନ କୃଷକ ଉତ୍ପାଦକ କମ୍ପାନୀର ମିଳିତ ଉଦ୍ୟମ କ୍ରମେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ବୈଠକରେ କ୍ଷେତ୍ର ପରିଦର୍ଶନରେ ଆସିଥିବା ନାବାର୍ଡର ଡିଜିଏମ୍ ରାଜୀବ ମିଶ୍ର,ଏସବିଆଇର ଚିଫ୍ ମ୍ୟାନେଜର କୀର୍ତିକାନ୍ତ ସ୍ୱାଇଁ, ନାବାର୍ଡ ଡିଡିଏମ୍ ଶକ୍ତି ପ୍ରସନ୍ନ ମହାପାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକ, ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ପ୍ରମୁଖ ବ୍ୟକ୍ତିଗଣ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଜୀବନ ଜୀବିକାର ଉନ୍ନତି ସକାଶେ ଚାଷର ଆବଶ୍ୟକତା ରହିଥିବା ବେଳେ ଜଳ, ଜମି ଓ ଜଙ୍ଗଲର ବିକାଶ ନିମନ୍ତେ ଜଳ ବିଭାଜିକା ପ୍ରକଳ୍ପ ନିତାନ୍ତ ଆବଶ୍ୟକ ରହିଥିବାରୁ ଏହାର ବିଭିନ୍ନ ଦିଗରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଡିଜିଏମ୍ ନାବର୍ଡ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଏହା ବ୍ୟତୀତ ବ୍ୟାଙ୍କରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଦିଗରେ ଆଲୋକପାତ କରି ଏହାର ସମାଧାନ ଦିଗରେ ଆଗାମୀ ଦିନରେ ମଶାବିରା ପଂଚାୟତ ନିକଟରେ ଏକ ଶାଖା ଖୋଲାଯିବାର ବ୍ୟବସ୍ଥା କରାଯିବାର ପ୍ରୟାସ କରାଯିବ ବୋଲି ଏସ୍‌ବିଆଇ ଚିଫ୍ ମ୍ୟାନେଜର ମତବ୍ୟକ୍ତ କରିଥିଲେ। ବନସୁରକ୍ଷା ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଅଧ୍ୟକ୍ଷ ଏବଂ ସମ୍ପାଦକ ଆଲୋକପାତ କରିଥିଲେ। ଜଳବିଭାଜିକାର ପ୍ରକଳ୍ପ ସଂଯୋଜକ ବେଦବ୍ୟାସ ଧୁରୁଆ ଏବଂ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ଗଙ୍ଗାଧର କିଶାନ ଜଳବିଭାଜିକା ସମ୍ପର୍କରେ ବିଭିନ୍ନ ଦିଗରେ ମତାମତ ପ୍ରଦାନ କରିଥିବା ବେଳେ ପରିଶେଷରେ ସାହେବଡେରା ଜଳ ବିଭାଜିକା କମିଟିର ସମ୍ପାଦକ ମୁକ୍ତେଶ୍ୱର ବୁଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ମା' ଶେଖର ବାସିନୀ ଜଳବିଭାଜିକା କମିଟି, ତ୍ରିବେଣୀ ଜଳ ବିଭାଜିକା କମିଟି, ଧାଙ୍ଗେରଗୁଡି ଜଳବିଭାଜିକା,ବୁଡାପାହାଡ ଜଳ ବିଭାଜିକା କମିଟି ଏବଂ ଛେଦଲଗନ କୃଷକ ଉତ୍ପାଦକ କମ୍ପାନୀର ସଭ୍ୟା ସଭ୍ୟ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/MECHANISED CLEANING/BRGA/18, ତା.16.11.2018ରିଖ

**କାର୍ଯ୍ୟର ନାମ:** 03 (ତିନି) ବର୍ଷ ଅବଧି ନିମନ୍ତେ ବରଗଡ଼ ରୋଡ଼ ଷ୍ଟେସନର ସଫେଇ ଏବଂ ସ୍ୱଚ୍ଛତାର ରକ୍ଷଣାବେକ୍ଷଣ ତଥା ଯନ୍ତ୍ରୀକୃତ (Mechanized) ସଫେଇ ମାଧ୍ୟମରେ ଆବର୍ଜନାଗୁଡ଼ିକର ନିକାଶ ।

**ଆକଳିତ ଟେଣ୍ଡର ମୂଲ୍ୟ(ଟଙ୍କାରେ):** 33,36,511/-, EMD(ଟଙ୍କାରେ): 67,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ):3,540/-(18% GST ସହିତ) ।

ଟେଣ୍ଡର ଫର୍ମ ଜାରି ହେବା ଅବଧି: ସମ୍ବାଦପତ୍ରରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶିତ ହେବା ତାରିଖ ଠାରୁ ତା.24.12.2018 ରିଖ 1200 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଗ୍ରହଣ କରାଯିବାର ଅନ୍ତିମ ତାରିଖ ଓ ସମୟ: ତା.24.12.2018 ରିଖ 1530 ଘଟିକାରେ, **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ତା.24.12.2018 ରିଖ 1600 ଘଟିକାରେ ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ । ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର
PR-391/J/18-19

## ପୂର୍ବ ତଟ ରେଳପଥ

### ଟିଟିଲାଗଡ଼, ବଲାଙ୍ଗୀର ଏବଂ ବରଗଡ଼ ରୋଡ଼ ଷ୍ଟେସନ ଠାରେ ଖାଦ୍ୟ ସରବରାହ ସେବା ବ୍ୟବସ୍ଥା

ଟେଣ୍ଡର ବିଜ୍ଞପ୍ତି ସଂ.C/SBP/Catg./NIT/AB-4/SMU/18, ତା.19.11.2018ରିଖ,

**କ୍ରମ ସଂ.: 01,** ଷ୍ଟେସନର ନାମ: ଟିଟିଲାଗଡ଼, ସ୍ଥାନ: ପ୍ଲାଟଫର୍ମ ନଂ. 2/3, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 84,000/-, EMD ଜମା (ଟଙ୍କାରେ): 8,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/- (18% GST ସହିତ) ।

**କ୍ରମ ସଂ.: 02,** ଷ୍ଟେସନର ନାମ: ବଲାଙ୍ଗୀର, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 76,000/-, EMD ଜମା (ଟଙ୍କାରେ): 7,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 1,180/- (18% GST ସହିତ) ।

**କ୍ରମ ସଂ.: 03,** ଷ୍ଟେସନର ନାମ: ବରଗଡ଼ ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 76,000/-, EMD ଜମା (ଟଙ୍କାରେ): 7,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/- (18% GST ସହିତ) ।

**କ୍ରମ ସଂ.: 04,** ଷ୍ଟେସନର ନାମ: ବରଗଡ଼ ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.1, ବାର୍ଷିକ ଆରକ୍ଷଣ ମୂଲ୍ୟ (ଟଙ୍କାରେ): 1,00,000/-, EMD ଜମା (ଟଙ୍କାରେ): 10,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/- (18% GST ସହିତ) ।

ଷ୍ଟେସନ ବର୍ଗ : "B" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), ଖାଦ୍ୟ ସରବରାହ ୟୁନିଟ୍‌ର ନାମ: ଫଳ ଏବଂ ତାଜା ଜୁସ୍ ଷ୍ଟଲ୍ (କ୍ରମ ସଂ.1, 2 ଏବଂ 3 ନିମନ୍ତେ), ଚା' ଦୋକାନ (କ୍ରମ ସଂ.4 ନିମନ୍ତେ), ଚିହ୍ନିତ ବର୍ଗ: ଗରୀବ ସୀମାରେଖା ତଳେ ରହୁଥିବା ବ୍ୟକ୍ତି (କ୍ରମ ସଂ.1 ନିମନ୍ତେ), ଅନୁସୂଚିତ ଜନଜାତି (କ୍ରମ ସଂ.2 ନିମନ୍ତେ), ଅନୁସୂଚିତ ଜାତି(କ୍ରମ ସଂ.3 ନିମନ୍ତେ) ଏବଂ ସ୍ୱାଧୀନତା ସଂଗ୍ରାମୀ/ଯୁଦ୍ଧରେ ମୃତ୍ୟୁବରଣ କରିଥିବା ସୈନିକଙ୍କ ସ୍ତ୍ରୀ ସହିତ ମୃତ ରେଳ କର୍ମଚାରୀଙ୍କ ବିଧବା ସ୍ତ୍ରୀ, ରେଳବାଇ ଦ୍ୱାରା ନିଜର ବ୍ୟବହାର କାରଣରୁ ସ୍ଥାନାନ୍ତରିତ/ବିସ୍ଥାପିତ ହୋଇଥିବା ବ୍ୟକ୍ତିବିଶେଷ(କ୍ରମ ସଂ.4 ନିମନ୍ତେ) ।

ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ: ତା.27.12.2018 ରିଖ 1000 ଘଟିକା ଠାରୁ ତା.27.12.2018 ରିଖ 1530 ଘଟିକା ପର୍ଯ୍ୟନ୍ତ, ବିଡ୍ ବାକ୍ସ ବନ୍ଦ ହେବା ତାରିଖ ଓ ସମୟ: ତା.27.12.2018 ରିଖ 1530 ଘଟିକା, **ବିଡ୍ ବାକ୍ସ ଖୋଲାଯିବା ତାରିଖ ଓ ସମୟ:** ତା.27.12.2018 ରିଖ 1600 ଘଟିକାରେ ।

ବିଡ୍ ନଥିପତ୍ର ଉପଲବ୍ଧ ହେବା ସ୍ଥାନ: ଯେକୌଣସି କାର୍ଯ୍ୟ ଦିବସରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁର, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ସା/ପୋଷ୍ଟ: ମୋଦିପଡ଼ା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-768002, ଫୋନ୍ ନଂ.-0663-2533195ଙ୍କ କାର୍ଯ୍ୟାଳୟରେ । ବିଡ୍ ନଥିପତ୍ରଗୁଡ଼ିକ ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର
PR-392/J/18-19

# କୁମ୍ଭାରବନ୍ଧ କଲେଜ ପ୍ରତିଷ୍ଠାତା ଗିରିଧାରୀ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଲଖନପୁର,୨୨।୧୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ଆଞ୍ଚଳିକ କଲେଜ ପରିସରରେ ଗୁରୁବାର ପ୍ରତିଷ୍ଠାତା ସ୍ୱର୍ଗତ ଗିରିଧାରୀ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ତାଙ୍କ ଜ୍ୟୋଷ୍ଠପୁତ୍ର ସେବାରାମ ପଣ୍ଡା ଓ କନିଷ୍ଠପୁତ୍ର ସୀତାରାମ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁକ୍ତ ୨ କଲେଜ ଅଧକ୍ଷ ପାଣ୍ଡବ ଚରଣ ପଟେଲ ଅଧକ୍ଷତା କରିଥିବାବେଳେ ଅଧ୍ୟାପିକା ଡ: ସଞ୍ଜୁକ୍ତା ହୋତା ମଞ୍ଚ ପରିଚାଳନା କରିଥିଲେ। ବ୍ଲକ୍ ଅଧକ୍ଷା ଶାନ୍ତି ପ୍ରଧାନ, ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ଯୁକ୍ତ ୩ କଲେଜ ଅଧକ୍ଷ ରାଜକିଶୋର ବିଶ୍ୱାଳ, ବାସୁଦେବ ଭୋଇ, ରଘୁନନ୍ଦନ ପଣ୍ଡା, ତେଜେନ୍ଦ୍ର ଖମାରୀ, ପୂର୍ଣ୍ଣଚନ୍ଦ୍ର ନାୟକ, ଉମାକାନ୍ତ ପଣ୍ଡା, ପ୍ରେମସାଗର ଖମାରୀ, ଚକ୍ରଧର ବାରିକ, ଅଧ୍ୟାପକ କ୍ଷିରୋଦ ମାଝି, ସୁନିତା ବାରିକ, ନଳିନି ସେଠ୍, ଭାରତୀ ବିଶ୍ୱାଳ, ପ୍ରତାପଚନ୍ଦ୍ର ପ୍ରଧାନ, ସସ୍ମିତା ଦାସ, ଶେଷଦେବ ଖମାରୀ, ଲିଙ୍ଗରାଜ ବଡେଇ, ସୁରେନ୍ଦ୍ର ପାଢୀ, ହେମନ୍ତ ପ୍ରଧାନ, ପ୍ରକାଶ ମିଶ୍ର, ଭୋଳାନାଥ ବଡେଇ, ଅଭିଷେକ ପୁରୋହିତ, ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଦେଇ ସ୍ମୃତିଚାରଣ କରିଥିଲେ।



ସ୍ୱର୍ଗତ ଗିରିଧାରୀ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପକ ଓ ବୁଦ୍ଧିଜୀବୀ।

## ସଂକ୍ଷେପରେ

### ପତ୍ରାପାଲିରେ ମୁଁ ହିରୋ କାର୍ଯ୍ୟକ୍ରମ

**ଝାରସୁଗୁଡା ଅଫିସ,୨୨।୧୧-** ଝାରସୁଗୁଡା ଜିଲା ପତ୍ରାପାଲିଠାରେ ବିଜୁ ଯୁବ ବାହିନୀ ତରଫରୁ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜିଲା ବିଜେଡିର ସାଧାରଣ ସମ୍ପାଦକ ତଥା କାଉନସିଲର ତ୍ରିନାଥ ଗୁଆଲ, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ସାହୁ, ସମିତିସଭ୍ୟ ସୀମାସିନି ସାହୁ, ହୃଷୀକେଶ ସାହୁ, ପୂର୍ଣ୍ଣଚନ୍ଦ୍ର କୁଅଁର, ଜଳଧର ସେଠ୍, ଗୌରାଙ୍ଗ ସେଠ୍ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଭଳି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଁ ହିରୋ କାର୍ଯ୍ୟକ୍ରମକୁ ବିଜୁ ଯୁବ ବାହିନୀର ସଭାପତି ପ୍ରବୀଣ ସାହୁ ଏବଂ କଶୋର କାଲୋ, ଦୁର୍ଯ୍ୟୋଧନ ପ୍ରଧାନ, ବେଲାଲ ନାଗ, ସନତ ସାହୁ, ଗଣେଶ ରାଉତ, ପରିକ୍ଷିତ ସେଠ୍, ଦୀପକ ଭଅଁର, ଉମାକାନ୍ତ ସେଠ୍ ପ୍ରମୁଖ ପରିଚାଳନା କରିଥିଲେ।

# ମିଡ୍-ଫିଲ୍ଡର ହିରୋ ବିକି ଓରାମ

**ଝାରସୁଗୁଡା ଅଫିସ,୨୨।୧୧**



ଫୁଟବଲ ଖେଳାଳି ବିକି ଓରାମ। ବୟସ ମାତ୍ର ୧୫ ବର୍ଷ। ଫୁଟବଲ ପଡିଆରେ ବିକିଙ୍କୁ ମିଡ୍ ଫିଲ୍ଡର ହିରୋ ବୋଲି ସମସ୍ତେ କୁହନ୍ତି। ମିଡ୍ ଫିଲ୍ଡରେ ବିକିଙ୍କ ଶୃଙ୍ଖଳିତ ଖେଳ ଏବଂ ଚମତ୍କାର ପ୍ରଦର୍ଶନ ତାଙ୍କୁ ଖେଳ ଦୁନିଆଁରେ ଏହି ଆଖ୍ୟା ଦେଇଛି। ଦିନେ ଫୁଟବଲ ପାଇଁ ଘର ଛାଡିଥିବା ବିକିଙ୍କ ଅଧିନାୟକତ୍ୱରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟରେ ଓଡିଶା ସବ-ଜୁନିୟର ଦଳ ଉପବିଜେତା ହୋଇଥିଲା। ଏହାପରେ ଆଉ କିଛି ମ୍ୟାଚ୍ ଓଡ଼ିଶା ପାଇଁ ଖେଳିବା ପରେ ବିକି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ବର୍ତ୍ତମାନ ସେ ଜାତୀୟସ୍ତରର ଫୁଟବଲ ଖେଳାଳି ଭାବେ ପରିଚିତ।

ଝାରସୁଗୁଡା ଉପକଣ୍ଠ ଚିଠୁଆପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିଲେ ବିକି ଓରାମ। ଜିଲାସ୍ତରୀୟ କ୍ୟାମ୍ପରେ ଅଂଶଗ୍ରହଣ କରି ସ୍ପୋର୍ଟସ୍ ହଷ୍ଟେଲ ପାଇଁ ଚୟନ ହୋଇଥିଲେ। ଘରର ଆର୍ଥିକ ସ୍ଥିତି ଭଲ ନ ଥାଏ। ତଥାପି ବିକିଙ୍କ ଏକା ଜିଦ୍ ଫୁଟବଲ୍ ଖେଳିବେ। ବହୁ କଷ୍ଟରେ ଘର ଲୋକ ରାଜି ହୋଇଥିଲେ। ଚୟନ ହୋଇ ବଲାଙ୍ଗୀର ଜିଲା ଲୋଇସିଂହା ସ୍ପୋର୍ଟସ୍ ହଷ୍ଟେଲକୁ ଯିବା ପରେ ଆରମ୍ଭ ହେଲା ପ୍ରକୃତ ଖେଳ। ହଷ୍ଟେଲରେ ଭଲ ଖେଳିବା ପରେ ପ୍ଲେଇଙ୍ଗ୍-୧୧ରେ ସ୍ଥାନ ପକ୍କା କରିଥିଲେ। ଖୁବ୍ କମ୍ ସମୟ ଭିତରେ ଓଡ଼ିଶା ଦଳରେ ସ୍ଥାନ ପାଇଥିଲେ। ପ୍ରଥମେ ୧୪ ବର୍ଷରୁ କମ୍ ଓଡ଼ିଶା ଟିମ୍‌ରେ ସ୍ଥାନ ପାଇବା ଏବଂ ପରେ ପରେ ଦଳର ଅଧିନାୟକ ହେବା ବିକିଙ୍କ ପାଇଁ ଫୁଟବଲ ଦୁନିଆରେ ପ୍ରବେଶ କରିବାର ସୁଯୋଗ ଆଣି ଦେଇଥିଲା। ତାଙ୍କ ଅଧିନାୟକତ୍ୱରେ ଦଳ ଉପବିଜେତା ହୋଇଥିଲା। ମିଡ୍ ଫିଲ୍ଡର ଭାବେ ବିକିଙ୍କ ଚମତ୍କାର ପ୍ରଦର୍ଶନ ଦଳ ପାଇଁ ବେଶ ସଫଳତା ଆଣୁଥିଲା। ଗୋଟିଏ ପଟେ ପାଠପଢା ଏବଂ ଅନ୍ୟପଟେ ଫୁଟବଲ୍। ତଥାପି ଉଭୟକୁ ଗୁରୁତ୍ୱ ଦେଉଥିଲେ। ୨୦୧୬ରେ ଭୋପାଳରେ ଆୟୋଜିତ ସର୍ବଭାରତୀୟ ଚୟନ ଶିବିରରେ ଯୋଗଦେଇ ୧୬ ବର୍ଷରୁ କମ୍ ଭାରତୀୟ ଦଳକୁ ମନୋନୀତ ହୋଇଥିଲେ। ଦଳ ସହ ଇଜିପ୍ଟ, ଦୁବାଇ, କାତାର, ସ୍ପେନ୍, ତୁର୍କୀ, ଥାଇଲାଣ୍ଡ ଏବଂ ଜୋର୍ଡନ ଗସ୍ତ କରି ମିଡ୍ ଫିଲ୍ଡର ଭାବେ ନିଜର ପ୍ରତିଭାର ପରିଚୟ ଦେଇଥିଲେ। ଫିଫା ୱାର୍ଲ୍ଡ କପ୍ ଖେଳିବା ପାଇଁ ଗତ ମାସରେ ମାଲେସିଆରେ ଯୋଗ୍ୟତା ଶିବିର ଅନୁଷ୍ଠିତ ହୋଇଥିଲା। ଏସିଆନ୍ ଫୁଟବଲ୍ କନଫେଡେରେଶନ୍(ଏଏଫସି)ର ଏହି ଯୋଗ୍ୟତା ଶିବିରରେ ଏସିଆ ମହାଦେଶର ୧୬ଟି ଦଳ ୪ଟି ଗ୍ରୁପରେ ଭାଗ ନେଇଥିଲେ। ସେଠାରେ ମ୍ୟାଚ୍ ସମୟରେ ବିକି ବେଶ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଝାରସୁଗୁଡା ଫେରିଥିଲେ। ବିକିଙ୍କ ବଡ ଭାଇ ରାକେଶ ଓରାମ ଜଣେ ବୃତ୍ତିଗତ ଫୁଟବଲ ଖେଳାଳି ହୋଇଥିବା ବେଳେ ସେ ବର୍ତ୍ତମାନ ବାଙ୍ଗାଲୋର ଏଫସି ପାଇଁ ଚୁକ୍ତିବଦ୍ଧ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିକି ମଧ ବାଙ୍ଗାଲୋର ଏଫ୍‌ସି ତରଫରୁ ଖେଳିବାକୁ ଚୁକ୍ତି କରିସାରିଛନ୍ତି।

**-ପ୍ରଭଞ୍ଜନ ମିଶ୍ର**



ଗୋଷ୍ଠୀ ପାଇଖାନା ଉଦ୍‌ଘାଟନ ଅବସରରେ ପୌରାଧ୍ୟକ୍ଷ ଓ ଅନ୍ୟମାନେ।

## ଗୋଷ୍ଠୀ ପାଇଖାନା ଉଦ୍‌ଘାଟିତ

**ଝାରସୁଗୁଡା ଅଫିସ,୨୨।୧୧**

ଝାରସୁଗୁଡା ଜିଲାକୁ ଖୋଲା ଶୌଚମୁକ୍ତ ଜିଲା ଘୋଷଣା କରିବାକୁ ପ୍ରଶାସନ ଲାଗି ପଡିଛି। ସେଥିପାଇଁ ଝାରସୁଗୁଡା ପୌର ପରିଷଦ ତରଫରୁ ପାଇଖାନା ନିର୍ମାଣ କାମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସ୍ଥାନେ ସ୍ଥାନେ ମଡ୍ୟୁଲାର ଗୋଷ୍ଠୀ ପାଇଖାନା ନିର୍ମାଣ କରାଯାଉଛି। ପୌରାଞ୍ଚଳ ୱାର୍ଡ ନଂ ୫ ତଲିଭଟାଠାରେ ୧୦ଟି ଏବଂ ବମ୍ଫେଛକ ଠାରେ ୫ଟି ଗୋଷ୍ଠୀ ପାଇଖାନା ଗୁରୁବାର ଉଦ୍‌ଘାଟନ କରାଯାଇଛି। ସେହିପରି ୧୧ନଂ.ୱାର୍ଡରେ ୩ ଲକ୍ଷ ଟଙ୍କା ବ୍ୟୟରେ ଗଭୀର ନଳକୂପ ଉଦ୍‌ଘାଟନ କରାଯାଇଛି। ପୌରାଧ୍ୟକ୍ଷ ହରିଶ ଗଣତ୍ରା ଏହିସବୁ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ପୌରଯନ୍ତ୍ରୀ ମନୋଜ ପାତ୍ର, ଦୀପକ ରାଉତ, କାଉନସିଲର ରାଜୁ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ପବିତ୍ର ବେହେରା, ଆଜମ ଖାନ୍, ପପୁ ଜୈନ୍, ଦିଲୁ ବେହେରା, ମେରୀଗୌନ୍ତି ଡୁଙ୍ଗଡୁଙ୍ଗ୍ ପ୍ରମୁଖ ସାଙ୍ଗରେ ଉପସ୍ଥିତ ଥିଲେ।

## ଡିସେମ୍ବର ୨୬ରୁ ୩୦ ବେଲପାହାଡ଼ ଉତ୍ସବ 'ମଚାନ୍'

**ବେଲପାହାଡ଼,୨୨।୧୧ (ଡି.ଏନ୍.ଏ)**

ସ୍ଥାନୀୟ ରତ୍ନମଣ୍ଡପରେ ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ବେଲପହାଡ଼ ଉତ୍ସବ 'ମଚାନ୍' ଆୟୋଜିତ ହେବ । ଏଥିପାଇଁ ଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉତ୍ସବସ୍ଥଳ ନିକଟରେ ଗ୍ରାମଶ୍ରୀ ମେଳା ହେବ। ଏହି ଅବସରରେ ନବଗଠିତ କମିଟିରେ ପୌର ପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟ ପୃଷ୍ଠପୋଷକ ରହିଛନ୍ତି। କୈଳାସ ଚନ୍ଦ୍ର ନାୟକ, ରଶ୍ମିରେଖା ମିଶ୍ର ଏବଂ ପ୍ରସନ୍ନ ଦାଶ ଉପଦେଷ୍ଟା ରହିଛନ୍ତି। ଉତ୍ସବ ପରିଚାଳନା କମିଟିରେ ଦେବୀ ପ୍ରସାଦ ମିଶ୍ର ସଭାପତି, ରାଜେଶ ଭୋଇ ଉପସଭାପତି, ପ୍ରମୋଦ ସେନାପତି ସାଧାରଣ ସମ୍ପାଦକ, ପ୍ରଦୀପ ପଶାୟତ ସହସମ୍ପାଦକ, ଜଗଦୀଶ ମେହେର କୋଷାଧ୍ୟକ୍ଷ ଓ ସୌମ୍ୟବ୍ରତ ମିଶ୍ର ସହକୋଷାଧ୍ୟକ୍ଷ ରହିଛନ୍ତି। ଭାସ୍କର ପଟେଲ ଓ ରାଜେଶ ପଶାୟତ ସାଂସ୍କୃତିକ ସମ୍ପାଦକ ରହିଥିବା ବେଳେ ଶ୍ରୀକର ଭୋଇ, ଡ଼ଃ ଦିଲୀପ ନାୟକ, ମୋତିରାମ ମେହେର ଓ ସୁରେଶ ପ୍ରଧାନ ସ୍ମରଣିକା ସମ୍ପାଦନା ମଣ୍ଡଳିର ସଦସ୍ୟ ରହିଛନ୍ତି। ରମାକାନ୍ତ ମଲ୍ଲିକ, ଶରତ ସାହୁ, ଚିନ୍ତାମଣି କୁର୍ମି, ଆଲୋକ ଖମାରୀ, କାଶିଆ ମେହେର, ବିଶ୍ୱନାଥ ମେହେର, ଲିଙ୍ଗରାଜ ନାୟକ ଓ ମିନକେତନ ପ୍ରଧାନଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ପାଦନ ପାଇଁ ମନୋନୀତ କରାଯାଇଛି । ଚଳିତ ବର୍ଷ ଉତ୍ସବରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଦୁଇ ଦିନ ପାଇଁ କ୍ଷୁଦ୍ର ନାଟକ ଆୟୋଜିତ ହେବ ବୋଲି ଉତ୍ସବ କମିଟି ସଭାପତି ଦେବୀ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଛଣ ଗିରି ଗିରି**
**ସୀତାଙ୍କୁ ରାବଣ ନଉଛି ହରି**
**ବିଭୂତି ଭୂଷଣ କରି ।**

ଜନକ ନନ୍ଦିନୀ ଦେବୀ ସୀତାଙ୍କୁ ଲଙ୍କପତି ରାବଣ ଛଦ୍ମବେଶ ଧାରଣ କରି ହରଣ କରିନେଇଥିବା କଥା ରାମାୟଣରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ ମିଛସତ କହି ବା ପ୍ରଲୋଭିତ କରି ପରନାରୀକୁ ଅକ୍ତିଆର କରିବା ନେଇ ଚେଷ୍ଟା ଚଳାଉଥିବା କାମୁକ ଶ୍ରେଣୀର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ପୂରୁବ ସଦେଇ କି;**
**ସଦେଇ ହାତରେ ଯାଉଁଳି ମୁଦି**
**ତାକୁ ମଣିଷ ଦିଶଇ କି ?**

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଂକାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଫଟୋରେ ଖବର



ଝାରସୁଗୁଡା ସରବାହାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବୋଇତ ପ୍ରଦର୍ଶନ କରାଯାଉଛି।

## ସମାସିଂହାରେ ତୁଳସୀ ବିବାହ

**କୋଲାବିରା,୨୨।୧୧(ଡି.ଏନ.ଏ.)**

ସମାସିଂହାରେ କାର୍ତ୍ତିକ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ପାଳନ ହୋଇଛି। ଏହି ଅବସରରେ ତୁଳସୀ ଚଉରାକୁ ସଫା ସୁତୁରା କରି ରଙ୍ଗ ଦିଆଯାଇଥିଲା। ଝୋଟି ଓ ରଙ୍ଗୋଲି ଦ୍ୱାରା ସୁନ୍ଦର ଭାବେ ସୁସଜ୍ଜିତ କରାଯାଇଛି। ତୁଳସୀଙ୍କୁ ଓଢଣା, ଚୂଡି, ସିନ୍ଦୁର ପିନ୍ଧା ଯାଇଥିଲା। ଆଖୁ, ଫୁଲମାଳ, ଜଳ, ଚାଉଳ ଇତ୍ୟାଦି ରଖି ଘରେ ଘରେ ମହିଳାମାନେ ଏକାଦଶୀ ବ୍ରତ ରଖି ଏହି ପୂଜାରେ ସାମିଲ ହୋଇଥିଲେ।

## ଓଇଏସ୍ ସଂଘର ଦାବିକୁ ପ୍ରାଥମିକ ଶିକ୍ଷକ ସଂଘର ସମର୍ଥନ

**ଝାରସୁଗୁଡା ଅଫିସ,୨୨।୧୧**

ଓଡ଼ିଶା ଶିକ୍ଷା ସେବା ଅଧିକାରୀ (ଓଇଏସ୍)ଙ୍କ କ୍ୟାଡର ରୁଲ୍ ୧୯୭୧ ମସିହାରୁ ପ୍ରଣୟନ କରାଯାଇନାହିଁ। ଫଳରେ ଓଇଏସ୍ ଅଧିକାରୀମାନେ ନ୍ୟାୟୋଚିତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଓଡ଼ିଶା ଶିକ୍ଷା ସେବା ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ଡାକରା ଦେଇଛି। ଓଇଏସ୍‌ଙ୍କ ଆନ୍ଦୋଳନକୁ ଝାରସୁଗୁଡା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମର୍ଥନ ଜଣାଇଛି। ଶିକ୍ଷା ସେବା ଅଧିକାରୀମାନେ ତୃଣମୂଳ ସ୍ତରରୁ ରାଜ୍ୟ ସରକାରଙ୍କ ସମସ୍ତ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରୁଛନ୍ତି। ହେଲେ ସେମାନଙ୍କୁ ନ୍ୟାୟୋଚିତ ଅଧିକାରରୁ ବଞ୍ଚିତ କରାଯାଉଥିବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଛି। ଏହାଦ୍ୱାରା ରାଜ୍ୟର ୨ ଲକ୍ଷ ୫୦ ହଜାରରୁ ଅଧିକ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଦରମା ପାଇବାରୁ ବଞ୍ଚିତ ହେବେ। ଏହାକୁ ହୃଦୟଙ୍ଗମ କରି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ରାଜକିଶୋର ଜେନା ଏବଂ ଅନ୍ୟମାନେ ସମର୍ଥନ ଜଣାଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers: 7409203163

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now: 8295564405 7496890187

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ !! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers 9996568749 7497026992
Kutasingha, Tentuligaon, Bolangir, Orissa 767068

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9897499698
Goudunipokhari, Pharsibandha, Bhadrak, Odisha - 756132

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now
8859690149
7830746256
T-51, Gali No.-8, Gautampuri, Delhi-110053

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୩ ନଭେମ୍ବର, ୨୦୧୮



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଡମ୍ଫର ଧକ୍କାରେ ବାଇକ ଆରୋହୀ ଗୁରୁତର

ରାଉରକେଲା ଅଫିସ,୨୨। ୧୧- ବ୍ରାହ୍ମଣୀତରଙ୍ଗ ଥାନା ଟିସିଆଇ ଛକରେ ଗୁରୁବାର ସନ୍ଧ୍ୟାରେ ଏକ ଡମ୍ଫର ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇ ଆଇଜିଏଚରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଡମ୍ଫର (ନଂ-ଓଆର୧୪ଏନ୨୩୨୪ ଓ ବାଇକ ନଂ-ଓଡ଼ି୧୪ଏଚ୮୪୦୪)କୁ ଜବତ କରିଛି। ଡମ୍ଫର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଗୁରୁତର ବାଇକ ଆରୋହୀ ଦୁଇ ଜଣଙ୍କ ଠିକଣା ମିଳିପାରି ନାହିଁ। ଡମ୍ଫରଟି ରାଉରକେଲାରୁ ବେଦବ୍ୟାସ ଆସୁଥିବା ବେଳେ ବାଇକଟି ବିପରୀତ ଦିଗରୁ ଆସୁଥିଲା।

### ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ୨୫ରେ

ରାଉରକେଲା ଅଫିସ,୨୨।୧୧- କୋଏଲନଗରଠାରେ ଥିବା ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଗଠନ କାର୍ଯ୍ୟାଳୟ ଅବସର ଭବନ କୋଏଲନଗର ଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆସନ୍ତା ୨୫ରେ ଅନୁଷ୍ଠିତ ହେବ। ଏହା ସକାଳ ୧୦ଟାରୁ ନେଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ଅସ୍ଥିଶଲ୍ୟ, ୟୁରୋଲୋଜି ଓ କିଡ୍‌ନୀ ବିଭାଗର ଅଭିଜ୍ଞ ଡାକ୍ତର ଯୋଗ ଦେବେ।

# ରୋଷେଇ ଘରକୁ ପାଇପ୍‌ରେ ଯିବ ଗ୍ୟାସ୍



ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲାକୁ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ ନେଇ ରାଉରକେଲା ବିର୍ଶା ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା ଅଫିସ,୨୨।୧୧

- ବିର୍ଶା ଷ୍ଟାଡିୟମରେ ତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ
- ରାଜ୍ୟ ସରକାରଙ୍କୁ ଜୁଏଲଙ୍କ ସମାଲୋଚନା
- ଗେଲ୍ ଗ୍ୟାସ କମ୍ପାନୀକୁ କାମ ଦିଆଯାଇଛି
- ୨୦ ସିଏନଜି ଷ୍ଟେଶନ ମାଧ୍ୟମରେ ଲୋକ ଉପକୃତ ହେବେ

ସୁନ୍ଦରଗଡ, ଝାରସୁଗୁଡା ଜିଲାକୁ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ ହେବ। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଶତାଧିକ ସହରକୁ ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ଯୋଗାଣ ନେଇ ଏହି ଘୋଷଣା କରିଛନ୍ତି। ଏଥିରେ ଓଡିଶାର ୬ ସହର ସମେତ ସୁନ୍ଦରଗଡ, ଝାରସୁଗୁଡା ରହିଛି। ଏଥିପାଇଁ ରାଉରକେଲା ବିର୍ଶା ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପ ବାବଦରେ ଘୋଷଣା କରିଛନ୍ତି। ଏଥିରେ ଗେଲ୍ ଇଣ୍ଡିଆର ସିଇଓ ରାଜୀବ ଗର୍ଗ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜୁଏଲ ଓରାମ ଯୋଗଦେଇ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିର କଡା ସମାଲୋଚନା କରିଥିଲେ।

୫୦ ବର୍ଷ ହେଲା ରାଜ୍ୟ ସରକାର ତାଳଚେର-ବିମଳାଗଡ ରେଳ ଲାଇନ ଶେଷ ହେବା ନେଇ ଜମି ଅଧିଗ୍ରହଣ କରିପାରୁ ନାହାନ୍ତି। କେନ୍ଦ୍ରର ଭାଜପା ସରକାର ସାଢେ ୪ବର୍ଷରେ ଯେଉଁ ବିକାଶ କରିଛି ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଅତୀତରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ କରିବାକୁ ଠିକା ନେଇଥିବା ଗେଲ୍ ଇଣ୍ଡିଆକୁ ରାଜ୍ୟ ସରକାର ସହଯୋଗ କଲେ ନାହିଁ। କମ୍ପାନୀ ଏଠି ୨ବର୍ଷ କାଳ ପଡି ରହିଲା। ତଥାପି ଜମି ଯୋଗାଇ ପାରିଲେନି ଓଡିଶା ସରକାର। ଫେରିଗଲା କମ୍ପାନୀ। ଏବେ ଭାଜପା ସରକାର ବ୍ରାହ୍ମଣୀ ଉପରେ ଦ୍ୱିତୀୟ ସେତୁ କାମ ଆରମ୍ଭ କରିଛି। କେତେକ କାରଣରୁ କାମରେ ଟିକେ ଶିଥିଳତା ସୃଷ୍ଟି ହୋଇଛି। ତେବେ ଏହା ବନ୍ଦ ହୋଇନି ବୋଲି ଓରାମ ସ୍ପଷ୍ଟ କରିଥିଲେ। ସେହିଭଳି ଆଇଜିଏଚର ଉନ୍ନତୀକରଣ ନେଇ କେନ୍ଦ୍ର ସରକାର ଦୃଢ ପଦକ୍ଷେପ ନେଇଛନ୍ତି। ଏଣୁ ବିରୋଧୀଙ୍କ ସମାଲୋଚନା ଭିତ୍ତିହୀନ ବୋଲି ଓରାମ କହିଛନ୍ତି। ଏବେ ଝାରସୁଗୁଡା ଓ ସୁନ୍ଦରଗଡ ଜିଲାବାସୀଙ୍କୁ ମୋଦି ସରକାର ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁଶନ(ସିଜିଡି) ମାଧ୍ୟମରେ ସିଏନଜି ଓ ପିଏନଜି ଗ୍ୟାସ ଯୋଗାଇ ଦେବା ଉଦ୍ଦେଶ୍ୟ ନେଇ କାର୍ଯ୍ୟାରମ୍ଭ କରିବାକୁ ଯାଉଛନ୍ତି। ଏ ନେଇ ଗେଲ ଗ୍ୟାସ କମ୍ପାନୀକୁ କାମ ଦିଆଯାଇଛି ବୋଲି ଓରାମ ଏଥିରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନେ କାମ ବଦଳରେ କଥା କହି ବାହାସ୍ଫୋଟ ମାରୁଛନ୍ତି ବୋଲି ଓରାମ ଏଥିରେ ଅଭିଯୋଗ କରିଥିଲେ। ଏହି ଅବସରରେ ଗେଲ ଗ୍ୟାସ ସିଇଓ ରାଜୀବ ଗର୍ଗ ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର କେଉଁ କେଉଁ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି ସେ ନେଇ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ପର୍ଯ୍ୟାୟ କ୍ରମେ ସିଜିଡି ଯୋଜନାରେ ଏହି ଦୁଇ ଜିଲାର ଚିହ୍ନଟ ଅଞ୍ଚଳକୁ ପାଇପ ଯୋଗେ ଗ୍ୟାସ ଯୋଗାଇ ଦିଆଯିବ। ଏହା ଏକ ପ୍ରାକୃତିକ ଓ ପ୍ରଦୂଷଣ ବିହୀନ ଗ୍ୟାସ। ୨୦ଟି ସିଏନଜି ଷ୍ଟେଶନ ମାଧ୍ୟମରେ ଉପରୋକ୍ତ ଦୁଇ ଜିଲାର ଲକ୍ଷାଧିକ ଲୋକ ଏଥିରୁ ଉପକୃତ ହେବେ। ଏହି ନେଟୱର୍କ କାର୍ଯ୍ୟକ୍ଷମ ହେଲେ ଜଣେ ଉପଭୋକ୍ତାଙ୍କୁ ଅବିରାମ ଗ୍ୟାସ ଯୋଗାଇ ଦିଆଯାଇ ପାରିବ। ଏହା ବାୟୁ ଠାରୁ ହାଲୁକା ହୋଇଥିବାରୁ ବ୍ୟବହାର ସହଜ ହେବ। ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଏହା ବେଶ୍ ନିରାପଦ ବୋଲି ଗର୍ଗ କହିଥିଲେ। କେବଳ ଏତିକି ନୁହେଁ ବାଧାମୁକ୍ତ ବୁକିଂ ସହ ବ୍ୟବହାର ପରେ ବିଲ୍ ପୈଠ କରିବେ ଉପଭୋକ୍ତା। ପ୍ରତି ଦୁଇ ମାସରେ ଥରେ ବିଲିଂ ବ୍ୟବସ୍ଥା ରହିବ। ଅନ୍ୟ ପାରମ୍ପରିକ ଇନ୍ଧନ ତୁଳନାରେ ସିଏନଜିର ଖର୍ଚ୍ଚ କମ ହୋଇଥାଏ। ଏହା କମ୍ ପ୍ରଦୂଷଣ ସୃଷ୍ଟି କରେ। ପରିବେଶ ଅନୁକୂଳ ଏହି ଗ୍ୟାସକୁ ଲୋକେ ନିଶ୍ଚିତ ଆଗ୍ରହ ସହ ଅପେକ୍ଷା କରି ରହିଛନ୍ତି ବୋଲି ଗର୍ଗ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ଧୀରେନ ସେନାପତି, ପୂର୍ବତନ ବିଧାୟକ ଶଙ୍କର ଓରାମ, ଜିଲା ସଭାପତି ଜଗବନ୍ଧୁ ବେହେରା, କିଶନ ସାହୁ, ନିହାର ରାୟ, ରଘୁ ବଳ ଓ ମହିଳା ନେତ୍ରୀ ପ୍ରମିଳା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।



ଷ୍ଟିଲ୍ ସିଟି ରାଉରକେଲା ରାସ୍ତା ପାର୍ଶ୍ୱରେ ଜଣେ ବିକ୍ରେତା ସୋଲ ନିର୍ମିତ ଡଙ୍ଗା ବିକ୍ରି କରୁଛନ୍ତି।

## ସିମେଣ୍ଟ ହଡ଼ପ ଉଦ୍ୟମ: ଗାଡ଼ି ସହ ୪ ଗିରଫ

ହେମଗିର, ୨୨।୧୧ (ଡି.ଏନ.ଏ)

ଗୋଟିଏ ଟ୍ରକ୍ ସିମେଣ୍ଟ ହଡ଼ପ ଉଦ୍ୟମ ଧରାପଡ଼ିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ (ଏନଟିପିସି)ରେ ଖଣି କାର୍ଯ୍ୟ କରୁଥିବା ସୈନିକ ମାଇନିଂ କମ୍ପାନୀକୁ ଝାରସୁଗୁଡାଠାରୁ ତିନୋଟି ସିମେଣ୍ଟ ବୋଝେଇ ଟ୍ରକ ଗତ ୨୦ ତାରିଖ ଆସିଥିଲା। ସେଥି ମଧ୍ୟରୁ ଦୁଇଟି ଟ୍ରକ ସିମେଣ୍ଟ ନେଇ କମ୍ପାନୀ ଷ୍ଟୋରକୁ ଆସିଥିବାବେଳେ ଗୋଟାଏ ଟ୍ରକ ପହଞ୍ଚି ନ ଥିଲା। ଏନେଇ କମ୍ପାନୀ ପକ୍ଷରୁ ତନାଘନା କରିବା ସହ ହେମଗିର ପୋଲିସକୁ ଖବର ଦେଇଥିଲେ। ପରେ ହେମଗିର ପୋଲିସ ସିମେଣ୍ଟ ଓ ଟ୍ରକ ନଂ. ଜେଏଚ ୦୧- ଏୱାଇ-୮୬୧୦କୁ ନିକଟସ୍ଥ ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗାନ୍ଧିଛକଠାରେ ଠାବ କରିଥିଲେ। ସେଠାରେ ସିମେଣ୍ଟକୁ ରଖିଥିବା ଗାନ୍ଧିଛକର ବବଲୁ ମେହେର ଓ ଟ୍ରକ ଡ୍ରାଇଭର ଗଞ୍ଜାମ ଜିଲାର ବୁଗୁଡା ଥାନା ଅନ୍ତର୍ଗତ ମୋଟାବାଡି ଗ୍ରାମର ଫକିର ବେହେରା (୨୮)କୁ ପୋଲିସ ଗିରଫ କରିଥିଲା। ପରେ ସେଠାରୁ ଟ୍ରକ ସହ ସିମେଣ୍ଟକୁ ମଧ୍ୟ ହେମଗିର ଥାନାକୁ ଅଣାଯାଇଛି। ପୋଲିସ ଅନୁସନ୍ଧାନରୁ ସୈନିକ ମାଇନିଂରେ କାମ କରୁଥିବା ଷ୍ଟୋର କିପର ଆଶିଷ କୁମାର ସାହୁ (୨୫) ଓ ସିକ୍ୟୁରିଟି ଗାର୍ଡ ଶଙ୍କର ଯାଦବ ଏହି ହଡପ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବାରୁ ସେମାନଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚୁରା କରାଯାଇ ଗିରଫ କରାଯାଇଛି। ଏନେଇ ହେମଗିର ଥାନାରେ ମାମଲା ରୁଜୁ କରାଯାଇ ଅନୁସନ୍ଧାନ ଜାରି ରହିଛି।

ତାଳଚେର-ବିମଳାଗଡ଼ ରେଳପଥ କାମ ତ୍ୱରାନ୍ୱିତ କରିବା, ଆଇଜିଏଚ୍‌କୁ ମେଡିକାଲ କଲେଜ ଦାବି

## ସଭାକୁ ଆସିଲେନି, ଉଦ୍‌ବେଗ ପ୍ରକାଶ କଲେ

ରାଉରକେଲା ଅଫିସ,୨୨।୧୧

ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ବିତରଣ ନେଇ ଗୁରୁବାର ବିର୍ଶା ମୁଣ୍ଡା ଷ୍ଟାଡିୟମଠାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭାଜପା ନେତା ତଥା ରାଉରକେଲା ବିଧାୟକ ଦିଲୀପ ରାୟ ଯୋଗ ଦେଇ ନ ଥିଲେ। ହେଲେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ରାଜନୈତିକ ପରିସ୍ଥିତିକୁ ପୁଣି ଥରେ ସରଗରମ କରିଛି। ବିର୍ଶା ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ ସେତୁ ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ହେଲେ ବିଧାୟକ ଦିଲୀପ ରାୟଙ୍କ ଦ୍ୱାରା ଜାରି ପ୍ରେସ ବିବୃତିରେ ଏହା ବନ୍ଦ ରହିଛି ବୋଲି ସ୍ପଷ୍ଟ କରାଯାଇଛି। ବ୍ରାହ୍ମଣୀ ଉପରେ ୨ୟ ସେତୁ ନେଇ ଏହି ଦୁଇ ବରିଷ୍ଠ ନେତାଙ୍କ ଭିନ୍ନ ବୟାନ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ସେତୁ ମୂଳଦୁଆ କାମ ଆରମ୍ଭ ହୋଇଥିବା ବେଳେ ଜମି ନ ମିଳିବାରୁ କାମ ବନ୍ଦ ରଖାଯାଇଥିବା କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ଏପରି ଅବସ୍ଥାରେ ସେତୁ ନିର୍ମାଣ ନେଇ ପୁଣି ଥରେ ଅନିଶ୍ଚୟତା ଦେଖା ଦେଇଛି। ବିଧାୟକ ରାୟ ବିଧାନସଭାରେ ପଚାରିଥିବା ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀ ଯେଉଁ ଉତ୍ତର ଦେଇଛନ୍ତି ସେଥିରୁ ସେତୁ ନିର୍ମାଣ ନେଇ ଅନିଶ୍ଚିତତା ଜଳ ଜଳ ଦିଶୁଛି ବୋଲି ରାୟ ପ୍ରକାଶ କରିଛନ୍ତି। ରାଉରକେଲା ନିକଟସ୍ଥ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ସହିତ ଜାତୀୟ ରାଜପଥ ସଂପ୍ରସାରଣ ଲାଗି କେବେ ଶୁଭ ଦିଆଯାଇଛି, ଏହି ପ୍ରକଳ୍ପ ନେଇ କେତେ ଅର୍ଥ ବରାଦ କରାଯାଇଛି, ଶୁଭ ଦିଆଯିବା ଦିନଠାରୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କେତେ ଆଗେଇଛି ଓ କେବେ ସୁଦ୍ଧା କାମ ଶେଷ ହେବ ସେ ନେଇ ରାୟ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ଉତ୍ତରରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଥିଲେ ଯେ, ଜାତୀୟ ରାଜପଥ ପ୍ରାଧିକରଣ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୭ ଜୁଲାଇ ୨୧ରେ ଦ୍ୱିତୀୟ ସେତୁ ନିର୍ମାଣ ନେଇ ଶୁଭ ଦିଆଯାଇଥିଲା। ଏ ନେଇ ୬୭୮କୋଟି ୯୨ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଜମି ନ ମିଳିବା ଓ ଜଙ୍ଗଲ ଜମି ଅନୁମତି କ୍ଷେତ୍ରରେ ବିଳମ୍ବ ଯୋଗୁ ପ୍ରକଳ୍ପ ଡେରିରେ ଆରମ୍ଭ ହେଲା। ଜଙ୍ଗଲ ଜମିର ଷ୍ଟେଜ-୧ ଅନୁମତି ମେ ମାସରେ ମିଳିଥିଲା। ବୃକ୍ଷ ଛେଦନ ଓ କାମ ପାଇଁ ଅନୁମତି ଅଗଷ୍ଟରେ ମିଳି ସାରିଛି। ୧୪୩ନଂ ଜାତୀୟ ରାଜପଥର ବୀରମିତ୍ରପୁର ବ୍ରାହ୍ମଣୀ ରାସ୍ତାର ସମୁଦାୟ ୨୯.୧୦ କିମି ପ୍ରକଳ୍ପ ମଧ୍ୟରୁ ୨୧.୩ କିମି ରାସ୍ତା ହସ୍ତାନ୍ତର ହୋଇ ସାରିଛି। ତେବେ ସେତୁ କାମ ମେ ମାସରେ ଆରମ୍ଭ କରାଯାଇ ଛି। ୧୮।୧୧।୨୦୨୦ରେ ପୂର୍ଣ୍ଣାଙ୍ଗ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜମି ମିଳୁ ନ ଥିବାରୁ ୨ୟ ବ୍ରାହ୍ମଣୀ ସେତୁର ମୂଳଦୂଆ କାମ ଏବେ ବନ୍ଦ ରହିଛି। ମନ୍ତ୍ରୀ ପୁଣି ଉଲ୍ଲେଖ କରିଛନ୍ତି ଯେ ୧୪୩ ନଂ ଜାତୀୟ ରାଜପଥର ବୀରମିତ୍ରପୁର ବାଇପାଶ୍ ରାସ୍ତାକୁ ପରିବର୍ତ୍ତନ କରାଯାଇ ନୂତନ ବାଇପାସ ନିର୍ମାଣ ହେବ। ସେହିପରି ୧୪୯ନଂ ଜାତୀୟ ରାଜପଥ ପାଲଲହଡାଠାରୁ ପିତିରି ପର୍ଯ୍ୟନ୍ତ ସଂପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏହି ପ୍ରକଳ୍ପ ପାଇଁ ୩୪୨କୋଟି ଟଙ୍କା ଅଟକଳକୁ କେନ୍ଦ୍ରୀୟ ଅନୁମୋଦନ ମିଳି ସାରିଛି। ୨୦୧୫ରେ ଆରମ୍ଭ ହୋଇଥିବା ଏହି କାମ ୨୦୧୭ ଜାନୁୟାରୀ ସୁଦ୍ଧା ଶେଷ ହେବା କଥା। ତେବେ ଚଳିତ ଡିସେମ୍ବର ଶେଷ ସୁଦ୍ଧା ରାଜପଥ ସଂପ୍ରସାରଣ କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ବିଧାୟକ ରାୟ କହିଛନ୍ତି ଯେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଉପା ସରକାର ବେଳେ ଆରମ୍ଭ ହୋଇଥିଲା। ଏହାକୁ ବନ୍ଦ ରଖାଯାଇ ସ୍ଥାନ ପରିବର୍ତ୍ତନ କରାଗଲା। ୨୦୧୪ରେ ଏକ ନିର୍ବାଚନୀ ସଭାରେ ୨ୟ ସେତୁ ନିର୍ମାଣ ସହ ଆଇଜିଏଚକୁ ମେଡିକାଲ କଲେଜ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ୨୦୧୫ ଏପ୍ରିଲରେ ମୋଦି ଏହି ଘୋଷଣାକୁ ଦୋହରାଇଥିଲେ ବି ଏହାର ଅଗ୍ରଗତି ହୋଇ ନାହିଁ ବୋଲି ରାୟ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଏହି ସେତୁ ନିର୍ମାଣ ନେଇ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ୨୦୧୭ ଜୁଲାଇରେ ଶୁଭ ଦେବା ସହ ୧୫ ଦିନ ମଧ୍ୟରେ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ଯାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା ନାହିଁ। ଏକ ପକ୍ଷରେ ବ୍ରାହ୍ମଣୀ ସେତୁ ଆଗେଇ ପାରୁ ନ ଥିବା ବେଳେ ତାଳଚେର-ବିମଳାଗଡ ରେଳପଥ ଯେଉଁଭଳି ମନ୍ଥର ଗତିରେ ଚାଲିଛି ତାହା ଶେଷ ହେବାକୁ ଆହୁରି ଶହେ ବର୍ଷ ଲାଗିଯାଇ ପାରେ ବୋଲି ରାୟ ଉଲେଖ କରିଛନ୍ତି। କେନ୍ଦ୍ର ସରକାର ତୁରନ୍ତ ୨ୟ ସେତୁ ଓ ତାଳଚେର ବିମଳାଗଡ ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆଇଜିଏଚ୍‌କୁ ମେଡିକାଲ କଲେଜରେ ପରିଣତ କରିବାକୁ ସେ ଦାବି କରିଛନ୍ତି।

ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର

## ଅଧ୍ୟୟନ ହେଉଛି ଛାତ୍ରୀଛାତ୍ରଙ୍କ ତପସ୍ୟା

ରାଉରକେଲା ଅଫିସ/ବେଦବ୍ୟାସ (ଡି.ଏନ.ଏ.), ୨୨।୧୧

ବେଦବ୍ୟାସଠାରେ ଥିବା ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ 'ଭାରତୀୟ ସମାଜ ଉପରେ ଇସଲାମ ଧର୍ମର ପ୍ରଭାବ' ସମ୍ପର୍କିତ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ମୁଖ୍ୟ ଡଃ. ଉମାକାନ୍ତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱାମୀ ବ୍ରହ୍ମ ସାକ୍ଷାତକାରନନ୍ଦ ସରସ୍ୱତୀ ଏହାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଅଧ୍ୟୟନ ହେଉଛି ଛାତ୍ରୀଛାତ୍ରଙ୍କ ତପସ୍ୟା ସ୍ୱରୂପ। ଜୀବନ ନିର୍ମାଣ ନେଇ ମାତାପିତାଙ୍କ ସଂସ୍କାର ଆବଶ୍ୟକ। ସତ୍ୟବାଣୀ ଦ୍ୱାରା ଭଗବତ ସତ୍ତା ଉପଲବ୍ଧି କରାଯାଇ ପାରିବ। ସମ୍ମାନୀତ ଅତିଥି ସ୍ୱାମୀ କୈବଲ୍ୟ ମୁନୀ ସନାତନ ଧର୍ମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଡ. ଭାବଗ୍ରାହୀ ମହାପାତ୍ର, ଓଡିଶା ସାହିତ୍ୟ ଏକାଡେମିର ଭଦ୍ରକ ଜିଲା ସଦସ୍ୟ ଇଂ ଅଭୟ ସୂତାର, ଡାକ୍ତର ରାହାସବିହାରୀ ମହାପାତ୍ର, ଡାକ୍ତର କିଶୋରୀ ଦାସ, ଦେବ ସ୍ୱାଇଁ, ପରମେଶ୍ୱର ଶତପଥୀ, ଡ. କେଦାର ପାଢୀ, ସୁରେଶ ଭୋଇ, ରମେଶ ବଳ, ପି.ପି. ରାୟ, ହରିହର ରାଉତରାୟ, ପ୍ରଫେସର ଅନୀଲ ସିଂଦେଓ ଓ ସୁଦାମ ଦାସ ଏଥିରେ ଆଲୋଚନା କରି ବିଭିନ୍ନ ଧର୍ମର ମୂଳ ଲକ୍ଷ୍ୟ ମାନବିକ ମୂଲ୍ୟବୋଧର ସୁରକ୍ଷା ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟାପକ ଉମାକାନ୍ତ ପଣ୍ଡାଙ୍କ ରଚିତ ପୁସ୍ତକ ପୁରୁଷାର୍ଥ ଚତୁଃଷ୍ଟୟକୁ ଅତିଥି ଲୋକାର୍ପଣ କରିଥିଲେ। ଏଥିରେ ଅଭିଲିପ୍ସା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରଥିବା ବେଳେ ସଂସ୍କୃତ ମହାବିଦ୍ୟାଳୟର ୬ଜଣ ଛାତ୍ରୀଛାତ୍ର ୬ଟି ସନ୍ଦର୍ଭ ପାଠ କରିଥିଲେ। ଶେଷରେ ପଣ୍ଡିତ ଧନେଶ୍ୱର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ କାଳିକିଙ୍କର ପଣ୍ଡା, ଅଧ୍ୟାପିକା ପ୍ରୀତିରେଖା ମିଶ୍ର, କଳିଙ୍ଗ ବିକାଶ ପରିଷଦର ଇଂ ଭରତ ଦାସ, ତେଲିଙ୍ଗି ବାଜା ସଂପାଦକ ପ୍ରଫୁଲ୍ଲ ବାରିକ, ସ୍ୱସ୍ତି ସାହିତ୍ୟ ସଂସଦ ସାଧାରଣ ସଂପାଦକ ରାଜୀବ ପାଣି, ସାହିତ୍ୟିକ କିଶୋରୀମୋହନ କର, ଉତ୍କଳ ସମ୍ମିଳନୀ ସଂପାଦକ ଅକ୍ଷୟ ଦାସ, ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝି ଓ ସନ୍ତୋଷ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଏପଟେ ଭାଜପାର ସଭା, ସେପଟେ ବିଜେଡିର ଆକ୍ଷେପ

ରାଉରକେଲା ଅଫିସ,୨୨।୧୧

ସୁନ୍ଦରଗଡ ଓ ଝାରସୁଗୁଡା ଉଭୟ ଜିଲାରେ ଏକା ସାଙ୍ଗରେ ପାଇପ ଯୋଗେ ରନ୍ଧନ ଗ୍ୟାସ ବିତରଣ ନେଇ ଗୁରୁବାର ବିର୍ଶା ଷ୍ଟାଡିୟମଠାରେ ଭାଜପା ପକ୍ଷରୁ ଅତି ଆଡମ୍ବରରେ ଉଦ୍‌ଘାଟନୀ ସମାରୋହ ଚାଲିଥିବା ବେଳେ ଯୁବ ବିଜେଡି ପକ୍ଷରୁ ଏହାର ଜବାବ ଦିଆଯାଇଛି। ଯେତେବେଳେ ବିର୍ଶା ଷ୍ଟାଡିୟମରେ ଭାଜପା ନେତୃମଣ୍ଡଳି ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗ ଉଠାଇ ସମାଲୋଚନା କରୁଥିଲେ ଠିକ୍ ସେତିକି ବେଳେ ସେକ୍ଟର-୪ ଡାକ ବଙ୍ଗଳାରେ ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ ପ୍ରଧାନମନ୍ତ୍ରୀଙ୍କ ଅପାରଗତା ନେଇ ଆକ୍ଷେପ କରିଥିଲେ।

ପତ୍ରୀ ଏକ ବୋଇତ ବନ୍ଦାଣ ସମାରୋହରେ ଯୋଗ ଦେବାକୁ ରାଉରକେଲା ଆସିଥିବା ବେଳେ ତାଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ବିର୍ଶା ଛକ ରିଂ ରୋଡ ବତୀ ଖୁଣ୍ଟରେ ବଡ ବଡ ହୋର୍ଡିଂମାନ ଦୃଷ୍ଟି ଆକର୍ଷଣ କରିଥିଲା। ତାହା ପୁଣି ଭାଜପା ହୋର୍ଡିଂ ପାଖାପାଖି। ଏହି ଦୃଶ୍ୟ ଦେଖଣାହାରୀଙ୍କୁ ବେଶ୍ ଆମୋଦିତ କରିଥିଲା। ଗୋଟିଏ ଖୁଣ୍ଟରେ ଭାଜପା ହୋର୍ଡିଂ ଲଗାଯାଇଥିବା ବେଳେ ପାଖ ଖୁଣ୍ଟରେ ଅମରେଶ ପତ୍ରୀ, ସାରଦା ନାୟକ, ନବୀନ ପଟ୍ଟନାୟକ ଓ ସ୍ଥାନୀୟ ସଭାପତି ସୁବାସ ସ୍ୱାଇଁଙ୍କ ଫଟୋ ଥାଇ ସୁଦୃଶ୍ୟ ହୋର୍ଡିଂମାନ ଟଙ୍ଗା ଯାଇଥିଲା। ଲୋକେ ହଠାତ ଜାଣି ପାରୁ ନ ଥିଲେ ଯେ ବିର୍ଶା ଷ୍ଟାଡିୟମରେ କେଉଁ ଦଳର କାର୍ଯ୍ୟକ୍ରମ ଚାଲୁଛି। ଏହା ଏକରକମ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ଅପରାହ୍ନ ୪ଟାରେ ସେକ୍ଟର-୪ ଡାକବଙ୍ଗଳାରେ ପତ୍ରୀ ଖବରଦାତାଙ୍କୁ ଡାକି ରାଉରକେଲାବାସୀଙ୍କୁ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ମନେ ପକାଇ ଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ ଦେଶର ଯୁବବର୍ଗଙ୍କ ନିଯୁକ୍ତି ନେଇ ମୋଦିଙ୍କ ପ୍ରତିଶ୍ରୁତି ଧୂଆଁବାଣରେ ପରିଣତ ହୋଇଛି। ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ଆଇଜିଏଚକୁ ମେଡିକାଲ କଲେଜ ପ୍ରତିଶ୍ରୁତି ଆଦି କୁଆଡେ ଗଲା ବୋଲି ପତ୍ରୀ ପ୍ରଶ୍ନ କରିଥିଲେ। ଏସବୁ କେବଳ ଭୋଟ ରାଜନୀତି । ଲୋକଙ୍କୁ ଏଭଳି ମିଛ ପ୍ରତିଶ୍ରୁତି ଦେଇଥିବା ମୋଦିଙ୍କୁ ଜବାବ ମିଳିଯିବ ବୋଲି ସେ କହିଥିଲେ। ରାଉରକେଲାରେ ଯାହା ଅଭାବ ଅସୁବିଧା ରହିଛି ସେ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ କୁନବିହାରୀ ଦାସ, ସୁନ୍ଦରଗଡ ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି, ବିଭୂତି ପୁହାଣ, ସୁବାସ ସ୍ୱାଇଁ, ପ୍ରଶାନ୍ତ ସେଠୀ ଓ ରାଣା ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତାସମ୍ମିଳନୀରେ ବିଜେଡି ନେତୃମଣ୍ଡଳୀ।



ଯଦି ନିଜର କର୍ତ୍ତବ୍ୟ କରିଯାଉଥିବ, ତାହା ଭିତରେ ବିଶ୍ୱାସ ଦୃଢ଼ ତଥା ସ୍ପଷ୍ଟ ହୋଇଯାଉଥିବ।

- କନ୍‌ଫ୍ୟୁସିୟସ୍



## ସଂକ୍ଷେପରେ



### ଏନୱାଇକେ ପକ୍ଷରୁ କମ୍ପ୍ୟୁଟର ତାଲିମ

ବଡ଼ଗାଁ, ୨୨।୧୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ଟେକ୍ନୋସିସ୍ କମ୍ପ୍ୟୁଟର କେନ୍ଦ୍ରଠାରେ ୩୦ଜଣ ବେକାର ଯୁବତୀ ଯୁବକଙ୍କୁ ୩ମାସ କମ୍ପ୍ୟୁଟର ତାଲିମ ବ୍ୟବସ୍ଥା କରାଯାଇଛି। ଏହି ତାଲିମ ବ୍ୟବସ୍ଥାକୁ ସୁନ୍ଦରଗଡ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ କେ, ଭେଙ୍କଟ ରମଣ ଉଜ୍ଜଳା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଏନୱାଇକେର କର୍ମକର୍ତ୍ତା ଡିଲେଶ୍ୱର ନାଏକ, ଜାତୀୟ ସ୍ୱେଚ୍ଛାସେବୀ ନରହରି ପୃଷେଟ ଯୋଗଦେଇ ବେକାର ଯୁବତୀ ଯୁବକମାନଙ୍କ ପାଇଁ ଏନୱାଇକେ ମାଧମରେ ସରକାର ଯୋଗାଇ ଦେଉଥିବା ସାହାର୍ଯ୍ୟ, ସହଯୋଗଗୁଡିକ ଉପରେ ଆଲୋକପାତ କରିଥିଲେ। କମ୍ପ୍ୟୁଟର ତାଲିମରେ ପ୍ରଥମ ପର୍ଯ୍ୟାୟରେ ୩୦ ଜଣଙ୍କୁ ପ୍ରଶିକ୍ଷକ ଜୟମଙ୍ଗଳ ବାରିକ ତାଲିମ ଦେବେ। ସେହିପରି ଏନୱାଇକେ ପକ୍ଷରୁ କୁରେଇବଗା ଗ୍ରାମରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ସହଯୋଗରେ ମଙ୍ଗଳବାର ବ୍ଲକ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି । ଏହା ୨୩ ତାରିଖ ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମରେ ଏନୱାଇକେ ସଂଯୋଜକ ଉଜ୍ଜଳା ଓ କର୍ମକର୍ତ୍ତା ନାଏକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।

### ଘର ଭିତରକୁ ମାଡ଼ିଗଲା ଟ୍ରେଲର

ହେମଗିର, ୨୨।୧୧ (ଡି.ଏନ.ଏ) ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବାଲିଚୁଆଁ ଗ୍ରାମରେ ଥିବା ଘର ଉପରକୁ ଏକ ଟ୍ରେଲର ମାଡିଯାଇଥିଲା। ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ସୁନ୍ଦରଗଡ ପଟୁ ବସୁନ୍ଧରା କୋଇଲା ଖଣିକୁ କୋଇଲା ନେବା ପାଇଁ ଟ୍ରଲର ନଂ. ଓଡି ୧୬ ବି– ୨୧୩୯ ଆସୁଥିଲା । ଟ୍ରଲର ଭାରସାମ୍ୟ ହରାଇ ବାଲିଚୁଆଁ ଗ୍ରାମର ରାସ୍ତା କଡରେ ଥିବା କାଶିନାଥ ନାଏକଙ୍କ ଘର ଉପରକୁ ମାଡିଯାଇଥିଲା। ଘର ଭିତରେ ତାଙ୍କ ପରିବାରର ପାଞ୍ଚଜଣ ସଦସ୍ୟ ଶୋଇଥିଲେ। ଭାଗ୍ୟବସତଃ ସେମାନଙ୍କର କୌଣସି କ୍ଷତି ହୋଇନାହିଁ । ଘଟଣା ଘଟିବା ପରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ପରେ ଟ୍ରେଲର ମାଲିକ ଘରର କ୍ଷତିପୂରଣ ରାଶି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ବଡ଼ଗାଁ ଗୁଳିକାଣ୍ଡ ଘଟଣାରେ ଜୁଆ ଲିଙ୍କ୍

- ଟାର୍ଗେଟରେ ଥିଲେ ସମିତି ସଭ୍ୟ
- ଅସାବଧାନତା ଯୋଗୁ ଫୁଟିଲା ଗୁଳି

ବଡଗାଁ, ୨୨।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ଚଳନାମୁଣ୍ଡା ପଡାରେ ହୋଇଥିବା ଗୁଳିକାଣ୍ଡ ଘଟଣା ଉପରୁ ପରଦା ହଟିଛି। ଗୁଳିମାଡରେ ଆହତ ନିରନ ଡନସନା ସାମାନ୍ୟ ସୁସ୍ଥ ହେଲା ପରେ ପୋଲିସକୁ ଦେଇଥିବା ବୟାନରେ ତାଙ୍କୁ ଅଭିଯୁକ୍ତ ବାମରା ବ୍ଲକ ସରଗିଡିହି ଗ୍ରାମର ସୀତାରାମ ଷଡଙ୍ଗୀ ଗୁଳି ମାରି ନ ଥିଲେ। ଅସାବଧାନତା ଯୋଗୁ ଗୁଳି ଫୁଟିଯାଇଥିଲା କହିବା ସହିତ ବଡ଼ଗାଁର ସମିତି ସଭ୍ୟ ପଞ୍ଚାନନ ନାଏକ (ପଞ୍ଚା)ଙ୍କ ଠାରୁ ଅଭିଯୁକ୍ତ ପାଇବାକୁ ଥିବା ୨୫ ହଜାର ଟଙ୍କା ପାଇଁ ଆସିଥିଲେ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପାଇଁ ନିରନଙ୍କ ସହିତ ଫୋନରେ ଯୋଗାଯୋଗ କରି ପୋଲିସକୁ ଦେଇଥିବା ବୟାନ ଉପରେ ପଚାରିବାରେ ସେ କହିଛନ୍ତି, ଅଭିଯୁକ୍ତ ତାଙ୍କ ଘରକୁ ସନ୍ଧ୍ୟାରେ ଆସି ପଞ୍ଚାଙ୍କଠାରୁ ୨୫ ହଜାର ଟଙ୍କା ପାଇବାରେ ଅଛି । ସେ ଫୋନ କଲେ ଉଠାଉନାହିଁ କହି ମୋତେ ଫୋନ କରିବାକୁ କହିଥିଲେ। ଫୋନ କରିବାରେ ଫୋନ ଯାଇ ନ ଥିଲା। ଏହା ପରେ ମନୋଜ ବାସଙ୍କୁ ଫୋନ ଲଗାଇବାକୁ କହିଥିଲେ। ତାଙ୍କୁ ଫୋନ ଲଗାଇବା ପରେ ମୋ ହାତରୁ ମୋବାଇଲ ଟାଣିନେଇ ଅଭିଯୁକ୍ତ କଥା ହେଲା ପରେ ବିରକ୍ତ ହୋଇ ପିସ୍ତଲ ବାହାର କରି ଆଗପଛ କଲା ବେଳେ ଅସାବଧାନତା ଯୋଗୁ ଗୁଳି ଫୁଟିଯାଇଥିଲା। ଗୁଳି ବାଜିବା ପରେ ପୋଲିସ ଭୟରେ ବାଇକ ଧରି ପଳାଇଥିଲେ କହିଛନ୍ତି। ତେବେ ସମିତି ସଭ୍ୟଙ୍କଠାରୁ ଅଭିଯୁକ୍ତ କେଉଁ ବାବଦରେ ଟଙ୍କା ପାଇବାର ଥିଲା ତାହା ସ୍ପଷ୍ଟ ଜଣାପଡିନାହିଁ। ହେଲେ ପିସ୍ତଲରେ ଗୁଳିଭର୍ତ୍ତି କରି ରଖିଥିବା ଅଭିଯୁକ୍ତଙ୍କ ଟାର୍ଗେଟରେ ସମିତି ସଭ୍ୟ ଥିଲେ ତାହା ସ୍ପଷ୍ଟ ଜଣାପଡୁଛି। ଏହି ଘଟଣା ପଛରେ ଜୁଆଖେଳ ଲିଙ୍କକୁ ନେଇ ଆଶଙ୍କା କରାଯାଉଛି ବୋଲି ପୋଲିସ କହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମିତି ସଭ୍ୟ ନାଏକଙ୍କ ଘର ବଡଗାଁ ବନ୍ଧଡ଼ିପା ପଡା ଓ ନିକଟରେ ଥିବା କେତେକ ସ୍ଥାନରେ ବର୍ଷ ସାରା ଜୁଆଖେଳ ହୋଇଥାଏ। ଏଠାକୁ ଆଖପାଖ ଜିଲାର ଜୁଆଡି ଓ ଅପରାଧିମାନେ ଆସିଥାନ୍ତି। ଏଠାକାର ଜୁଆ ଖେଳାଉଥିବା ବ୍ୟକ୍ତି ବାମରା ବ୍ଲକ ଅଞ୍ଚଳକୁ ଯାଇ ଜୁଆ ଖେଳ କରାଇଥାନ୍ତି । ତେବେ ବଡ଼ଗାଁରେ ଜୁଆ ଖେଳ ଚାଲି ଆସୁଥିବା ସମ୍ପର୍କରେ ପୋଲିସକୁ ବହୁବାର ସୂଚନା ଦେବା ସତ୍ତ୍ୱେ ନିରବଦ୍ରଷ୍ଟା ସାଜିଥିବାରୁ ପୋଲିସର ଭୂମିକାକୁ ନେଇ ଅଙ୍ଗୁଳି ଉଠୁଛି।

### ହାଇକୋର୍ଟ ବେଞ୍ଚ ସ୍ଥାପନ ସକାଶେ ଓକିଲଙ୍କ ଆନ୍ଦୋଳନ

## ଲେଫ୍ରିପଡ଼ାରେ ସରକାରୀ କାର୍ଯ୍ୟାଳୟ ବନ୍ଦ

ଲେଫ୍ରିପଡା, ୨୨।୧୧(ଡି.ଏନ.ଏ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ସକାଶେ ଆନ୍ଦୋଳନ ଜାରି ରହିଥିବାବେଳେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡାରେ ଓକିଲଙ୍କ ଆନ୍ଦୋଳନ ୧୯ରୁ ଚାଲୁ ରହିଛି। ଏଥି ସକାଶେ ଲେଫ୍ରିପଡା ତହସିଲ, ବ୍ଲକ, କୃଷି କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ୍ ରହିଛି। ଆନ୍ଦୋଳନ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବା ନେଇ ଜଣାପଡିଛି। ଆନ୍ଦୋଳନରେ ଓକିଲ ସୁଶିଲ ମିଞ୍ଜ, ରାଜୁ ପଟେଲ, ପ୍ରମୋଦ ନାଏକ, କୃଷ୍ଣ ଚନ୍ଦ୍ର ପଟେଲ ପ୍ରମୁଖ ସାମିଲ ହୋଇଛନ୍ତି।



ଲେଫ୍ରିପଡାରେ ଓକିଲଙ୍କ ଆନ୍ଦୋଳନ।

## ଭୀମ ଭୋଇ ଭିନ୍ନକ୍ଷମ ସାମଥ ଶିବିର

ସବ୍‌ଡେଗା, ୨୨।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ସବଡେଗା ବ୍ଲକରେ ଗୁରୁବାର ବ୍ଲକ ପରିସର ଭିତରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବିଡିଓ ଲମ୍ବୋଦର ଧରୁଆ ଉଦଘାଟନ କରିଥିଲେ। ଯେଉଁଥିରେ ଅନ୍ଧ ୨୮, ବଧିର ୨୫, ଶାରିରୀକ ଭିନ୍ନକ୍ଷମ ୯୯ ଓ ମସ୍ତିସ୍କ ବିକୃତି ୩୧ଜଣ ପଞ୍ଜିକୃତ କରି ଡାକ୍ତରୀ ଯାଞ୍ଚ କରିଥିଲେ। ସୁନ୍ଦରଗଡରୁ ଡା. ପ୍ରଫୁଲ୍ଲ ପଟେଲ, ପିସି ସାହୁ ଏବଂ ବିଏସଏସଓ ଅଫିସରୁ ମିନୁ ତାଣ୍ଡିଆ, ରାହୁଲ ସରାପ ଯୋଗଦେଇଥିଲେ । ଏବିଡିଓ ସଚ୍ଚିଦାନନ୍ଦ ପଟେଲ, ଏଲଇସିଓ ସୁଜାତା ମିଶ୍ରଙ୍କ ସହ ବ୍ଲକର ସମସ୍ତ ଅଧିକାରୀମାନେ ସହଯୋଗ କରିଥିଲେ । ସବଡେଗା ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର ଯୋଗଦେଇଥିଲେ।

### ନୂତନ ବିଡିଓଙ୍କ ଯୋଗଦାନ

ଲହୁଣୀପଡା, ୨୨।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକରେ ନୂତନ ବିଡିଓ ଧାନାଇ ଚରଣ ଟୁଡୁ ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ କେନ୍ଦୁଝର ଜିଲା ପାଟଣା ତହସିଲରେ ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିଲେ। ଲହୁଣୀପଡା ବ୍ଲକର ପୂର୍ବତନ ବିଡିଓ ସୋମନାଥ ପ୍ରଧାନ କେନ୍ଦୁଝରକୁ ଉପଜିଲାପାଳ ଭାବେ ପଦୋନ୍ନତି ପାଇ ବଦଳି ହୋଇଥିଲା।

# ବଡ଼ଗାଁ ଅଞ୍ଚଳକୁ ହାତୀ ଫେରିଲେ

ବଡ଼ଗାଁ, ୨୨।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରୁ ଚାଲିଯାଇଥିବା ହାତୀପଲ ପୁଣି ବୁଧବାର ରାତି ଫେରିଆସିଛନ୍ତି। ବଡଗାଁ ବନ କର୍ମଚାରୀମାନେ ବାମରା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଜୁରାଜାମ ଗ୍ରାମର ଲୋକେ ଘଉଡିଇ ଆଣି ରାଜ୍ୟପଥ–୧୦ ଅତିକ୍ରମ କରାଇବାକୁ ଚେଷ୍ଟା କରିଥିଲେ ମଧ ହାତୀ ପଲ

### ଫସଲ ନଷ୍ଟ କଲେ

ବିଳମ୍ବିତ ରାତିରେ ଭୋଇପାଲି ଗାଁ ନିକଟ ବାହାଲ ଜମିରେ ଥିବା ଫସଲ ଖାଇବା ସହ ମାଡିଦଳି ନଷ୍ଟ କରିଦେଇଛନ୍ତି। ଫଳରେ ମରୁଡି ପରିସ୍ଥିତିରେ ହାତୀ ପଲ ଦ୍ୱାରା ଧାନ ଫସଲ ନଷ୍ଟ ବୋଝ ଉପରେ ନଳିତା ବିଡା ଭଳି ହୋଇଛି। ହାତୀପଲ ହାବୁଡରୁ ଭୋଇପାଲି ଗାଁର କୃଷକ ସାଥି ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ସୁମନ୍ତ ମେହେର, ଭଗବାନ ମେହେର, ଶିବ ଗୌଡ, ରଞ୍ଜନ ପଟେଲ, ଆଦିତ୍ୟ ପଟେଲଙ୍କ ବିଲରେ ମାଡି ଦଳି ଧାନ ଫସଲ ନଷ୍ଟ କରିଛନ୍ତି।



ହାତୀପଲ ଧାନ ଫସଲ ନଷ୍ଟ କରିଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଆଲୋଚନାଚକ୍ର




ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଆଲୋଚନାଚକ୍ରରେ ମଞ୍ଚାସୀନ ଡାକ୍ତର ଓ ଶିକ୍ଷକ।

ସୁନ୍ଦରଗଡ, ୨୨।୧୧ (ଡି.ଏନ୍.ଏ)

ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ପଟୁଆଡିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ଚନ୍ଦ୍ର ଶେଖର ସାମନ୍ତ ଓ ଡା. ଅନନ୍ତ କୁମାର ଆଚାର୍ଯ୍ୟ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆୟୁର୍ବେଦ ଔଷଧ ବିତରଣ କରିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷାରେ ଆୟୁର୍ବେଦର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ଆଚାର୍ଯ୍ୟ ଆୟୁର୍ବେଦୀୟ ଜୀବନଶୈଳୀ, ସ୍ୱାସ୍ଥ୍ୟ ରକ୍ଷାରେ ଆୟୁର୍ବେଦ ତଥା ବିଦ୍ୟାର୍ଥୀଙ୍କର ଦୈନନ୍ଦିନରେ ଉପଯୋଗୀ ଔଷଧୀୟ ବୃକ୍ଷଲତା ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସାମନ୍ତ ତଥା ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିନାୟକ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

### ସରପଞ୍ଚଙ୍କ ସ୍ୱାମୀ ତଥା ବ୍ୟାଙ୍କ କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ

କୁଆଁରମୁଣ୍ଡା, ୨୨।୧୧(ଡି.ଏନ.ଏ.)

କୁଆଁରମୁଣ୍ଡା ବ୍ଲକ କୁମଝରିଆ ପଞ୍ଚାୟତର ସରପଞ୍ଚ ବାଡିଆ ଲାକ୍ରାଙ୍କ ସ୍ୱାମୀ ତଥା ବୀରମିତ୍ରପୁର ୟୁନାଇଟେଡ଼ ବ୍ୟାଙ୍କ ଅଫ ଇଣ୍ଡିଆ କର୍ମଚାରୀ ନିର୍ମଳ ଲାକ୍ରା (୪୯)ଙ୍କ ବୁଧବାର ରାତିରେ ମୃତ୍ୟୁ ହୋଇଯାଇଛି। ଘରେ ଶୋଇଥିବା ଅବସ୍ଥାରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ବିଧାୟକ ବିଜେଡ଼ି ନେତା ନିହାର ସୁରିନ,ଚରଣ କେର୍କେଟା, ଯୁବ କଂଗ୍ରେସ ନେତା ରାଜେଶ କେର୍କେଟା, ସାମାଜିକ କର୍ମୀ ରାଜୁ ତିୱାରୀ, ରଣଜିତ୍ ଲାକ୍ରା, କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର ପ୍ରମୁଖ ଗୁରୁବାର ଅପରାହ୍ନରେ ମୃତ ଲାକ୍ରାଙ୍କ ବାସଭବନରେ ପହଞ୍ଚିଥିଲେ।

## ଶିଶୁ ଅଧିକାର ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୨୨।୧୧ (ଡି.ଏନ୍.ଏ)

ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଆନୁକୂଲ୍ୟରେ ସ୍ୱତନ୍ତ୍ର ଭାବେ ବାଲିଶଙ୍କରା ବ୍ଲକର କୁସୁମୁରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ବୁଧବାର ଓ ଗୁରୁବାର ବେହେରାଡିହି ଗ୍ରାମପଞ୍ଚାୟତରେ ଶିକ୍ଷା ଓ ଶିଶୁ ଅଧିକାର ତଥା ବିଦ୍ୟାଳୟ ସ୍ତରରେ ଥିବା କମିଟିଗୁଡିକର ସଭ୍ୟା, ସଭ୍ୟଙ୍କ କାର୍ଯ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ଏକ ସଚେତନତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁସୁମୁରାଠାରେ ରାଏଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବନମାଳୀ ପଟେଲ ଓ ଗୋଏଲଶୁଖାଠାରେ ସୁନ୍ଦରଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ସାଧନ କର୍ମୀ ଭାବେ ଯୋଗଦେଇ ଶିଶୁ ସଂଜ୍ଞା, ଶିଶୁମାନଙ୍କ ଅଧିକାରର ସୁରକ୍ଷା ପାଇଁ ଆଇନ୍ ବ୍ୟବସ୍ଥା, ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା, ବିଦ୍ୟାଳୟ ପରିଚାଳନା କମିଟି ତଥା ଶିକ୍ଷକ ଅଭିଭାବକ କମିଟି ଗଠନର ଆବଶ୍ୟକତା ତଥା ସେମାନଙ୍କର କର୍ତ୍ତବ୍ୟ ଓ ଦୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏତଦ୍ ବ୍ୟତୀତ ଶିଶୁ ସୁରକ୍ଷାର ଆବଶ୍ୟକତା ଥିବା ବେଳେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଦିବ୍ୟାଙ୍ଗ, ହଜି ଯାଇଥିବା, ଦୁସାଧ୍ୟ ରୋଗରେ ଆକ୍ରାନ୍ତ କିମ୍ବା ଜେଲରେ ଥିବା ମା', ବାପାଙ୍କ ଶିଶୁ, ଯାଯାବର, ଅବାଞ୍ଛିତ ତଥା ଅବହେଳିତ ଶିଶୁଙ୍କ ପାଇଁ ଆନୁଷ୍ଠାନିକ ଭାବେ ରହିଥିବା ବିଭିନ୍ନ ଯୋଜନର ସୁବିଧା ସୁଯୋଗ ଉପରେ ସୂଚନା ଦେଇଥିଲେ। ଏଥି ସହିତ ବାଲ୍ୟବିବାହକୁ ରୋକିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେହେରାଡିହି ଓ କୁସୁମୁରା ପଞ୍ଚାୟତ ପ୍ରତିନିଧି , ବିଭିନ୍ନ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟା, ସଭ୍ୟ, ଆଶା ଅଙ୍ଗନବାଡି କର୍ମୀ ଯୋଗଦେଇଥିଲେ।

## ଏନ୍‌ଟିପିସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ହେମଗିର, ୨୨।୧୧ (ଡି.ଏନ.ଏ)

ଏନଟିପିସି ତୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ପକ୍ଷରୁ ହେମଗିର ବ୍ଲକର କଳାମେଘା ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଗ୍ରାମ କଳାମେଘା, ମସିଣା, ବିହାଯୋର, କନକତୁରା, ଅଲେଖପଡା, ଖପୁରିକଛାର, ମଝାପଡା, ତୁଲିଙ୍ଗା ପ୍ରଭୃତି ଗ୍ରାମରୁ ବହୁ ସଂଖ୍ୟାରେ ମହିଳା, ପୁରୁଷ, ଶିଶୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ସେମାନଙ୍କୁ କମ୍ପାନୀ ପକ୍ଷରୁ ମାଗଣାରେ ଔଷଧ ଦିଆଯାଇଥିଲା। ଏଥିରେ ଡା. ମହେଶ୍ୱର ମହାପାତ୍ର, ଡା. ବିପ୍ଳବ କେଶରୀ ନାଏକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମ କମ୍ପାନୀର ଜିଜିଏମ ଚିତ୍ତରଞ୍ଜନ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ଏଥିରେ କମ୍ପାନୀର ଜିଏମ (ପ୍ରୋଜେକ୍ଟ) ଏସ.କେ. ରାୟ, ଡିଜିଏମ ଅଶ୍ୱିନୀ କୁମାର ମିଶ୍ର, ଡିଜିଏମ ଆଲୋକ ରଣବିର, ଅମରେଶ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଡିଲେଶ୍ୱର ପଧାନ, ଦୁଷ୍ମନ୍ତ ପଟେଲ, ମଧୁ ନାୟକ, ସପ୍ତେଶ୍ୱର ଭୋଇ ପ୍ରମୁଖ ସହଯୋଗ କରିଥିଲେ।




ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

### ଜୋର ଧରିଲା ମଦବିରୋଧୀ ଅଭିଯାନ

# ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାଧାରଣ ଜନତା ପୋଲିସର ଦ୍ୱାରସ୍ଥ

ନୂଆଗାଁ, ୨୨।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଛତାପେଡି ପଞ୍ଚାୟତରେ ଦିନକୁ ଦିନ ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବାରୁ ଏନେଇ ସେହି ଅଞ୍ଚଳରେ ସାଧାରଣ ଜନତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୀମାବର୍ତ୍ତି ଗ୍ରାମ ଛତାପେଡି ଲୋଧାରାମ, ବାଉଁଶକଟା, ଗାଇଞ୍ଜର, କାତେପୁର, କୁଦାହୁଡାଙ୍ଗ, ପାଡବୁରୁ, ପିତାଲ ଆଦି ଗ୍ରାମର ଶହଶହ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ଅଞ୍ଚଳରେ ମଦକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ବାରମ୍ବାର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ଆସୁଥିଲେ ହେଁ ପୋଲିସ ଓ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ଚେଇଁ ଶୋଇବା ନୀତିରେ ରହୁଛନ୍ତି। ଉକ୍ତ ଅଞ୍ଚଳ ଏକ କୃଷି ପ୍ରବଣ ଅଞ୍ଚଳ ହୋଇଥିବାରୁ ସାଧାରଣ କୃଷକ ଓ ଶ୍ରମିକ ଶ୍ରେଣୀୟ ଲୋକେ କାମକରି ଯେଉଁ ଦୁଇ ପଇସା ଅର୍ଜନ କରୁଛନ୍ତି ତାହା ସେହି ମଦ ମାଫିଆଙ୍କ ପାଖକୁ ଚାଲି ଯାଉଛି। ଦିନ ଦ୍ୱିପହରରେ ଲୋକେ ମାତାଲ ଅବସ୍ଥାରେ ରହୁଛନ୍ତି। ଯାହାର ପ୍ରଭାବ ସେମାନଙ୍କ ପରିବାର ଉପରେ ପଡୁଛି। ଏପରିକି ପରିବାର ମଧ୍ୟରେ ଛୋଟ ଛୋଟ କଥାରେ ଗଣ୍ଡଗୋଳ ମଧ୍ୟ ଉପୁଜୁଛି । ସେହିଭଳି ଉକ୍ତ ଅଞ୍ଚଳ ଏକ ପିଏଲଏଫଆଇ ଅଞ୍ଚଳ ହୋଇଥିବାରୁ ଝାଡଖଣ୍ଡ ଅଞ୍ଚଳର ଅସାମାଜିକ ଯୁବକମାନେ ଆସି ଉକ୍ତ ଅଞ୍ଚଳରେ ମଦର ଆମର ଜମାଇ ରହୁଛନ୍ତି । ବିଭିନ୍ନ ତେଜରାତି ଦୋକାନଠାରୁ ଆରମ୍ଭ କରି ପାନ ଦୋକାନରେ ମିଳୁଛି ଦେଶୀ ଓ ବିଦେଶୀ ମଦ । ଏପରିକି ଝାଡଖଣ୍ଡ ରାଜ୍ୟରୁ ନକଲି ମଦ ଏହି ଅଞ୍ଚଳରେ ଖୋଲାଖୋଲି ବିକ୍ରି ହେଉଛି । ଏହାର ପ୍ରତିବାଦରେ ଗୁରୁବାର ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ ଚିତାପେଡି ପଞ୍ଚାୟତର ସମିତି ସଭ୍ୟ ଗଞ୍ଜିଆ ଓରାମଙ୍କ ନେତୃତ୍ୱରେ ବିଶ୍ରା ଥାନାକୁ ଯାଇ ଲିଖିତ ଭାବେ ଏହି ବେଆଇନ ମଦ କାରବାରକୁ ବନ୍ଦ କରିବାକୁ ଦାବି କରିଥିଲେ। ବିଶ୍ରା ବିଜେଡିର ସଭାପତି ପ୍ରେମା ଦାସ ବିଜେଡିର ପ୍ରଦୀପ ରାଉତ ରାଏ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ବିଶ୍ରା ଥାନାକୁ ଯାଇ ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁଙ୍କୁ ଅଞ୍ଚଳର ସମସ୍ୟା ନେଇ ଅବଗତ କରିଥିଲେ । ଥାନା ଅଧିକାରୀ ସ୍ୱାଇଁ ଏହା ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।



ବିଶ୍ରା ଥାନାକୁ ଯାଇ ମଦ କାରବାରକୁ ବନ୍ଦ କରିବାକୁ ଦାବି କରୁଛନ୍ତି।